

ପୃଷ୍ଠା ୪

ଅତ୍ୟଧିକ ମଦ୍ୟପାନ ମୃତ୍ୟୁର କାରଣ

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17



## ଜିଲ୍ଲା ପ୍ରତିନିଧି ଆବଶ୍ୟକ

ଦୈନିକ 'ସଂଚାର' ଓ 'ସଂଚାର ଡିଜିଟାଲ' ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ 'ଜିଲ୍ଲା ପ୍ରତିନିଧି' ଆବଶ୍ୟକ। ଅନ୍ୟୁନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।

ଯୋଗାଯୋଗ
Mail :- sancharodisha@gmail.com
Whatsapp :- +91 8093008776



Vol. 33 | ISSUE 293 | ଭାଗ ୩୩ | ସଂଖ୍ୟା ୨୯୩ | Thursday 15 January 2026 | Page 8 Rs. 5.00 | ● ଭୁବନେଶ୍ୱର ଗୁରୁବାର ୧୫ ଜାନୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


● ଲୋକଙ୍କ ପାଖରେ ଲୋକଙ୍କ ମୁଖ୍ୟମନ୍ତ୍ରୀ

## ଜନତାଙ୍କ ସେବା ଆଗରେ ପ୍ରୋଟୋକଲ ତୁଚ୍ଛ

### ସନ୍ଧ୍ୟାରେ ବି ଅଭିଯୋଗପତ୍ର ଗ୍ରହଣ କଲେ



**କେନ୍ଦୁଝର,୧୪।୧(ସଂଚାର ବ୍ୟୁରୋ):** ଦୁଇଦିନିଆ କେନ୍ଦୁଝର ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପାଇଁ ଲୋକଙ୍କ ସମସ୍ୟା ହେଉଛି ପ୍ରାଥମିକତା। ତାଙ୍କ ଗସ୍ତକୁ ଦେଖି ଜିଲ୍ଲାର ବହୁ ସଂଖ୍ୟକ ସାଧାରଣ ଜନତା ସେମାନଙ୍କ ସମସ୍ୟା ନେଇ କେନ୍ଦୁଝର ସର୍କିଟ ହାଉସରେ ତାଙ୍କୁ ଭେଟିବାକୁ ଆସିଥିଲେ। ସରକାରୀ କାର୍ଯ୍ୟବ୍ୟସ୍ତତା ଭିତରେ ବି ସେ ଲୋକଙ୍କ ସମସ୍ୟା ଶୁଣିଥିଲେ। ଜଣ ଜଣ କରି ସମସ୍ତଙ୍କଠାରୁ ନିଜେ ମୁଖ୍ୟମନ୍ତ୍ରୀ ଅଭିଯୋଗପତ୍ର ଗ୍ରହଣ କରି ସେମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଅନ ଦି ସ୍ପଟ ଅଫିସରଙ୍କୁ ଅଭିଯୋଗର ତୁରନ୍ତ ସମାଧାନ ➪ପୃଷ୍ଠା-୬

ପଛୁଆ ବର୍ଗ ପାଇଁ ମୋହନ ସରକାରଙ୍କ ଯୁଗାନ୍ତକାରୀ ନିଷ୍ପତ୍ତି

# ବୃତ୍ତିଗତ ଶିକ୍ଷାରେ ମିଳିବ ୧୧.୨୫% ସଂରକ୍ଷଣ

- ଚଳିତ ଶିକ୍ଷା ବର୍ଷରୁ ସଂରକ୍ଷଣ ଲାଗୁ ପାଇଁ ଯୋଜନା
- ଦୁଇଗୁଣା ହେବ ଅନୁସୂଚିତ ଜାତି ଓ ଜନଜାତି ସଂରକ୍ଷଣ
- ନିଯୁକ୍ତି ସହ ସମାନୁପାତରେ ଉଚ୍ଚଶିକ୍ଷାରେ ବଢ଼ିବ ସଂରକ୍ଷଣ
- ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ନୀତି ନିର୍ଦ୍ଧାରଣ କମିଟିର ପ୍ରସ୍ତାବ




**ଭୁବନେଶ୍ୱର,୧୪।୧(ସଂଚାର ବ୍ୟୁରୋ):** ବୃତ୍ତିଗତ ଶିକ୍ଷାରେ ପଛୁଆବର୍ଗ ଛାତ୍ରଛାତ୍ରୀଙ୍କୁ ମିଳିବ ସଂରକ୍ଷଣ। ପଛୁଆବର୍ଗଙ୍କ ଦୀର୍ଘଦିନର ଦାବି ଉପରେ ଖୁବଶୀଘ୍ର ବାଜିବ ମୋହନ ସରକାରଙ୍କ ମୋହର। ଉଚ୍ଚଶିକ୍ଷା ପରେ ଏବେ ମେଡିକାଲ ଏବଂ ଇଞ୍ଜିନିୟରିଂ ଶିକ୍ଷାରେ ବି ମିଳିବ ସଂରକ୍ଷଣ। ଚଳିତବର୍ଷ ଠାରୁ ୧୧.୨୫ ପ୍ରତିଶତ ସିଟ୍ ସଂରକ୍ଷଣ ପାଇଁ ଯୋଜନା କରୁଛନ୍ତି ସରକାର। ଏଥିସହିତ ମେଡିକାଲ ଏବଂ ଇଞ୍ଜିନିୟରିଂରେ ଏସସି-ଏସଟିଙ୍କୁ ମିଳିବ ଦୁଇଗୁଣା ସଂରକ୍ଷଣ।

ରାଜ୍ୟ ସରକାରଙ୍କୁ ଏଭଳି ପ୍ରସ୍ତାବ ଦେଇଛି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ନୀତି ନିର୍ଦ୍ଧାରଣ କମିଟି। ଆଉ ଏ ପ୍ରସ୍ତାବକୁ ଚଳିତ ଶିକ୍ଷାବର୍ଷରୁ ଲାଗୁ ପାଇଁ ଯୋଜନା ଆରମ୍ଭ କରିଛନ୍ତି ରାଜ୍ୟ ସରକାର। ପ୍ରସ୍ତାବ ଅନୁସାରେ ପଛୁଆବର୍ଗ ପାଇଁ ମେଡିକାଲ ଏବଂ ଇଞ୍ଜିନିୟରିଂରେ ୧୧.୨୫ ପ୍ରତିଶତ ସିଟ୍ ସଂରକ୍ଷଣ ରହିବ। ଆଉ ଏକ ବଡ଼ ପ୍ରସ୍ତାବ ହେଉଛି ଅନୁସୂଚିତ ଜାତି ଜନଜାତିଙ୍କ ପାଇଁ ଥିବା ସଂରକ୍ଷିତ ସିଟ ଦୁଇ ଗୁଣା କରାଯିବ। ଅର୍ଥାତ ଅନୁସୂଚିତ ଜାତି ସଂରକ୍ଷଣକୁ ୮ ପ୍ରତିଶତରୁ ୧୬.୨୫ ପ୍ରତିଶତକୁ ଏବଂ ଅନୁସୂଚିତ ଜନଜାତି ସଂରକ୍ଷଣକୁ ୧୨ ପ୍ରତିଶତରୁ ୨୨.୫୦ ପ୍ରତିଶତକୁ ବୃଦ୍ଧି କରାଯିବ। ନିଯୁକ୍ତି ବେଳେ ଥିବା ସଂରକ୍ଷଣ ଅନୁପାତ ଅଧିକ ରହୁଥିବାରୁ ଉଚ୍ଚଶିକ୍ଷାରେ ସଂରକ୍ଷଣକୁ ବଢାଇବାକୁ ଏପରି ନିଷ୍ପତ୍ତି ନିଆଯାଇଛି। କମିଟିର ଏହି ନିଷ୍ପତ୍ତିକୁ ରାଜ୍ୟ ସରକାର ଗ୍ରହଣ କରି ଚଳିତ ବର୍ଷ ଠାରୁ ଲାଗୁ କରିବେ ବୋଲି ସୂଚନା ଦେଇଛନ୍ତି କମିଟିର ସଦସ୍ୟ ବିଧାୟକ ସନ୍ତୋଷ ଖଟୁଆ। କିନ୍ତୁ ବିରୋଧୀଙ୍କ ଯୁକ୍ତି ଖାଲି ଶିକ୍ଷା ନୁହେଁ ନିଯୁକ୍ତିରେ ବି ମିଳୁ ଓବିସିଙ୍କୁ ସଂରକ୍ଷଣ। ଶିକ୍ଷା ଏବଂ ନିଯୁକ୍ତିରେ ଓବିସିଙ୍କୁ ସଂରକ୍ଷଣ ନେଇ ଦୀର୍ଘ ଦିନ ଧରି ଦାବି ହୋଇ ଆସୁଥିଲା। ନୂଆ ସରକାର ଆସିବା ପରେ ଉଚ୍ଚ ଶିକ୍ଷା ବା କେବଳ ୟୁଜି ଏବଂ ପିଜିରେ ଓବିସିଙ୍କୁ ସଂରକ୍ଷଣ ନେଇ ମେ ୧୪, ୨୦୨୫ରେ ହୋଇଥିଲା କ୍ୟାବିନେଟ ନିଷ୍ପତ୍ତି।

କିନ୍ତୁ ପରେ ମେଡିକାଲ ଏବଂ ଇଞ୍ଜିନିୟରିଂ ଶିକ୍ଷାରେ ମଧ୍ୟ ସଂରକ୍ଷଣ ନେଇ ଦାବି ଉଠିଥିଲା। ଯାହାକୁ ଚଳିତ ବର୍ଷଠାରୁ ଲାଗୁ କରିବାକୁ ଯାଉଛନ୍ତି ସରକାର। ତେବେ ରାଜ୍ୟ ପଛୁଆ ବର୍ଗ ମଞ୍ଚ ଏଭଳି ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ ବି ଓବିସିଙ୍କ ପାଇଁ ସଂରକ୍ଷଣ ପ୍ରତିଶତକୁ ୨୭କୁ ବଢ଼ାଇବାକୁ ଦାବି କରିଛି। ବଡ଼ କଥା ହେଉଛି ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା ପାଇଁ କମିଟି ଦେଇଥିବା କାର୍ଯ୍ୟସୂଚୀରେ ମୋହର ମାରିଛନ୍ତି ସରକାର। ଆଉ ନୀତି ନିର୍ଦ୍ଧାରଣ କମିଟିର ସଂରକ୍ଷଣ ନିଷ୍ପତ୍ତିକୁ ବି ଖୁବଶୀଘ୍ର କ୍ୟାବିନେଟ ଅନୁମୋଦନ କରାଇ ସରକାର ଲାଗୁ କରିପାରନ୍ତି।

## ଅନ୍‌ଲାଇନ ହେଲା ବଦଳି ପ୍ରକ୍ରିୟା

● ଆଉ ଗ୍ରହଣ ହେବନି ଅଫଲାଇନ ଆବେଦନ




**ଭୁବନେଶ୍ୱର,୧୪।୧(ସଂଚାର ବ୍ୟୁରୋ):** ଏଣିକି ସ୍ୱାସ୍ଥ୍ୟ ବିଭାଗରେ ଅଫଲାଇନରେ ଗ୍ରହଣ ହେବନି ବଦଳି ଆବେଦନ। କେବଳ ଅନଲାଇନରେ ବଦଳି ପାଇଁ ଆବେଦନ କରିପାରିବେ କର୍ମଚାରୀ। ଏଥିପାଇଁ ଇ-ଗଭର୍ଣ୍ଣାନ୍ସ କାର୍ଯ୍ୟକ୍ରମରେ ଏକ ଅନଲାଇନ ଟ୍ରାନଫର ପୋର୍ଟାଲର ବିକାଶ କରାଯାଇଛି। ଏନେଇ ଆଜି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତାକାଲିଠାରୁ ଫେବ୍ରୁଆରୀ ୧୪ ତାରିଖ ପର୍ଯ୍ୟନ୍ତ ଅନଲାଇନ ଟ୍ରାନ୍ସଫର ପୋର୍ଟାଲ କର୍ମଚାରୀଙ୍କ ପାଇଁ ଖୋଲା ରହିବ।

କେବଳ ପ୍ରଶାସନିକ ଦୃଷ୍ଟିରୁ ଜରୁରୀ ନ ଥିଲେ ଆଉ ସ୍ୱାସ୍ଥ୍ୟ ବିଭାଗର କୌଣସି କର୍ମଚାରୀ ଓ ଅଫିସରଙ୍କଠାରୁ ଅଫଲାଇନରେ ବଦଳି ଆବେଦନକୁ ଗ୍ରହଣ କରାଯିବ ନାହିଁ। ବଦଳି ପାଇଁ ଆଗ୍ରହୀ ଥିବା କର୍ମଚାରୀମାନେ ନିୟମିତ ଏଚଆରଏମଏସ ପୋର୍ଟାଲକୁ ଅପଡେଟ କରିବା ବାଧ୍ୟତାମୂଳକ। ଏଚଆରଏମଏସ ତଥ୍ୟ ବିନା ବଦଳି ପାଇଁ ଆବଦେନ କଲେ, ତାହାକୁ ବିଚାରକୁ ନିଆଯିବନାହିଁ। କର୍ମଚାରୀମାନେ ନିଜ ନିଜର ଏଚଆରଏମଏସ ଆଇଡି ଜରିଆରେ ଟ୍ରାନ୍ସଫର ପୋର୍ଟାଲକୁ ଲଗଇନ କରିପାରିବେ। ମ୍ୟୁଚୁଆଲ ବଦଳି କ୍ଷେତ୍ରରେ ମଧ୍ୟ ଉଭୟ ପକ୍ଷ ନିଜ ନିଜର ଏଚଆରଏମଏସ ପୋର୍ଟାଲ ଅପଡେଟ କରି ଆବେଦନ କରିବାକୁ କୁହାଯାଇଛି।

ଖୁବଶୀଘ୍ର ସିଏମଜିଆଇ ପକ୍ଷରୁ ଅନଲାଇନ ➪ପୃଷ୍ଠା-୬

କେନ୍ଦୁଝରକୁ ଅବହେଳା କରିଛି ବିଜେଡି

## ବିଷ ଉଗାଳିଲେ ସନା ମହାକୁଡ଼

**ଭୁବନେଶ୍ୱର,୧୪।୧(ସଂଚାର ବ୍ୟୁରୋ):** ଦୀର୍ଘ ଦିନ ପରେ ଦଳ ବିରୋଧରେ ବିଷ ଉଗାଳିଛନ୍ତି ବିଜେଡି ବିଧାୟକ ସନାତନ ମହାକୁଡ଼। ବିଜେଡି ସରକାର ଥିବା ବେଳେ କେନ୍ଦୁଝର ଜିଲ୍ଲା ପ୍ରତି ଅବହେଳା କରାଯାଇଛି। କେନ୍ଦୁଝରରେ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ହୋଇପାରିଲା ନାହିଁ। ଏହା ଜିଲ୍ଲା ପ୍ରତି ଥିଲା ଚରମ ଅବହେଳା ବୋଲି ସେ କହିଛନ୍ତି। କେନ୍ଦୁଝରର ବିକାଶ ପାଇଁ କ୍ରିୟାନୁଷ୍ଠାନ କମିଟି ଗଠନ ହୋଇଥିଲା। ବଡ଼ ଧରଣର ଆନ୍ଦୋଳନ ମଧ୍ୟ ହୋଇଥିଲା। ସେ ସମୟରେ ବିଜେଡି ସରକାର ସବୁ ଦାବି ପୂରଣ କରିବେ ବୋଲି କହିଥିଲେ। କ୍ରିୟାନୁଷ୍ଠାନ କମିଟିର ଦାବି ଅନୁଯାୟୀ ମେଡିକାଲ କଲେଜ ଓ ଏକକ ବିଶ୍ୱବିଦ୍ୟାଳୟ ହେଲା ସତ। ହେଲେ ଜିଲ୍ଲା ମୁଖ୍ୟ ଦାବି ଥିଲା ମେଗା ଷ୍ଟିଲ ପ୍ଲାଣ୍ଟ। ସେ ଦାବିକୁ ଦୀର୍ଘ ବର୍ଷ ଧରି ପୂରଣ କଲେ ନାହିଁ। ଯେଉଁଥିପାଇଁ ଏବେ ବି ଜିଲ୍ଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ତେବେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲ୍ଲାକୁ ପ୍ରତିନିଧିତ୍ୱ କରୁଥିବାରୁ ସେ ଜିଲ୍ଲାରେ ଏକ ମେଗା ଷ୍ଟିଲ ପ୍ଲାଣ୍ଟ ହେବ ବୋଲି କହିଛନ୍ତି। ଆଉ ଏହା ଯଦି କାର୍ଯ୍ୟକାରୀ ହୁଏ,ତେବେ ସେ ମୁଖ୍ୟମନ୍ତ୍ରୀଙ୍କୁ ସବୁପ୍ରକାର ସହଯୋଗ କରିବେ ବୋଲି ଶ୍ରୀ ମହାକୁଡ଼ କହିଛନ୍ତି। କାରଣ କେନ୍ଦୁଝରରୁ କଞ୍ଚାମାଲ ଉତ୍ତୋଳନ କରାଯାଇ ରାଜ୍ୟ ଓ ରାଜ୍ୟ ବାହାରକୁ ଯାଉଛି। କିନ୍ତୁ ୨୪ ବର୍ଷ ଭିତରେ ଜିଲ୍ଲାରେ ଗୋଟିଏ ହେଲେ ମେଗା ଷ୍ଟିଲ ପ୍ଲାଣ୍ଟ ହୋଇ ନ ପାରିବା ବିଡ଼ମ୍ବନାର ବିଷୟ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଏହି ଜିଲ୍ଲାର ପର୍ଯ୍ୟବେକ୍ଷକ ଥିଲେ ବିଜେଡିର ଅନ୍ୟତମ କାର୍ପେଟଦାର ପ୍ରଣବ ପ୍ରକାଶ ଦାସ।



ବିକାଶ ପାଇଁ ବିଜେପିକୁ ସହଯୋଗ କରିବି

ଭାରତୀୟଙ୍କୁ ଦୂତାବାସର ପରାମର୍ଶ

## କୌଣସି ପରିସ୍ଥିତିରେ ବି ଇରାନ ଛାଡ଼

**ନୂଆଦିଲ୍ଲୀ,୧୪।୧:** ସାମ୍ପ୍ରତିକ ସମୟରେ ଇରାନରେ ପରିସ୍ଥିତି ଜଟିଳ ହେଉଥିବାରୁ ଭାରତୀୟ ଦୂତାବାସ ପକ୍ଷରୁ ସେଠାକାର ଭାରତୀୟମାନଙ୍କ ସକାଶେ ଏକ ଗୁରୁତ୍ୱପୂର୍ଣ୍ଣ ଆଡଭାଇଜରୀ ଜାରି କରାଯାଇଛି। ଏଥିରେ ଇରାନରେ ଥିବା ସମସ୍ତ ଭାରତୀୟ ନାଗରିକଙ୍କୁ ଯଥାଶୀଘ୍ର ଦେଶ ଛାଡିବାକୁ ପରାମର୍ଶ ଦିଆଯାଇଛି। ସେମାନେ ଇରାନ ଛାଡ଼ିବା ପାଇଁ ଯେକୌଣସି ଉପାୟ ବ୍ୟବହାର କରିପାରିବେ ବୋଲି ଦୂତାବାସ ପକ୍ଷରୁ କୁହାଯାଇଛି।

ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ତେହେରାନରେ ଥିବା ଭାରତୀୟ ଦୂତାବାସ ସ୍ପଷ୍ଟ କରିଛି ଯେ ଇରାନରେ ଉପସ୍ଥିତ ଭାରତୀୟ ଛାତ୍ର, ତୀର୍ଥଯାତ୍ରୀ, ବ୍ୟବସାୟୀ ଏବଂ ପର୍ଯ୍ୟଟକମାନେ ଯଥାଶୀଘ୍ର ବିମାନ କିମ୍ବା ଅନ୍ୟ ଉପାୟରେ ଚାଲିଯିବା ଉଚିତ। ଦୂତାବାସ ନାଗରିକମାନଙ୍କୁ ପ୍ରଦର୍ଶନ କିମ୍ବା ଭିଡ଼ ସ୍ଥାନରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛି। ଭାରତୀୟ ➪ପୃଷ୍ଠା-୬



ଓଡ଼ିଆରେ ସରକାରୀ କାର୍ଯ୍ୟ ପ୍ରସଙ୍ଗ

## ପୁଣି ରାଜ୍ୟ ସରକାରଙ୍କ ତାଗିଦ

**ଭୁବନେଶ୍ୱର, ୧୪।୧ (ସଂଚାର ବ୍ୟୁରୋ):** ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ବ୍ଲକ୍, ଜିଲ୍ଲା ସ୍ତରରୁ ଆରମ୍ଭ କରି ରାଜ୍ୟ ପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ସମ୍ପାଦନ କରାଯିବା ନେଇ ବାରମ୍ବାର ରାଜ୍ୟ ସରକାର ନିର୍ଦ୍ଦେଶ ଦେଉଥିଲେ ବି ଅଧିକାରୀମାନେ ଏହାକୁ କାର୍ଯ୍ୟକାରୀ କରୁନାହାଁନ୍ତି। ଏନେଇ ଆଜି ପ୍ରତିକ୍ରିୟା ରଖିଛନ୍ତି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ମନ୍ତ୍ରୀ କହିଛନ୍ତି ଯେ ଯେଉଁମାନେ ମାନୁନାହାନ୍ତି, ସରକାରୀ ସ୍ତରରେ ତାଙ୍କୁ ଚେତାବନୀ ଦିଆଯାଉଛି। ଏହା ଏକ ନିରନ୍ତର ପ୍ରୟାସ। ଦୀର୍ଘ ଦିନ ଧରି ଯାହା ହେବା କଥା, ତାହା ହୋଇନାହିଁ। ଯାହା ହେବା କଥା ତାହା ଆମେ କମ ସମୟ ମଧ୍ୟରେ କରୁଛୁ। ତାଗିଦ କରାଯାଉଛି। ଖାଲି ନାଲି ଆଖିରେ ସମସ୍ୟାର ସମାଧାନ ହେବ ତା' ନୁହେଁ, ଏଥପାଇଁ ଆନ୍ତରିକତା, ଆତ୍ମୀୟତାର ଆବଶ୍ୟକତା ରହିଛି। ଆନୁଷଙ୍ଗିକ ➪ପୃଷ୍ଠା-୬



➪କର୍ମଶାଳା ଜରିଆରେ ଦିଆଯାଉଛି ତାଲିମ

➪ତାଗିଦ ନୁହେଁ, ଆତ୍ମୀୟତା ଆବଶ୍ୟକ: ମନ୍ତ୍ରୀ

ଆଇଆଇଟି ମାଡ୍ରାସରେ କେନ୍ଦ୍ର ମନ୍ତ୍ରୀ

## ସମୃଦ୍ଧି ଓ ସାଂସ୍କୃତିକ ଐତିହ୍ୟର ପ୍ରତୀକ ପୋଙ୍ଗଲ

**ଚେନ୍ନାଇ/ନୂଆଦିଲ୍ଲୀ,୧୪।୧(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଚେନ୍ନାଇସ୍ଥିତ ଆଇଆଇଟି ମାଡ୍ରାସ ପରିସରରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ସହ ପାରମ୍ପରିକ ପୋଷାକ ପିନ୍ଧି ତାମିଲନାଡୁର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ 'ପୋଙ୍ଗଲ' ପର୍ବ ପାଳନ କରିଛନ୍ତି। ପ୍ରତିଷ୍ଠାନର କମ୍ୟୁନିଟି ହଲ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ସାମିଲ ହୋଇ ଅମଳର ଏହି ପର୍ବକୁ ଉପଭୋଗ କରିଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନ ତାମିଲନାଡୁବାସୀଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ ଯେ ପୋଙ୍ଗଲ ହେଉଛି କୃତଜ୍ଞତା, ସମୃଦ୍ଧି ଏବଂ ସାଂସ୍କୃତିକ ଐତିହ୍ୟର ପ୍ରତୀକ। ଏହା ଆମ ସମାଜରେ ସଦଭାବନା ଓ ଏକତାକୁ ପ୍ରତିଫଳିତ କରିଥାଏ। ଏହି ପର୍ବ ଶିକ୍ଷାୟତନ ପରିସରରେ ଭବ୍ୟ ବାତାବରଣ ସୃଷ୍ଟି କରିବା ସହ ଭାରତୀୟ ସଂସ୍କୃତିର ବିଭିନ୍ନତା ➪ପୃଷ୍ଠା-୬

ସମାଜରେ ସଦଭାବନା ଓ ଏକତାକୁ ପ୍ରତିଫଳିତ କରେ ପୋଙ୍ଗଲ




ସୀମା ପୁନଃନିର୍ଦ୍ଧାରଣ

## ଉତ୍ସାହିତ ହେଉଛନ୍ତି ଆଶାୟୀ

**ଭୁବନେଶ୍ୱର,୧୪।୧(ସଂଚାର ବ୍ୟୁରୋ):** ସୀମା ପୁନଃନିର୍ଦ୍ଧାରଣ ପରେ ବଢ଼ିବ ବିଧାନସଭା ଆସନ ସଂଖ୍ୟା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିକଟରେ ଏନେଇ ସୂଚନା ଦେବା ପରେ ବିଭିନ୍ନ ନିର୍ବାଚନମଣ୍ଡଳୀରେ ନେତାମାନେ ଆଶା ଓ ଆଶଙ୍କାରେ ରହିଛନ୍ତି। କେବଳ ସେତିକି ନୁହେଁ, ଯଦି କେନ୍ଦ୍ର ସରକାର ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ ଆଇନ ଲାଗୁ କରନ୍ତି ତେବେ ରାଜ୍ୟରେ ଏକ-ତୃତୀୟାଂଶ ଆସନ ମହଳାଙ୍କ ପାଇଁ ସଂରକ୍ଷିତ ହେବ, ଯାହ ଅଧିକ ସଂଖ୍ୟାରେ ମହିଳାଙ୍କୁ ପ୍ରତ୍ୟକ୍ଷ ନିର୍ବାଚନ ଲଢ଼ିବାକୁ ସୁଯୋଗ ଦେବ।

### ଲାଗୁ ହୋଇପାରେ ମହିଳାଙ୍କ ପାଇଁ ସଂରକ୍ଷଣ




୨୦୨୭ରୁ ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ ହୋଇ ସେହି ବର୍ଷ ଶେଷ ସମାପ୍ତ ହେବ ବୋଲି ଆଶା କରାଯାଉଛି। ଆଉ ତଦନୁଯାୟୀ ସରକାର ୨୦୨୮ ମଧ୍ୟଭାଗ ସୁଦ୍ଧା ନୂଆ ନିର୍ବାଚନମଣ୍ଡଳୀ ତାଲିକା ଘୋଷଣା କରିପାରନ୍ତି। ଏହା ରାଜ୍ୟ ରାଜନୀତିରେ ବଡ଼ ଧରଣର ଓଲଟପାଲଟ କରିବ ବୋଲି ଆକଳନ କରାଯାଉଛି। କାରଣ ୨୦୦୮ରେ ବିଜେଡି-ବିଜେପି ମେଣ୍ଟ ଭାଙ୍ଗିବା ପରେ ରାଜ୍ୟ ସରକାର ସୀମା ପୁନଃନିର୍ଦ୍ଧାରଣ କରିଥିଲେ। ଯେଉଁଥିରେ ଯଦିଓ ଓଡ଼ିଶା ବିଧାନସଭାରେ ଆସନ ସଂଖ୍ୟା ବଢ଼ିନଥିଲା, ୨୧ଟି ବିଧାନସଭା କ୍ଷେତ୍ରକୁ ଭାଙ୍ଗି ଦିଆଯାଇଥିଲା। ତା' ବଦଳରେ କିଛି ନୂଆ ବିଧାନସଭା କ୍ଷେତ୍ର ସୃଷ୍ଟି କରାଯାଇଥିଲା। କିଛି ବିଧାନସଭା କ୍ଷେତ୍ରକୁ ଖଣ୍ଡଖଣ୍ଡ ମଧ୍ୟ କରିଦିଆଯାଇଥିଲା। ୨୦୦୯ର ସେହି ସୀମା ପୁନଃନିର୍ଦ୍ଧାରଣ ବିଜେଡି ପାଇଁ ବିଜୟର ପଥକୁ ସୁନିଶ୍ଚିତ କରିଥିଲା।

ବହଳଦା, ବୈଶିଙ୍ଗା, ବାଲିପାଟଣା, ଭୁବନେଶ୍ୱର, କଟକ ସହର, ଗୋବିନ୍ଦପୁର, ଗଁନ୍ଦିଆ, ଜଗନ୍ନାଥପ୍ରସାଦ, କେଶିଙ୍ଗା, ଖୁଣ୍ଟା, କିଶନନଗର, କୋଦଳା, କୋଡିଙ୍ଗା, କୋକସରା, ଲାଇକେରା, ମ୍ଲେଚ୍ଛମୁଣ୍ଡା, ପଟ୍ଟାମୁଣ୍ଡାଇ, ରାମଗିରି, ରାମଚନ୍ଦ୍ରପୁର ଓ ସଇଁତଲା ଭଳି ବିଧାନସଭା ଆସନକୁ ଭାଙ୍ଗି ଦିଆଯାଇଥିଲା। ସେପଟେ ବଡସାହି, ବାରବାଟି-କଟକ, ଭବାନିପାଟଣା, ଭୁବନେଶ୍ୱର-ମଧ୍ୟ, ଭୁବନେଶ୍ୱର-ଉତ୍ତର, ଏକାମ୍ର ଭୁବନେଶ୍ୱର, ଦିଗପହଣ୍ଡି, ଜୟଦେବ, କଣ୍ଟାମାଳ, ଲାଞ୍ଜିଗଡ, ନିଆଳି, ପାରାଦ୍ୱୀପ, ପରଜଙ୍ଗ, ରେମୁଣା, ରେଙ୍ଗାଳି, ସାନଖେମୁଣ୍ଡି ଭଳି ନୂଆ ବିଧାନସଭା କ୍ଷେତ୍ର ସୃଷ୍ଟି ହେଲା। ଯାହାଦ୍ୱାରା ହେଭିୱେଟ ମନମୋହନ ସାମଲ, ବିଜୟ ମହାପାତ୍ର, ରାମକୃଷ୍ଣ ପଟ୍ଟନାୟକ, ସମୀର ଦେ, ଲୁଲୁ ମହାପାତ୍ର, ନଳିନୀ ମହାନ୍ତି, ନରସିଂହ ➪ପୃଷ୍ଠା-୬



### କାନ ଡେରିଆ

ବାପା ସ୍ୱର୍ଗ ବୋଲି ସଭିଏଁ କହନ୍ତି
ସିଏ ପରା ଜନ୍ମଦାତା
ପୁଅ ଯେତେବେଳେ ସ୍ତ୍ରୀ ଟିଏ ପାଏ
ଭୁଲିଯାଏ ପିତାମାତା
ବୃଦ୍ଧାଶ୍ରମ ତାଙ୍କ ପତା...
ପୁଅ ବୋହୁ ସେବା ପାଇବା ବଦଳେ
ହରାଇଲେ ନିଜ ସତ୍ତା ।

■ ଦେବାଶିଷ

## ନିର୍ବାଚନର ଦେଢ଼ ବର୍ଷ ପରେ ବିଧାୟକଙ୍କୁ ଡାକରା

**ଭୁବନେଶ୍ୱର,୧୪।୧(ସଂଚାର ବ୍ୟୁରୋ):** ୨୦୨୪ରେ ନିର୍ବାଚନ ହାରି କ୍ଷମତାରୁ ଯିବାର ପ୍ରାୟ ଦେଢ଼ ବର୍ଷ ପରେ ବିଜେଡି ଏବେ ତା'ର ବିଧାୟକମାନଙ୍କୁ ଖୋଜିବା ଆରମ୍ଭ କରିଛି। ଦଳ ସଭାପତି ନବୀନ ପଟ୍ଟନାୟକ ପ୍ରତିଦିନ କିଛି କିଛି ବିଧାୟକଙ୍କୁ ଡାକି ସେମାନଙ୍କ ସହ ଆଲୋଚନା କରିବା ସହ ଫଟୋ ଉଠାଇ ଗଣମାଧ୍ୟମକୁ ଛାଡୁଛନ୍ତି। ହଠାତ୍ ଦେଢ଼ ବର୍ଷ ପରେ ଏଭଳି ଖୋଜାଲୋଡ଼ାକୁ ନେଇ ବିଜେଡି ରାଜନୀତି ସରଗରମ ହୋଇଥିବା ବେଳେ ଏହା ପଛରେ ବଢୁଥିବା ଅସନ୍ତୋଷ ସହ ଆଗାମୀ ରାଜ୍ୟସଭା ନିର୍ବାଚନ ମୁଖ୍ୟ କାରଣ ବୋଲି କୁହାଯାଉଛି।



- ଅସନ୍ତୋଷ ଚାପିବାକୁ ନୂଆ ଫର୍ମୁଲା
- ରାଜ୍ୟ ସାରା ବଢୁଛି ଅସନ୍ତୋଷ

ଇତିମଧ୍ୟରେ ନବୀନ ପଟ୍ଟନାୟକ ବିଭିନ୍ନ ଜିଲ୍ଲାର ବିଧାୟକମାନଙ୍କୁ ଡାକି ଆଲୋଚନା କରିଛନ୍ତି। ତେବେ ଆଲୋଚନା କ'ଣ ହୋଇଛି, ସେ ସଂକ୍ରାନ୍ତରେ ସବିଶେଷ ସୂଚନା ପ୍ରଦାନ କରାଯାଉ ନ ଥିବା ବେଳେ ବିଧାୟକମାନେ ଯେ ନବୀନଙ୍କ ସହ ଅଛନ୍ତି ଓ ସେମାନଙ୍କ ମଧ୍ୟରେ କିଛି ଅସନ୍ତୋଷ ନାହିଁ, ତାହା ଜଣାଇବାକୁ ନବୀନଙ୍କ ସହ ଗ୍ରୁପ୍ ଫଟୋ ଛଡ଼ାଯାଉଛି। ଏହି ଧାରା ଏବେ ଜାରି ରହିବ ବୋଲି ସୂଚନା ମିଳିଛି।

ତେବେ ଦଳରେ ହେଉଥିବା ଆଲୋଚନା ଅନୁଯାୟୀ, ଗଞ୍ଜାମରେ ଲତିକା ପ୍ରଧାନ, କେନ୍ଦୁଝରର ସନାତନ ମହାକୁଡ଼ଙ୍କ ଭଳି ନେତା ଅସନ୍ତୋଷ ଝାଡ଼ିବା ଆରମ୍ଭ କରିଥିବାରୁ ଏହାର ମୁକାବିଲା ପାଇଁ ଦଳ ମୁଖିଆ ଏଭଳି ରଣନୀତି ଆପଣାଇଛନ୍ତି। କାଲେ ଆଗକୁ କେଉଁ ବିଧାୟକ ମୁହଁ ଖୋଲିବେ ଓ ଏହି ଅସନ୍ତୁଷ୍ଟମାନଙ୍କ ସହ ମିଶିବେ, ସେଥିରେ ବ୍ରେକ୍ ଲଗାଇବା ପାଇଁ ଏଭଳି କରାଯାଉଥିବା ବେଳେ ଏହା ପଛରେ କିନ୍ତୁ ରାଜ୍ୟସଭା ନିର୍ବାଚନ ରଣନୀତି କାମ କରୁଥିବା ନେଇ ଆଲୋଚନା ହେଉଛି। ଉଲ୍ଲେଖନୀୟ ଯେ ଗଞ୍ଜାମ ଜିଲ୍ଲାର ପୂର୍ବତନ ବିଧାୟକା ଲତିକା ପ୍ରଧାନ ସିଧାସଳଖ ବିଜେଡି ନେତୃତ୍ୱ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଥିବା ବେଳେ ବରିଷ୍ଠ ବିଜେଡି ନେତା ସନାତନ ମହାକୁଡ଼ ବିଜେଡି ➪ପୃଷ୍ଠା-୬

## ଶିମିଳିପାଳରେ ଅଛନ୍ତି ୮୪ କୁମ୍ଭୀର



● ପଶ୍ଚିମ ଦେଓ ନଦୀରେ ସର୍ବାଧିକ ୬୦

● ନିକଟରେ ହୋଇଥିଲା ତିନିଦିନିଆ ଗଣନା

**ବାରିପଦା,୧୪।୧(ସଂଚାର ବ୍ୟୁରୋ):** ଶିମିଳିପାଳ ଅଭୟାରଣ୍ୟରେ ଗତ ୬ରୁ ୮ ତାରିଖ ମଧ୍ୟରେ କୁମ୍ଭୀର ଗଣନା ହୋଇଥିବା ବେଳେ ଏଠାରେ କୁମ୍ଭୀର ସଂଖ୍ୟା ପୂର୍ବ ତୁଳନାରେ ବଢ଼ିଥିବା ଜଣାପଡ଼ିଛି। ଗତବର୍ଷ ତୁଳନାରେ ୩ଟି କୁମ୍ଭୀର ଅଧିକ ଥିବା ବେଳେ ଏଠାରେ ମୋଟ ସଂଖ୍ୟା ୮୪କୁ ବୃଦ୍ଧି ପାଇଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

କୁମ୍ଭୀର ଗଣନା ପ୍ରକ୍ରିୟାରେ ଶିମିଳିପାଳ ଅଭୟାରଣ୍ୟ ଓ ଶିମିଳିପାଳ ପାଦ ଦେଶର ୮ଟି ଜଳ ଉତ୍ସର ୨୦ଟି ସ୍ଥାନରେ କରାଯାଇଛି। ୱେଷ୍ଟ ଦେଓ, ଇଷ୍ଟ ଦେଓ, ଖଇରୀ, ଖଡ଼ଖାଇ, ଠକଠକି ନଦୀ, ସାଳନ୍ଦୀ ନଦୀ ଓ ଖଡ଼ଖାଇ ନାଳ, ବୁଢ଼ାବଳଙ୍ଗ ଆଦି ନଦୀକୂଳ ସମେତ ରାମତୀର୍ଥସ୍ଥିତ କୁମ୍ଭୀର ➪ପୃଷ୍ଠା-୬

SANCHAR ସଂଚାର

## ପିଏମଶ୍ରୀ କୋରୋ ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ପୁରସ୍କାର ଟେଷ୍ଟ କ୍ୟାମ୍ପ



**କେନ୍ଦ୍ରାପଡ଼ା,୧୪।୧(ସଂଚାର ବ୍ୟୁରୋ):** ପିଏମଶ୍ରୀ କୋରୋ ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟରେ କେନ୍ଦ୍ରାପଡ଼ା ଜିଲ୍ଲାର ଭାରତ ସ୍କାଉଟସ ଆଣ୍ଡ ଗାଇଡସ ପକ୍ଷରୁ ତିନିଦିନିଆ ରାଜ୍ୟ ପୁରସ୍କାର ପରୀକ୍ଷା ଶିବିର ଉଦଯାପିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ସୋମନାଥ ମହାପାତ୍ର ଓ ସ୍କାଉଟ ମାଷ୍ଟର ଜଗନ୍ନାଥ ପ୍ରସାଦ ଉପାଧ୍ୟାୟଙ୍କ ସହଯୋଗରେ ଆରମ୍ଭ ହୋଇଥିବା ଏହି ଶିବିରରେ ପରୀକ୍ଷକ ଭାବରେ ବିଏସଜି ଓଡିଶା ରାଜ୍ୟ ମୁଖ୍ୟାଳୟରୁ ସନ୍ତୋଷ ଦେଓ ଏବଂ ଲକ୍ଷ୍ମୀଧର ମହାପାତ୍ର ଯୋଗଦେଇ ପରୀକ୍ଷା ପରିଚାଳନା କରିଥିଲେ। ଜିଲ୍ଲା ସ୍କାଉଟ୍ସ ଟ୍ରେନିଂ କମିଶନର ସରୋଜକାନ୍ତ ବିଶ୍ୱାଳ ଓ ଗାଇଡ୍ ଟ୍ରେନିଂ କମିଶନର ହରପ୍ରିୟା କରଙ୍କ ସଂଯୋଜନାରେ ଆରମ୍ଭ ହୋଇଥିବା ଶିବିରର ପ୍ରଥମ ଦିନରେ ଜିଲ୍ଲା ସ୍କାଉଟ କମିଶନର ପୀତବାସ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ପ୍ରଥମ ଦିନରେ ଜିଲ୍ଲାର ୧୩ଟି ବିଦ୍ୟାଳୟରୁ ୧୬୮ ଜଣ, ଦ୍ୱିତୀୟ ଦିନ ୧୪ସ୍କୁଲରୁ ୧୭୯ଜଣ ଓ ଶେଷଦିନ ୧୫ଟି ସ୍କୁଲରୁ ୧୯୯ ଜଣ ଛାତ୍ରଛାତ୍ରୀ ସ୍କାଉଟ୍ସ ଆଣ୍ଡ ଗାଇଡସ ଶିବିରରେ ଯୋଗଦେଇ ରାଜ୍ୟ ପୁରସ୍କାର ପରୀକ୍ଷା ଦେଇଥିଲେ। ଜିଲ୍ଲା ବିଏସଜି ଯୁଗ୍ମ ସମ୍ପାଦକ ଜ୍ୟୋତିର୍ମୟ ନାୟକ, ସ୍କାଉଟ ସାଙ୍ଗଠନିକ କମିଶନର ଦେବରାଜ ନାୟକ ଓ ଜିଲ୍ଲାର ସମସ୍ତ ସ୍କାଉଟ ମାଷ୍ଟର ଓ ଗାଇଡ କ୍ୟାପଟେନ ମାନେ ଶିବିରକୁ ସମ୍ପୂର୍ଣ୍ଣ ଭାବେ ସଫଳ କରିଥିଲେ।

## ଗରଜଙ୍ଗା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ



**ମାର୍ଶାଘାଇ,୧୪।୧(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଗରଜଙ୍ଗା ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ମଙ୍ଗଳବାର ଉଦଘାଟିତ ହୋଇଥିଲା। ସମବାୟ ସମିତି ଉପସଭାନେତ୍ରୀ ବନଲତା ନାୟକ, କେନ୍ଦ୍ରାପଡ଼ା ଜିଲ୍ଲା ମଣ୍ଡି ପରିଚାଳନା କମିଟି ସଦସ୍ୟ ବିକ୍ରମ କେଶରୀ ରାଉତରାୟ ଅତିଥି ଭାବେ ଯୋଗଦେଇ ପୂଜାର୍ଚ୍ଚନା କରି ମଣ୍ଡିକୁ ଉଦଘାଟନ କରିଥିଲେ। ସମିତି ସମ୍ପାଦକ ହିମାଂଶୁ ଶେଖର ନାୟକଙ୍କ ସଂଯୋଜନାରେ ନିର୍ଦ୍ଦେଶକମଣ୍ଡଳୀ ସଭ୍ୟ ପ୍ରଣବ କିଶୋର ସାମଲ, ଈଶ୍ୱର ଦାସ, ଅନାଦି ଦାସ, ଶରତ ଚନ୍ଦ୍ର ପ୍ରଧାନ, ବାବୁପ୍ରସାଦ ଦାସ, ମଣ୍ଡି ଧାନ୍ୟକ୍ରୟ କମିଟି ସଦସ୍ୟ ପ୍ରଶାନ୍ତ ସାହୁ, ରାଧାନାଥ ନାୟକ, ଚାଷୀ ପ୍ରଭୃତ ନାୟକ, ବିଦ୍ୟାଧର ଦାସ, ପ୍ରଦୀପ ଦାସ, ଶୁଭେନ୍ଦୁ ପ୍ରସାଦ ଚୌଧୁରୀ, ଶୁଭେନ୍ଦୁ ପ୍ରକାଶ ଦାସ ସହ ସମ୍ପାଦକ ଅନିଲ କୁମାର ଷଡ଼ଙ୍ଗୀ, ଭିଡଓ ବିଶ୍ୱରଂଜନ ପରିଡା, ସହକାରୀ କର୍ମଚାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବିଟିଏମ୍ ଗ୍ରାଉଣ୍ଡରେ ତଳକୁସୁମା କ୍ରିକେଟ ମ୍ୟାଚ୍




**ଗରଦପୁର,୧୪।୧(ସଂଚାର ବ୍ୟୁରୋ):** ବିଟିଏମ ଗ୍ରାଉଣ୍ଡ ତଳକୁସୁମା ଠାରେ ରେ ବିସିଏମ୍ କପ୍ ର ତୃତୀୟ ନକ୍‌ଆଉଟ ମ୍ୟାଚ ରେ ସୋଲାର କ୍ରିକେଟ କ୍ଲବ କଟକ କୁ ଦୁଇ ରନ୍ ରେ ହରାଇ ବାଲାବା କେନ୍ଦ୍ରାପଡ଼ା ଚମ୍ପିୟାନ ହୋଇଛି। ଆଜି ବାଲାବାବା କେନ୍ଦ୍ରାପଡ଼ା ପ୍ରଥମେ ଟସ୍ ରେ ଜିତି ବ୍ୟାଟିଂ ର ନିଷ୍ପତ୍ତି ନେଇଥିଲା ଏବଂ ନିର୍ଦ୍ଧାରିତ ୨୦ ଓଭର ଖେଳି ୬ ଉଇକେଟ୍ ହରାଇ ୧୫୮ରନ୍ କରିଥିଲା। ଜବାବରେ ସୋଲାର କ୍ରିକେଟ କ୍ଲବ ୨୦ ଓଭର ଖେଳି ୭ ଉଇକେଟ୍ ହରାଇ ୧୫୬ ରନ୍ ସଂଗ୍ରହ କରିଥିଲା। ଯାହା ଫଳରେ ମାତ୍ର ଦୁଇ ରନ୍ ରେ ବାଲାବାବା ଏକ ଚିତ୍ତାକର୍ଷକ ବିଜୟ ହାସଲ କରିଥିଲା। ଆଜି ର ଏହି ମ୍ୟାଚରେ ବାଲା ବାବା ର ଏସ୍ ଅଭିନାସ ୬୧ ରନ୍ ଖେଳିଥିଲେ ଏବଂ ମ୍ୟାନ ଆଫ ଦି ମ୍ୟାଚ ହୋଇ ଥିଲେ। ଏହି ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଅଭିନାଷ ଙ୍କୁ ପ୍ରଦାନ କରିଥିଲେ ତଳକୁସୁମା ପ୍ରାଥମିକ କୃଷି ସମବାୟ ସମିତି ର ସମ୍ପାଦକ ଦିଲିପ୍ ପଣ୍ଡା। ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ ପୂର୍ବତନ ସରପଞ୍ଚ ଅଜୟ ଦାସ ସରୋଜ ଦାସ ସମିତି ସଭ୍ୟ ପ୍ରଭାସ ରଂଜନ ସାହୁ। ଆଜିର ଏହି ଖେଳକୁ ଦିପଙ୍କର ରାଉତ ଏବଂ ସମିର ପରିଡା ପରିଚାଳନା କରିଥିବାବେଳେ ଶଶି ଭୂଷଣ ଜେନା ମହେନ୍ଦ୍ର ନାୟକ ଗଗନ ବିହାରୀ ଦାସ ଧାରା ବିବରଣୀ ପ୍ରଦାନ କରିଥିଲେ ସନ୍ତୋଷ ଦାସ ରିଙ୍କୁ କାନୁନଗୋ ସ୍କୋରର କାର୍ଯ୍ୟ ସମ୍ଭାଳି ଥିଲେ ଏବଂ ଏହି ଖେଳକୁ ଦେଖିବା ପାଇଁ ହଜାର ହଜାର ସଂଖ୍ୟାରେ ଦର୍ଶକ ଙ୍କ ଭିଡ ଦେଖିବାକୁ ମିଳିଥିଲା।

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

**ପଟାମୁଣ୍ଡାଇ,୧୪।୧(ସଂଚାର ବ୍ୟୁରୋ):** ପଟାମୁଣ୍ଡାଇ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମଞ୍ଚର ବରିଷ୍ଠ ସଭ୍ୟ ବାଟିପଡା ହାଇସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ, ସାମ୍ୟବାଦୀ ନେତା ଲକ୍ଷ୍ମୀଧର ପାତ୍ରଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟକାରୀ ସଭାପତି କଣ୍ଢୁରି ଚରଣ ସ୍ୱାଇଁଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଉପଦେଷ୍ଟା ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଡ. କେଳୁ ଚରଣ ସ୍ୱାଇଁ, ସମ୍ପାଦକ ପ୍ରଫେସର ଭରତ ଚନ୍ଦ୍ର ପାତ୍ର, ପ୍ରଫେସର କୈଳାଶ ଚନ୍ଦ୍ର ପାତ୍ର ପ୍ରଫେସର ରବୀନ୍ଦ୍ର ବରାଳ, ପ୍ରମୋଦ କୁମାର ସାହୁ, ଗର୍ନ୍ଧବ ଲେଙ୍କା ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ ଲକ୍ଷ୍ମୀଧର ପାତ୍ରଙ୍କ ପଟାମୁଣ୍ଡାଇ ଅଞ୍ଚଳ ପାଇଁ ଅବଦାନ ଓ ଆର୍ଦଶ ପ୍ରଧାନଶିକ୍ଷକ ଭାବରେ ଶହ ଶହ ମେଧାବୀ ଛାତ୍ର ଛାତ୍ରୀ ସୃଷ୍ଟି କରିଥିଲେ ବୋଲି ମତ ପ୍ରକାଶ କରି ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ଓ ଶେଷରେ ବିଜୟ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

## ମକର ପାଇଁ ତୁଳସୀ କ୍ଷେତ୍ରରେ ଗହଳି | ଶ୍ରୀ ବଳଦେବଜୀଉଙ୍କ ଦର୍ଶନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ



**କେନ୍ଦ୍ରାପଡା, ୧୪।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ର ଆରାଧ୍ୟ ଦେବ ଶ୍ରୀ ସିଦ୍ଧ ବଳଦେବଜୀଉ ମନ୍ଦିରରେ ପବିତ୍ର ମକର ସଂକ୍ରାନ୍ତି ଉତ୍ସବ ମହା ଆଡମ୍ବର ରେ ଅନୁଷ୍ଠିତ ହୋଇଯାଇଛି। ଆଜି ଦିନସାରା ଶ୍ରୀଜୀଉ ମାନଙ୍କୁ ଦର୍ଶନ କରିବାକୁ ଆସିଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଳିରେ ମନ୍ଦିର ପରିସର ପ୍ରବଳ ଗହଳି ଓ ଭିଡ ଦେଖିବାକୁ ମିଳିଥିଲା। ପବିତ୍ର ମକର ସଂକ୍ରାନ୍ତି ତିଥିରେ ଭଗବାନ ସୂର୍ଯ୍ୟ ନାରାୟଣ ମକର ରାଶିକୁ ଗମନ କରୁଥିବାରୁ ଏହି ଦିବସ ଓ ତିଥିର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ଘରେ ଘରେ ସ୍ୱତନ୍ତ୍ର ପୂଜା ବିଧାନ ସହ ଶ୍ରୀଜୀଉ ମାନଙ୍କୁ ଦର୍ଶନ କରି ଅଶେଷ ପୁଣ୍ୟ ଅର୍ଜନ କରିବା ଲକ୍ଷ୍ୟରେ ଭକ୍ତମାନେ ଭୋର ସମୟରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମନ୍ଦିରକୁ ଧାଡି ଲାଗିଥିଲେ। ଗତକାଲି ରାତ୍ରିରେ ଜୀଉ ମାନଙ୍କର ୫ ନବାଙ୍କ ବେଢ଼ା ପରିକ୍ରମା ଅନୁଷ୍ଠିତ ହୋଇଥିବା ବେଳେ ଆଜି ଅବଶିଷ୍ଟ ୪ ବେଢ଼ା ପରିକ୍ରମା ଦିନ ୪ଟା ବେଳେ ଅନୁଷ୍ଠିତ ହୋଇଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ, ମହାଲକ୍ଷ୍ମୀ ଏକ ମାସ ପୂର୍ବରୁ ପିତ୍ରାଳୟ କୁ ଯାଇ ଆଜି ତିଥିରେ ଶ୍ରୀ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି ଓ ସାଙ୍ଗରେ ପିତ୍ରାଳୟ ରୁ ବହୁ ପ୍ରକାର ୫୬ ଭୋଗ ସାମଗ୍ରୀ ଧରି ଶ୍ରୀ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିବାରୁ ଏହାକୁ ମୁଖ୍ୟ ମନ୍ଦିର ଚାରିପଟେ ୯ ଥର ବେଢ଼ା ପ୍ରଦକ୍ଷିଣ କରାଯାଇ ମନ୍ଦିର ପ୍ରବେଶ କରା ଯାଇଥାଏ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଦେଖିବା ପାଇଁ ଶ୍ରଦ୍ଧାଳୁ ଓ ଭକ୍ତମାନେ ଦୀର୍ଘ ସମୟ ଧରି ଅପେକ୍ଷା କରିଥାନ୍ତି। ସ୍ୱତନ୍ତ୍ର ପୂଜା ବିଧାନ ସହ ଭକ୍ତ ଶ୍ରଦ୍ଧାଳୁ ମାନଙ୍କୁ ପ୍ରସାଦ ବିତରଣ କରାଯାଇ ଥାଏ। ତେବେ ଶାନ୍ତି ଶୃଙ୍ଖଳାର ସହିତ ଦିଅଁ ଦର୍ଶନକୁ ପାଳନ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରା ଯାଇଥିଲେ ମଧ୍ୟ ୭ଗୋଟି ସୁନା ଚେନ ଚୋରୀ ସହିତ ୩୦ ଜଣଙ୍କ ପକେଟ ମାର ହୋଇଥିବା ଜଣାପଡ଼ିଛି। ଜଗମୋହନ ମନ୍ଦିରରେ ଭିଡ ସମୟରେ ଲୁଟେରା ମାନେ ପକେଟ ମାର ଓ ସୁନା ଚେନ ଛିଣ୍ଡାଇ ଥାନ୍ତି। ଦେବୋତର ପ୍ରଶାସନ ଏ ବିଷୟରେ ଜାଣିସୁଦ୍ଧା ସିସିଟିଭି ଫୁଟେଜ ଲାଗିଥିଲେ ଏପରି ଅଘଟଣ ହୋଇପାରି ନଥାନ୍ତା। ତୁରନ୍ତ ଜଗମୋହନ ମନ୍ଦିର ମଧ୍ୟରେ ସିସିଟିଭି ଲଗାଇବା ପାଇଁ ଜନ ସାଧାରଣଙ୍କ ତରଫରୁ ଦାବି ହେଉଛି। ଟ୍ରଷ୍ଟବୋର୍ଡ ର ସମସ୍ତ ସଭ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।

### ଅଫିସ ସମ୍ମୁଖରେ ଝୁଲୁଛି ତାଲା

## ଆରଡି ଇନ୍ଦୁପୁର ସେକସନ ବନ୍ଦ ନେଇ ପ୍ରଶ୍ନ



**କେନ୍ଦ୍ରାପଡା, ୧୪।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଆରଡି (ଗ୍ରାମ୍ୟ ଉନ୍ନୟନ)ବିଭାଗର ସେକସନ ଅଫିସରଙ୍କ କାର୍ଯ୍ୟାଳୟ ରେ ଦୀର୍ଘ ୮ ବର୍ଷ ହେଲା ତାଲା ଝୁଲୁଛି। ସରକାର ଲୋକ ମାନଙ୍କ ହିତ ଦୃଷ୍ଟିରୁ ଏବଂ ବିଭିନ୍ନ ବିଭାଗୀୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜନ ସାଧାରଣଙ୍କ ହିତରେ ଲଗାଇବା ପାଇଁ ଏହି କାର୍ଯ୍ୟାଳୟକୁ ଦୀର୍ଘ ୮ ବର୍ଷ ତଳେ ପୂର୍ବତନ ଅର୍ଥମନ୍ତ୍ରୀ ତଥା କେନ୍ଦ୍ରାପଡା ର ପୂର୍ବତନ ବିଧାୟକ ଶଶି ଭୂଷଣ ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୁଟରଙ୍ଗ ପଞ୍ଚାୟତର କୋଳିଆ ଛକରେ ଇନ୍ଦୁପୁର ସେକସନ ଉପ କାର୍ଯ୍ୟାଳୟ ୨୦୧୮ ମସିହା ମଇ ମାସ ୧ ତାରିଖରେ ଉଦ୍‌ଘାଟନ ହୋଇଥିଲା। ଉଦ୍‌ଘାଟନ ହେବାପରେ ଜେଇ ଦିନେମାତ୍ର ଏହି କାର୍ଯ୍ୟାଳୟ କୁ ଆସି ନଥିବା ସ୍ଥାନୀୟ ଲୋକ ପ୍ରକାଶ କରିଛନ୍ତି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି କାର୍ଯ୍ୟାଳୟ ର ଚାରିପଟେ ଜଙ୍ଗଲ ହେବା ସହ ଅଫିସ ଗୃହ ସଂପୂର୍ଣ୍ଣ ଭାଙ୍ଗିରୁଜି କାର୍ଯ୍ୟାଳୟ ସମ୍ମୁଖରେ ଲାଗିଥିବା ଲୁହା ଗେଟ ସଂପୂର୍ଣ୍ଣ ଭାଙ୍ଗି ନଷ୍ଟ ହୋଇଯାଇଛି। ତୁରନ୍ତ ଏହି ଉପ କାର୍ଯ୍ୟାଳୟ କୁ କାର୍ଯ୍ୟକ୍ଷମ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ସମାଜସେବୀ ରାଜନ ପ୍ରସାଦ ଥାଟୋଇ, ସଞ୍ଜୀବ କୁମାର ଥାଟୋଇ, ଅକ୍ଷୟ କୁମାର ସାହୁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ମାନେ ଦାବି କରିଛନ୍ତି।

## କପାଳେଶ୍ୱରରେ ବିଶାଳ ହିନ୍ଦୁ ସମ୍ମିଳନୀ

**କେନ୍ଦ୍ରାପଡ଼ା,୧୪।୧ (ସଂଚାର ବ୍ୟୁରୋ):** ସନାତନ ଧର୍ମ ସୃଷ୍ଟିର ସର୍ବ ପୁରାତନ ଏ ଏକମାତ୍ର ଧର୍ମ। ସନାତନ ସଂସ୍କୃତି ବସୁଧୈବ କୁଟୁମ୍ବକଂ ର ବାର୍ତ୍ତା ଦିଏ। ସମଗ୍ର ବିଶ୍ୱର ମଙ୍ଗଳ କାମନା ତଥା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ସ୍ଥାପନ ନିମନ୍ତେ ଆଦି ଅନାଦି କାଳରୁ ଚେଷ୍ଟା କରି ଆସିଛି ଏବଂ ଦେଶ ମାତୃକାକୁ ନିଜର ମାଆ ବୋଲି ସମ୍ବୋଧନ କରେ। ହିନ୍ଦୁ ସଂସ୍କୃତି କେବଳ ଦେବୀ ଦେବତା ନୁହେଁ, ମାନବ, ବୃକ୍ଷଲତା ଏପରିକି ଜଡ଼ ବସ୍ତୁରେ ମଧ୍ୟ ଭଗବତ ସତ୍ତାର ଅନୁଭବ କରେ। ତେଣୁ ଏହି ମହାନ ସଂସ୍କୃତିକୁ ବଜାୟ ରଖିବା ଓ ସୁରକ୍ଷା ଦେବା ପାଇଁ ସମସ୍ତେ ଯତ୍ନବାନ ହେବା ସହିତ ସୁସଂଗଠିତ ହୋଇ ଭାରତର ଗୌରବର ବିଜୟ ବୈଜୟନ୍ତ ବାନା ସମଗ୍ର ବିଶ୍ୱରେ ଉଡାଇବା ଉଚିତ ବୋଲି କପାଳେଶ୍ୱର ରେ ଆୟୋଜିତ ବିଶାଳ ହିନ୍ଦୁ ସମ୍ମିଳନୀରେ ବକ୍ତା ମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। କେନ୍ଦ୍ରାପଡ଼ା ନଗରର ମା କାଳୀ ବସତି (କପାଳେଶ୍ୱର ଓ ଗୁଲନଗର ଗ୍ରାମପଞ୍ଚାୟତ)ର ସମଗ୍ର ହିନ୍ଦୁ ସମାଜ ଆନୁକୂଲ୍ୟରେ ସ୍ଥାନୀୟ କପିଳେଶ୍ୱର ମହାଦେବ ମନ୍ଦିର ପରିସରରେ ଆୟୋଜିତ ବିଶାଳ ହିନ୍ଦୁ ସମ୍ମିଳନୀରେ ସଂଯୋଜକ ଅକ୍ଷୟ କୁମାର ଦାସଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅତିଥି ରୂପେ ଯୋଗଦେଇ ଦିବ୍ୟ ଜୀବନ ସଂଘର ସଭାପତି ତଥା ଶିବାନନ୍ଦ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀ ଭାରତୀୟ ହିନ୍ଦୁ ସଂସ୍କୃତିରେ ପରିବାର ଓ ସମାଜ ଗଠନରେ ମାତୃ ଶକ୍ତିର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

## କାର୍ ସ୍କୁଟି ଧକ୍କାରେ ଜଣେ ମୃତକୁ ଆଉ ଜଣେ ଗୁରୁତର ଆହତ

**କେନ୍ଦ୍ରାପଡ଼ା, ୧୪।୧(ସଂଚାର ବ୍ୟୁରୋ):** ଆଜି ଅପରାହ୍ନରେ ନିଶ୍ଚିନ୍ତକୋଇଲି ଥାନା ଅଧୀନସ୍ଥ କଟକ ଚାନ୍ଦବାଲି ରାଜ୍ୟ ରାଜପଥ ରାସ୍ତାର କଟରପଡ଼ା ଠାରେ ଏକ କାର୍ ସ୍କୁଟିକୁ ଧକ୍କା ଦେବା ଫଳରେ ସ୍କୁଟି ଚାଳକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ସ୍କୁଟିରେ ଥିବା ଅନ୍ୟ ଜଣେ ଗୁରୁତ୍ୱର ଆହାତ ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଛନ୍ତି। ସୁଚନା ମୁତାବକ ଓଡ଼ି ୦୫ଏଜି୫୭୯୨ ସ୍କୁଟିକୁ ଓଡ଼ି ୦୫ବିଏଲ ୧୩୮ ନଂ କାରଟି ଧକ୍କା ଦେବାରୁ ଏହି ଦୁର୍ଘଟଣା ଘଟିଛି। ସ୍କୁଟି ଚାଳକ ଜଣଙ୍କ କେନ୍ଦ୍ରାପଡା ଜିଲ୍ଲା କୁଦାନଗରୀ ଥାନା ଅନ୍ତର୍ଗତ ରାୟଚାନ୍ଦପୁର ଗ୍ରାମର ନକୁଳି ଓଝାଙ୍କ ପୁତ୍ର ପ୍ରସନ୍ନ କୁମାର ଓଝା (୭୫) ମୃତ୍ୟୁବରଣ କରିଥିଲା ବେଳେ ତାଙ୍କ ସହ ସ୍କୁଟିରେ ଥିବା ବିଷ୍ଣୁପ୍ରିୟା ବେହେରା ଆହତ ଅବସ୍ଥାରେ ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସାସ୍ଥ୍ୟ କେନ୍ଦ୍ରରୁ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନନ୍ତର ହୋଇଛନ୍ତି। ଦୁର୍ଘଟଣା ଗ୍ରସ୍ତ କାର ଓ ସ୍କୁଟିକୁ ନିଶ୍ଚିନ୍ତକୋଇଲି ଥାନା ପୋଲିସ ଜବତ କରିଥିବା ଜଣାପଡ଼ିଛି।

## ପଟ୍ଟାମୁଣ୍ଡାଇର ବିଭିନ୍ନ ଶୈବ ପୀଠରେ ମକର ସଂକ୍ରାନ୍ତି ପାଳିତ



**ପଟ୍ଟାମୁଣ୍ଡାଇ,୧୪।୧(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଅଂଚଳର ବିଭିନ୍ନ ଶୈବ ପୀଠରେ ପବିତ୍ର ମକରସଂକ୍ରାନ୍ତି ଉତ୍ସବ ବିପୁଳ ଆନନ୍ଦଉଲ୍ଲାସର ସହିତ ପାଳିତ ହୋଇଯାଇଛି। ସମଗ୍ର ଉତିକଣ ଅଂଚଳର ପ୍ରସିଦ୍ଧ ଶୈବ ପୀଠ ଶ୍ରୀ ଶ୍ରୀ ଚନ୍ଦ୍ରମଉଳିଙ୍କ ପୀଠରେ ମକର ମେଳା ଆରମ୍ଭ ହୋଇଛି । ପ୍ରଭୁ ଚନ୍ଦ୍ରମଉଳିଙ୍କ ୧୨ ମାସରେ ୧୩ ପର୍ବ ମଧ୍ୟରୁ ମକର ମେଳା ଶ୍ରେଷ୍ଠ । ପବିତ୍ର ମକର ସଂକ୍ରାନ୍ତି ଅବସରରେ ଆୟୋଜିତ ମକର ମେଳା ପାଇଁ ପ୍ରତ୍ୟୁଷରୁ ଠାକୁରଙ୍କ ପୂଜାର୍ଚ୍ଚନା ଓ ସମସ୍ତ ନୀତିକ୍ରାନ୍ତି ସମାପନ କରାଯାଇ ଅପରାହ୍ନରେ ପ୍ରଭୁ ଚନ୍ଦ୍ରମଉଳି, ମାତା ପାର୍ବତୀଙ୍କ ସ୍ୱର୍ଣ୍ଣିମ ପ୍ରତିମୂର୍ତ୍ତିକୁ ଏକ ସୁସଜ୍ଜିତ ପାଲିଙ୍କିରେ ବିଜେ କରାଯାଇ ମନ୍ଦିର ବେଢା ପରିକ୍ରମା କରାଯାଇଥିଲା । ଏହି ମହାର୍ଘ୍ୟ କାର୍ଯ୍ୟକ୍ରମରେ ରାଜନଗର ବିଧାୟକ ଧ୍ରୁବ ସାହୁ, ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ଓ ସଂଗଠନର କର୍ମକର୍ତ୍ତା ଓ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇ ଦର୍ଶନ କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ ।

## ବିଲେଇଶୁଣି ମକର ମହୋତ୍ସବ ପାଇଁ କଳସ ଶୋଭାଯାତ୍ରା

**ଗରଦପୁର,୧୪।୧(ସଂଚାର ବ୍ୟୁରୋ):** ପ୍ରସିଦ୍ଧ ବିଲେଇଶୁଣି ମକର ମହୋତ୍ସବ ଚଳିତ ବର୍ଷ ୬୨ ବର୍ଷରେ ପଦାର୍ପଣ କରିଛି। ଆଜି ଏହି କାର୍ଯ୍ୟକ୍ରମରେ ପ୍ରଥମେ କଳସ ଯାତ୍ରା ଅନୁଷ୍ଠିତ ହୋଇଛି। ପାଇକା ନଦୀରୁ ଶତାଧିକ ଭକ୍ତ ମାନେ ଉପସ୍ଥିତ ରହି କଳସ ଶୋଭାଯାତ୍ରା ମାଧମରେ ଗ୍ରାମ ପରିକ୍ରମା କରାଯାଇଥିଲା।

ଏହି କଳସ ଶୋଭାଯାତ୍ରା ରେ ଯଜ୍ଞ କର୍ତ୍ତା ଦୀପକ ସ୍ୱାଇଁ ହୋଇଥିବା ବେଳେ ଅନୁଷ୍ଠାନର ସଦସ୍ୟ ଅନୁଜ କୁମାର ମହାନ୍ତି, ପ୍ରଫୁଲ୍ଲ ସିଂ, ବସନ୍ତ ସାହୁ, ରବୀନ୍ଦ୍ର ମହାପାତ୍ର, ପ୍ରଣବ କୁମାର ଜେନା, ଭରତ ଓଝା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ବହୁ ଆଡମ୍ବର ସହକାରେ ବିଶ୍ୱ ଶାନ୍ତି ଯଜ୍ଞ ଅନୁଷ୍ଠିତ ହେବ। ଗରଦପୁର ବ୍ଲକ୍ ପଳସୁଧା ପଞ୍ଚାୟତ ଶ୍ରୀ ଶ୍ରୀ ବଜ୍ର ମହାକାଳୀ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ହେଉଥିବା ଏହି ସାଂସ୍କୃତିକ ଅନୁଷ୍ଠାନ ଚଳିତ ବର୍ଷ ବିଭିନ୍ନ କାର୍ଯ୍ୟକ୍ରମ ମାନ ରଖିଛି। ପ୍ରତିଦିନ ଏହି କାର୍ଯ୍ୟକ୍ରମରେ ପଡୋଶୀ ଜଗତସିଂହପୁର ଏବଂ କେନ୍ଦ୍ରାପଡା ଜିଲ୍ଲାର ହଜାର ସଂଖ୍ୟକ ଲୋକେ ଭିଡ଼ ଜମାଇବେ।

## ରାଜ୍ୟସ୍ତରୀୟ ମକରମହୋତ୍ସବ ଉଦଘାଟିତ



**ମାର୍ଶାଘାଇ,୧୪।୧(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ପକ୍ଷୋଟ ଗ୍ରାମରେ ୧୧ତମ ବାର୍ଷିକ ଦ୍ୱିପାଞ୍ଚଳ ରାଜ୍ୟସ୍ତରୀୟ ମକର ମହୋତ୍ସବ ମକର ସଂକ୍ରାନ୍ତି ଅବସରରେ ବୁଧବାର ସନ୍ଧ୍ୟାରେ ଉଦଘାଟିତ ହୋଇଛି। ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ଏବଂରାଜ୍ୟ ବିଜେପି ପ୍ରବକ୍ତା ତଥା ସୋସିଆଲ ମିଡ଼ିଆ ମୁଖ୍ୟସଂଯୋଜକ ଉମାକାନ୍ତ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦଘାଟନ କରିଥିଲେ।

ଜଳପୋକ ପଞ୍ଚାୟତ ପୂର୍ବତନ ସରପଞ୍ଚ ବିଜୟ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ବିଜୟ ମହାନ୍ତି ପ୍ରମୁଖ ମଞ୍ଚାସିନ ଥିଲେ। ମହୋତ୍ସବ କମିଟି ସଭାପତି ମୃତ୍ୟୁଞ୍ଜୟ ମହାନ୍ତି ସଭାପତିତ୍ୱ କରିଥିଲେ ସମ୍ପାଦକ ଅମରେନ୍ଦ୍ର ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅବସର ପ୍ରାପ୍ତ ମେଜର ଭରତ ଚନ୍ଦ୍ର ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନୃସିହ ଚରଣ ପରିଡା ଧନ୍ୟବାଦ ପ୍ରଦାନ କରିଥିଲେ।

ପ୍ରଥମ ସନ୍ଧ୍ୟାରେ ସମ୍ବଲପୁରୀ ନୃତ୍ୟ ସହିତ ଭୁବନେଶ୍ୱର ଆରୟନ ଡାନ୍ସଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ତ୍ରିକୋଣଭୂମି ବିକାଶ ପରିଷଦ ଆନୁକୂଲ୍ୟରେ ଏବଂ ଲୁଣା କରାଣ୍ଡିଆ ନଦୀର ତ୍ରିକୋଣଭୂମି ଅନ୍ତର୍ଗତ ଷଠିଲୋ, ଶିଶୁଆ, ପୁରୁଷୋତ୍ତମପୁର, ସଲାର, ଜଳପୋକ, ପକ୍ଷୋଟ, କଣିବାଙ୍କ, ଶ୍ରୁତିପୁର, ନାନକାର, ବସପୁର, ଆଇତିପୁର, ବାଲିସିଂ, ବଳରାମପୁର ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ଏହି ମହୋତ୍ସବ ୭ ଦିନ ଧରି ପାଳିତ ହେବ ।

## ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଜନ୍ମଦିନରେ ରକ୍ତଦାନ ଶିବିରର



**କେନ୍ଦ୍ରାପଡା,୧୪।୧(ସଂଚାର ବ୍ୟୁରୋ):** ରାଷ୍ଟ୍ରିୟ ଯୁବ ଦିବସ ଏବଂ କେନ୍ଦ୍ରାପଡାର ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଜନ୍ମଦିନ ଅବସରରେ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ଶୋଭନ ଆଚାର୍ଯ୍ୟଙ୍କ ସଂଯୋଜନାରେ ଚଣ୍ଡିବଜାର ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାକାଳପଡ଼ା ବିଧାୟକ ଡଃ ଦୁର୍ଗାପ୍ରସନ୍ନ ନାୟକ, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ବରିଷ୍ଠ ନେତ୍ରୀ ଗୀତାଞ୍ଜଳି ସେଠୀ, ମନୀଷା ପଣ୍ଡା, ସୀମାଦ୍ରୀ ଶେଖର ପରିଡ଼ା, ଅମିତାଭ ସୂଆର ଓ ଉପିନ ରାଉତ ପ୍ରମୁଖ ନେତୃମଣ୍ଡଳୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ଏହି ଶିବିରରେ ମୋଟ ୫୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର କର୍ମଚାରୀ ମାନେ ଉପସ୍ଥିତ ରହି ରକ୍ତଦାତାଙ୍କ ଠାରୁ ରକ୍ତ ସଂଗୃହୀତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ କେଶବ ମିଶ୍ର, ସ୍ମୃତି ମଲ୍ଲ, ବରଦା ବିଶ୍ୱାଳ, ସଙ୍ଗମ ନାୟକ, ସ୍ୱାଧୀନ ସୁବର୍ଣ୍ଣ, ଅନୀଲ ସ୍ୱାଇଁ, ତପନ ମହାନ୍ତି, ଚନ୍ଦନ ରାଉତରାୟ, ବନ୍ଦନା ରାଉତ ଓ ଝିଲ୍ଲି ଦାସ, ବନ୍ଦନାରାଣି ରାଉତରାୟ, ଚିନ୍ମୟୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏଭଳି କାର୍ଯ୍ୟ କରିବା ପାଇଁ ସ୍ଥାନୀୟ ଜନସାଧାରଣ ପ୍ରଶଂସା କରିଥିଲେ।

## ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି ବୈଠକ




**କେନ୍ଦ୍ରାପଡ଼ା, ୧୪।୧(ସଂଚାର ବ୍ୟୁରୋ):** ସମୀର ଟିଭିଏସ ପକ୍ଷରୁ ଆସନ୍ତା ୨୧ତାରିଖରେ ଦୁହୁରିଆସ୍ଥିତ ସମୀର ଟିଭିଏସରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏନେଇ ବୁଧବାର ଅପରାହ୍ନରେ ସମୀର ଟିଭିଏସ ପରିସରରେ ପରିଚାଳନା ନିର୍ଦ୍ଦେଶକ ସମୀର କୁମାର ଚାନ୍ଦଙ୍କ ପୌରହିତ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କିଭଳି ଅଧିକରୁ ଅଧିକ ଲୋକ ଯୋଗଦେଇ ରକ୍ତଦାନ କରିପାରିବେ ସେ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ଅନୁନ୍ୟ ୫ଜଣ କରି ରକ୍ତଦାତାଙ୍କୁ ବୁଝାଇ ସେଦିନ ରକ୍ତଦାନ ନିମନ୍ତେ ଆଣିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା। ଏହି ବୈଠକରେ ଦୁର୍ଯ୍ୟୋଧନ ମହାରଣା, ଲକ୍ଷ୍ମୀକାନ୍ତ ବେହେରା, ସୁବାସ ସ୍ୱାଇଁ, ନିକୁଞ୍ଜଶେଖର ନାୟକ, ଶୁଭଶ୍ରୀ ନାୟକ, ସତ୍ୟବ୍ରତ ଦାସ, ଦିପ୍ତିମୟୀ ସେଠୀ, ଜଗନ୍ନାଥ ମହାରଣା, କ୍ଷିତିଶ କୁମାର କର, ଅନିଜା ଜେନା, ରଶ୍ମୀ, ସାମ୍ବାଦିକ ସୁବ୍ରତ କୁମାର ସାମଲ, ସୁଶାନ୍ତ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଦିଲ୍ଲୀରେ କେନ୍ଦ୍ର ମନ୍ତ୍ରୀଙ୍କୁ ଭେଟିଲେ ଯାଦବ ମହାସଭା ସଭାପତି

**କେନ୍ଦ୍ରାପଡ଼ା,୧୪।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଯାଦବ ମହାସଭା ସଭାପତି ପ୍ରଭାକର ପଲାଇ ଦିଲ୍ଲୀରେ କେନ୍ଦ୍ର ମନ୍ତ୍ରୀଙ୍କୁ ଭେଟି ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାଇ ଜଙ୍ଗଲ ଓ ପରିବେଶ ବିଭାଗ କେନ୍ଦ୍ରମନ୍ତ୍ରୀ ମାନ୍ୟବର ଭୁପିନ୍ଦ୍ରସିଂହ ଯାଦବ ଙ୍କୁ ଭେଟି ଜିଲ୍ଲା ଯାଦବ ମହାସଭା ର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ଏହାକୁ ସମାଧାନ କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥି ସହିତ ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଓ କେନ୍ଦ୍ର ରେଳ ଓ ଆଇଟି ମନ୍ତ୍ରୀ ମାନ୍ୟବର ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ନୂତନ ବର୍ଷର ଶୁଭେଚ୍ଛା ଜଣାଇବା ସହ ଜିଲ୍ଲା ଯାଦବ ମହାସଭା ର ସମସ୍ୟା ଓ ଯାଦବ ଭବନ ନିର୍ମାଣ ପାଇଁ ଅନୁଦାନ ରାଶି ସମ୍ପର୍କରେ ଅଲୋକପାତ କରିଥିଲେ। ଏହି ଆଲୋଚନା ସମୟରେ ଜିଲ୍ଲା ଯାଦବ ମହାସଭାର କାର୍ଯ୍ୟକାରୀ ସଦସ୍ୟ ଅମୂଲ୍ୟ କୁମାର ଦାସ ଉପସ୍ଥିତ ଥିଲେ।

## ବେଆଇନ ଇଟା ଭାଟି ଉପରେ ଉପଜିଲ୍ଲାପାଳଙ୍କ ଚଢ଼ାଉ

**କେନ୍ଦ୍ରାପଡ଼ା,୧୪।୧(ସଂଚାର ବ୍ୟୁରୋ):** ଜିଲ୍ଲାର ବିଭିନ୍ନ ସ୍ଥାନରେ ବେଆଇନ ଭାବରେ ଇଟାଭାଟି ନିର୍ମାଣ କରି ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ଫାଙ୍କୁଥିବା ଏବଂ ପରିବେଶକୁ ଦୂଷିତ କରୁଥିବା ଇଟାଭାଟି ଗୁଡିକୁ ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ ଭାଙ୍ଗିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାଇ ଗରଦପୁର, କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ, ଆଳି, ମାର୍ଶାଘାଇ ପ୍ରଭୃତି ଅଞ୍ଚଳରେ ବେଆଇନ ଭାବରେ ପ୍ରଦୂଷଣ ପ୍ରମାଣପତ୍ର ନଥାଇ ଶହ ଶହ ସଂଖ୍ୟାରେ ଇଟାଭାଟି କରି ରାଜସ୍ୱ ଫାଙ୍କୁଥିବାର ଜିଲ୍ଲାପାଳଙ୍କୁ ଅଭିଯୋଗ ହେବାପରେ ଉପ ଜିଲ୍ଲାପାଳ ଶ୍ରୀ ନାୟକ ଓ କେନ୍ଦ୍ରାପଡ଼ା ତହସିଲଦାର କୁଇନ ଜେନା ଘଟଣା ସ୍ଥଳରେ ପହଁଚି ଜେସିବି ଗାଡି ମାଧ୍ୟମରେ ଟାଭାଟି ଗୁଡିକୁ ଭାଙ୍ଗିଛନ୍ତି। କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳଙ୍କ ବାସଭବନ ରୁ ୧୦୦ ମିଟର ଦୂରରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ବେଆଇନ ଇଟାଭାଟି କରି ଇଟାଭାଟି ମାଲିକ ମାନେ ନିର୍ଭୟରେ ରାଜସ୍ୱ ଫାଙ୍କି ବୁଲୁଛନ୍ତି।

## ପୁସ୍ତକ ମେଳାରେ ଦିବ୍ୟାଙ୍ଗ କଣ୍ଠଶିଳ୍ପୀଙ୍କ ସଙ୍ଗୀତ ପରିବେଷଣ

**କେନ୍ଦ୍ରାପଡ଼ା,୧୪।୧(ସଂଚାର ବ୍ୟୁରୋ):** ରାଜ୍ୟ ସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକମେଳାର ଉଦଯାପନୀ ଦିବସରେ ଭିନ୍ନକ୍ଷମଙ୍କ ସଶକ୍ତିକରଣ ନିମନ୍ତେ କାର୍ଯ୍ୟରତ ପୁନର୍ବାସ ଅନୁଷ୍ଠାନ ପକ୍ଷରୁ ଦୃଷ୍ଟିବାଧିତ ଦିବ୍ୟାଙ୍ଗ କଣ୍ଠଶିଳ୍ପୀଙ୍କ ଏକ ନିଆରା ସଙ୍ଗୀତ ଆସର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଅଂଶ ଗ୍ରହଣ କରିଥିବା ଆକାଶବାଣୀ ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ ରଞ୍ଜିତ ରଞ୍ଜନ ନାୟକ ଓ ଆଶା ବାହାଦୂର ଏବଂ ବାଦ୍ୟଯନ୍ତ୍ର ଶିଳ୍ପୀ ସୌମ୍ୟ ରଞ୍ଜନ ସାହୁ, ଭୀଷ୍ମ କୁମାର ଓ ରାଜ୍ ସାହୁ ପ୍ରମୁଖ ସମସ୍ତ ଦିବ୍ୟାଙ୍ଗ କଳାକାର ଦୃଷ୍ଟିବାଧିତ ଥାଇ ସୁଦ୍ଧା ସଙ୍ଗୀତ ପରିବେଷଣର ଅପୂର୍ବ କଳାରେ ଉପସ୍ଥିତ ଶ୍ରୋତାମାନଙ୍କ ହୃଦୟ ଜୟ କରିଥିଲେ। ପୁସ୍ତକ ମେଳା ପରି ଏକ ସାମାଜିକ ମୁଖ୍ୟସ୍ରୋତର ବୌଦ୍ଧିକ ଉତ୍ସବରେ ଭିନ୍ନକ୍ଷମ ଶିଳ୍ପୀମାନଙ୍କୁ ସଙ୍ଗୀତ ପରିବେଶଣର ସୁଯୋଗ ପ୍ରଦାନ ସହ ସେମାନଙ୍କ ଅନ୍ତର୍ନିହିତ ଦକ୍ଷତା ପ୍ରଦର୍ଶନ କରାଇବା ଏହି ସଙ୍ଗୀତ ସନ୍ଧ୍ୟାର ଆଭିମୁଖ୍ୟ ବୋଲି ପୁନର୍ବାସ ମୁଖ୍ୟ ଉପଦେଷ୍ଟା ଡ଼ଃ ବିରଜା ରାଉତରାୟ ପ୍ରକାଶ କରିଛନ୍ତି।

## ଶୁଦ୍ଧିକ୍ରିୟା ପାଇଁ ଅର୍ଥ ଅଭାବ ଘଟଣା | ପରିବାରକୁ ଭେଟି ସହାୟତା ଯୋଗାଇଦେଲେ ଚିତ୍ତରଞ୍ଜନ



**ମହାକାଳପଡ଼ା, ୧୪।୧(ସଂଚାର ବ୍ୟୁରୋ):** ସ୍ୱାମୀଙ୍କ ଦେହାନ୍ତ ପରେ ଶୁଦ୍ଧିକ୍ରିୟା ପାଇଁ ଅର୍ଥ ସାଜିଛି ବାଧକ। ପାଖରେ ଟଙ୍କାଟିଏ ସମ୍ବଳ ନଥିବା ଏହି ଅଭାବି ପରିବାର ଏବେ ଶୁଦ୍ଧିକ୍ରିୟା ପାଇଁ ସରକାରୀ ଓ ବେସରକାରୀ ସହାୟତା ପାଇଁ ଚାହିଁ ବସିଥିବା ବେଳେ ଆଜି ଯାଦବ ନେତା ଚିତ୍ତରଞ୍ଜନ ଦାସ ପରିବାରକୁ ଭେଟି ସହାୟତା ଯୋଗାଇ ଦେଇଛନ୍ତି। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ମହାକାଳପଡା ପଞ୍ଚାୟତ ଅଧିନସ୍ଥ ଚଡାଇଗୁଆଁ ଗ୍ରାମରେ ପ୍ରମୋଦ ଦାସ (୭୦)ଜଣେ ଦିନ ମଜୁରୀଆ ଭାବେ କାର୍ଯ୍ୟ କରି ତାଙ୍କ ପରିବାର ପ୍ରତିପୋଷଣ କରିଆସୁଥିଲେ। ପରିବାର କହିଲେ ତାଙ୍କର ପତ୍ନୀ ସୁଶାନ୍ତି ଦାସ (୬୦) ଓ ୧୮ ବର୍ଷୀୟ ଝିଅ ଲକ୍ଷ୍ମୀପ୍ରିୟା ଦାସ। ଆଜିକୁ ଦଶ ଦିନ ହେବ ପ୍ରମୋଦଙ୍କ ଦେହାନ୍ତ ହୋଇଯାଇଛି। ଘରର ଏକମାତ୍ର ରୋଜଗାରିଆ ବୋଲାଉଥିବା ପ୍ରମୋଦଙ୍କ ଦେହାନ୍ତ ପରେ ପତ୍ନୀ ଓ ଝିଅ ସଂପୂର୍ଣ୍ଣ ବେସାହାରା ହୋଇପଡ଼ିଛନ୍ତି। ଯେଉଁ ଚାଳ ଛପର ଘର ଖଣ୍ଡିଏ ରହିଛି ତାହା ମାଟିରେ ମିଶିବାକୁ ସଙ୍ଘର୍ଷ କରୁଛି। କାନ୍ଥ ଭୁଷୁଡି ଗଲାଣି ଓ ୩ ବର୍ଷ ହେବ ଛପର ନହୋଇ ପାଲ ଖଣ୍ଡିଏ ପଡ଼ିଛି। ଆଜି ପର୍ଯ୍ୟନ୍ତ ତାଙ୍କ ପାଖରେ ପହଞ୍ଚିନି ବିଦ୍ୟୁତ୍ ସୁବିଧା। ଏମିତି ଅବସ୍ଥାରେ ସେହି ଭଙ୍ଗା ଦଦରା କୁଡିଆରେ ବଞ୍ଚିବା କଷ୍ଟଠାରୁ ସ୍ୱାମୀଙ୍କ ଶୁଦ୍ଧିକ୍ରିୟା କାର୍ଯ୍ୟ କିପରି ହେବ ସେହି କଷ୍ଟରେ ଏବେ ସନ୍ତୁଳି ହେଉଛନ୍ତି ବିଧବା ମାଆ ସହିତ +୨ ପଢୁଆ ଏକମାତ୍ର ଝିଅ। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଆଜି ପରିବାରକୁ ଭେଟି ସହାୟତା ଯୋଗାଇ ଦେଇଛନ୍ତି ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ଯୁବନେତା ତଥା ଓଡ଼ିଶା ଯାଦବ ମହାସଭାର ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ଦାସ। ବ୍ୟକ୍ତିଗତ ସହାୟତା ସହିତ ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା, ଆବାସ ଯୋଜନା ଓ ନୂତନ ବିଦ୍ୟୁତ ସଂଯୋଗ କରାଇବା ପାଇଁ ସେ ଜିଲ୍ଲାପାଳଙ୍କୁ ଦାବି କରିଛନ୍ତି।

ବ୍ୟାସକବିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ

# ଫକୀର ମୋହନ ଓଡ଼ିଆ ଭାଷାର କିମ୍ବଦନ୍ତୀ ପୁରୁଷ

## 'ଛ ମାଣ ଆଠଗୁଣ୍ଠ', 'ରେବତୀ', 'ଲଛମା' ଆଜି ବି ଯୁଗୋପଯୋଗୀ



**ଭୁବନେଶ୍ୱର,୧୪।୧(ସଂଚାର ବ୍ୟୁରୋ):** ଆଜି ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ ପକ୍ଷରୁ ମିଳିତ ଭାବେ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଆଜିର ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡଃ ଅମିୟ ପଟ୍ଟନାୟକ ଫକୀର ମୋହନଙ୍କୁ ଓଡ଼ିଆ ଭାଷାର ଜଣେ କିମ୍ବଦନ୍ତୀ ପୁରୁଷ ବୋଲି କହିବା ସହ ସାମାଜିକ ବ୍ୟବସ୍ଥାରେ ନାରୀ ଶିକ୍ଷାର ପ୍ରସାର ପାଇଁ ତାଙ୍କର ଅଦମ୍ୟ ଚେଷ୍ଟା ତାଙ୍କୁ କାଳଜୟୀ କରିଛି ବୋଲି ପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଅଧୀନ ସେଣ୍ଟର୍ ଫର୍ ଜୁଡିସିଆଲ ଆର୍କାଇଭସ୍‌ର ପୂର୍ବତନ ନିର୍ଦ୍ଦେଶକ ଡଃ ଲଲାଟେନ୍ଦୁ ଦାସ ମହାପାତ୍ର, ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦର ସଭାପତି ଜୀବନ କୁମାର ମହାପାତ୍ର, ସମ୍ପାଦକ ଅଜୟ ମହାନ୍ତି, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଗୁରୁବୀର ସିଂ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଡଃ ପଟ୍ଟନାୟକ ଫକୀରମୋହନଙ୍କ ଲେଖନୀକୁ ସମୃଦ୍ଧ ଓଡ଼ିଶାର ଲେଖନୀ ବୋଲି ଅଭିହିତ କରିଛନ୍ତି। ଫକୀରମୋହନଙ୍କ ଅଭିନବ ଗଦ୍ୟଶୈଳୀ, କଥାସାହିତ୍ୟ ଓ କାଳ୍ପନିକ ଚରିତ୍ରଗୁଡ଼ିକ ଥିଲା ଅନନ୍ୟ। ଭାଷା ଆନ୍ଦୋଳନର କର୍ଣ୍ଣଧାର, ଓଡ଼ିଆ ପାଠ୍ୟପୁସ୍ତକର ପ୍ରଣେତା, ସମ୍ବାଦପତ୍ର ପ୍ରକାଶନ, ସଂଗଠନ, ଛାପାଖାନା ପ୍ରତିଷ୍ଠା, ଅନୁବାଦ ଓ ସାମ୍ବାଦିକତା ଆଦି କ୍ଷେତ୍ରରେ ସେ ନିଜର ଅବଦାନ ଦେଇଯାଇଛନ୍ତି। ଫକୀର ମୋହନଙ୍କୁ ଓଡ଼ିଆ ଭାଷା ସାହିତ୍ୟର ଜନକ, କଥାସମ୍ରାଟ, ବ୍ୟାସକବି ଭାବେ ସମ୍ମାନ ଦିଆଯାଇଛି ବୋଲି ମୁଖ୍ୟ ଅତିଥି ମତପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଡଃ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ମହାପାତ୍ର ଯୋଗଦେଇଥିଲେ। ସଭାରେ ସଭାପତିତ୍ୱ କରିଥିବା ବିଭାଗର ନିର୍ଦ୍ଦେଶକ ମଧ୍ୟ ଅଭିଭାଷଣ ଦେଇଥିଲେ।





# ବୈତରଣୀରେ ମକର ବୁଡ଼ ପକାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୪।୧(ସଂଚାର ବ୍ୟୁରୋ):** ମକର ବୁଡ଼ ପକାଇଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବୈତରଣୀ ନଦୀର ରଘୁନାଥ ଜିଉ ମଠସ୍ଥିତ ଶବ୍ୟା ଘାଟରେ ମୁଖ୍ୟମନ୍ତ୍ରୀ ସପତ୍ନୀକ ଏହି ବୁଡ଼ ପକାଇଛନ୍ତି। ଏହାପରେ ସେ ପତ୍ନୀଙ୍କ ସହ ପୂଜା ମଧ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ମକର ବୁଡ଼ ସମୟରେ ଘାଟର ଚାରିପଟେ ବ୍ୟାରିକେଡ୍ କରାଯାଇଥିବା ବେଳେ ଘାଟରେ ସୁରକ୍ଷା ବ୍ୟବସ୍ଥାକୁ ବି କଡ଼ାକଡି କରାଯାଇଥିଲା। ଅଗ୍ନିଶମ ବାହିନୀ ଓ ଓଡ୍ରାଫ କର୍ମଚାରୀମାନେ ମଧ ସୁରକ୍ଷା ଦୃଷ୍ଟିକୋଣରୁ ସେଠାରେ ଉପସ୍ଥିତ ଥିଲେ।

ମିଳିଥିବା ଖବର ଅନୁଯାୟୀ, ସମ୍ପ୍ରତି ଦୁଇଦିନିଆ କେନ୍ଦୁଝର ଗସ୍ତରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରହିଥିବା ବେଳେ ଗତକାଲି ଗସ୍ତର ପ୍ରଥମ ଦିନରେ ସେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହାପରେ ଆଜି ପବିତ୍ର ମକର ସଂକ୍ରାନ୍ତି ଅବସରରେ ମୁଖ୍ୟମନ୍ତ୍ରୀ ମକର ବୁଡ଼ ପକାଇଥିଲେ। ଗତବର୍ଷ ମଧ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲ୍ଲା ପାଟଣାସ୍ଥିତ ବୈତରଣୀ ନଦୀରେ ମକର ବୁଡ଼ ପକାଇଥିଲେ। ପାଟଣା ବୈତରଣୀ ନଦୀର ଅନସୂୟା ଘାଟରେ ମକର ସ୍ନାନ କରି ଦେବ ଦର୍ଶନ କରିଥିଲେ ମୁଖ୍ୟମନ୍ତ୍ରୀ। ପ୍ରତିବର୍ଷ ମକର ସଂକ୍ରାନ୍ତିରେ ବୈତରଣୀ ନଦୀରେ ବୁଡ଼ ପକାଇଆସୁଛନ୍ତି ଶ୍ରୀ ମାଝୀ।

● ଜେଜେମା ପାଇଁ ଫେରିଲା ନାତୁଣୀ

## ଭଦ୍ରକରେ ବିକ୍ରି, କଟକରୁ ଉଦ୍ଧାର

**ଭଦ୍ରକ,୧୪।୧(ସଂଚାର ବ୍ୟୁରୋ):** ଜେଜେମା' ପାଇଁ ପୁଣିଥରେ ନିଜ ବାପା-ମା'ଙ୍କ କୋଳକୁ ଫେରିଛି ମାତ୍ର ୨୦ ହଜାର ଟଙ୍କାରେ ବିକ୍ରି ହୋଇଥିବା ମାସକର ଶିଶୁକନ୍ୟା। ଭଦ୍ରକରେ ବିକ୍ରି ହୋଇଥିବା ଉକ୍ତ ଶିଶୁକନ୍ୟାଟିକୁ ଦୁଇ ଦିନ ପରେ ଅର୍ଥାତ୍ ଆଜି କଟକରୁ ଉଦ୍ଧାର କରାଯାଇଛି। ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ପୁଲିସ ସହାୟତାରେ ଉକ୍ତ ଶିଶୁକନ୍ୟାଟିକୁ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଗତ ୧୨ ତାରିଖରେ ଭଣ୍ଡାରିପୋଖରୀ ବୟାଳିସପୁର ଗାଁର ସିପୁ ଦାସ ଓ ତାଙ୍କ ସ୍ତ୍ରୀ ରାନୀ ଏକ ମାସକର ଶିଶୁକନ୍ୟାକୁ ୨୦ ହଜାର ଟଙ୍କାରେ କଟକର ଜଣେ ସନ୍ତାନହୀନ ଦମ୍ପତ୍ତିଙ୍କୁ ବିକ୍ରି କରିଦେଇଥିବା ନେଇ ଜେଜେମା' ସାବିତ୍ରୀ ଦାସ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଥିଲେ। ତୁରନ୍ତ ପୁଲିସ୍ ମାମଲା ରୁଜୁ କରିବା ସହ ଗତକାଲି ସିପୁ ଓ ରାନୀ ଏବଂ ରାନୀଙ୍କ ମା'ଙ୍କୁ ଉଠାଇ ନେଇ ପଚରାଉଚରା କରିଥିଲା। ପୁଲିସ୍ ଜେରା ସମୟରେ ସେମାନେ ସବୁ ସତକଥା ମାନିଯାଇଥିଲେ। ଅନ୍ୟପକ୍ଷରେ ଶିଶୁକନ୍ୟାକୁ ଉଦ୍ଧାର କରାଯିବା ପରେ ଡାକ୍ତରଖାନାରେ ତା'ର ଚିକିତ୍ସା କରାଯାଉଛି। ତେବେ ଧାର ଟଙ୍କା ଶୁଝିବା ପାଇଁ ବାପା-ମା' ନିଜର ଶିଶୁକନ୍ୟାଟିକୁ ବିକ୍ରି କରିଦେଇଥିବା ପୁଲିସ ମାମଲାର ତଦନ୍ତ ସମୟରେ ଜାଣିବାକୁ ପାଇଛି।

## ଜୀ ସାର୍ଥକରେ 'ଡୁମ ବିନା'ର ୫୦୦ ଏପିସୋଡ ପୂରଣ

**ଭୁବନେଶ୍ୱର,୧୪।୧(ସଂଚାର ବ୍ୟୁରୋ):** ଓଡ଼ିଶା ଟେଲିଭିଜନ ଜଗତର ଅନ୍ୟତମ ଚର୍ଚ୍ଚିତ ଧାରାବାହିକ 'ଡୁମ ବିନା' ସଫଳତାର ସହ ଜୀ ସାର୍ଥକରେ ୫୦୦ ଏପିସୋଡ ପୂରଣ କରି ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛି। ପୂର୍ବରୁ ଏହିପରି ଅନେକ ଲୋକପ୍ରିୟ ଧାରାବାହିକ ଦର୍ଶକଙ୍କୁ ଦେଇ ଜୀ ସାର୍ଥକ ଓଡ଼ିଶା ମନୋରଞ୍ଜନ ଦୁନିଆରେ ନିଜକୁ ଏକ ନମ୍ବର କରିପାରିଛି। 'ଡୁମ ବିନା'ର ବର୍ତ୍ତମାନର କାହାଣୀରେ ଅନୁରାଗ ଓ ରିତାଙ୍କ ବିବାହ ଏବଂ ଆଦ୍ୟାର ଦାୟିତ୍ୱ ନେବା ପରେ ଏକ ରୋମାଞ୍ଚକର ମୋଡ଼ ଆସିଛି। ଧାରାବାହିକର ଏହି ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ପ୍ରେମ, ପାରିବାରିକ ସମ୍ପର୍କ ଓ ମାନବୀୟ ସଂଘର୍ଷକୁ ନିଖୁଣ ଭାବେ ଚିତ୍ରଣ କରାଯାଇଛି। ଆଗାମୀ ଦିନରେ 'ଡୁମ ବିନା'ର ଯାତ୍ରା ଅଧିକ ରୋମାଞ୍ଚକର, ଭାବପୂର୍ଣ୍ଣ ଏବଂ ପରିବର୍ତ୍ତନଶୀଳ ହେବ ବୋଲି ଜୀ ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ରାହୁଲ ରାଓ କହିଛନ୍ତି।

## ଜଣ୍ଡିସର କାରଣ ଖୋଜୁଛି ମେଡିକାଲ ଟିମ୍

● ୧୯୭ ଛାତ୍ରଛାତ୍ରୀଙ୍କ ରକ୍ତ ନମୁନା ସଂଗ୍ରହ

**ଢେଙ୍କାନାଳ,୧୪।୧(ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲ୍ଲାର ଗଣ୍ଡିଆ ବ୍ଲକ ଅନ୍ତର୍ଗତ ବିଶ୍ୱନାଥପୁର ଆଦର୍ଶ ବିଦ୍ୟାଳୟରେ ୧୦ରୁ ଅଧିକ ଛାତ୍ରଛାତ୍ରୀ ଜଣ୍ଡିସରେ ଆକ୍ରାନ୍ତ ହୋଇଥିବା ବେଳେ ସେଠାରେ ମେଡିକାଲ ଟିମ୍ ପହଞ୍ଚି ଏହାର କାରଣ ଖୋଜୁଛି। ସ୍କୁଲରେ ସିଡିଏମଓଙ୍କ ତତ୍ତ୍ୱାବଧାନରେ ଉକ୍ତ ମେଡିକାଲ ଟିମ୍ ପହଞ୍ଚି ୧୯୭ ଜଣ ଛାତ୍ରଛାତ୍ରୀଙ୍କ ରକ୍ତ ନମୁନା ସଂଗ୍ରହ କରିଛି। ଏସବୁ ପାଣି ନମୁନା ଓ ମଧ୍ୟାହ୍ନଭୋଜନର ମଧ୍ୟ ପରୀକ୍ଷା କରାଯାଉଛି। ସ୍କୁଲର ଦାୟିତ୍ୱହୀନତା ଓ ଦୂଷିତ ପାଣି ସହ ଅସ୍ୱାସ୍ଥ୍ୟକର ପରିବେଶ ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଦୁଇ ଦିନ ପରେ ମେଡିକାଲ ଟିମ୍‌ର ରିପୋର୍ଟ ଆସିବା ପରେ ଆଉ କେତେ ଛାତ୍ରଛାତ୍ରୀ ଜଣ୍ଡିସର ଶିକାର ହୋଇଛନ୍ତି, ସେନେଇ ସୂଚନା ମିଳିପାରିବ। ସେହିପରି ଜଣ୍ଡିସ୍ ବ୍ୟାପିବା ପରେ ଯେଉଁସବୁ ଛାତ୍ରଛାତ୍ରୀମାନେ ଅନୁପସ୍ଥିତ ଅଛନ୍ତି, ସେମାନଙ୍କ ଘରେ ପହଞ୍ଚି ମେଡିକାଲ ଟିମ୍‌ର ସଦସ୍ୟସଦସ୍ୟାମାନେ ରକ୍ତ ନମୁନା ସଂଗ୍ରହ କରିବେ ବୋଲି ସିଡିଏମ୍‌ଓ କହିଛନ୍ତି। ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ପାନୀୟ ଜଳ ଯୋଗାଣ ଅଧିକାରୀ ମଧ୍ୟ ସ୍କୁଲରେ ପହଞ୍ଚି ମଧ୍ୟାହ୍ନଭୋଜନ ମାନ ସହ ପାଣିର ପରୀକ୍ଷା କରିଥିବା ଜଣାପଡ଼ିଛି।

ଆକର୍ଷିତ କରୁଛି ଲୋକଭବନ ଉଦ୍ୟାନ

# ବୁଲି ଆସିଥିବା ପିଲାଙ୍କ ସହ ଖୁସି ବାଣ୍ଟିଲେ ରାଜ୍ୟପାଳ

**ଭୁବନେଶ୍ୱର,୧୪।୧(ସଂଚାର ବ୍ୟୁରୋ):** ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ଆଜି ଅପରାହ୍ନରେ ଲୋକଭବନ ଉଦ୍ୟାନ ପରିଦର୍ଶନରେ ଆସିଥିବା ପିଲାମାନଙ୍କ ସହ ଖୁସି ବାଣ୍ଟିଛନ୍ତି। ପବିତ୍ର ମକର ସଂକ୍ରାନ୍ତି ଅବସରରେ ରାଜ୍ୟପାଳ ପିଲାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସହ ଭାବ ବିନିମୟ କରିଥିଲେ ଏବଂ ପିଲାମାନଙ୍କୁ ଚିକି, ଚକୋଲେଟ ଓ କଲମ ଆଦି ଉପହାର ଦେଇଥିଲେ। ସୁନ୍ଦର ଭୂଦୃଶ୍ୟରେ ସଜ୍ଜିତ ଲୋକଭବନ ଉଦ୍ୟାନ ଓ ଲୋକଭବନ ପରିସରରେ ନୂଆ କରି ବିକଶିତ ଅଟଳ ବନ ପରିଦର୍ଶନ କରିଥିବା ପିଲାମାନଙ୍କୁ ଭେଟି ରାଜ୍ୟପାଳ ଆନନ୍ଦିତ ହୋଇଥିଲେ।

ନିଜର ଖୁସି ପ୍ରକାଶ କରି ରାଜ୍ୟପାଳ କହିଥିଲେ ଯେ ସବୁଜିମାରେ ଭରପୁର ଉଦ୍ୟାନଗୁଡ଼ିକୁ ପରିଦର୍ଶନ କରିବା ସମୟରେ ପିଲାମାନଙ୍କୁ ଭେଟିବା ଓ ସେମାନଙ୍କର ଉତ୍ସାହ ଦେଖି ସେ ବେଶ୍ ଆନନ୍ଦିତ। ଏପରି ସ୍ଥାନଗୁଡ଼ିକ ପିଲାଙ୍କୁ ଏକ ନିରାପଦ ଓ ପ୍ରାକୃତିକ ପରିବେଶରେ ସୁସ୍ଥ ମନୋରଞ୍ଜନ ଦେବା ସହ ଶିଖିବାର ସୁଯୋଗ ପ୍ରଦାନ କରେ, ଯାହା ସେମାନଙ୍କର ସାମଗ୍ରିକ ବିକାଶ ଓ କଲ୍ୟାଣ ପାଇଁ ପରିପୂରକ ହୋଇଥାଏ ବୋଲି ରାଜ୍ୟପାଳ କହିଛନ୍ତି।

ଲୋକଭବନର ପରିବେଶକୁ ଜନସାଧାରଣ ଉପଭୋଗ କରିବା ଉତ୍ସାହଜନକ ବୋଲି ରାଜ୍ୟପାଳ କହିଛନ୍ତି। ସୂଚନାଯୋଗ୍ୟ ଯେ ଲୋକଭବନ ଉଦ୍ୟାନଗୁଡ଼ିକ ଗତ ୧୦ରୁ ଜନସାଧାରଣ ପାଇଁ ଖୋଲାଯାଇଛି ଓ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟନ୍ତ ଖୋଲା ରହିବ। ଖୋଲା ହେବା ପରଠାରୁ ଭୁବନେଶ୍ୱର ତଥା ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରତିଦିନ ହଜାର ହଜାର ପରିଦର୍ଶକ ଲୋକଭବନ ଉଦ୍ୟାନଗୁଡ଼ିକୁ ପରିଦର୍ଶନ କରୁଛନ୍ତି।



# ୱାଲ୍‌ଟାୟାର ଡିଭିଜନ ଟ୍ରେନ୍‌ରେ ମିଳିବ

## ହାଇଜେନିକ୍ ଚା' ଓ କଫି

**ଭୁବନେଶ୍ୱର,୧୪।୧(ସଂଚାର ବ୍ୟୁରୋ):** ଯାତ୍ରୀ ଆରାମ, ପରିଷ୍କାର ପରିଚ୍ଛନ୍ନତା ଓ ସେବା ଗୁଣବତ୍ତା ବୃଦ୍ଧି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥର ୱାଲ୍‌ଟାୟାର ଡିଭିଜନ ପକ୍ଷରୁ ମଣ୍ଡଳ ରେଳ ପ୍ରବନ୍ଧକ ଲଳିତ ବୋହରା ଏକ ଅଭିନବ ଚା' ଓ କଫି ବିକ୍ରି ପଦକ୍ଷେପ ଆରମ୍ଭ କରିଛନ୍ତି। ଏହି ନୂତନ ବ୍ୟବସ୍ଥା ଯାତ୍ରୀମାନଙ୍କୁ ସ୍ୱାଦିଷ୍ଟ, ଗରମ ଓ ଅଧିକ ପରିଷ୍କାର ପାନୀୟ ପ୍ରଦାନ କରିପାରିବ। ପାରମ୍ପରିକ ଭାବେ ଚା ଓ କଫି ହାତରେ ଧରି ଖୋଲା ବାଲ୍ଟି କିମ୍ବା କ୍ୟାନ୍‌ରେ ବହନ କରାଯାଉଥିଲା, ଯାହା ପ୍ରାୟତଃ ଅପ୍ରୀତିକର ଥିଲା ଏବଂ ପରିଷ୍କାର ପରିଚ୍ଛନ୍ନତା ସମସ୍ୟା ମଧ ସୃଷ୍ଟି କରୁଥିଲା। କିନ୍ତୁ ନୂତନ ପଦକ୍ଷେପ ସ୍ୱରୂପ ବିକ୍ରେତାମାନେ ଏକ ସ୍ୱତନ୍ତ୍ର ଡିଜାଇନ୍ କରାଯାଇଥିବା ପିନ୍ଧିବାଯୋଗ୍ୟ ଗ୍ୟାଜେଟ୍ ସହ ସଜ୍ଜିତ ହୋଇଛନ୍ତି। ଏଥିରେ ଏକ ଇନସୁଲେଟେଡ୍ ଥର୍ମସ୍ କଣ୍ଟେନର୍ ରହିଛି। ଚା' ଓ କଫି ପ୍ୟାକେଟଗୁଡ଼ିକୁ ଗୋଟିଏ ପକେଟ୍‌ରେ ସୁନ୍ଦର ଭାବେ ସଂରକ୍ଷଣ କରି ରଖାଯାଉଛି। ଏହି ବ୍ୟବସ୍ଥା ଯୋଗୁଁ ବିକ୍ରେତାମାନେ ବିଶେଷ ଫାଇଦା ପାଇବେ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି। ଗ୍ୟାଜେଟ୍‌ରେ ବ୍ୟବହୃତ ପାଉଚ୍ ଓ ବିକ୍ରି ସମୟରେ ସୃଷ୍ଟି ହୋଇଥିବା ଅପଚୟ ସୁରକ୍ଷିତ ନିଷ୍କାସନ ପାଇଁ ଏକ ଉତ୍ସର୍ଗୀକୃତ ପକେଟ୍ ମଧ ଅନ୍ତର୍ଭୁକ୍ତ। ଏହା ଏହି ପ୍ରକ୍ରିୟାକୁ ପରିଷ୍କାର ଓ ଅଧିକ ପରିବେଶ-ଅନୁକୂଳ କରିଥାଏ। ଯାତ୍ରୀଙ୍କ ସୁବିଧାକୁ ଆହୁରି ବୃଦ୍ଧି କରିବା ପାଇଁ ଗ୍ୟାଜେଟରେ ଏକ କ୍ୟୁଆର୍ କୋଡ୍ ସଂଯୋଜିତ କରାଯାଇଛି। ଏହା ଡିଜିଟାଲ୍ ପେମେଣ୍ଟକୁ ସକ୍ଷମ କରିବା ସହ ସମ୍ପୂର୍ଣ୍ଣ ଅସୁବିଧାମୁକ୍ତ ଅଭିଜ୍ଞତା ସୁନିଶ୍ଚିତ କରିଥାଏ ଏନେଇ ଶ୍ରୀ ବୋହରା କହିଛନ୍ତି ଯେ ଭୋଗୀ-ସଂକ୍ରାନ୍ତିର ପବିତ୍ର ଅବସରରେ ଏହି ପଦକ୍ଷେପକୁ ଏପି ଏକ୍ସପ୍ରେସରେ ଏକ ପାଇଲଟ୍ ପ୍ରୋଜେକ୍ଟ ଭାବେ ଆରମ୍ଭ କରାଯାଉଛି। ଯାତ୍ରୀଙ୍କ ମତାମତକୁ କଡ଼ାକଡ଼ି ତଦାରଖ କରାଯିବ ଓ ପ୍ରତିକ୍ରିୟା ଉପରେ ଆଧାର କରି ସିଷ୍ଟମକୁ ଅଧିକ ଟ୍ରେନରେ ବିସ୍ତାର କରିବା ପୂର୍ବରୁ ଆହୁରି ଉନ୍ନତ କରାଯିବ। ବରିଷ୍ଠ ଡିଭିଜନଲ୍ ବାଣିଜ୍ୟିକ ପ୍ରବନ୍ଧକ କେ. ପବନ କୁମାରଙ୍କ ମାର୍ଗଦର୍ଶନରେ ଏପରି କାର୍ଯ୍ୟକୁ ମଣ୍ଡଳ ରେଳ ପ୍ରବନ୍ଧକ ବାଣିଜ୍ୟିକ ବିଭାଗ ଓ ଆଇଆର୍‌ସିଟିସିକୁ ଏପରି ଅଭିନବ ପଦକ୍ଷେପ ଗ୍ରହଣ କରିବା ପାଇଁ ମଧ ଶ୍ରୀ ବୋହରା ପ୍ରଶଂସା କରିଛନ୍ତି।

# ସରକାରୀ କାର୍ଯ୍ୟାଳୟରେ ଦଳୀୟ କାର୍ଯ୍ୟକ୍ରମକୁ ବିଜେଡିର ନିନ୍ଦା



**ଭୁବନେଶ୍ୱର,୧୪।୧(ସଂଚାର ବ୍ୟୁରୋ):** ରାଜ୍ୟରେ ବିଜେପି କ୍ଷମତାସୀନ ହେବା ପରଠାରୁ ଶାସନ ବ୍ୟବସ୍ଥା ଭୁଶୁଡ଼ିବାରେ ଲାଗିଥିବା ବେଳେ ଏବେ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ଦଳୀୟ କାର୍ଯ୍ୟାଳୟରେ ପରିଣତ କରିବା ଉଦ୍ୟମ ଆରମ୍ଭ ହୋଇଛି ବୋଲି ବିଜେଡି ଅଭିଯୋଗ କରିବା ସହ ଏହାକୁ କଡ଼ା ଭାଷାରେ ନିନ୍ଦା କରିଛି। ଆଜି ଦଳ ପକ୍ଷରୁ ଜାରି ଏକ ପ୍ରେସ ବିବୃତିରେ ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସମ୍ବଲପୁର ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମରେ ପ୍ରଭାରୀ ବୈଠକକୁ ସାମିଲ କରାଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ହେବ ବୋଲି ମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମରେ ଉଲ୍ଲେଖ କରାଯାଇଥିବା ବେଳେ ଜିଲ୍ଲାପାଳଙ୍କୁ ଜିଲ୍ଲାର ସମସ୍ତ ସରକାରୀ ଅଧିକାରୀମାନଙ୍କୁ ଏହି ପ୍ରଭାରୀ ବୈଠକରେ ଉପସ୍ଥିତ ରହିବାକୁ କହିବା ସକାଶେ ନିର୍ଦ୍ଦେଶ ଦିଆଯାଇଛି। ବିଜେପିର ଦଳୀୟ ପ୍ରଭାରୀ ଓ ଅନ୍ୟ କର୍ମକର୍ତ୍ତାଙ୍କ ବୈଠକ କିପରି ଭାବେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ହେବ ଓ ଏଥିରେ ସରକାରୀ ଅଧିକାରୀମାନେ କାହିଁକି ଯୋଗଦେବେ? ସରକାରୀ କାର୍ଯ୍ୟାଳୟଗୁଡିକୁ ବିଜେପି ନିଜ ଦଳୀୟ କାର୍ଯ୍ୟାଳୟରେ ପରିଣତ କରିବାକୁ ଉଦ୍ୟମ କରୁଛି ବୋଲି ଏଥିରୁ ସ୍ପଷ୍ଟ। ରାଜ୍ୟବ୍ୟାପୀ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ବିଜେପି ନେତା ଓ କର୍ମୀମାନଙ୍କ ଉତ୍ପାତ ଓ ସରକାରୀ ଅଧିକାରୀଙ୍କ ଉପରେ ଆକ୍ରମଣ ବିଜେପି ଶାସନ କାଳରେ ଏକ ନିତିଦିନିଆ ଘଟଣା ହୋଇଛି। ତେବେ ବିଜେପିର ଏପରି ଏକ ଉଦ୍ୟମକୁ ବିଜେଡି ନିନ୍ଦା କରୁଛି। ଆଗାମୀ ଦିନରେ ବିଜେପି ଏପରି ଉଦ୍ୟମରୁ କ୍ଷାନ୍ତ ରହିବାକୁ ସେ ଦାବି କରିଛନ୍ତି। ନଚେତ୍ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଡ. ମହାନ୍ତି ଚେତାବନୀ ଦେଇଛନ୍ତି।

# ଡ. ନୃସିଂହ ଷଡ଼ଙ୍ଗୀଙ୍କୁ ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ

## ବ୍ୟାସକବିଙ୍କ ସାହିତ୍ୟ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ: ମନ୍ତ୍ରୀ

**ଭୁବନେଶ୍ୱର,୧୪।୧(ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବିଶିଷ୍ଟ ଗବେଷକ ତଥା ପ୍ରାବନ୍ଧିକ ଡ. ନୃସିଂହ ଚରଣ ଷଡ଼ଙ୍ଗୀଙ୍କୁ 'ବ୍ୟାସକବି ଫକୀର ମୋହନ ଓଡ଼ିଆ ଭାଷା ସମ୍ମାନ-୨୦୨୧' ପ୍ରଦାନ କରାଯାଇଛି। ଆଜି ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ଉପଲକ୍ଷେ ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ରହି ଡ. ନୃସିଂହ ଚରଣ ଷଡ଼ଙ୍ଗୀଙ୍କୁ 'ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ'ରେ ସମ୍ମାନିତ କରିଛନ୍ତି। ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର, ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଉତ୍କୃଷ୍ଟ ଓ ନିରନ୍ତର କାର୍ଯ୍ୟ, ଗବେଷଣା ଏବଂ ସାମଗ୍ରିକ ସାହିତ୍ୟ କୃତି ଆଦିକୁ ବିଚାରକୁ ନେଇ ଡ. ଷଡ଼ଙ୍ଗୀଙ୍କୁ ଏହି ସମ୍ମାନ ସହ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି, ଅଙ୍ଗବସ୍ତ୍ର ଓ ତାମ୍ର ଫଳକ ପ୍ରଦାନ କରାଯାଇଛି।



କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନରେ ସମ୍ମାନିତ ହୋଇଥିବା ଡ. ଷଡ଼ଙ୍ଗୀଙ୍କୁ ମନ୍ତ୍ରୀ ଶ୍ରୀ ସୂରଜ ଅଭିନନ୍ଦନ ଜଣାଇବା ସହ ଏହି ସମ୍ମାନ ସାହିତ୍ୟ ଜଗତରେ ସାରସ୍ୱତ ସର୍ଜନା ଓ ଗବେଷଣାକୁ ପ୍ରୋତ୍ସାହନ ଦେବ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ସେହିପରି ବ୍ୟାସକବିଙ୍କ ସାହିତ୍ୟ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ମଧ ଶ୍ରୀ ସୂରଜ କହିଛନ୍ତି। ଏହି ଅବସରରେ ଡ. ଷଡ଼ଙ୍ଗୀ ତାଙ୍କ ଅଭିଭାଷଣରେ ବ୍ୟାସକବି ଫକୀରମୋହନଙ୍କ ସାହିତ୍ୟ କୃତୀ ଉପରେ ଆଲୋକପାତ କରିବା ସହ ଏହା ସଦାସର୍ବଦା ତାଙ୍କୁ ପ୍ରେରଣା ଯୋଗାଇ ଆସିଛି ବୋଲି ସେ କହିଛନ୍ତି। ଆଜିର କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ 'ରାଜକବି ଗୋବିନ୍ଦ ଭଞ୍ଜ ଗ୍ରନ୍ଥାବଳୀ' ଓ 'ସାହିତ୍ୟିକ ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ)' ପୁସ୍ତକ ଉନ୍ମୋଚିତ ହୋଇଥିଲା। ବିଶିଷ୍ଟ କଥାଶିଳ୍ପୀ ଓ ଔପନ୍ୟାସିକ ଶାନ୍ତନୁ ଆଚାର୍ଯ୍ୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

# ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ବିଏମ୍‌ସିର ସିବିଜି ପ୍ଲାଣ୍ଟ୍

## ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବଙ୍କ କ୍ଷେତ୍ର ପରିଦର୍ଶନ

**ଭୁବନେଶ୍ୱର,୧୪।୧(ସଂଚାର ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ଖୁବ ଶୀଘ୍ର କାର୍ଯ୍ୟକ୍ଷମ ହେବ କମ୍ପ୍ରେସଡ୍ ବାୟୋ ଗ୍ୟାସ୍ (ସିବିଜି) ପ୍ଲାଣ୍ଟ। ଆଜି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସିବିଜି ପ୍ଲାଣ୍ଟ କ୍ଷେତ୍ର ବୁଲି ଦେଖିଛନ୍ତି। ତାଙ୍କ ସହ କ୍ଷେତ୍ର ପରିଦର୍ଶନ ସମୟରେ ବିଏମ୍‌ସିର ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀ, ଅଏଲ୍ ଇଣ୍ଡିଆର ଅଧିକାରୀ ଓ ପ୍ଲାଣ୍ଟ ନିର୍ମାଣକାରୀ ସଂସ୍ଥାର କର୍ମଚାରୀ ଉପସ୍ଥିତ ଥିଲେ। ସିବିଜି ପ୍ଲାଣ୍ଟର ବିଭିନ୍ନ ଅଞ୍ଚଳ ବୁଲି ଦେଖିବା ସହ ଶ୍ରୀମତୀ ପାଢ଼ୀ ନକ୍ସା ଓ ପ୍ଲାନିଂର ତଦାରଖ କରିଥିଲେ। ତେବେ ପରିବେଶର ସୁରକ୍ଷା, ସବୁଜ ବଳୟ ସୃଷ୍ଟି ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଯାନବାହନ ଚଳାଚଳ ଓ ଓଦା ବର୍ଜ୍ୟ ଅନଲୋଡିଂ, ତା'ର ସଂରକ୍ଷଣ, ପ୍ରକ୍ରିୟାକରଣ ଆଦି ସମ୍ପର୍କରେ ସେ ପଚାରି ବୁଝିଥିଲେ। ଏହାଛଡ଼ା କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ସେ ଅଏଲ୍ ଇଣ୍ଡିଆ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଓଦା ବର୍ଜ୍ୟରୁ ବାୟୋ ଗ୍ୟାସ୍ ଉତ୍ପାଦନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଏମ୍‌ସି ଓ ଅଏଲ ଇଣ୍ଡିଆ ମଧ୍ୟରେ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା।



# ଯୁକ୍ତ ଦୁଇ, ପରୀକ୍ଷା ପୂର୍ବରୁ ନାମଲେଖା



**ଭୁବନେଶ୍ୱର,୧୪।୧(ସଂଚାର ବ୍ୟୁରୋ):** ଚଳିତ ଶିକ୍ଷାବର୍ଷରେ ମାଟ୍ରିକ ପରୀକ୍ଷା ପାଇଁ ଛାତ୍ରଛାତ୍ରୀମାନେ ପ୍ରସ୍ତୁତ ହେଉଥିବା ବେଳେ କେତେକ ଶିକ୍ଷାନୁଷ୍ଠାନରେ କିନ୍ତୁ ଯୁକ୍ତ ଦୁଇ ନାମଲେଖା ଆରମ୍ଭ ହୋଇଗଲାଣି। ଏହିସବୁ ଘରୋଇ ଶିକ୍ଷାନୁଷ୍ଠାନମାନେ ମୋଟା ଅଙ୍କର ଅର୍ଥ ନେବା ସହିତ ପିଲାଙ୍କ ପାଇଁ ଆସନ ସଂରକ୍ଷିତ କରିବାରେ ଲାଗିଛନ୍ତି। ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଯୁକ୍ତ ଦୁଇରେ ନାମଲେଖା ଆରମ୍ଭ ହୋଇଥାଏ। ଏଥିପାଇଁ ସାମ୍‌ସରେ ବିଜ୍ଞାପନ ପ୍ରକାଶ ପାଇବା ସହିତ ଆବେଦନ କରିବାକୁ ପରାମର୍ଶ ଦିଆଯାଇଥାଏ। ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ଏହି ନାମଲେଖାକୁ ନିୟନ୍ତ୍ରଣ କରିଥାନ୍ତି। ଫଳରେ ମେଧାବୀ ଛାତ୍ରଛାତ୍ରୀମାନେ ସେମାନଙ୍କ ମନ ପସନ୍ଦର ଶିକ୍ଷାନୁଷ୍ଠାନରେ ପଢିବାର ସୁଯୋଗ ପାଇଥାନ୍ତି।

ହେଲେ କିଛି ନାମୀଦାମୀ ଘରୋଇ ଶିକ୍ଷାନୁଷ୍ଠାନ ଏବେଠାରୁ ଯୁକ୍ତ ଦୁଇ ପାଇଁ ନାମଲେଖା ଆରମ୍ଭ କରିଦେଇଛନ୍ତି। ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକମାନଙ୍କୁ ପ୍ରବର୍ତ୍ତାଇ ନାମଲେଖା ପ୍ରକ୍ରିୟା ଆରମ୍ଭ କରିଥିବାବେଳେ ଏହାକୁ ଅତ୍ୟନ୍ତ ଗୁପ୍ତ ରଖାଯାଉଛି। ପରୀକ୍ଷା ସରିବା ପରେ ଫଳ ପ୍ରକାଶନ ପୂର୍ବରୁ ଏହିସବୁ ଶିକ୍ଷାନୁଷ୍ଠାନରେ ଯୁକ୍ତ ଦୁଇ ପାଠପଢ଼ା ଆରମ୍ଭ ହୋଇଯିବ। ଏଥିସହ କେତେକ କୋଚିଂ ସେଣ୍ଟର ମଧ ପିଲାଙ୍କ ଯୁକ୍ତ ଦୁଇ ନାମ ଲେଖା ପାଇଁ ଲାଗି ପଡ଼ିଛନ୍ତି। ଏହିସବୁ କେନ୍ଦ୍ରରେ କୋଚିଂ ପାଇଁ ଯେଉଁମାନେ ନାମ ଲେଖାଉଛନ୍ତି, ଘରୋଇ ଶିକ୍ଷାନୁଷ୍ଠାନରେ ସେମାନେ କିଭଳି ଯୁକ୍ତ ଦୁଇ ପଢ଼ିବେ, ତା'ର ବ୍ୟବସ୍ଥା କରିଦେଉଛନ୍ତି। ଫଳରେ ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ଏବେ ଶତାଧିକ ଛାତ୍ରଛାତ୍ରୀ ଆଗତୁରା ମାଟ୍ରିକ ପରୀକ୍ଷା ପୂର୍ବରୁ ନାମ ଲେଖାରେ ଲାଗି ପଡିଛନ୍ତି। ଶିକ୍ଷାବିତ୍‌ମାନଙ୍କ ମତରେ ଘରୋଇ ଶିକ୍ଷାନୁଷ୍ଠାନର ଏଭଳି ଆଗତୁରା ନାମଲେଖା ଅନେକ ମେଧାବୀଙ୍କୁ ହତୋତ୍ସାହ କରାଯିବା ସହ ଉଚ୍ଚଶିକ୍ଷା କ୍ଷେତ୍ରରେ ଅସମାନତା ସୃଷ୍ଟି କରିବ। କାରଣ ଆର୍ଥିକ ଅନଗ୍ରସର ଶ୍ରେଣୀର ଯେଉଁ ଛାତ୍ରଛାତ୍ରୀମାନେ ଅଧିକ ନମ୍ବର ରଖି ଏହିସବୁ ଘରୋଇ ଶିକ୍ଷାନୁଷ୍ଠାନରେ ପଢ଼ିବାରେ ଲକ୍ଷ୍ୟ ରଖିଛନ୍ତି ସେମାନେ ଆଉ ସୁଯୋଗ ପାଇବେ ନାହିଁ। ଯୁକ୍ତ ଦୁଇ ପାଠପଢ଼ା ଏବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ହାତରେ ରହିଥିବାବେଳେ ତୁରନ୍ତ ଏଭଳି ଆଗୁଆ ନାମଲେଖା ଉପରେ ନଜର ରଖିବାକୁ ମତ ପ୍ରକାଶ ପାଉଛି। ଘରୋଇ ଯୁକ୍ତ ଦୁଇ ଶିକ୍ଷାନୁଷ୍ଠାନ ଓ କିଛି କୋଚିଂ ସେଣ୍ଟର ଯେଭଳି ନିଜ ନିଜର ବ୍ୟବସାୟ ପାଇଁ ଆଗତୁରା ନାମଲେଖା ପର୍ବ ଆରମ୍ଭ କରିଛନ୍ତି ତାହା ଆଗାମୀ ଦିନରେ ବହୁ ମେଧାବୀଙ୍କ ବାଟ ଓଗାଳିବା ଏକପ୍ରକାର ନିଶ୍ଚିତ। ସମସ୍ତ ଯୁକ୍ତ ଦୁଇ ଶିକ୍ଷାନୁଷ୍ଠାନ ସାମସ୍ ଅଧିନରେ ଆସୁଥିବା ବେଳେ ଆଗତୁରା କିଭଳି ଯୁକ୍ତ ଦୁଇରେ ସ୍ଥାନ ସଂରକ୍ଷଣ ଓ ନାମଲେଖା ସହିତ ପାଠପଢ଼ା ହୋଇପାରୁଛି, ତାହା ଏବେ ଅନେକ ଶିକ୍ଷାବିତ୍‌ଙ୍କୁ ଆଶ୍ଚର୍ଯ୍ୟ ଚକିତ କରିବା ସହ ଏହାର ବିଧିବଦ୍ଧ ତଦନ୍ତ ପାଇଁ ସେମାନେ ମତ ରଖୁଛନ୍ତି। (ତଥ୍ୟ)

# ଫକୀର ମୋହନଙ୍କ ସ୍ମୃତିରେ ମାଲ୍ୟାର୍ପଣ



**ଭୁବନେଶ୍ୱର,୧୪।୧(ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସାମାଜିକ ଚେତନାର ବିକାଶରେ ଯାହାଙ୍କ ଅବଦାନ ଅତୁଳନୀୟ, ସେହି ଓଡ଼ିଆ ସାହିତ୍ୟର ଜନକ ବ୍ୟାସକବି ଫକୀର ମୋହନ ସେନାପତି ନିଜ ସୃଜନଶୀଳତା, ସାମାଜିକ ଦୃଷ୍ଟିକୋଣ ଓ ସାହସୀ ଲେଖନୀ ମାଧ୍ୟମରେ ଓଡ଼ିଆ ଭାଷାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲେ। ଓଡ଼ିଆ ଭାଷାର ସ୍ୱାଭିମାନ, ସାମାଜିକ ସତ୍ୟ ଓ ମାନବିକ ମୂଲ୍ୟବୋଧକୁ ନିଜ ସାହିତ୍ୟ ମାଧ୍ୟମରେ ଉଜାଗର କରି ସେ ଓଡ଼ିଶାର ସାହିତ୍ୟ ଇତିହାସରେ ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିଥିଲେ। ତାଙ୍କର ସାହିତ୍ୟକ ଅବଦାନ ଓ ଭାଷା ପ୍ରତି ସମର୍ପଣ ଆଜି ମଧ ଓଡ଼ିଆ ଜାତି ପାଇଁ ଏକ ଅମୂଲ୍ୟ ପ୍ରେରଣା ସ୍ରୋତ ରୂପେ ରହିଛି। ଆଜି ସେହି ମହାନ ସାହିତ୍ୟକଙ୍କ ଜୟନ୍ତୀ ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାର ଛକସ୍ଥିତ ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମାଲ୍ୟାର୍ପଣ କରାଯାଇଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଂଚାର

୪ ଗୁରୁବାର ୧୫ ଜାନୁଆରୀ ୨୦୨୬, ଭୁବନେଶ୍ୱର
Thursday 15 January 2026, Bhubaneswar


# ଟ୍ରମ୍ପଙ୍କ କଟକଣା ଆଣିଦେବ ନୂଆ ସୁଯୋଗ

ବର୍ତ୍ତମାନର ବିଶ୍ୱ ବାଣିଜ୍ୟ ପରିପ୍ରେକ୍ଷୀରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ପ୍ରସ୍ତାବିତ ବା ଲାଗୁ କରାଯାଇଥିବା 'ଟାରିଫ୍' ବା ଶୁଳ୍କ ନୀତି ଚର୍ଚ୍ଚାର ବିଷୟ ପାଲଟିଛି। ଯଦିଓ ଏହା ବିଶ୍ୱ ବଜାରରେ କିଛିଟା ଅସ୍ଥିରତା ସୃଷ୍ଟି କରିଛି, କିନ୍ତୁ ଭାରତ ପାଇଁ ଏହା ଏକ ବିରାଟ ସୁଯୋଗ ଭାବରେ ଉଭା ହୋଇଛି। ଟ୍ରମ୍ପଙ୍କ ନୀତି ଅନୁଯାୟୀ ଚୀନ୍‌ରୁ ଆମଦାନୀ ହେଉଥିବା ଦ୍ରବ୍ୟ ଉପରେ ଅତ୍ୟଧିକ ଶୁଳ୍କ ଲଗାଯାଉଛି। ଏହାଫଳରେ ଆମେରିକୀୟ କମ୍ପାନୀଗୁଡ଼ିକ ଚୀନ୍ ବ୍ୟତୀତ ଅନ୍ୟ ଏକ ବିକଳ୍ପ ଦେଶ ଖୋଜୁଛନ୍ତି। ଭାରତ ନିଜର ବିଶାଳ ବଜାର, ଦକ୍ଷ ଶ୍ରମିକ ଏବଂ ସରକାରୀ ପ୍ରୋତ୍ସାହନ ଯୋଗୁଁ ଏହି କମ୍ପାନୀଗୁଡ଼ିକ ପାଇଁ ପ୍ରଥମ ପସନ୍ଦ ପାଲଟିଛି।

ଟ୍ରମ୍ପଙ୍କ ଟାରିଫ୍ ଯୋଗୁଁ ବିଶ୍ୱର ବଡ଼ ବଡ଼ ବ୍ରାଣ୍ଡ ଯଥା ଆପଲ୍, ସାମସଙ୍ଗ ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ସ କମ୍ପାନୀଗୁଡ଼ିକ ଭାରତରେ ସେମାନଙ୍କର କାରଖାନା ସ୍ଥାପନ କରୁଛନ୍ତି। ଏହା 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନକୁ ଅଧିକ ଶକ୍ତିଶାଳୀ କରୁଛି।

ଆମେରିକା ଯେତେବେଳେ ଚୀନ୍ ସହିତ ବ୍ୟାପାର କମାଉଛି, ସେତେବେଳେ ଭାରତର ରପ୍ତାନିକାରୀମାନଙ୍କ ପାଇଁ ଏକ ବଡ଼ ସୁଯୋଗ ସୃଷ୍ଟି ହେଉଛି। ବିଶେଷ କରି ଚୀନ୍‌ର ପୋଷାକ ବଜାର ଉପରେ କଟକଣା ଲାଗିଲେ ଭାରତୀୟ କପଡ଼ା ଶିଳ୍ପ ଅଧିକ ଲାଭବାନ ହେବ। ଭାରତରୁ ଜେନେରିକ୍ ଔଷଧ ଆମେରିକାକୁ ଅଧିକ ପରିମାଣରେ ରପ୍ତାନି ହୋଇପାରିବ। ଭାରତୀୟ ଯନ୍ତ୍ରାଂଶ ଶିଳ୍ପ ପାଇଁ ଆମେରିକା ଏକ ବଡ଼ ବଜାର ଭାବେ ସାମ୍ନାକୁ ଆସିଛି।

ଭାରତୀୟ ଚାଉଳ, ସାମୁଦ୍ରିକ ଖାଦ୍ୟ ଏବଂ ମସଲା ପାଇଁ ଆମେରିକା ବଜାରରେ ଚାହିଦା ବଢ଼ିବାର ସମ୍ଭାବନା ରହିଛି। ଯଦିଓ ଶୁଳ୍କ ସମ୍ବନ୍ଧୀୟ କିଛି ଚ୍ୟାଲେଞ୍ଜ ରହିଛି, ତଥାପି ଗୁଣବତ୍ତା ରକ୍ଷା କଲେ ଭାରତ ଚୀନ୍ ଏବଂ ଅନ୍ୟ ଦେଶକୁ ପଛରେ ପକାଇ ପାରିବ। ଆମେରିକା ଏବଂ ଭାରତର ସମ୍ପର୍କ ବର୍ତ୍ତମାନ ଏକ ସନ୍ତୁଳିତ ସ୍ଥିତିରେ ଅଛି। ପ୍ରତିରକ୍ଷା ଏବଂ ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସହଭାଗିତା ବଢ଼ୁଥିବାରୁ ବାଣିଜ୍ୟିକ ଶୁଳ୍କ କ୍ଷେତ୍ରରେ ଭାରତ କିଛିଟା କୋହଳ ସୁବିଧା ପାଇବା ସହିତ ନିଜର ଅର୍ଥନୀତିକୁ ସୁଦୃଢ଼ କରିପାରିବ।

ଅନ୍ୟ ପକ୍ଷରେ ଟ୍ରମ୍ପଙ୍କ ପ୍ରତିଦିନ ନୂତନ ବାଣିଜ୍ୟ



ନୀତି ଏବଂ 'ଟାରିଫ୍' ବା ଆମଦାନୀ ଶୁଳ୍କ ବୃଦ୍ଧିର ଧମକ ସମଗ୍ର ବିଶ୍ୱ ଅର୍ଥନୀତିରେ ଏକ ଆଲୋଡ଼ନ ସୃଷ୍ଟି କରିବାରେ ଲାଗିଛି। ବିଶେଷ କରି ଭାରତ ଭଳି ଏକ ବୃହତ ରପ୍ତାନିକାରୀ ଦେଶ ପାଇଁ ଏହା ଚିନ୍ତାର ବିଷୟ ପାଲଟିଛି। ତେବେ ଆଜିକାର କଟକଣା ଭାରତ ପାଇଁ ଆଗାମୀ ଦିନରେ ନୂଆ ସୁଯୋଗ ଆଣିଦେବାର ସମ୍ଭାବନା ବି ସୃଷ୍ଟି କରିଛି।

ରାଷ୍ଟ୍ରପତି ଟ୍ରମ୍ପ ନିକଟରେ ଇରାନ ସହିତ ବାଣିଜ୍ୟ କରୁଥିବା ଦେଶଗୁଡ଼ିକ ଉପରେ ୨୫ ପ୍ରତିଶତ ଅତିରିକ୍ତ ଶୁଳ୍କ ଲଗାଇବାକୁ ଘୋଷଣା କରିଛନ୍ତି। ଏହା ପୂର୍ବରୁ ଭାରତରୁ ଆମେରିକା ଯାଉଥିବା ସାମଗ୍ରୀ ଉପରେ ରୁଷଠାରୁ ତେଲ କିଣିବା ଏବଂ ବାଣିଜ୍ୟିକ ନିଅଣ୍ଟ କାରଣରୁ ପାଖାପାଖି ୫୦ ପ୍ରତିଶତ ଶୁଳ୍କ ଲାଗୁ ହୋଇସାରିଛି। ଯଦି ଏହି ନୂତନ ୨୫ ପ୍ରତିଶତ ଶୁଳ୍କ ଯୋଗ କରାଯାଏ, ତେବେ ଭାରତୀୟ ସାମଗ୍ରୀ ଉପରେ ମୋଟ ଶୁଳ୍କ ୭୫ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିପାରେ, ଯାହା ବିଶ୍ୱରେ ସର୍ବାଧିକ।

ଟ୍ରମ୍ପ ଶୁଳ୍କ ଲାଗୁ ଦ୍ୱାରା ଭାରତୀୟ ଅର୍ଥନୀତିର ବିଭିନ୍ନ କ୍ଷେତ୍ରକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। ଏହି ମଧ୍ୟରେ ରହିଛି ରପ୍ତାନି କ୍ଷେତ୍ରରେ ବାଧା ଉପୁଜିବାର ଆଶଙ୍କା। ଭାରତ ପାଇଁ ଆମେରିକା ହେଉଛି ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର। ଶୁଳ୍କ ବୃଦ୍ଧି ପାଇଲେ ଆମେରିକୀୟ ବଜାରରେ ଭାରତୀୟ ସାମଗ୍ରୀର ମୂଲ୍ୟ ବଢ଼ିଯିବ ଫଳରେ ଭାରତର ବୃହତ ବୟନ ଶିଳ୍ପ ବହୁଳ ଭାବେ ପ୍ରଭାବିତ ହେବା ସହିତ ହୀରା ଓ ସୁନା ଅଳଙ୍କାର ରପ୍ତାନିରେ ବଡ଼ ଧରଣର ହ୍ରାସ ଘଟିପାରେ। ଆମେରିକୀୟ ବଜାରରେ ଭାରତୀୟ ଚିଙ୍ଗୁଡ଼ିର ଚାହିଦା କମିବାର ଭୟ ମଧ୍ୟ ରହିଛି।

ଅନ୍ୟ କ୍ଷେତ୍ରଗୁଡ଼ିକ ମଧ୍ୟରେ ଆଇଟି ଏବଂ ସେବା କ୍ଷେତ୍ର ମଧ୍ୟ ପ୍ରଭାବିତ ହୋଇପାରେ । ଭାରତର ଆଇଟି କମ୍ପାନୀଗୁଡ଼ିକ ସେମାନଙ୍କର ଅଧିକାଂଶ ରାଜସ୍ୱ ଆମେରିକାରୁ ପାଇଥାନ୍ତି। ବାଣିଜ୍ୟିକ ତିକ୍ତତା ବଢ଼ିଲେ ଆମେରିକୀୟ କମ୍ପାନୀଗୁଡ଼ିକ ଭାରତରେ ପୁଞ୍ଜି ନିବେଶ କରିବାକୁ ପଛଘୁଞ୍ଚା ଦେଇପାରନ୍ତି, ଯାହା ନିଯୁକ୍ତି ସୁଯୋଗକୁ କମାଇ ଦେଇପାରେ।

ରଣନୈତିକ ସମ୍ପର୍କ ଓ ଚାବାହାର ବନ୍ଦରକୁ ନେଇ ଆଶଙ୍କା ଦେଖାଦେଇଛି । ଭାରତ ଓ ଇରାନ ମଧ୍ୟରେ ଥିବା ସମ୍ପର୍କ ଏବଂ ଚାବାହାର ବନ୍ଦର ପ୍ରକଳ୍ପ ଉପରେ ଏହି ନୀତିର କୁପ୍ରଭାବ ପଡ଼ିପାରେ। ଆମେରିକାର କଟକଣା ଭୟରେ ଭାରତକୁ ଇରାନ ସହ ବାଣିଜ୍ୟିକ ଦୂରତା ବଜାୟ ରଖିବାକୁ ପଡ଼ିପାରେ, ଯାହା ମଧ୍ୟ-ଏସିଆ ସହ ବାଣିଜ୍ୟିକ ଯୋଗାଯୋଗରେ ବାଧା ସୃଷ୍ଟି କରିବ। ଏଭଳି ସ୍ଥିତିରେ ଭାରତ ସରକାର ଓ ଭାରତର ବ୍ୟବସାୟୀ ସଂସ୍ଥାଗୁଡ଼ିକ କି ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଉପରେ ସମଗ୍ର ବିଶ୍ୱର ନଜର ରହିଛି।

# ଛିଙ୍କିବା ସମୟରେ ଆଖି ବନ୍ଦ ହୋଇଯାଏ କାହିଁକି?



**ନାରାୟଣ ଚନ୍ଦ୍ର ବିଶ୍ୱାଳ**

ଏବେ ଥଣ୍ଡାର ପ୍ରକୋପ ବଢ଼ିଛି। ଚାରିଆଡ଼େ କୁହୁଡ଼ିର ପ୍ରାଦୁର୍ଭାବ ଏଣେ ବାୟୁ ପ୍ରଦୂଷଣକୁ ନେଇ ସବୁଠି ଏକ ପ୍ରକାର ଆତଙ୍କ ଜନିତ ପରିବେଶ। ଛିଙ୍କିବା ଆମ ଶରୀରର ଏକ ପ୍ରାକୃତିକ ପଦ୍ଧତି, ଯାହାଦ୍ୱାରା ନାକ ନିଜକୁ ସଫା କରିଥାଏ। ଯେବେ ଆମ ନାକ ବା ଶ୍ୱସନ ତନ୍ତ୍ରରେ ଧୂଳି, ପରାଗ, ଧୂଆଁ ଅଥବା ଅନ୍ୟ କୌଣସି ବାହ୍ୟ ଅବାଞ୍ଛିତ କଣିକା ପ୍ରବେଶ କରେ, ଏହାକୁ ବାହାର କରିବା ଲାଗି ନାକର କୋମଳ ଆସ୍ତରଣ ସକ୍ରିୟ ହୋଇଯାଏ। ଏକ ସଙ୍କେତ ରୂପରେ ଏହି ବାର୍ତ୍ତା ଆମର ମସ୍ତିଷ୍କ ପର୍ଯ୍ୟନ୍ତ ପହଞ୍ଚିଥାଏ। ମସ୍ତିଷ୍କକୁ ଏହି ସଙ୍କେତ ମିଳିବା କ୍ଷଣି ମସ୍ତିଷ୍କ ଶରୀରକୁ ଛିଙ୍କିବା ପାଇଁ ନିର୍ଦ୍ଦେଶ ଦିଏ। ଛିଙ୍କ ହୁଏ। ଆଉ ଛିଙ୍କିବା ସମୟରେ ଆଖି ବନ୍ଦ ହୋଇଯାଏ, ଜିଭ ଉପରକୁ ଉଠିଯାଏ ଓ ଶରୀରର ମାଂସପେଶୀ ସଙ୍କୋଚିତ ହୋଇଯାଏ। ଏହି ପୁରା ପ୍ରକ୍ରିୟା କେଇ ସେକେଣ୍ଡ ଭିତରେ ସମ୍ପୂର୍ଣ୍ଣ ହୋଇଯାଏ।

ଆମ ନାକରେ ଏକ ପତଳା ଆର୍ଦ୍ର ଆସ୍ତରଣ ଥାଏ, ଯାହାକୁ ମ୍ୟୁକସ୍ ଝିଲି କୁହାଯାଏ। ଏହି ଆସ୍ତରଣରେ ଅନେକ ଛୋଟ ଛୋଟ କୋଷ ଥାଏ, ଯାହା କି ସହଜରେ ଯେ କୌଣସି ପରିବର୍ତ୍ତନକୁ ଅନୁଭବ କରିନିଏ। ଯେତେବେଳେ କୌଣସି ଧୂଳି ଅବା ପରାଗ କଣିକା ଏହି ଆସ୍ତରଣକୁ ଛୁଏଁ କୋଷ ଗୁଡ଼ିକ ସକ୍ରିୟ ହୋଇଯାଏ ଓ ମସ୍ତିଷ୍କକୁ ସଙ୍କେତ ପଠାଏ। ଆଉ ମସ୍ତିଷ୍କ ଶରୀରକୁ ଆଦେଶ ଦିଏ କି ସେ ଛିଙ୍କୁ ଓ ହଇରାଣ କରୁଥିବା ବସ୍ତୁ ବାହାରକୁ ବାହାରିଯାଉ।

କେବେ କେବେ ଧୂଳି ଅବା ପାଉଡ଼ର ଭଳି କଣିକା ନାକକୁ ଚାଲିଯାଏ ଓ ନାକରେ ଜ୍ୱଳନ ହୁଏ, ଯାହାକି ଛିଙ୍କର କାରଣ ସାଜେ। ଏହାବାଦ ଆଲର୍ଜି ଓ ତୀବ୍ର ଆଲୋକ ମଧ ଛିଙ୍କିବାର କାରଣ ହୋଇପାରେ। ଏହି କଣିକା ଓ ଆଲର୍ଜି ନାକର ନର୍ଭଗୁଡ଼ିକୁ ସକ୍ରିୟ କରିଥାଏ। ଫଳରେ ଶରୀର ତାକୁ ବାହାର କରିବା ପାଇଁ ଛିଙ୍କ ହୁଏ। ଛିଙ୍କିବା ସମୟରେ ଆଖି ବନ୍ଦ ହେବା ପଛର କାରଣ ଛିଙ୍କ ମାଧ୍ୟମରେ ଆମ ନାକ ହାନିକାରକ କଣିକାଗୁଡ଼ିକୁ ବାହାରକୁ ବାହାର କରିଦେଇ ଶରୀରକୁ ସଂକ୍ରମଣରୁ ରକ୍ଷା କରେ। ପାଟିରୁ ଲକ୍ଷ ଲକ୍ଷ ମାଇକ୍ରୋବ୍ସ, ବ୍ୟାକ୍ଟେରିଆ ଓ କ୍ଷୁଦ୍ର କ୍ଷୁଦ୍ର କଣିକା ବାହାରିଯାଏ। ଯଦି ଆଖି ଖୋଲା ରହୁଥାନ୍ତା ତେବେ ଏହି ମାଇକ୍ରୋବ୍ସ ବ୍ୟାକ୍ଟେରିଆ ଓ କଣିକା ଗୁଡ଼ିକ ଆଖିର ସମ୍ବେଦନଶୀଳ ଅଂଶରେ ପହଞ୍ଚି ଯାଇଥାନ୍ତା। ଆଖି ବନ୍ଦ ହେବା ଯୋଗୁଁ ଆଖି ସଂକ୍ରମଣରୁ ବଞ୍ଚିଯାଏ। ଏହା ଏକ ପ୍ରୋଟେକ୍ଟିଭ ରିଫ୍ଲେକ୍ସ, ଯାହାକୁ ରୋଗ ହେବାର ଆଶଙ୍କାରୁ ବଞ୍ଚାଇ ଥାଏ। ଛିଙ୍କିବା ସମୟରେ ଆଖି ବନ୍ଦ ହେବା ଏକ ସାଧାରଣ କଥା। ଯେବେ ଆମେ ଛିଙ୍କୁ ଆମ ମସ୍ତିଷ୍କ ଆଖିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଏ। ଏହା ଏକ ଅନୈଚ୍ଛାକୃତ କ୍ରିୟା। ଅର୍ଥାତ୍ ଏହାକୁ ଆମେ ଆମ ଇଚ୍ଛାଦ୍ୱାରା ନିୟନ୍ତ୍ରଣ କରିପାରିବା ନାହିଁ। ଆମେ ଯେତେ ଚେଷ୍ଟା କଲେ ବି ଛିଙ୍କିବା ସମୟରେ ଆଖି ଖୋଲା ରଖିବା ଅସମ୍ଭବ।

ଛିଙ୍କିବା ସମୟରେ ଅନେକ ପରିବର୍ତ୍ତନ ହୁଏ। ମାଂସପେଶୀ ସଙ୍କୁଚିତ ହୋଇଯାଏ। ଆଉ ଏହା ଏବେ ତୀବ୍ର ଗତିରେ ହୁଏ ଯେ, ଲାଗେ ସତେ ଯେମିତି ହୃଦସ୍ପନ୍ଦନ ବନ୍ଦ ହୋଇଯାଏ କିଛି କ୍ଷଣ ପାଇଁ। ହେଲେ ହୃଦସ୍ପନ୍ଦନ ଅବିରତ ଚାଲିଥାଏ। ଛିଙ୍କ ହୋଇଗଲା ପରେ ସବୁକିଛି ସାଧାରଣ ଅବସ୍ଥାକୁ ଫେରିଆସେ। ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଛିଙ୍କକୁ ଆଦୌ ଅଟକାଇବା ଉଚିତ ନୁହେଁ। ଛିଙ୍କ ଏକ ପ୍ରାକୃତିକ ପଦ୍ଧତି, ଯାହାକି ଶରୀରର ହାନିକାରକ ପଦାର୍ଥ ଠାରୁ ଦୂରେଇବାରେ ସାହାଯ୍ୟ କରିଥାଏ। ଯେବେ ଛିଙ୍କ ଖୁବ ଜୋରରେ ଆସେ ଓ ଆପଣ ଏହାକୁ ଅଟକାନ୍ତି, ତେବେ ଏହା ଆଖି, ନାକ ଓ କାନ ପରଦାରେ ବ୍ଲଡ଼ ଭେସଲ୍ସ ଉପରେ ଚାପ ପକାଇପାରେ। ତେଣୁ ଯେତେବେଳେ ଛିଙ୍କ ଆସେ ଏହାକୁ ନିର୍ମାଳ ଭାବେ ହେବାକୁ ଦେବା ଉଚିତ। ଛିଙ୍କ ସହ ଜଡ଼ିତ ମାନ୍ୟତା ଭିନ୍ନ ଭିନ୍ନ ସଂସ୍କୃତିରେ ଛିଙ୍କକୁ ନେଇ ଅଲଗା ଅଲଗା ମାନ୍ୟତା ରହିଛି। କିଛି ସଂସ୍କୃତିରେ ଛିଙ୍କକୁ ସୌଭାଗ୍ୟର ପ୍ରତୀକ ଭାବେ ଗ୍ରହଣ କରାଯାଏ ତ ଅନ୍ୟ କେଉଁ ସଂସ୍କୃତିରେ ଏହାକୁ ଅଶୁଭ ମଣାଯାଏ। ଯେମିତି କି କିଛି ଏସୀୟ ସଂସ୍କୃତିରେ ଛିଙ୍କିବା ଅର୍ଥ କେହି ଆପଣଙ୍କ ପାଇଁ ଖରାପ ଚିନ୍ତା କରୁଛନ୍ତି ଧରାଯାଏ। କିଛି ପରମ୍ପରାରେ ଛିଙ୍କିବାବେଳେ 'ଗଡ଼ ବ୍ଲେସ୍ ୟୁ' କୁହାଯାଏ। କାରଣ ସେମାନଙ୍କ ମତରେ ଛିଙ୍କିବା ବେଳେ କିଛି ସମୟ ପାଇଁ ଆତ୍ମା ଶରୀର ଠାରୁ ବାହାରି ଯାଏ। ଆଉ ଗଡ଼ ବ୍ଲେସ ୟୁ କୁହାଯାଏ। ଆତ୍ମାକୁ ସୁରକ୍ଷିତ ଭାବେ ଶରୀର ଭିତରକୁ ଆଣିବା ପାଇଁ ଆଉ ଏକ ସିଦ୍ଧାନ୍ତ ଅନୁସାରେ ପ୍ରାଚୀନ ରୋମରେ ବ୍ୟୁବୋନିକ ପ୍ଲେଗ ପ୍ରକୋପରେ ଛିଙ୍କିବା ଏକ ସାଧାରଣ ଲକ୍ଷଣ ଥିଲା। ପୋପ ଗ୍ରେଗୋରୀ ୭ମ ପ୍ଲେଗରୁ ବଞ୍ଚିବା ଲାଗି ଛିଙ୍କିବା ପରେ ଗଡ଼ ବ୍ଲେସ ୟୁ କହିବାକୁ ପରାମର୍ଶ ଦେଇଥିଲେ। ଏମିତି ଭାବେ ଛିଙ୍କିବା କେବଳ ଶରୀରର ଏକ ପ୍ରାକୃତିକ ପଦ୍ଧତି ନୁହେଁ ବରଂ ଏହାର ସମ୍ପର୍କ ସହ ବି ରହିଛି। ତେବେ ଛିଙ୍କିବା ଏକ ସାଧାରଣ ସ୍ୱାସ୍ଥ୍ୟଗତ ପ୍ରକ୍ରିୟା ହୋଇପାରେ କିନ୍ତୁ ବାରମ୍ବାର ଛିଙ୍କ ଆପଣଙ୍କ ନାକର ଅଭ୍ୟନ୍ତରଜନିତ ସମସ୍ୟାକୁ ସୂଚୀତ କରୁଛି। ଏ କ୍ଷେତ୍ରରେ ତୁରନ୍ତ କର୍ଣ୍ଣ-ନାସା-ଗଳା ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।


**ବାକ୍‌ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ଼, କଟକ, ମୋବାଇଲ୍: ୯୪୩୮୨୭୬୭୬୦**


# ସ୍ଥଳସେନା ଦିବସ ଓ ତା'ର ଇତିହାସ

**ଡଃ ଅମୂଲ୍ୟ କୁମାର ପଣ୍ଡା**



ପ୍ରତିବର୍ଷ ଜାନୁୟାରୀ ୧୫ ତାରିଖକୁ ସ୍ଥଳସେନା ରୂପେ ଦିବସ ପାଳନ କରାଯାଇଥାଏ। ଦେଶର ସୀମାରେ ମୁତୟନ ବୀର ଯବାନଙ୍କ ବୀରତ୍ୱ, ଶୌର୍ଯ୍ୟ, ପରାକ୍ରମ, ସେବା, ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇବାର ଦିନଟିଏ। ଭାରତୀୟ ସେନାର ଏକ ପ୍ରମୁଖ ଅଙ୍ଗ ହେଉଛି ସ୍ଥଳ ସେନା ବା ପଦାତିକ ବାହିନୀ। ଭାରତୀୟ ସେନା ସର୍ବଦା ଦେଶର ସୁରକ୍ଷା ପାଇଁ ପ୍ରତିବଦ୍ଧ। ୧୯୪୯ରେ ଭାରତୀୟ ସ୍ଥଳସେନାକୁ ମିଳିଥିଲା ପ୍ରଥମ ସେନା ଅଧକ୍ଷ। ଫିଲ୍ଡ ମାର୍ଶଲ କରିୟପ୍ପା ହୋଇଥିଲେ ଭାରତୀୟ ସ୍ଥଳସେନାର ପ୍ରଥମ ଅଧକ୍ଷ। ତାଙ୍କରି ସମ୍ମାନରେ ଜାନୁୟାରୀ ୧୫ କୁ ଆର୍ମି ଡେ' ବା ସ୍ଥଳସେନା ଦିବସ ଭାବେ ଦେଶ ପାଳନ କରି ଆସୁଛି। ଭାରତୀୟ ସେନା ସୈନିକମାନେ ସିଆଚେନ୍‌ର ପରି ପ୍ରବଳ ଥଣ୍ଡାରେ ଜାତୀୟ ସୀମାରେ ଶାନ୍ତି ରକ୍ଷା କରନ୍ତି। ଯେଉଁଠାରେ ତାପମାତ୍ରା -୬୦ ଡିଗ୍ରୀକୁ ଖସିଯାଏ। ଏହା କେବଳ ଶତ୍ରୁ ନୁହେଁ ବରଫ ଏବଂ ଥଣ୍ଡା ପବନ ମଧ ଏକ ବଡ଼ ବିପଦ। ଏହି ପ୍ରତିଛବି ଭାରତୀୟ ସେନାର ଅଦମ୍ୟ ଶକ୍ତି ଏବଂ ଆତ୍ମାକୁ ଦର୍ଶାଏ। ସମସ୍ତ ଅସୁବିଧା ସତ୍ତ୍ୱେ ଜାତିର ସେବା କରିବା ହିଁ ଭାରତୀୟ ସେନାକୁ ସୂଚିତ କରେ। ଭାରତୀୟ ସେନା ମଧ ବିବିଧତା ମଧ୍ୟରେ ଏକତାର ପ୍ରକୃଷ୍ଟ ଉଦାହରଣ ଯେଉଁଠାରେ ରାଜ୍ୟ, ସହର, ଧର୍ମ, ଲିଙ୍ଗ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ନୁହେଁ, ଦେଶ ସେବା କରିବା ପାଇଁ ଶକ୍ତି, ଉତ୍ସାହ ଏବଂ ସାହସ ହିଁ ଗୁରୁତ୍ୱପୂର୍ଣ୍ଣ ଅଟେ। ରାଜା ରାଜୁଡା କାଳରେ ମାନେ ନିଜ ରାଜ୍ୟକୁ ସୁରକ୍ଷିତ ରଖିବା ପାଇଁ ନିଜସ୍ୱ ସୈନ୍ୟ ଶକ୍ତି ରଖୁଥିଲେ। ହେଲେ ପ୍ରଥମ ଥର ୧୯୭୬ ରେ ଦେଶରେ ବ୍ରିଟିଶ ସରକାର ତଥା ଇଷ୍ଟ ଇଣ୍ଡିଆ କମ୍ପାନୀ କୋଲକାତା ଠାରେ ସେନା ଗଠନ କରିଥିଲା। ପରେ ଏହାକୁ ବ୍ରିଟିଶ ଭାରତୀୟ ସେନା ଭାବେ ମାନ୍ୟତା ମିଳିଥିଲା। ଏହା ପରବର୍ତ୍ତୀ ସମୟରେ ଭାରତୀୟ ସ୍ଥଳସେନା ଭାବେ ମାନ୍ୟତା ପାଇଥିଲା।

ଆମ ଦେଶକୁ ସୁରକ୍ଷା ଦେବା ପାଇଁ ଆମ ସୈନିକଙ୍କ ପ୍ରତିବଦ୍ଧତା ଶକ୍ତି ଏବଂ ବଳିଦାନର ଏକ ଗର୍ବର ବିଷୟ। ପ୍ରତ୍ୟେକ ସୈନିକ ବୀରତ୍ୱ ଏବଂ ସେବାର ସର୍ବୋଚ୍ଚ ଆଦର୍ଶର ପ୍ରତୀକ, ଯିଏ ପ୍ରତ୍ୟେକ ଭାରତୀୟଙ୍କୁ ପ୍ରେରଣା ଦିଅନ୍ତି। ଭାରତୀୟ ସ୍ଥଳସେନା ହେଉଛି ଭାରତୀୟ ସଶସ୍ତ୍ର ସେନାର ସବୁଠାରୁ ବଡ଼ ଅଂଶ। ଦେଶକୁ ବାହ୍ୟ ଶତ୍ରୁଠାରୁ ସୁରକ୍ଷା ଦେବା ଏବଂ ଦେଶରେ ଏକତା ବଜାୟ ରଖିବା ଭାରତୀୟ ସ୍ଥଳସେନାର ପ୍ରଧାନ ଲକ୍ଷ୍ୟ। ବାହ୍ୟ ଆକ୍ରମଣରୁ ଦେଶକୁ ରକ୍ଷା କରିବା ,ସୀମାନ୍ତରେ ଶାନ୍ତି ରକ୍ଷା କରିବା, ପ୍ରାକୃତିକ ଦୁର୍ବିପାକ ସମୟରେ ସାଧାରଣ ଜନତାଙ୍କର ଉଦ୍ଧାର, ସେବା ଓ ସୁରକ୍ଷା ମଧ ଏହାର କାର୍ଯ୍ୟ ଅଟେ। ଆନ୍ତର୍ଜାତୀୟ ସାମରିକ ଅଧ୍ୟୟନ ସଂସ୍ଥାନ (INTERNATIONAL INSTITUTE FOR STRATEGIC STUDIES)(IISS) ଅନୁସାରେ ୨୦୧୦ରେ ସ୍ଥଳସେନାରେ ୧,୧୨୯, ୯୦୦ ଜଣ ସକ୍ରିୟ ସେନା (ACTIVE PERSONNEL) ଓ ୯୬୦,୦୦ ଜଣ ଆରକ୍ଷିତ ସେନା (RESERVE PERSONNEL) ରହିଛନ୍ତି।,ଏବେ ଏହା ବଢ଼ି ଯଥେଷ୍ଟ ଅଧିକ ହୋଇଯାଇଛି। ଭାରତୀୟ ସ୍ଥଳସେନାକୁ ବିଶ୍ୱର ସର୍ବ ବୃହତ୍ ସ୍ୱୈଚ୍ଛିକ ସେନାର ଗୌରବ ପ୍ରଦାନ କରିଛି।

ଏବେ ଆସନ୍ତୁ ଜାଣିବା କିଏ ଏହି ଫିଲ୍ଡ ମାର୍ଶଲ କେଏମ କରିୟପ୍ପା। ୧୯୪୭ ରେ ଦେଶ ସ୍ୱାଧୀନତା ହେବା ସତ୍ତ୍ୱେ ୧୯୪୯ ପର୍ଯ୍ୟନ୍ତ ଭାରତ ଉପରେ ବ୍ରିଟିଶ ସେନାର ପ୍ରଭୁତ୍ୱ ଥିଲା। ଅର୍ଥାତ ୧୯୪୯ ପର୍ଯ୍ୟନ୍ତ ଭାରତୀୟ ସେନାର ମୁଖ୍ୟଥିଲେ ବ୍ରିଟିଶ ସେନାଧକ୍ଷ। ସ୍ୱାଧୀନ ଭାରତର ଶେଷ ବ୍ରିଟିଶ ସେନାଧକ୍ଷ ଥିଲେ କମାଣ୍ଡର ଇନ ଚିଫ ଜେନେରାଲ ଫ୍ରାନ୍ସିସ ବୁଚର। ତାଙ୍କ ଠାରୁ



ଲେଫ୍ଟନାଣ୍ଟ କେଏମ କରିୟପ୍ପା (KM CARIAPPA) ନେଇଥିଲେ ଭାରତୀୟ ସେନାର ଦାୟିତ୍ୱ। ପରେ ଭାରତ-ପାକିସ୍ତାନ ଯୁଦ୍ଧ ବେଳେ ସେ ନେଇଥିଲେ ଭାରତୀୟ ସେନାର ନେତୃତ୍ୱ। ତାଙ୍କର ଦକ୍ଷତା ଓ ବୀରତ୍ୱକୁ ସମ୍ମାନ ଜଣାଇ ସରକାର ଲେଫ୍ଟନାଣ୍ଟ କେଏମ କରିୟପ୍ପାଙ୍କୁ ଫିଲ୍ଡ ମାର୍ଶଲ ଭାବେ ପଦନ୍ନୋତି ଦେଇଥିଲେ। ଫିଲ୍ଡ ମାର୍ଶଲ କରିୟପ୍ପା ଭାରତୀୟ ସେନାର ପ୍ରଥମ ଅଧିକାରୀ ଭାବରେ ପାଞ୍ଚ ତାରକା ମାନ୍ୟତା ପାଇଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ୧୯୪୭ ର ପ୍ରଥମ ଇଣ୍ଡୋ-ପାକ ଯୁଦ୍ଧରେ ସେନାର ନେତୃତ୍ୱ ନେଇଥିଲେ। ୧୯୧୯ ମସିହାରେ ଫିଲ୍ଡ ମାର୍ଶଲ କେଏମ କରିୟାପ୍ପା ଭାରତୀୟଙ୍କ ଗୋଷ୍ଠୀରେ ସେନା ପାଇଁ ମନୋନୀତ ହୋଇଥିଲେ। ଫିଲ୍ଡ ମାର୍ଶଲ କେଏମ କରିୟାପ୍ପାଙ୍କୁ 'ଅର୍ଡର ଅଫ ଦି ଲେଜିଅନ ଅଫ ମେରିଟ' ପ୍ରଦାନ କରାଯାଇଥିଲା। ବ୍ରିଟିଶ ରାଷ୍ଟ୍ରପତି ହ୍ୟାରି ଟ୍ରୁମାନଙ୍କ ଦ୍ୱାରା ଭାରତୀୟ ଜେନେରାଲକୁ ଦିଆଯାଇଥିବା ପ୍ରଥମ ପୁରସ୍କାର ଫିଲ୍ଡ ମାର୍ଶଲ କେଏମ କରିୟାପ୍ପା ପାଇଥିଲେ। ୧୯୮୩ ରେ ତାଙ୍କୁ ଫିଲ୍ଡ ମାର୍ଶଲ (ପାଞ୍ଚ ତାରକା) ମାନ୍ୟତା ଦିଆଯାଇଥିଲା। ଭାରତୀୟ ସେନାରୁ ଅବସର ନେବା ପରେ ଫିଲ୍ଡ ମାର୍ଶଲ କେଏମ କରିୟପ୍ପା ୧୯୫୬ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ଓ ନ୍ୟୁଜିଲ୍ୟାଣ୍ଡରେ ଭାରତୀୟ ହାଇ-କମିଶନର ଭାବେ କାର୍ଯ୍ୟ କରିଥିଲେ। ତାଙ୍କର ସାହସିକତା ଦକ୍ଷତା ସବୁବେଳେ ଭାରତୀୟ ସେନାର ପ୍ରେରଣା ହୋଇ ରହିଛି। ଫିଲ୍ଡ ମାର୍ଶଲ କେଏମ କରିୟପ୍ପା ସ୍ୱାଧିନ ଭାରତର ପ୍ରଥମ ସ୍ଥଳସେନା ଅଧକ୍ଷ ଭାବେ ୧୫ ଜାନୁୟାରୀରେ ଦାୟିତ୍ୱ ନେଇଥିଲେ। ଯାହା ଭାରତୀୟ ସେନା ପାଇଁ ଏକ ଐତିହାସିକ ଦିନ। ଯେତେବେଳେ ଫିଲ୍ଡ ମାର୍ଶଲ କେଏମ କରିୟପ୍ପା ସେନା ମୁଖ୍ୟ ଭାବେ ଦାୟିତ୍ୱ ନେଇଥିଲେ ସେତେବେଳେ ଭାରତୀୟ ସେନାର ସୈନ୍ୟ ସଂଖ୍ୟା ୨ ଲକ୍ଷ ଥିଲା। ଯାହା ବର୍ତ୍ତମାନ ୧୪ ଲକ୍ଷ ରୁ ଅଧିକ। କେଏମ କରିୟପ୍ପା ଭାରତୀୟ ସେନାରୁ ବର୍ଷ ୧୯୫୩ ରେ ଅବସର ନେଇଥିଲେ। ୯୪ ବର୍ଷ ବୟସରେ ୧୯୯୩ରେ ତାଙ୍କର ନିଧନ ହୋଇଥିଲା। ଭାରତୀୟ ସେନାରୁ ଅବସର ନେବା ପରେ ଫିଲ୍ଡ ମାର୍ଶଲ କେଏମ କରିୟପ୍ପା ୧୯୫୬ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲ୍ୟାଣ୍ଡରେ ହାଇ କମିଶନର ଭାବରେ କାର୍ଯ୍ୟ କରିଥିଲେ।

ସେ ନିଜର ସାହସିକତା ଏବଂ ଦକ୍ଷତା ପାଇଁ ଜଣାଶୁଣା ଥିଲେ ଆଗରୁ ସୌନ୍ୟମାନଙ୍କୁ ଆଗେଇ ନିଅ। ସେ ଥରେ କହିଥଲେ ଯେ ମୁଁ ଜଣେ ଭାରତୀୟ ଏବଂ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଜଣେ ଭାରତୀୟ ହୋଇ ରହିବି। ଜେନେରାଲ କେ ଏମ୍ କରିଆପ୍ପା ୧୯୪୭ ମସିହାରେ ପାକିସ୍ତାନ ବିରୁଦ୍ଧରେ ଯୁଦ୍ଧରେ ଅଦମ୍ୟ ସାହସ ଓ ଦମଦାର ନେତୃତ୍ୱର ପରିଚୟ ଦେଇଥିଲେ। ତାଙ୍କ ନେତୃତ୍ୱରେ ଭାରତ ଜୋଜିଲା, ଦ୍ରାସ ଓ କାରଗିଲରେ ପାକିସ୍ତାନୀ ସେନାକୁ ହରାଇଥିଲା।


**ଅରଙ୍ଗାବାଦ ବରୀ ଯାଜପୁର, ମୋବାଇଲ: ୮୨୪୯୫୦୨୭୭୬**


# ପାଞ୍ଚବର୍ଷରେ ବଟବୃକ୍ଷ: 'ୱାର୍ଲଡ ଓଡ଼ିଶା ସୋସାଇଟି'



**ଡଃ.ଅରୁନ୍ଧତୀ ଦେବୀ**

ଚିର ବନ୍ଦିତା, ଚର୍ଚ୍ଚିତା, ସ୍ନେହମୟୀ, ଚାରୁହାସମୟୀ, ଅନନ୍ୟ ଶୋଭାମୟୀ ଆମର ଏହି ଉତ୍କଳ ଜନନୀ। ପୁଣ୍ୟମାଟି ଏହି ଉତ୍କଳ ପ୍ରଦେଶ। ସଚରାଚର ବିଶ୍ୱର ଦେବତା ଆମ ବଡ଼ ଠାକୁର ଜଗତର ନାଥ ଜଗନ୍ନାଥଙ୍କର ଏହା ପବିତ୍ର ପୀଠ। ଏହାର କୋଣାର୍କର କଳା ବିଶ୍ୱକୁ ଚମତ୍କୃତ କରେ। ଧଉଳି ପାହାଡ଼ ଶୀର୍ଷରୁ ବୁଦ୍ଧବାଣୀ ଭାସି ଆସେ। ଏଇଠି ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ ସମ୍ରାଟ ଅଶୋକ ଏବଂ ଶାନ୍ତିର ପଥ ପ୍ରଦର୍ଶନ କରିଥିଲେ। ଓଡ଼ିଶାର ସାଧବ ପୁଅ ଦରିଆରେ ବୋଇତ ମେଲାଇ ଜଳ ପଥରେ ଦେଶବିଦେଶକୁ ଯାତ୍ରା କରି ବେପାରବଣିକ କରି ଧନାଧାନ୍ୟ ଆଣି ଓଡ଼ିଶାକୁ ସମୃଦ୍ଧ କରିଥିଲେ। ଆଜି ସେହି ଓଡ଼ିଶା ସେହି ବିକାଶକୁ ଅପେକ୍ଷା ରଖିଛି। ଦୁଇ ହଜାର ଛତିଶ ମସିହାରେ ଏହା ଗଠିତ ହେବାର ଶହେ ବର୍ଷରେ ପଦାର୍ପଣ କରିବ। ବିକଶିତ ଓଡ଼ିଶା, ସମୃଦ୍ଧ ଓଡ଼ିଶା, ସ୍ୱାଭିମାନୀ ଓଡ଼ିଶା ଗଠନ ପାଇଁ ଓ ସମଗ୍ର ପୃଥିବୀରେ ଓଡ଼ିଆ ଅସ୍ମିତାର ଜୟଗାନ ନିମନ୍ତେ ଗତ କୋଭିଡ଼ର କରାଳ ଛାୟା ଓ ଆତଙ୍କର ଅନ୍ଧକାର ମଧ୍ୟରୁ ଆଶାର ଆଲୋକ ଖେଳାଇ ଜନ୍ମ ନେଇଥିଲା ୨୦୨୧ ମସିହା ୧୪ ତାରିଖ ପବିତ୍ର ମକର ସଂକ୍ରାନ୍ତିର ଶୁଭ ଲଗ୍ନରେ ୱାଲର୍ଡ଼ ଓଡ଼ିଶା ସୋସାଇଟି। ସାରା ପୃଥିବୀରେ ଓଡ଼ିଶାର ମହାନ କଳା, ସଂସ୍କୃତି, ସ୍ଥାପତ୍ୟ, ସାହିତ୍ୟ, ପରମ୍ପରା, ଭାଷା, ଐତିହ୍ୟ, ମହାପ୍ରସାଦ, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଉତ୍କଳ ଜନନୀର ମହତ୍ତ୍ୱ ବିଶେଷତ୍ୱକୁ ବିଶ୍ୱ ଦରବାରରେ ପ୍ରସାରିତ କରିବା ତଥା ପ୍ରବାସୀ ଓଡ଼ିଆ ମାନଙ୍କ ସ୍ୱାର୍ଥରକ୍ଷା ଲାଗି ଏହି ସଂଗଠନ ବଳିଷ୍ଠ ପଦକ୍ଷେପ ନେବା ଏବଂ ବିକାଶର ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେବା ଏହାର ମଧ ଅନ୍ୟ କେତେକ ଉଦ୍ଦେଶ୍ୟ ଅଟେ। ଦିଲ୍ଲୀର ବିଶିଷ୍ଟ ସାମ୍ବାଦିକ ଶ୍ରୀ କିଶୋର ଦ୍ୱିବେଦୀ ଏହାର ଅଧକ୍ଷ ଦାୟିତ୍ୱ ବହନ କଲେ। ଏଡି ସମୟର ଓଡ଼ିଶା ବିଧାନସଭାର ମାନ୍ୟବର ବାଚସ୍ପତି ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର ହେଲା ମୁଖ୍ୟ ପୃଷ୍ଠପୋଷକ। ପ୍ରତିଷ୍ଠାତ୍ରୀ ହେଲେ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଗୁରୁମା ଡଃ.ଅରୁନ୍ଧତୀ ଦେବୀ।

୨୦୨୧ ଫେବୃଆରୀ ୧୫ ତାରିଖରେ ଏହାର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ଆନୁକୂଲ୍ୟରେ କୋଟିଆ ସମସ୍ୟା ଉପରେ ଆଲୋଚନା କରାଗଲା ଏବଂ ଓଡ଼ିଶା ଆନ୍ଧ୍ର ସୀମାରେ ବାସ କରୁଥିବା ଓଡ଼ିଆ କୋଟିଆ ଅଧ୍ୟୁଷିତ ଗ୍ରାମ ମାନଙ୍କରେ ସେମାନଙ୍କର ନିରାପତ୍ତା, ଉନ୍ନତି ଓ କଲ୍ୟାଣ ନିମନ୍ତେ କାର୍ଯ୍ୟକ୍ରମ ହାତକୁ ନେବା ସ୍ଥିର ହେଲା। ଚେୟାରମ୍ୟାନ ଶ୍ରୀ କିଶୋର ଦ୍ୱିବେଦୀ ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ସୁପ୍ରିମକୋର୍ଟରେ ଏକ ରିଟ ପିଟିସନ ଦାୟର କଲେ। ଦୁଇହଜାର ଏକୋଇଶ ଜୁନ ଉଣେଇଶ ତାରିଖରେ ଓସ୍ ଆନୁକୂଲ୍ୟରେ ଓଡ଼ିଆ ସମାଜ ଅଷ୍ଟ୍ରେଲିଆ ଏବଂ ଇଣ୍ଡିଆନ ଲିଭର ପେସେଣ୍ଟ ଫାଉଣ୍ଡେସନର ସହଭାଗିତାରେ ଆଭାସି ମାଧ୍ୟମରେ କରୋନା ସମୟରେ ମାନସିକ ଚାପର ପରିଚାଳନା ନିମନ୍ତେ ଏକ ଆନ୍ତର୍ଜାତିକ ସେମିନାର ଅନୁଷ୍ଠିତ ହେଲା। ଚଉଦ ଅଗଷ୍ଟ ଦୁଇହଜାର ଏକୋଇଶିରେ ଦେଶ ସ୍ୱାଧୀନତାର ଦିବସ ଅବ୍ୟବହିତ ପୂର୍ବରୁ ବିଶ୍ୱର ଓଡ଼ିଆ ମାନଙ୍କୁ ନେଇ ୱାର୍ଲଡ଼ ଓଡ଼ିଶା ସୋସାଇଟି ଓ ଓଡ଼ିଆତ୍ୱର ଅସ୍ମିତା ନାମକରଣରେ ଏକ ଆଭାସି ସଭା ସଫଳତାର ସହିତ ହୋଇପାରିଥିଲା। ଏହାର ଉଦଘାଟକ ଓଡ଼ିଶାର ମାନ୍ୟବର ବାଚସ୍ପତି ଥିବାବେଳେ ବିଶିଷ୍ଟ ଅତିଥି ଭାବେ ମାନ୍ୟବର କେନ୍ଦ୍ରମନ୍ତ୍ରୀ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ସୁପୁତ୍ର ଶ୍ରୀଯୁକ୍ତ ସୁନୀଲ ଶାସ୍ତ୍ରୀ, ମାନ୍ୟବର ସାଂସଦ କେନିଆ - ଡଃ ସ୍ୱରୂପ ରଞ୍ଜନ ମିଶ୍ର, ଓଡ଼ିଶାର କ୍ରୀଡ଼ା, ଯୁବବ୍ୟାପାର ଓ ଆଇଟି ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା, ହରିଜନ ସେବକ ସଂଘ ନୂଆଦିଲ୍ଲୀର ରାଷ୍ଟ୍ରୀୟ ଅଧକ୍ଷ ପ୍ରଫେସର ଡକ୍ଟର ଶଙ୍କର କୁମାର ସାନ୍ୟାଲ, ସୋଆ ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ଅଶୋକ କୁମାର ମହାପାତ୍ର, ଇନକମଟ୍ୟାକ୍ସ ମୁଖ୍ୟ କମିଶନର ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ, ଓଡ଼ିଶା ସାହିତ୍ୟ ଏକାଡ଼େମୀର ସମ୍ପାଦକ ପ୍ରବୋଧ ରାଉତ ଏବଂ ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ ମିଶ୍ର ଯୋଗ ଦେଇଥିଲେ। ଦୁଇ ହଜାର ଏକୋଇଶି ସେପ୍ଟେମ୍ବର ଦଶ ତାରିକରେ ଗଣେଶ ଚତୁର୍ଥୀର ପବିତ୍ର ଅବସରରେ ଆନ୍ଧ୍ରପ୍ରଦେଶର ମାନ୍ୟବର ରାଜ୍ୟପାଳ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଦ୍ୱାରା ୱାର୍ଲଡ଼ ଓଡ଼ିଶା ସୋସାଇଟି ବିଧିବଦ୍ଧ ଭାବେ ଉଦଘାଟିତ ହେଲା। ଏହାର ୱେବସାଇଟ ମଧ ମହାମହିମ ଉନ୍ମୋଚନ କଲେ।

**ଓଡ଼ିଆତ୍ୱ ଓ ଅସ୍ମିତାର ପ୍ରତୀକ**

ଓଡ଼ିଶାର ତତ୍କାଳୀନ ମାନ୍ୟବର ରାଜ୍ୟପାଳ ପ୍ରଫେସର ଡକ୍ଟର ଗଣେଶି ଲାଲ ଏକ ଶୁଭବାର୍ତ୍ତାରେ ଏହି ମହାନ ଅନୁଷ୍ଠାନ ପ୍ରବାସୀ ଓଡ଼ିଆ ମାନଙ୍କ ନିରାପତ୍ତା, ଉନ୍ନତିକୁ ଅଗ୍ରାଧିକାର ଦେବ ବୋଲି ଆଶା ବ୍ୟକ୍ତ କଲେ। ଗୋଟିଏ ଛତା ତଳେ ବିଶ୍ୱର ବିଭିନ୍ନ ସ୍ଥାନରେ ରହୁଥିବା ଓଡ଼ିଆ ମାନଙ୍କୁ ଏକାଠି କରିବାର ଏହି ଉଦ୍ୟମକୁ ଶ୍ରୀଯୁକ୍ତ ପାତ୍ର ଉଚ୍ଚ ପ୍ରଶଂସା କଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଜେପିର ଡକ୍ଟର ସମ୍ବିତ ପାତ୍ର, ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀ ରାଜକୁମାର, ଓଡ଼ିଶାର ପୂର୍ବତନ ମନ୍ତ୍ରୀ ଶ୍ରୀ ପ୍ରସାଦ ହରିଚନ୍ଦନ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଭଜନ ସମ୍ରାଟ ଶ୍ରୀ ଅନୂପ ଜଲୋଟା ସାଂସ୍କୃତିକ କାର୍ନିଭାଲକୁ ଉଦଘାଟନ କରିଥିଲେ। ୨୦୨୧ ସେପ୍ଟେମ୍ବର ୧୯ ତାରିଖ ମଧ ରାତ୍ରିରେ ଏହି ବିଶ୍ୱ ଅନୁଷ୍ଠାନ ଏକ ଆନ୍ତର୍ଜାତିକ ଶୋକସଭା ଆୟୋଜନ କଲା - ବିଶିଷ୍ଟ ନରିନେତ୍ରୀ, ସମାଜର ପୂର୍ବତନ ସମ୍ପାଦିକା, ସୁସାହିତ୍ୟିକା, ବାଗ୍ମୀ ଡକ୍ଟର ମନୋରମା ମହାପାତ୍ରଙ୍କ ପାଇଁ। ଅକ୍ଟୋବର ୧ ତାରିଖ ୨୦୨୧ରେ ଏକ ଆନ୍ତର୍ଜାତିକ ୱିନାର କରାଗଲା। ଗାନ୍ଧିଜୀଙ୍କର ଓଡ଼ିଶା ଆଗମନର ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ 'ଗାନ୍ଧୀ ଚର୍ଚ୍ଚା' ଶିରୋନାମାରେ, ଓଡ଼ିଶା ସରକାରଙ୍କ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସହଭାଗିତାରେ ଓ ଏହାକୁ ବିଭାଗୀୟ ମନ୍ତ୍ରୀ ଶ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉଦଘାଟନ କରିଥିଲେ। ସାହିତ୍ୟ ଏକାଡ଼େମୀ ସଭାପତି ଡଃ ହୃଷିକେଶ ମଲ୍ଲିକ, ଉପସଭାପତି ଡକ୍ଟର ସଂଗ୍ରାମ ଜେନା, ସମ୍ପାଦକ ଶ୍ରୀ ପ୍ରବୋଧ ରାଉତ, ସମ୍ପାଦକ ଓଡ଼ିଶା ଭାଷା, ସାହିତ୍ୟ, ସଂସ୍କୃତି ବିଭାଗର ଡକ୍ଟର ସୁରେଶ ଚନ୍ଦ୍ର ଦଳାଇ, ହରିଜନ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ପ୍ରଫେସର ଡକ୍ଟର ଶଙ୍କର କୁମାର ସାନ୍ୟାଲ ପ୍ରଭୃତି ବକ୍ତବ୍ୟ ରଖିଥିଲେ। ଅକ୍ଟୋବର ମାସ ୨୯ ତାରିଖ ୨୦୨୧ରେ ଓସ୍ ଜାତୀୟ ପୁରସ୍କାର ବିଜୋ ଚଳଚ୍ଚିତ୍ର ନିର୍ମାତା ସବ୍ୟସାଚୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କଲା। ୬ ନଭେମ୍ବର ୨୦୨୧ରେ ଓସ୍ ଏହାର ଆନ୍ତର୍ଜାତିକ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ଠାରେ ଉଦଘାଟନୀ ସମାରୋହ ଆୟୋଜନ କଲା। ଆଲୋକ ଉତ୍ସବ ମଧ ଆୟୋଜିତ ହୋଇଥିଲା। ମୁଖ୍ୟ କାର୍ଯ୍ୟାଳୟକୁ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଶ୍ରୀ ଗଣେଶିଲାଲ ଉଦଘାଟନ କରି ଅନୁଷ୍ଠାନର ବୃହତ୍ତର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ପ୍ରଶଂସା କରିଥିଲେ। ଏଥିରେ ପ୍ରଫେସର ହରେକୃଷ୍ଣ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ୨୭ ନଭେମ୍ବର ୨୦୨୧ରେ ଅଙ୍ଗଦାନ ଶୀର୍ଷକ ଆଭାସୀ ସଭା ଇଣ୍ଡିଆନ ଲିଭର ପେସେଣ୍ଟ ଫାଉଣ୍ଡେସନ ସହଭାଗିତାରେ ଆୟୋଜନ କରାଗଲା। ଏଥିରେ ବହୁ ବିଖ୍ୟାତ ଡାକ୍ତର ଓ ସ୍ୱାସ୍ଥ୍ୟ ବିଶାରଦମାନେ ଯୋଗ ଦେଇଥିଲେ। ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ଶ୍ରୀ ଅସିତଥ କୁମାର ତ୍ରିପାଠୀଙ୍କ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ପି.କେ. ହୋତା, ଇଂ.ପ୍ରଭାସ ଆଚାର୍ଯ୍ୟ, ଡଃ ବ୍ରଜକିଶୋର ଦାସ ପ୍ରଭୃତି ଯୋଗ ଦେଇଥିବାବେଳେ ଚଳଚ୍ଚିତ୍ର ଅଭିନେତା ନୈନା ଦାସ ବ୍ରାଣ୍ଡ ଆମ୍ବାସଡ଼ର ଥିଲେ। ପ୍ରଥମ ପ୍ରତିଷ୍ଠା ଦିବସ ଜାନୁଆର ୧୪, ୨୦୨୨ରେ କରୋନା ବିଶ୍ୱ ମହାମାରୀର ପ୍ରକୋପ ଯୋଗୁଁ ସାଧାରଣ ଭାବେ ପାଳନ କରାଯାଇଥିଲା। ପୁରୀଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ବଡ଼ ଦେଉଳ, ଦିଲ୍ଲୀ ଜଗନ୍ନାଥ ମନ୍ଦିର ଓ ବିଭିନ୍ନ ଦେଶରେ ଥିବା ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଆନ୍ତର୍ଜାତିକ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ଠାରେ କରୋନା ଯୋଗୁଁ ଦୁଇବର୍ଷ ପରେ ଜନ୍ମ ମାଟିକୁ ଫେରିଥିବା ପ୍ରବାସୀ ଓଡ଼ିଆ ଓସ୍ର ସଦସ୍ୟ ମାନଙ୍କୁ ଚେୟାରମ୍ୟାନ ଶ୍ରୀଯୁକ୍ତ ଦ୍ୱିବେଦୀ ସମ୍ବର୍ଦ୍ଧିତ କରିଥିଲେ। ସେମାନେ ଓଡ଼ିଶାର ବିକାଶ ପାଇଁ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ୧୭ ମାର୍ଚ୍ଚ ୨୦୨୨ରେ ଶକ୍ତି ଉତ୍ସବ ମହିଳା ମାନଙ୍କ ପାଇଁ ଉଦ୍ଦିଷ୍ଟ ଆନ୍ତର୍ଜାତିକ ମହିଳା ଦିବସ ପକ୍ଷରେ ପାଳନ କରାଯାଇଥିଲା। ଶୋଭନୀୟ ଆନ୍ଦୋଳନ ଏବଂ ୱାର୍ଲଡ଼ ଓଡ଼ିଶା ସୋସାଇଟିର ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ୨୦୨୩ ମାର୍ଚ୍ଚ ମାସରେ ଶକ୍ତି ଉତ୍ସବ ପାଳିତ ହୋଇଥିଲା। ବିଖ୍ୟାତ ଓଡ଼ିଆ ସଙ୍ଗୀତ ଗାୟକ ଶ୍ରୀ ପ୍ରଣବ ପଟ୍ଟନାୟକଙ୍କ ୮୫ତ୍ମ ଜୟନ୍ତୀ ଆଭାସି ମାଧ୍ୟମରେ ବିଭିନ୍ନ ଦେଶରେ ରହୁଥିବା ଓଡ଼ିଆ ମାନଙ୍କୁ ନେଇ ପାଳନ କରାଯାଇଥିଲା। ପରବର୍ତ୍ତୀ ସମୟରେ ନୂଆଦିଲ୍ଲୀଠାରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆଦର୍ଶ ଦମ୍ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ବାଚସ୍ପତି ଏବଂ ୱାର୍ଲଡ଼ ଓଡ଼ିଶା ସୋସାଇଟିର ମୁଖ୍ୟ ପୃଷ୍ଠପୋଷକ ଶ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ବିୟୋଗରେ ଆଭାସି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହାପରେ ଦିଲ୍ଲୀସ୍ଥିତ ପ୍ରେସ କ୍ଲବ ଅଫ ଇଣ୍ଡିଆ ଠାରେ ସଭା ଆୟୋଜନ କରାଯାଇ ୱାର୍ଲଡ଼ ଓଡ଼ିଶା ସୋସାଇଟିର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନ ସହିତ ହାଇବ୍ରିଡ଼ ମାଧ୍ୟମରେ କରାଯାଇଥିଲା। ଏହି ବିଶ୍ୱସ୍ତରୀୟ ଅନୁଷ୍ଠାନ ପୃଥିବୀର ୨୦ଟି ଦେଶରେ ଥିବା ଓଡ଼ିଆ ମାନଙ୍କୁ ନେଇ ଆରମ୍ଭ ହୋଇଥିଲା। ଏବେ ବିଶିଷ୍ଟ ପ୍ରବାସୀ ଓଡ଼ିଆ ଓ ଓଡ଼ିଶା ପ୍ରେମୀ ଏଥିରେ ୭୪ଟି ଦେଶରୁ ସଭ୍ୟ ଭାବେ ଯୋଗ ଦେଇଛନ୍ତି। ଏହି ମହତ ସଂଗଠନ ତାହାର ଜୟଯାତ୍ରାରେ ଆଗେଇ ଚାଲିଛି। ୨୦୨୪ ଓ ୨୫ରେ ମଧ ବିଭିନ୍ନ ଉନ୍ନତିମୂଳକ ଓ ବିକାଶ ମୂଳକ ତଥା ଚେତନା ଜାଗରଣକାରୀ କାର୍ଯ୍ୟ କରି ଆସୁଛି। ଏହି ମହାନ ଅନୁଷ୍ଠାନ ବିଶ୍ୱ ଦରବାରରେ ଓଡ଼ିଶାକୁ ଅଗ୍ରଣୀ ଜାତି ଭାବେ ପରିଚିତ କରାଇବ। ଆଶା ଓ ବିଶ୍ୱାସ ରହିଛି ସମଗ୍ର ପୃଥିବୀବ୍ୟାପୀ ଏହି ଅନୁଷ୍ଠାନ ଦିନେ ଓଡ଼ିଶାକୁ ପ୍ରଶାନ୍ତ, ପ୍ରାଚୁର୍ଯ୍ୟ, ବୈଜ୍ଞାନିକ ଉନ୍ନତି, ବୈଷୟିକ ଉନ୍ନତି, ବିଦେଶରେ ଉତ୍କଳ ସନ୍ତାନର ନିରାପତ୍ତା ସମଗ୍ର ଶୀର୍ଷରେ ଉପନୀତ କରାଇବ। ଜୟ ଜଗନ୍ନାଥ... ବନ୍ଦେ ଉତ୍କଳ ଜନନୀ.... ଭାରତ ମାତା କି ଜୟ...। 'ସେହି ଧଉଳି ପାହାଡ଼ ଶିରେ, ବୁଦ୍ଧବାଣୀ ଏବେ ବି ଝରେ, ଯହିଁ ସରିଲା ଚଣ୍ଡାଶୋକ ସବୁ ରକତ ତୃଷା, ଓଡ଼ିଶା ମୋର ଜନ୍ମ ଭୂଇଁ ଓଡ଼ିଆ ମୋର ଭାଷା।


**ପ୍ରତିଷ୍ଠାତ୍ରୀ, ୱାର୍ଲଡ଼ ଓଡ଼ିଶା ସୋସାଇଟି, ମୋବାଇଲ୍: ୯୯୩୭୧୭୨୮୧୦**

## ଲାଲକିଲା ବିସ୍ଫୋରଣ ମାମଲା

# ତିନିଦିନିଆ ଏନ୍ଆଇଏ ହାଜତକୁ ଗଲେ ୫ ଅଭିଯୁକ୍ତ



**ନୂଆଦିଲ୍ଲୀ,୧୪।୧:** ରାଜଧାନୀ ଦିଲ୍ଲୀ ଲାଲକିଲା ନିକଟରେ ହୋଇଥିବା କାର ବିସ୍ଫୋରଣ ମାମଲାରେ ୫ ଅଭିଯୁକ୍ତ ଡା.ଶାହିନ, ମୁଫ୍ତି ଇରଫାନ ଅହମଦ, ଜସିର ବିଲାଲ ୱାନୀ, ଡା.ଅଦିଲ ଅହମଦ ଓ ମୁଜ୍ଜମିଲଙ୍କୁ ପଟିଆଲା ହାଉସ କୋର୍ଟ ବୁଧବାର ୩ ଦିନିଆ ଜାତୀୟ ତଦନ୍ତ ଏଜେନ୍ସି (ଏନଆଇଏ) ହାଜତକୁ ପଠାଇ ଦେଇଛନ୍ତି। ଏହା ପୂର୍ବରୁ ଦିଲ୍ଲୀ କୋର୍ଟ ୟାସିର ଅହମଦ ଡାରକୁ ୧୧ ଦିନିଆ ହାଜତକୁ ପଠାଇଥିଲା। ମୁଖ୍ୟ ଜିଲ୍ଲା ଦୌରାଜଜ ଅଞ୍ଜୁ ବଜାଜ ଚନ୍ଦନା ଡାରକୁ କୋର୍ଟରେ ହାଜର କରାଯିବା ପରେ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ବିଚାରବିଭାଗୀୟ ହାଜତରେ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଗତ ବର୍ଷ ଡିସେମ୍ବର ୨୬ ତାରିଖରେ କୋର୍ଟ ଡାରର ଏନଆଇଏ ହାଜତ ମିଆଦ ୧୦ ଦିନ ଲାଗି ବୃଦ୍ଧି କରିଥିଲେ। ଏନଆଇଏ ଗତ ବର୍ଷ ଡିସେମ୍ବର ୧୮ରେ ଡାରକୁ ଗିରଫ କରିଥିଲା। ସେ ଏହି ମାମଲାର ନବମ ଅଭିଯୁକ୍ତ ହୋଇଥିବା ବେଳେ ଏନଆଇଏ ଅନୁସାରେ ଜମ୍ମୁ-କାଶ୍ମୀର ବାସିନ୍ଦା ଡାର ଡା. ଉମର-ଉନ-ନବୀର ନିକଟତମ ସହଯୋଗୀ ଥିଲା।

ଉମର-ଉନ-ନବୀ ଗତ ବର୍ଷ ନଭେମ୍ବର ୧୦ ତାରିଖ ସନ୍ଧ୍ୟାରେ ବିସ୍ଫୋରକ ବୋଝେଇ କାରକୁ ଦିଲ୍ଲୀ ଲାଲକିଲା ନିକଟରେ ବିସ୍ଫୋରଣ କରିଥିଲା। ଏନଆଇଏ ଅନୁସାରେ, ଏହି ବିସ୍ଫୋରଣ ଯୋଗୁ ନବୀ ସମେତ ୧୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଲୋକ ଆହତ ହୋଇଥିଲେ। ଏହି ମାମଲାରେ ଡାର ଉମର-ଉନ-ନବୀ ଓ ମୁଫ୍ତି ଇରଫାନ ସମେତ ଅନ୍ୟ ଅଭିଯୁକ୍ତଙ୍କ ସହ ଘନିଷ୍ଠ ସମ୍ପର୍କରେ ଥିଲା ବୋଲି ସ୍ୱୀକାର କରିଛି। ସେହିପରି ଗତ ବର୍ଷ ଡିସେମ୍ବରରେ ଦିଲ୍ଲୀର ଏକ କୋର୍ଟ ଲାଲକିଲ୍ଲା ବିସ୍ଫୋରଣ ମାମଲାରେ ୭ ଅଭିଯୁକ୍ତଙ୍କ ବିଚାର ବିଭାଗୀୟ ହାଜତ ମିଆଦ ୧୫ ଦିନ ବଢ଼ାଇଥିଲେ। କୋର୍ଟ ଡା. ଅଦିଲ ରାଥର, ଡ. ମୁଜମିଲ ଗନାଇ, ଡା. ସାହୀନ ସୟୀଦ, ମୌଲବୀ ଇରଫାନ ଅହମ୍ମଦ ଭାଗେ, ଜସିର ବିଲାଲ ୱାନି, ଆମୀର ରସିଦ ଅଲୀ ଓ ଶୋଏବକୁ ଆଉ ୧୫ ଦିନ ନିମନ୍ତେ ବିଚାର ବିଭାଗୀୟ ହାଜତରେ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ।

# ଗହଣା ଦୋକାନକୁ ବୁର୍ଖା ପିନ୍ଧିଯିବା ମନା

### ଚୋରି ରୋକିବାକୁ ଠୋସ୍ ନିଷ୍ପତ୍ତି




**ବିଳାସପୁର,୧୪।୧:** ଛତିଶଗଡ଼ରେ ବୁର୍ଖା କିମ୍ବା ନିକାବ ପିନ୍ଧି ସୁନା ଦୋକାନରେ ପ୍ରବେଶ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଛତିଶଗଡ଼ ବୁର୍ଖା ଆସୋସିଏସନର ଏକ ଜରୁରୀକାଳୀନ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି, ଯେଉଁଠାରେ ଚୋରିର ସଂଖ୍ୟା କ୍ରମାଗତ ଭାବରେ ବୃଦ୍ଧି ପାଉଛି ବୋଲି ଆଲୋଚନା କରାଯାଇଥିଲା। ସଂଘର ରାଜ୍ୟ ସଭାପତି କମଲ ସୋନି କହିଛନ୍ତି ଯେ ବୁର୍ଖା ଏବଂ ନିକାବ ଆଢ଼େଇ ଚୋରି ବୃଦ୍ଧି ପାଉଛି, ଯାହା ଦୋକାନୀମାନଙ୍କୁ ପ୍ରଚୁର କ୍ଷତି ପହଞ୍ଚାଉଛି।

ଗତ କିଛି ମାସ ମଧ୍ୟରେ, ବିଳାସପୁର ଏବଂ ଆଖପାଖ ଅଞ୍ଚଳରେ ସୁନା ଦୋକାନରେ ଅନେକ ଚୋରି ରିପୋର୍ଟ ହୋଇଛି। ଏହି ମାମଲାରେ ଅନେକ ଘଟଣାରେ, ଅପରାଧୀମାନେ ବୁର୍ଖା କିମ୍ବା ନିକାବ ପିନ୍ଧି ଦୋକାନରେ ପ୍ରବେଶ କରିଥିଲେ, ଯାହା ଫଳରେ ସେମାନଙ୍କର ଚିହ୍ନଟ କଷ୍ଟକର ହୋଇଯାଇଥିଲା। ପୋଲିସ ତଦନ୍ତ ସମୟରେ ମଧ୍ୟ, ସିସିଟିଭି ଫୁଟେଜରୁ ମୁହଁ ଲୁଚାଇବା ଅପରାଧୀଙ୍କୁ ଧରିବା କଷ୍ଟକର ହୋଇଯାଇଥିଲା। ସଂଘ ବୈଠକର ସମସ୍ତ ସଦସ୍ୟ ସର୍ବସମ୍ମତିକ୍ରମେ ଏହି ନିଷେଧକୁ ସମର୍ଥନ କରିଥିଲେ।

କମଲ ସୋନି କହିଛନ୍ତି, 'ଆମର ପ୍ରାଥମିକତା ସୁରକ୍ଷା। ଏହି ନିଷ୍ପତ୍ତି କୌଣସି ଧର୍ମ କିମ୍ବା ସମ୍ପ୍ରଦାୟ ବିରୁଦ୍ଧରେ ନୁହେଁ, ବରଂ ଚୋରି ରୋକିବା ପାଇଁ ଏହା ଏକ ଆବଶ୍ୟକୀୟ ପଦକ୍ଷେପ। ଦୋକାନୀମାନଙ୍କୁ ଏବେ ଗ୍ରାହକମାନଙ୍କୁ ସେମାନଙ୍କର ମୁହଁ ଦେଖାଇବାକୁ ଅନୁରୋଧ କରିବାକୁ ପଡିବ।' ଏହି ନିଷ୍ପତ୍ତି ତୁରନ୍ତ କାର୍ଯ୍ୟକାରୀ କରାଯାଇଛି। ସଂଘ ସମସ୍ତ ସଦସ୍ୟ ଦୋକାନୀଙ୍କୁ ନିର୍ଦ୍ଦେଶ ଜାରି କରିଛି ଯେ ସେମାନେ ସେମାନଙ୍କ ଦୋକାନ ବାହାରେ ବୁର୍ଖା କିମ୍ବା ନକାବ ପିନ୍ଧିଥିବା ଲୋକଙ୍କ ପାଇଁ ପ୍ରବେଶ ନିଷେଧ ବୋଲି ସାଇନବୋର୍ଡ ଲଗାନ୍ତୁ। ଯେଉଁମାନେ ଗ୍ରାହକମାନେ ଏହା ପାଳନ କରିବେ ନାହିଁ ସେମାନଙ୍କୁ ପ୍ରବେଶ ମନା କରାଯିବ।

ସମସ୍ତ ଅଧିକାରୀ ନିଜ ନିଜ ଅଞ୍ଚଳରେ ଘଟୁଥିବା ଘଟଣା ବିଷୟରେ ସୂଚନା ଅଂଶୀଦାର କରିଥିଲେ ଏବଂ ସୁରକ୍ଷା ପରାମର୍ଶ ଦେଇଥିଲେ। ରାଜ୍ୟ ସଭାପତି କମଲ ସୋନି ବୈଠକ ପରେ କହିଥିଲେ ଯେ ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି, ସରାଗା ବ୍ୟବସାୟୀମାନେ ସତର୍କ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ସମସ୍ତ ଦୋକାନୀଙ୍କୁ ଉଚ୍ଚମାନର ସିସି ଟିଭି କ୍ୟାମେରା, ଆଲାର୍ମ ସିଷ୍ଟମ, ନିରାପଦ ତାଲା ଏବଂ ଅନ୍ୟାନ୍ୟ ଆଧୁନିକ ସୁରକ୍ଷା ଉପକରଣ ସ୍ଥାପନ କରିବାକୁ ଅନୁରୋଧ କରିଥିଲେ। ସେ ସେମାନଙ୍କୁ ସ୍ଥାନୀୟ ପୋଲିସ ଏବଂ ସଂଘକୁ ଯେକୌଣସି ସନ୍ଦେହଜନକ କାର୍ଯ୍ୟକଳାପ ବିଷୟରେ ତୁରନ୍ତ ରିପୋର୍ଟ କରିବାକୁ ଅନୁରୋଧ କରିଥିଲେ।

# ଇରାନରେ ବିକ୍ଷୋଭ ମାମଲା: ଯୁବକଙ୍କୁ ଫାଶୀ ଦଣ୍ଡାଦେଶ

### ମାତ୍ର ୧୦ ମିନିଟ୍‌ରେ ଶେଷ ଦେଖା ସାରିଲେ ପରିବାର ଲୋକେ



**ତେହରାନ୍,୧୪।୧:** ସମ୍ପ୍ରତି ଇରାନରେ ଜାରି ରହିଥିବା ସରକାର ବିରୋଧୀ ବିକ୍ଷୋଭ ଭୟଙ୍କର ରୂପ ନେବାରେ ଲାଗିଛି। ଏହି ବିକ୍ଷୋଭରେ ସାମିଲ ହୋଇଥିବା ପ୍ରାୟ ୨.୫ ହଜାର ଲୋକ ମୃତ୍ୟୁବରଣ କରିସାରିଲେଣି। ଏହାରି ମଧରେ ଆନ୍ଦୋଳନରେ ସାମିଲ ହେବା ଅପରାଧରେ ଜଣେ ୨୬ ବର୍ଷୀୟ ଯୁବକଙ୍କୁ ମୃତ୍ୟୁଦଣ୍ଡାଦେଶ ଦିଆଯାଇଛି। ଆଜି ଭୋର ସମୟରେ ଇରଫାନ ସୋଲତାନିଙ୍କୁ ଫାଶୀ ଦିଆଯାଇଛି। ଗିରଫ ହେବାର ମାତ୍ର ସପ୍ତାହେ ମଧରେ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯିବା ଘଟଣା ବିଶ୍ୱବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଇରଫାନଙ୍କଗେତ ୮ ତାରିଖରେ କରଜ ଅଞ୍ଚଳରୁ ଗିରଫ କରାଯାଇଥିଲା। ଗିରଫର ମାତ୍ର ୩ ଦିନ ପରେ ତାଙ୍କ ପରିବାରକୁ ଫାଶୀଦଣ୍ଡାଦେଶ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏଥିସହ ପ୍ରଶାସନ ପକ୍ଷରୁ ଇରଫାନଙ୍କ ପରିବାରକୁ ଶେଷ ଦେଖା ପାଇଁ ମାତ୍ର ୧୦ ମିନିଟର ସମୟ ଦିଆଯାଇଥିଲା। ଏପରିକି ପରିବାର ଲୋକଙ୍କୁ ଚେତାବନୀ ଦିଆଯାଇଛି ଯେ ଯଦି ସେମାନେ ଏ ସମ୍ପର୍କରେ କାହାକୁ ଜଣାନ୍ତି, ତା'ହେଲେ ପରିବାରର ଅନ୍ୟ ସଦସ୍ୟଙ୍କୁ ମଧ ଗିରଫ କରାଯିବ। ଇରଫାନଙ୍କ ଉପରେ 'ମୋହରେବେ' ବା 'ଈଶ୍ୱରଙ୍କ ବିରୋଧରେ ଶତ୍ରୁତା' ନେଇ ଆରୋପ ଲଗାଯାଇଛି। ମାନବାଧିକାର କର୍ମୀଙ୍କ ଅନୁଯାୟୀ, ଇରଫାନଙ୍କୁ କୌଣସି ଓକିଲ କିମ୍ବା ପରିପକ୍ୱ ନ୍ୟାୟିକ ପ୍ରକ୍ରିୟାର ସୁଯୋଗ ଦିଆଯାଇନାହିଁ। ଇରାନରେ ମୁଦ୍ରାସ୍ଫୀତି ଏବଂ ଆର୍ଥିକ ସଂକଟକୁ ନେଇ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ଏବେ ସରକାର ବିରୋଧୀ ଆନ୍ଦୋଳନରେ ପରିଣତ ହୋଇଛି। ଗତ ୨୦ ଦିନ ମଧ୍ୟରେ ପାଖାପାଖି ୨,୦୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିବା ଆଶଙ୍କା କରାଯାଉଛି। ପ୍ରାୟ ୨୦,୦୦୦ ଲୋକଙ୍କୁ ଗିରଫ କରାଯାଇଥିବାବେଳେ ପ୍ରାୟ ୫ ଦିନ ହେବ ଇଣ୍ଟରନେଟ୍ ସେବା ସମ୍ପୂର୍ଣ୍ଣ ବନ୍ଦ ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଘଟଣାରେ ଇରାନ ସରକାରଙ୍କୁ କଠୋର ଚେତାବନୀ ଦେଇଛନ୍ତି। ଯଦି ପ୍ରଦର୍ଶନକାରୀଙ୍କୁ ଫାଶୀ ଦିଆଯାଏ, ତେବେ ଆମେରିକା ପକ୍ଷରୁ 'ଅତ୍ୟନ୍ତ କଠୋର ପଦକ୍ଷେପ' ନିଆଯିବ ବୋଲି ସେ ଜଣାଇଛନ୍ତି। ଆମନେଷ୍ଟି ଇଣ୍ଟରନ୍ୟାସନାଲ୍ ଏହାକୁ ଏକ 'କ୍ଷେତ୍ରୀୟ ପ୍ରାଣଦଣ୍ଡ' ବୋଲି କହିବା ସହ ଏହାକୁ କଡ଼ା ସମାଲୋଚନା କରିଛି।

# ସରକାରୀ ସ୍ତରରେ 'ହରିଜନ' ଓ 'ଗିରିଜନ' ବ୍ୟବହାର ବନ୍ଦ ପାଇଁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୪।୧:** ଏବେଠୁ ହରିୟାଣାରେ ଆଉ ହେବନି ହରିଜନ ଏବଂ ଗିରିଜନ ଶବ୍ଦର ବ୍ୟବହାର। ହରିୟାଣା ସରକାର ହରିଜନ ଏବଂ ଗିରିଜନ ଶବ୍ଦ ବ୍ୟବହାର ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ରାଜ୍ୟ ସରକାର ସମସ୍ତ ବିଭାଗକୁ ଯେକୌଣସି ସରକାରୀ ଯୋଗାଯୋଗରେ 'ହରିଜନ' ଏବଂ 'ଗିରିଜନ' ଶବ୍ଦ ବ୍ୟବହାର ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହରିୟାଣା ମୁଖ୍ୟ ସଚିବଙ୍କ କାର୍ଯ୍ୟାଳୟ ମଙ୍ଗଳବାର ଏହି ସମ୍ପର୍କରେ ଏକ ଚିଠି ଜାରି କରିଛି। ମହାତ୍ମା ଗାନ୍ଧୀ ଅନୁସୂଚିତ ଜାତିକୁ 'ହରିଜନ' ନାମ ଦେଇଥିଲେ, ଯାହାର ଅର୍ଥ 'ଭଗବାନଙ୍କ ଲୋକ'। ତଥାପି, ବି.ଆର. ଆମ୍ବେଦକର 'ହରିଜନ' ଶବ୍ଦ ବ୍ୟବହାରର ବିରୋଧୀ ଥିଲେ ଏବଂ ସେମାନଙ୍କୁ ଦଳିତ ବୋଲି କହିବାକୁ ପସନ୍ଦ କରୁଥିଲେ। ସରକାରୀ ବିବୃତ୍ତିରେ କୁହାଯାଇଛି କି, "ହରିୟାଣା ସରକାର ରାଜ୍ୟର ସମସ୍ତ ପ୍ରଶାସନିକ ସଚିବ, ବିଭାଗ ମୁଖ୍ୟ, ବୋର୍ଡ, କର୍ପୋରେସନ, ସାର୍ବଜନୀନ ଉଦ୍ୟୋଗ, ବିଭାଗୀୟ କମିଶନର, ଡେପୁଟି କମିଶନର, ଉପ-ବିଭାଗୀୟ ଅଧିକାରୀ ଏବଂ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରମାନଙ୍କୁ 'ହରିଜନ' ଏବଂ 'ଗିରିଜନ' ଭଳି ଶବ୍ଦ ବ୍ୟବହାରକୁ ଏଡାଇବାକୁ ନିର୍ଦ୍ଦେଶ ଜାରି କରିଛନ୍ତି।"

● ବିହାରରେ ଅଭାବନୀୟ କାଣ୍ଡ

# ବ୍ରେନ ଟ୍ୟୁମର ପୀଡିତାଙ୍କୁ ଗଣବଳାତ୍କାର

### ୬ ଅଭିଯୁକ୍ତ ମଦ ପିଆଇ ନଚାଇଲେ



**ପାଟନା,୧୪।୧:** ବିହାରର ପୂର୍ଣ୍ଣିଆରୁ ଏକ ଚାଞ୍ଚଲ୍ୟକର ଗଣଦୁଷ୍କର୍ମ ଘଟଣା ସାମ୍ନାକୁ ଆସିଛି। ସହରର ନେଭାଲାଲ ଚୌକରୁ ଜନୈକା ଯୁବତୀଙ୍କୁ ଅପହରଣ କରି ୨୦ କିମି ଦୂର ବ୍ୟାରିଅର ଚୌକକୁ ନେଇ ସେଠାରେ ୬ ଜଣ ଗଣବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପୀଡ଼ିତାଙ୍କୁ ଉଦ୍ଧାର କରିଥିଲେ। ଏହି ଘଟଣା ଗତ ୧୦ ତାରିଖରେ ଘଟିଥିବା ବେଳେ ପୀଡିତାଙ୍କ ଉଦ୍ଧାର ସମୟର ଏକ ଭିଡିଓ ଦ୍ରୁତ ଗତିରେ ଭାଇରାଲ ହେଉଛି। ଏଥିରେ ଜଣେ ଲୁହଭରା ପୀଡ଼ିତା ତାଙ୍କ ପ୍ରତି ହୋଇଥିବା ନିର୍ଯାତନା ସମୟର ଦୁଃଖ ବର୍ଣ୍ଣନା କରୁଥିବା ଦେଖାଯାଇଛି।

ପୀଡ଼ିତା ଜଣଙ୍କ ପୁଲିସକୁ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରୁଛନ୍ତି। ତାଙ୍କ କଣ୍ଠ ସ୍ୱରରେ ଥିବା ଯନ୍ତ୍ରଣା ସ୍ପଷ୍ଟ ଭାବେ ବାରି ହୋଇପଡୁଛି। ଅଭିଯୋଗ ଅନୁସାରେ, ଅର୍କେଷ୍ଟ୍ରା କଳାକାରମାନେ ପ୍ରଥମେ ପୀଡ଼ିତାଙ୍କୁ ମଦ୍ୟପାନ କରିବାକୁ ବାଧ୍ୟ କରିଥିଲେ ଓ ତା'ପରେ ତାଙ୍କୁ ନାଚ କରାଇଥିଲେ। ତା'ପରେ ଜଣ ଜଣ କରି ସେମାନେ ତାଙ୍କୁ ଗଣବଳାତ୍କାର କରିଥିଲେ।

ବଳାତ୍କାର ସମୟରେ ତାଙ୍କୁ ମଧ୍ୟ ମାଡ଼ ମରାଯାଇଥିବା ଜଣାପଡିଛି। ଭାଇରାଲ ଭିଡିଓରେ ପୀଡ଼ିତା ପୁଲିସ ସମ୍ମୁଖରେ କାନ୍ଦି କାନ୍ଦି କହୁଥିବାର ଦେଖାଯାଉଛି। ସେ ମୋତେ ପିଟିଥିଲେ ଓ ମୋ ପ୍ରତି ଅନ୍ୟାୟ କରିଥିବା କହିଛନ୍ତି। ପୀଡିତା ପୁଲିସକୁ ଏହା ମଧ୍ୟ କହିଛନ୍ତି ଯେ ଅଭିଯୁକ୍ତ ତାଙ୍କୁ ଗୁଳି କରିବାକୁ ଧମକ ଦେଇଥିଲେ। ତାଙ୍କର ବ୍ରେନ୍ ଟ୍ୟୁମର ରହିଥିବା ନେଇ ମଧ୍ୟ ସେ ସ୍ପଷ୍ଟ କରିଛନ୍ତି। ତେବେ ଏପରି ଏକ ଅଘଟଣ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ହଜାରିବାଗରେ ବିସ୍ଫୋରଣ, ପରିବାରର ୩ ମୃତ



**ଝାଡ଼ଖଣ୍ଡ, ୧୪।୧:** ଝାଡ଼ଖଣ୍ଡର ହଜାରିବାଗ ଜିଲ୍ଲାର ହବିବି ନଗରରେ ବିସ୍ଫୋରଣ ଯୋଗୁଁ ପରିବାରର ୩ ଜଣଙ୍କ ଜୀବନ ଚାଲିଯାଇଛି । ମୃତକଙ୍କ ମଧରେ ଜଣେ ସ୍ୱାମୀ ସ୍ତ୍ରୀ ଏବଂ ଜଣେ ପିଲା ରହିଛି । ବିସ୍ଫୋରଣରେ ୨ ଜଣ ଲୋକ ଆହତ ହୋଇଛନ୍ତି। ଆହତଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଛି । ବିସ୍ଫୋରଣ କାରଣ ଏଯାଏଁ ଜଣାପଡିନି। ସୂଚନା ମୁତାବକ, ବଡ଼ ବଜାର ଥାନା ଅଞ୍ଚଳରେ ଖିରଗାଁ ହବିବି ନଗର ଖାନକାହ ନିକଟରେ ବିସ୍ଫୋରଣ ହୋଇଛି। ଜଣେ ବ୍ୟକ୍ତି ଖାଲି ସ୍ଥାନରେ ଅଳିଆ ସଫା କରୁଥିବା ବେଳେ ବିସ୍ଫୋରଣ ହୋଇଥିଲା। ମାଟି ତଳୁ ବିସ୍ଫୋରଣ ହେବା ଯୋଗୁଁ ଘଟଣା ସ୍ଥଳରେ ୩ ଜଣଙ୍କ ଜୀବନ ଚାଲିଯାଇଥିଲା। ଘଟଣାରେ ୨ ଜଣ ଆହତ ହୋଇଥିବା ଜଣାପଡିଛି। ସ୍ଥାନୀୟ ଲୋକ କହିବା ମୁତାବକ, ଖାଲି ସ୍ଥାନରେ ଅଳିଆ ସଫା କରିବା ସମୟରେ ବିସ୍ଫୋରଣ ହୋଇଥିଲା । ବିସ୍ଫୋରଣ ଏତେ ଜୋରରେ ଥିଲା ଯେ ଲୋକମାନେ ଭୟଭୀତ ହୋଇଯାଇଥିଲେ । ୩ ଜଣଙ୍କ ଜୀବନ ଚାଲିଯିବା ପରେ ଚିତ୍କାର ଶୁଣାଯାଇଥିଲା। ସୂଚନା ମିଳିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମାମଲାର ଯାଞ୍ଚ କରୁଛି ।

# ଦିଲ୍ଲୀ ପୋଙ୍ଗଲ ଉତ୍ସବରେ ସାମିଲ ହେଲେ ମୋଦି



**ନୂଆଦିଲ୍ଲୀ,୧୪।୧:** ଆଜି ଦିଲ୍ଲୀର ପୋଙ୍ଗଲ ଉତ୍ସବରେ ସାମିଲ ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଯାହା କେନ୍ଦ୍ରମନ୍ତ୍ରୀ ଏଲ୍. ମୁରୁଗାନଙ୍କ ବାସଭବନରେ ଆୟୋଜନ ହୋଥିଲା । ଉତ୍ସବରେ ସାମିଲ ହେବା ସହିତ ପୂଜାର୍ଚ୍ଚନା ମଧ କରିଥିବା ଜଣାପଡିଛି । ମୋଦି ଲୋକଙ୍କୁ ଶୁଭେଚ୍ଛା ଜଣାଇବା ସହ ଗୋ ସେବା ମଧ କରିଛନ୍ତି। ସେ କହିଥିଲେ, "ଆପଣମାନଙ୍କ ସହିତ ଏହି ପର୍ବଗୁଡ଼ିକୁ ପାଳନ କରିବା ମୋ ପାଇଁ ଏକ ସୌଭାଗ୍ୟର କଥା ।" ତାମିଲ ସମ୍ପ୍ରଦାୟ ଏବଂ ସଂସ୍କୃତିକୁ ଭଲ ପାଉଥିବା ଲୋକମାନଙ୍କ ମଧ୍ୟରୁ ସେ ଜଣେ । ଅନ୍ୟପଟେ ଦେଶବାସୀଙ୍କୁ ଏକ ଚିଠିରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହି ପର୍ବଗୁଡ଼ିକ ଆଶା, ସକାରାତ୍ମକତା ଏବଂ କୃତଜ୍ଞତାର ପ୍ରତୀକ । ଯାହା ବିଶେଷ ଭାବରେ କୃଷକମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବାର ଏକ ଅବସର । ଯେଉଁମାନେ ନିଜ କଠିନ ପରିଶ୍ରମ ଦ୍ୱାରା ସମଗ୍ର ଦେଶକୁ ପୋଷଣ କରନ୍ତି ।

# ଆଦିତ୍ୟ ସାହୁ ଝାଡ଼ଖଣ୍ଡର ନୂଆ ବିଜେପି ମୁଖ୍ୟ



**ରାଞ୍ଚି,୧୪।୧:** ରାଜ୍ୟ ସଭା ସଦସ୍ୟ ଆଦିତ୍ୟ ସାହୁଙ୍କୁ ବିଜେପି ଝାଡ଼ଖଣ୍ଡ ୟୁନିଟର ନୂତନ ସଭାପତି ନିଯୁକ୍ତ କରାଯାଇଛି।କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଏହା ଘୋଷଣା କରିଛନ୍ତି। ଆଦିତ୍ୟ ସାହୁ ଓବିସି ସମ୍ପ୍ରଦାୟର। ଓରାମ ରାଜ୍ୟରୁ ଅନ୍ତର୍ଭୁକ୍ତ।

ଜୁଏଲ ଓରାମ କହିଛନ୍ତି ଯେ ଝାଡ଼ଖଣ୍ଡ ରାଜ୍ୟ ସଭାପତି ପଦ ପାଇଁ ମୁଁ କେବଳ ଗୋଟିଏ ନାମାଙ୍କନ ପାଇଥିଲି। ଯାଞ୍ଚ ଓ ରାଷ୍ଟ୍ରୀୟ ସଭାପତିଙ୍କ ଅନୁମୋଦନ ପରେ ମୁଁ ଆଦିତ୍ୟ ସାହୁଙ୍କୁ ଝାଡ଼ଖଣ୍ଡ ବିଜେପିର ସଭାପତି ଭାବେ ଘୋଷଣା କରୁଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ବାବୁଲାଲ ମାରାଣ୍ଡିଙ୍କ ସ୍ଥାନରେ ସାହୁଙ୍କୁ ଦଳର ରାଜ୍ୟ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ମାରାଣ୍ଡି ବିଧାନସଭାରେ ବିରୋଧୀ ଦଳର ନେତା ଅଛନ୍ତି। ଗତ ବର୍ଷ ଅକ୍ଟୋବର ୩ ତାରିଖରେ ବିଜେପି ଆଦିତ୍ୟଙ୍କୁ ଏହାର ଝାଡ଼ଖଣ୍ଡ ୟୁନିଟ୍‌ର କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତ କରିଥିଲା।

ଝାଡ଼ଖଣ୍ଡ ବିଜେପି ସଭାପତି ଭାବେ ଆଦିତ୍ୟଙ୍କ ଘୋଷଣା ଦଳୀୟ କର୍ମୀ, ନେତା ଓ ତାଙ୍କ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି। ତାଙ୍କ ପ୍ରତି ଶୁଭେଚ୍ଛାର ସୁଅ ଛୁଟିଛି। ଗୋଡ୍ଡା ବିଜେପି ସାଂସଦ ନିଶିକାନ୍ତ ଦୁବେ ତାଙ୍କୁ ସୋସିଆଲ ମିଡିଆରେ ଅଭିନନ୍ଦନ ଜଣାଇ କହିଛନ୍ତି ଯେ ଆଦିତ୍ୟଙ୍କ ନେତୃତ୍ୱରେ ଝାଡ଼ଖଣ୍ଡରେ ବିଜେପି ସକାରାତ୍ମକ ପରିବର୍ତ୍ତନ ଦେଖିବ। ଆହୁରି ଅନେକ ବିଜେପି ନେତା ଓ କର୍ମୀ ମଧ୍ୟ ଆଦିତ୍ୟଙ୍କୁ ଅଭିନନ୍ଦନ ଜଣାଇବା ସହ ଶୁଭକାମନା ଜଣାଇଛନ୍ତି। ଆଦିତ୍ୟ ଓବିସି ସମ୍ପ୍ରଦାୟର ହୋଇଥିବା ବେଳେ ସାମାଜିକ ସନ୍ତୁଳନ ବଜାୟ ରଖିବା ପାଇଁ ତାଙ୍କ ଚୟନକୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି। ବିଜେପି ନେତାମାନେ ବିଶ୍ୱାସ କରୁଛନ୍ତି ଯେ ସଭାପତି ଭାବେ ତାଙ୍କର ନିଯୁକ୍ତି ତୃଣମୂଳ ସ୍ତରରେ ସଂଗଠନକୁ ଆହୁରି ମଜଭୁତ କରିବ।

### ରଘୁବର ଦାସ ଜାତୀୟ ପରିଷଦ ସଦସ୍ୟ

ଜାତୀୟ ପରିଷଦ ସଦସ୍ୟଙ୍କ ନାମ ମଧ ଘୋଷଣା କରିଛନ୍ତି। ରାଜ୍ୟରୁ ୨୧ଟି ଜାତୀୟ ପରିଷଦ ସଦସ୍ୟ ପଦବୀ ପାଇଁ ନିର୍ବାଚିତ ପ୍ରମୁଖ ନେତାଙ୍କ ମଧରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅର୍ଜୁନ ମୁଣ୍ଡା, ଓଡ଼ିଶାର ପୂର୍ବତନ ରାଜ୍ୟପାଳ ରଘୁବର ଦାସ, ମଧୁ କୋଡା ଓ ଚମ୍ପାଇ ସୋରେନ, ସାଂସଦ ସଞ୍ଜୟ ସେଠ, ଦୀପକ ପ୍ରକାଶ, କେନ୍ଦ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ, ପୂର୍ବତନ ସାଂସଦ କାରିଆ ମୁଣ୍ଡା ଓ ଗୀତା କୋଡା

## ଖଲିସ୍ତାନୀ ପ୍ରସଙ୍ଗରେ କାନାଡ଼ାକୁ ଟାର୍ଗେଟ୍ କଲା ଭାରତ

# ଦୀର୍ଘ ୪୦ ବର୍ଷ ଧରି ଆତଙ୍କବାଦକୁ ରୋକିପାରିନି



**ନୂଆଦିଲ୍ଲୀ,୧୪।୧:** କାନାଡାରେ ବଢୁଛି ଭାରତ ବିରୋଧୀ ନିଆଁ। ଖଲିସ୍ତାନୀ ଆତଙ୍କବାଦୀଙ୍କ ଅଭୟାରଣ୍ୟ ପାଲଟିଛି ଟରଣ୍ଟୋ। ଏହାକୁ ଟାର୍ଗେଟ୍ କରିଛି ଭାରତ। ଦୀର୍ଘ ୪୦ ବର୍ଷ ଧରି ଭାରତ ବିରୋଧରେ କାନାଡ଼ା ମାଟିରେ ଷଡ଼ଯନ୍ତ୍ର ହେଉଛି। ଏହାକୁ ରୋକିବାରେ ମଧ କାନାଡା ସରକାର ବିଫଳ ହୋଇଥିବା କାନାଡାରେ ଅବସ୍ଥାପିତ ଭାରତୀୟ ଦୂତାବାସ ଦିନେଶ ପଟ୍ଟନାୟକ କହିଛନ୍ତି।

ଏକ ସାକ୍ଷାତକାରରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ୪୦ ବର୍ଷ ଧରି କାନାଡା ସରକାର ଆତଙ୍କବାଦକୁ ରୋକିବା ଦିଗରେ କିଛି ବି ପଦକ୍ଷେପ ନେଇନାହାନ୍ତି। ଏଥିସହ କାନାଡାରେ ଅନେକ ଭାରତବିରୋଧୀ ନେତାଙ୍କ ହତ୍ୟା ମାମଲାରେ ତାଙ୍କୁ ପ୍ରଶ୍ନ ପଚରାଯାଇଥିଲା। ଏହାର ଉତ୍ତରରେ ସେ କହିଛନ୍ତି ଯେ ଏନେଇ ଅଦ୍ୟାବଧି କୌଣସି ରିପୋର୍ଟ ମିଳିପାରିନାହିଁ। ଅଭିଯୋଗ କରିବା ସହଜ। କିନ୍ତୁ ମିଛକୁ ପ୍ରମାଣିତ କରିବା କଦାପି ସହଜ ନୁହେଁ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଅନେକ ପ୍ରସଙ୍ଗରେ କାନାଡ଼ା ଭାରତ ବିରୋଧୀ ଆଚରଣ ପ୍ରଦର୍ଶନ କରିଆସିଛି। ୪୦ ବର୍ଷ ହେଲା ଏଠାରେ ଆତଙ୍କବାଦ କ୍ରମଶଃ ବଢ଼ିଚାଲିଛି। ଏହାକୁ ଆଦୌ ରୋକାଯାଇନାହିଁ। ୧୯୮୫ରେ ଏୟାର ଇଣ୍ଡିଆ ବିମାନରେ ବିସ୍ଫୋରଣ ହୋଇଥିଲା। ଏଥିରେ ୩୨୯ଜଣ ପ୍ରାଣ ହରାଇଥିଲେ। ଏମାନଙ୍କ ମଧ୍ୟରୁ ଅଧିକାଂଶ କାନାଡାର ନାଗରିକ ଥିଲେ। କିନ୍ତୁ କାନାଡା ସରକାର ଏହି ପ୍ରସଙ୍ଗରେ ଅଦ୍ୟାବଧି ତଦନ୍ତ ଶେଷ କରିନାହାଁନ୍ତି।

ସେ କହିଛନ୍ତି ଯେ କାନାଡ଼ା ଦୋମୁହାଁ ନୀତି ଆପଣାଉଛି। ଅନେକ ଅପରାଧୀ ଭାରତରୁ ଖସି ଆସି ଏଠାରେ ରହୁଛନ୍ତି। ଯାହା ବାବଦରେ କୌଣସି ସହଯୋଗ ମିଳୁନାହିଁ। ନୂଆଦିଲ୍ଲୀ ଅପରାଧୀ ଓ ଆତଙ୍କବାଦୀଙ୍କ ବିରୋଧରେ କାନାଡ଼ାକୁ ସମସ୍ତ ତଥ୍ୟ ଦେଇଆସିଛି। କିନ୍ତୁ ଏହା ସତ୍ତ୍ୱେ ବି କୌଣସି ଆକ୍ସନ୍ ନିଆଯାଉନାହିଁ। କାନାଡ଼ା କେବଳ ଭାରତ ବିରୋଧରେ ଅଭିଯୋଗ କରୁଛି, ଯାହାର କୌଣସି ପ୍ରମାଣ ନ ଥିବା ଶ୍ରୀ ପଟ୍ଟନାୟକ କହିଛନ୍ତି।

# ନିଶାଗ୍ରସ୍ତ ଅବସ୍ଥାରେ ବୁଡ଼ି ମରିଛନ୍ତି ଜୁବିନ୍: ପୁଲିସ୍



**ନୂଆଦିଲ୍ଲୀ,୧୪।୧:** ଲୋକପ୍ରିୟ ଆସାମୀ ସଙ୍ଗୀତଶିଳ୍ପୀ ଜୁବିନ୍ ଗର୍ଗଙ୍କ ମୃତ୍ୟୁକୁ ନେଇ ସିଙ୍ଗାପୁର କୋର୍ଟରେ ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି ହୋଇଯାଇଛି। ସିଙ୍ଗାପୁର ପୋଲିସର ତଦନ୍ତ ଅନୁସାରେ, ଜୁବିନ୍‌ଙ୍କ ମୃତ୍ୟୁ ପଛରେ କୌଣସି ଅପରାଧିକ ଷଡ଼ଯନ୍ତ୍ର ନାହିଁ। ବୁଧବାର କରୋନର୍ କୋର୍ଟରେ ଦାଖଲ ହୋଇଥିବା ରିପୋର୍ଟ ଅନୁଯାୟୀ, ଗଭୀର ନିଶାଗ୍ରସ୍ତ ଅବସ୍ଥାରେ ପାଣିକୁ ଡେଇଁବା ଏବଂ ଲାଇଫ୍ ଜ୍ୟାକେଟ୍ ବ୍ୟବହାର ନକରିବା ଯୋଗୁଁ ତାଙ୍କର ମୃତ୍ୟୁ ଘଟିଛି। ତଦନ୍ତକାରୀ ଅଧିକାରୀଙ୍କ କହିବା ଅନୁସାରେ, ସେପ୍ଟେମ୍ବର ୧୯ରେ ଏକ ୟଟ୍ ପାର୍ଟି ସମୟରେ ଜୁବିନ୍ ପ୍ରଥମେ ଲାଇଫ୍ ଜ୍ୟାକେଟ୍ ପିନ୍ଧିଥିଲେ ମଧ ପରେ ତାକୁ କାଢ଼ି ଦେଇଥିଲେ। ଦ୍ୱିତୀୟ ଥର ତାଙ୍କୁ ଜ୍ୟାକେଟ୍ ଯଚାଯାଇଥିଲେ ବି ସେ ତାହା ପିନ୍ଧିବାକୁ ମନା କରିଦେଇଥିଲେ। ଟକ୍ସିକୋଲୋଜି ରିପୋର୍ଟ ଅନୁସାରେ, ଜୁବିନ୍‌ଙ୍କ ରକ୍ତରେ ଆଲକୋହଲର ମାତ୍ରା ୩୩୩ ମିଲିଗ୍ରାମ ଥିଲା, ଯାହାକି ଅତ୍ୟଧିକ ନିଶାକୁ ଦର୍ଶାଏ। ଏହି କାରଣରୁ ତାଙ୍କର ଶାରୀରିକ ସନ୍ତୁଳନ ଏବଂ ପ୍ରତିକ୍ରିୟା ଶକ୍ତି ହ୍ରାସ ପାଇଥିଲା। ଜୁବିନ୍ ପୂର୍ବରୁ ଉଚ୍ଚ ରକ୍ତଚାପ ରୋଗରେ ପୀଡ଼ିତ ଥିଲେ। ଯଦିଓ ତାଙ୍କ ଶରୀରରୁ ଏହି ରୋଗର ଔଷଧ ମିଳିଛି, କିନ୍ତୁ ଘଟଣା ଦିନ ସେ ଔଷଧ ଖାଇଥିଲେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ପୋଷ୍ଟମର୍ଟମ ରିପୋର୍ଟ ଅନୁସାରେ 'ପାଣିରେ ବୁଡ଼ିଯିବା' ହିଁ ମୃତ୍ୟୁର ପ୍ରାଥମିକ କାରଣ। ଶରୀରରେ ଥିବା କିଛି ସାମାନ୍ୟ କ୍ଷତ ଚିହ୍ନ ଉଦ୍ଧାର ସମୟରେ ଏବଂ ସିପିଆର୍ ଦେବା ବେଳେ ହୋଇଥିବା ଜଣାପଡ଼ିଛି। ସିଙ୍ଗାପୁର ପୋଲିସ ଏହାକୁ ଏକ ଦୁର୍ଘଟଣା ବୋଲି କହୁଥିବା ବେଳେ, ଭାରତରେ ଆସାମ ପୋଲିସର ସିଆଇଡି ଏହି ମାମଲାରେ ହତ୍ୟା ତଦନ୍ତ ଜାରି ରଖିଛି। ଜୁବିନ୍‌ଙ୍କ ମୃତ୍ୟୁ ପରେ ଆସାମରେ ୬୦ରୁ ଅଧିକ ଏଫ୍ଆଇଆର୍ ଦାୟର ହୋଇଥିଲା। ପୋଲିସ ଏହି ମାମଲାରେ ଉତ୍ସବ ଆୟୋଜକ ଶ୍ୟାମକାନ୍ତୁ ମହନ୍ତ, ସଚିବ ସିଦ୍ଧାର୍ଥ ଶର୍ମା ଏବଂ ବ୍ୟାଣ୍ଡର ଦୁଇ ସଦସ୍ୟଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିଛି।

## ପ୍ରତିଶ୍ରୁତି ପାଳନ କରିବାକୁ ଯାଇ ମାନବିକତା ଭୁଲିଗଲେ ସରପଞ୍ଚ

# ବିଷ ଦେଇ ମାରିଦେଲେ ୫୦୦ କୁକୁର




**ହାଇଦ୍ରାବାଦ,୧୪।୧:** ସାମାନ୍ୟ କେଇଟା ଭୋଟ୍ ପାଇଁ କୁକୁରକୁ ହତ୍ୟା କରିବାକୁ ପଛାଇଲେନି ଜଣେ ସରପଞ୍ଚ ପ୍ରାର୍ଥୀ। ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପାଳନ କରିବା ସକାଶେ ସେ ଏପରି କ୍ରୂର ଆଚରଣ ପ୍ରଦର୍ଶନ କରିଛନ୍ତି। ସରପଞ୍ଚ ଭାବେ ଜିତିବା ପରେ ସେ କୁକୁରମାନଙ୍କୁ ମାରି ଅଭିଯାନ ଆରମ୍ଭ କରିଥିଲେ। ତେବେ ଏହି ଅଭିଯାନରେ ସେ ଗୋଟଏ କି ଦୁଇଟି ନୁହେଁ, ୫୦୦ରୁ ଅଧିକ କୁକୁରଙ୍କୁ ହତ୍ୟା କରିଛନ୍ତି। ତେଲଙ୍ଗାନାରେ ଏପରି ଏକ ମାମଲା ସାମ୍ନାକୁ ଆସିଛି। ଏହି ଘଟଣା ନେଇ ଥାନାରେ ବି ମାମଲା ରୁଜୁ ହୋଇଛି।

ମିଳିଥିବା ସୂଚନାନୁସାରେ, ଗତ ୧୨ ତାରିଖରେ ଷ୍ଟ୍ରେ ଆନିମଲ୍ ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆର ଆଦୁଲାପୁରମ୍ ଗୌତମ ମାଚାରେଡି ଥାନାରେ ଏକ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ମାଚାରେଡି ଥାନାଞ୍ଚଳରେ ଭାବନିପେଟ, ପଲଵାଞ୍ଚା, ଫରିଦପେଟ, ୱାଡି ଓ ବୃନ୍ଦାରମେଶ୍ୱରପାଲ୍ଲୀ ଗାଁ ରହିଛି। ଏହିସବୁ ଗାଁରେ ଗତ ୨ରୁ ୩ ଦିନ ଭିତରେ ପ୍ରାୟ ୪୦୦ରୁ ୫୦୦ ବୁଲା କୁକୁରଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ସ୍ଥାନୀୟ ସରପଞ୍ଚଙ୍କ ନିର୍ଦ୍ଦେଶ କ୍ରମେ କୁକୁରଙ୍କୁ ବିଷ ଇଞ୍ଜେକ୍ସନ ଦେଇ ହତ୍ୟା କରାଯାଇଥିବା ଉକ୍ତ ଅଭିଯୋଗରେ ଦର୍ଶାଯାଇଛି। ଏହି ଅଭିଯୋଗକୁ ଭିତ୍ତି କରି ପୁଲିସ ଏହି ଘଟଣାରେ ତଦନ୍ତ ଆରମ୍ଭ କରିଛି ଏବଂ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ଥାନୀୟ ଥାନାଧିକାରୀ କହିଛନ୍ତି।

ଘଟଣା ସମ୍ପର୍କରେ ଗ୍ରାମବାସୀ କହିଛନ୍ତି ଯେ ଗତ ବର୍ଷ ଡିସେମ୍ବରରେ ହୋଇଥିବା ନିର୍ବାଚନରେ ବୁଲା କୁକୁର ସମସ୍ୟା ଦୂର କରିବା ପାଇଁ ସରପଞ୍ଚ ପ୍ରାର୍ଥୀମାନେ ପ୍ରତିଶ୍ରୁତି ଦେଇଥିଲେ। ସେମାନଙ୍କ ମଧ୍ୟରୁ ବିଜୟୀ ହୋଇଥିବା ପ୍ରାର୍ଥୀ ଜଣଙ୍କ ତାଙ୍କର ଏହି ପ୍ରତିଶ୍ରୁତି ପୂରଣ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲେ। ତେବେ ଏତେସଂଖ୍ୟକ କୁକୁରଙ୍କୁ ସାମୂହିକ ଭାବେ ହତ୍ୟା କରାଯାଇଥିବା ବେଳେ ଗାଁ ବାହାରେ ମୃତଦେହଗୁଡ଼ିକୁ ପୋତାଯାଇଛି। ଏହି ମାମଲାରେ ପଶୁ ଚିକିତ୍ସକ ଟିମ୍ ଘଟଣାସ୍ଥଳରେ ପହଞ୍ଚି କୁକୁରଙ୍କ ମୃତଦେହଗୁଡ଼ିକୁ ବାହାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି।



ଲିଙ୍ଗରାଜ ବିହାର ପାଠାଗାର ଓ ସୂଚନା କେନ୍ଦ୍ର ପକ୍ଷରୁ ସ୍କ୍ରିନିଂ ଅଫ୍ ଭାଇଟାଲ, ମଧୁମେହ ରୋଗ ଓ ବୋନ୍ ହେଲ୍ଥ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ରକ୍ତ ପରୀକ୍ଷା, ରକ୍ତଚାପ ମାପିବା ଓ ଇସିଜି ଆଦି କରାଯାଇଛି। ସନ୍ଧ୍ୟାରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିବା ବେଳେ ଏଥିରେ ଡାକ୍ତର ଶିଶିର ମହାପାତ୍ର ସଭାପତିତ୍ୱ କରିଥିଲେ।

## ମକର ସଂକ୍ରାନ୍ତିରେ ସାଗର ସଙ୍ଗମରେ ଭକ୍ତଙ୍କ ଭିଡ଼

### କଡା ସୁରକ୍ଷାରେ ପୂଣ୍ୟ ସ୍ନାନ ସମ୍ପନ୍ନ

**କୋଲକାତା,୧୪।୧(ସଂଚାର ବ୍ୟୁରୋ):** ପୌଷ ସଂକ୍ରାନ୍ତିର ପୂଣ୍ୟତିଥିରେ ସାଗର ସଙ୍ଗମରେ ପୁଣ୍ୟ ଅର୍ଜନ ପାଇଁ ମହାସମାଗମ। ବୁଧବାର ପ୍ରତ୍ୟୁଷରୁ ଲକ୍ଷାଧିକ ପୂଣ୍ୟାର୍ଥୀ ଗଙ୍ଗା କୂଳରେ ଏକାଠି ହୋଇଥିଲେ। ହାଡ଼ଭଙ୍ଗା ଶୀତକୁ ଅଣଦେଖା କରି, ଦେଶର ବିଭିନ୍ନ ସ୍ଥାନରୁ ଭକ୍ତମାନେ ଆସି ପହଞ୍ଚିଥିଲେ। କଥାରେ ଅଛି, 'ସବୁ ତୀର୍ଥ ବାରମ୍ବାର, ଗଙ୍ଗାସାଗର ଏକବାର'। ଏବଂ ଏହା ପରେ, ଭକ୍ତମାନେ ସମୁଦ୍ର ଜଳରେ ପବିତ୍ର ବୁଡ଼ ପକାଇବା ଆରମ୍ଭ କରିଥିଲେ। ପ୍ରତ୍ୟୁଷରୁ ଆରମ୍ଭ ହୋଇଥିବା ଏହି ପୂଣ୍ୟ ସ୍ନାନକୁ କେନ୍ଦ୍ର କରି ସାଗରତଟରେର୍ ଏବେ କେବଳ ଜନସମୁଦ୍ର। ସ୍ନାନ ସହିତ, କପିଳ ମୁନିଙ୍କ ଆଶ୍ରମରେ ପୂଜା କରିବା ପାଇଁ ଭକ୍ତମାନଙ୍କର ଲମ୍ବା ଧାଡି ଦେଖିବାକୁ ମିଳିଥିଲା। ମନ୍ଦିର ପରିସରରେ ପୂଣ୍ୟାର୍ଥୀଙ୍କ ପ୍ରଚୁର ଭିଡ ଦେଖିବାକୁ ମିଳିଥିଲା। ଭିଡ଼କୁ ପରିଚାଳନା କରିବା ପାଇଁ ମେଳା ପରିସରରେ ହଜାର ହଜାର ପୁଲିସ ଏବଂ ସ୍ୱେଚ୍ଛାସେବକଙ୍କୁ ନିୟୋଜିତ କରାଯାଇଥିଲା।

### ଦ୍ୱିତୀୟ ଦିନିକିଆରେ ଟିମ୍ ଇଣ୍ଡିଆ ବୋଲର୍‌ଙ୍କ ଧୂଲେଇ

# ୭ ୱିକେଟ୍‌ରେ ଜିତିଲା ନ୍ୟୁଜିଲାଣ୍ଡ



ମିଚେଲ୍‌ଙ୍କ ଶତକ ଆଗରେ ରାହୁଲ୍ ଫିକା

**ରାଜକୋଟ,୧୪।୧:** ଚଳିତ ନ୍ୟୁଜିଲାଣ୍ଡ୍ ବିପକ୍ଷ ଦ୍ୱିତୀୟ ଦିନିକିଆରେ ଘରୋଇ ଭାରତୀୟ ବୋଲର୍‌ଙ୍କ ଦୁର୍ବଳ ପ୍ରଦର୍ଶନ ପରିପ୍ରେକ୍ଷୀରେ ସିରିଜ୍ ୧-୧ରେ ବରାବର ହୋଇଛି। ପୂର୍ବରୁ ପ୍ରଥମ ମ୍ୟାଚ୍‌ଟିକୁ ଜିତିଥିଲେ ହେଁ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ଏହାକୁ କାଏମ୍ ରଖିପାରିନଥିଲା। ଭାରତର ମଧ୍ୟମକ୍ରମ ବ୍ୟାଟ୍ସମ୍ୟାନ ଲୋକେଶ ରାହୁଲ୍‌ଙ୍କ ଅପରାଜିତ ଶତକ ନ୍ୟୁଜିଲାଣ୍ଡର ବିସ୍ଫୋରକ ବ୍ୟାଟ୍ସମ୍ୟାନ୍ ଡାରିଲ୍ ମିଚେଲ୍‌ଙ୍କ ଅପରାଜିତ ୧୩୧ ରନ୍‌ର ଇନିଂସ ଆଗରେ ପୂରାପୂରି ଫିକା ପଡ଼ିଯାଇଥିଲା। ମାତ୍ର ୧୧୭ ବଲ୍‌ରେ ୧୧ଟି ଚୌକା ଓ ୨ଟି ଛକା ଜରିଆରେ ଏହି ରନ୍ କରିଥିବା ମିଚେଲ୍ ନିର୍ଦ୍ୱନ୍ଦ୍ୱରେ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ପ୍ରଥମେ ବ୍ୟାଟିଂ ପାଇ ଭାରତ ୭ ୱିକେଟ୍ ହରାଇ ୨୮୪ ରନ୍ କରିଥିଲା। ଦଳ ପକ୍ଷରୁ ରାହୁଲ୍ ୯୨ ବଲ୍ ଖେଳି ୧୧ଟି ଚୌକା ଓ ଗୋଟିଏ ଛକା ମାଧ୍ୟମରେ ୧୧୨ ରନ୍ କରି ଅପରାଜିତ ରହିଥିବା ବେଳେ ଓପନର ତଥା ଅଧିନାୟକ ଶୁବମାନ ଗିଲ୍ ୯ଟି ଚୌକା ଓ ଗୋଟିଏ ଛକା ସହ ୫୬ ରନ୍ କରିଥିଲେ। ଦିନିକିଆରେ ଏହା ରାହୁଲ୍‌ଙ୍କ ଅଷ୍ଟମ ଶତକ ଥିଲା। ନ୍ୟୁଜିଲାଣ୍ଡ୍ ପକ୍ଷରୁ କ୍ରିଷ୍ଟିଆନ୍ କ୍ଲାର୍କ ୩ଟି ୱିକେଟ୍ ନେଇଥିଲେ। ବ୍ୟାଟିଂରେ ଦଳ ୪୬ ରନ୍ ସୁଦ୍ଧା ଦୁଇ ଓପନର ଡେଭନ୍ କୋନ୍‌ୱେ ଓ ହେନ୍‌ରି ନିକୋଲ୍ସଙ୍କ ୱିକେଟ୍ ହରାଇଥିଲା। କିନ୍ତୁ ତୃତୀୟ ୱିକେଟ୍‌ରେ ୱିଲ୍ ୟଙ୍ଗ୍ ଓ ମିଚେଲ୍ ୧୫୨ ବଲ୍‌ରେ ୧୬୨ ରନ୍ କରି ଦଳ ପାଇଁ ବିଜୟ ବାଟ ଉନ୍ମୁକ୍ତ କରିଦେଇଥିଲେ। ୟଙ୍ଗ୍ ୭ଟି ଚୌକା ସହ ୮୭ ରନ୍‌ରେ ବିଦାୟ ନେବା ପରେ ମିଚେଲ୍ ମ୍ୟାଚ୍ ମୁଣ୍ଡି ମାରିଥିଲେ। ଏହାଛଡ଼ା ଗ୍ଲେନ୍ ଫିଲିପ୍ସ ୨ଟି ଚୌକା ଓ ଗୋଟିଏ ଛକା ଜରିଆରେ ୩୨ ରନ୍‌ରେ ଅପରାଜିତ ଥିଲେ। ଭାରତ ପକ୍ଷରୁ ହର୍ଷିତ ରାଣା, ପ୍ରସିଦ୍ଧ କ୍ରିଷ୍ଣା ଓ କୁଲଦୀପ ଯାଦବ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। କିନ୍ତୁ କୁଲଦୀପଙ୍କୁ ନ୍ୟୁଜିଲାଣ୍ଡ୍ ବ୍ୟାଟ୍ସମ୍ୟାନ୍‌ମାନେ ନିର୍ଘୂମ୍ ପ୍ରହାର କରିବା ଫଳରେ ସେ ତାଙ୍କ ୧୦ ଓଭର୍‌ରେ ୮୨ ରନ୍ ଖର୍ଚ୍ଚ କରିଥିଲେ। ସିରିଜର ନିର୍ଣ୍ଣାୟକ ମ୍ୟାଚ୍ ଆସନ୍ତା ୧୮ରେ ଇନ୍ଦୋରର ହୋଲକର ଷ୍ଟାଡିୟମଠାରେ ଖେଳାଯିବ।

## ଟ୍ରେନ ଉପରେ ଖସିପଡ଼ିଲା କ୍ରେନ, ୨୨ ମୃତ



**ବ୍ୟାଙ୍କକ,୧୪।୧:** ଥାଇଲାଣ୍ଡରେ ଉତ୍ତର-ପୂର୍ବ ଅଞ୍ଚଳରେ ଭୟଙ୍କର ଟ୍ରେନ ଦୁର୍ଘଟଣା । ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକରେ ଭୟଙ୍କର ଟ୍ରେନ୍ ଦୁର୍ଘଟଣାରେ ୨୨ ଜଣଙ୍କ ମୃତ୍ୟୁ ହୋଇଛି। ଏହାସହ ୩୦ ରୁ ଅଧିକ ଆହତ ହୋଇଛନ୍ତି। ଘଟଣାରେ ଆଉ ମୃତକଙ୍କ ସଂଖ୍ୟା ବଢ଼ିପାରେ ବୋଲି ଅନୁମାନ କରାଯାଉଛି । ଟ୍ରେନ କ୍ରେନ୍ ଖସିପଡ଼ିବାରୁ ଟ୍ରେନ୍ ଲାଇନ୍ଚ୍ୟୁତ ହୋଇଥିଲା। ନାଖୋନ୍ ରତଚାସିମା ପ୍ରୋଭିନ୍ସରେ ବଡ଼ ଟ୍ରେନ୍ ଦୁର୍ଘଟଣା। ରେଲୱେ ପ୍ରକଳ୍ପ କାମରେ ନିୟୋଜିତ କ୍ରେନ୍ ହଠାତ୍ ଉପରୁ ଖସିପଡ଼ିଥିଲା। ଘଟଣା ସ୍ଥଳରେ ଉଦ୍ଧାର କାମ ଜାରି ରହିଛି। ଘଟଣା ବ୍ୟାଙ୍କକ ଠାରୁ ୨୩୦ କିମି ଦୂର ନାଖୋନ୍ ରତଚାସିମା ପ୍ରୋଭିନ୍ସରେ ଘଟିଛି । ଖବର ମୁତାବକ, ବ୍ୟାଙ୍କକରୁ ଉତ୍ତର-ପୂର୍ବ ଥାଇଲ୍ୟାଣ୍ଡକୁ ଯାଉଥିବା ଏକ ଟ୍ରେନ୍ ଗୋଟିଏ ନିର୍ମାଣ କ୍ରେନ୍ ଉପରେ ଖସିପଡ଼ିବାରୁ ଲାଇନଚ୍ୟୁତ ହୋଇଥିଲା। ନାଖୋନ୍ ରାଚାସିମା ପ୍ରଦେଶର ସ୍ଥାନୀୟ ପୋଲିସ ମୁଖ୍ୟ ଥାଚାପୋନ୍ ଚିନାୱଙ୍ଗ କହିଛନ୍ତି, ୨୨ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୩୦ ରୁ ଅଧିକ ଆହତ ହୋଇଛନ୍ତି। ବୁଧବାର ସକାଳେ ଏହି ଦୁର୍ଘଟଣା ଘଟିଥିଲା। ଏକ ହାଇ-ସ୍ପିଡ୍ ରେଳ ପ୍ରକଳ୍ପରେ କାମ କରୁଥିବା କ୍ରେନ୍ ଖସି ପଡ଼ି ଏକ ଅତିକ୍ରମ କରୁଥିବା ଟ୍ରେନ୍ ସହିତ ଧକ୍କା ହୋଇଥିଲା । ଯାହା ଫଳରେ ଏହା ଲାଇନଚ୍ୟୁତ ହୋଇ କିଛି ସମୟ ପାଇଁ ନିଆଁ ଲାଗିଯାଇଥିଲା । ପୋଲିସ କହିଛି, ନିଆଁ ଲିଭାଇ ଦିଆଯାଇଛି ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ତେବେ ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଟ୍ରେନ ଉପରେ କ୍ରେନ ଖସିପଡିବାରୁ ଟ୍ରେନର ଛାତ ଭାଙ୍ଗିବା ସହିତ ଝରକା ମଧ ଭାଙ୍ଗିଯାଇଥିଲା । ଅନେକ ଯାତ୍ରୀ ଏହା ତଳେ ଫସିଥିବା ଜଣାପଡିଛି। ମେଡିକାଲ ଟିମ୍ ଏବଂ ଉଦ୍ଧାରକାରୀ ଦଳ ଫସିଥିବା ଯାତ୍ରୀଙ୍କୁ ଉଦ୍ଧାର ପାଇଁ ଚେଷ୍ଟା କରୁଛନ୍ତି।

## ୨୦ କେଜି ଗଞ୍ଜେଇ ଜବତ, ନୂଆଦିଲ୍ଲୀର ଦୁଇ ଯୁବକ ଗିରଫ

**ଦିଗପହଣ୍ଡି,୧୪।୧(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପୋଡ଼ାମାରି ବସଷ୍ଟାଣ୍ଡ ନିକଟରୁ ଆଜି ସକାଳେ ୨୦ କେଜି ୮ ଶହ ଗ୍ରାମ ଓଜନର ଗଞ୍ଜେଇ ଜବତ ହୋଇଛି। ଏଥିସହ ସେଣ୍ଟ୍ରାଲ ନୂଆଦିଲ୍ଲୀ ପଟେଲ ନଗରର ଦୁଇ ଜଣ ଅଣଓଡ଼ିଆ ଯୁବକଙ୍କୁ ପାଟପୁର ପୁଲିସ ଗିରଫ କରିଛି। ସେମାନେ ହେଲେ ରିତେଶ ମାଲହୋତ୍ରା ଓ ସବୀର କୁମାର। ପାଟପୁର ଥାନା ଏସ ଆଇ ଶ୍ରୀନିବାସ ଦାସ ଟିମ୍ ସହ ତପ୍ତପାଣି, ଟି.ଗୋବିନ୍ଦପୁର ପ୍ରଭୃତି ଇଲାକାରେ ପାଟ୍ରୋଲିଂ କରୁଥିବା ବେଳେ ଯୁବକଦ୍ୱୟ ପୋଡ଼ାମାରି ବସଷ୍ଟାଣ୍ଡ ନିକଟରେ ସନ୍ଦେହଜନକ ଅବସ୍ଥାରେ ଠିଆ ହୋଇଥିଲେ।

## ନିପା ଆତଙ୍କରେ ଜର୍ଜରିତ ବଙ୍ଗଳା

## ବେଲେଘାଟା ଆଇଡିରେ ଭର୍ତ୍ତି ହେଲେ ନର୍ସ

**କୋଲକାତା, ୧୪।୧(ସଂଚାର ବ୍ୟୁରୋ):** ବଙ୍ଗଳାରେ କ'ଣ ପୁଣି ନିପା ଆକ୍ରାନ୍ତ? ନିପା ସଂକ୍ରମିତ ହୋଇଥିବା ସନ୍ଦେହରେ ମଙ୍ଗଳବାର ବିଳମ୍ବିତ ରାତିରେ ବର୍ଦ୍ଧମାନ ମେଡିକାଲ କଲେଜ ଓ ହସ୍ପିଟାଲର ଜଣେ ନର୍ସଙ୍କୁ ବେଲେଘାଟା ଆଇଡି ହସ୍ପିଟାଲକୁ ଅଣାଯାଇଥିଲା।
ନର୍ସଙ୍କୁ ଆଇସୋଲେସନ ୱାର୍ଡରେ ରଖାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ନିପା ଭାଇରସ ମୁକାବିଲାରେ ସମସ୍ତ ପ୍ରକାରର ସାହାଯ୍ୟ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ପ୍ରତିଶ୍ରୁତି ଦେଇଛି। ଏମସ୍ କଲ୍ୟାଣୀର ଆ ଇ ସି ଏ ମ୍ ଆ ର - ଭି ଆ ର୍ ଡି ଏ ଲ୍ ଲ୍ୟାବରେ ଦୁଇଟି ସନ୍ଦିଗ୍ଧ ନିପା ଭାଇରସ ମାମଲା ଚିହ୍ନଟ ହେବା ପରେ ଏହି ପ୍ରତିଶ୍ରୁତି ଦିଆଯାଇଛି। ଘଟଣାଟି ଜଣାପଡ଼ିବା ମାତ୍ରେ, କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ସମନ୍ୱିତ ପଦକ୍ଷେପ ନିଆଯାଇଥିଲା। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା ଏହି ପ୍ରସଙ୍ଗରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ କଥା ହୋଇଛନ୍ତି। କେନ୍ଦ୍ର ଏବଂ ରାଜ୍ୟ ମିଳିତ ଭାବରେ କାମ କରୁଛନ୍ତି। ପରିସ୍ଥିତିର ମୁକାବିଲା କରିବା ଏବଂ ସଂକ୍ରମଣକୁ ପ୍ରଭାବଶାଳୀ ଭାବରେ ନିୟନ୍ତ୍ରଣ କରିବା ପାଇଁ ଏକ ଜାତୀୟ ମିଳିତ ପ୍ରକୋପ ପ୍ରତିକ୍ରିୟା ଦଳ ନିୟୋଜିତ କରାଯାଇଛି।

## ପଶ୍ଚିମବଙ୍ଗରେ ସମ୍ମାନିତ ହେଲେ ରାଉରକେଲା ଚିତ୍ରଶିଳ୍ପୀ



**କୋଲକାତା, ୧୪।୧(ସଂଚାର ବ୍ୟୁରୋ):** ପଶ୍ଚିମବଙ୍ଗର କାକଦ୍ୱୀପସ୍ଥିତ ସୁନ୍ଦରବନ ଆର୍ଟ ଏକାଡେମୀର ବାର୍ଷିକ ଉତ୍ସବ ଚିତ୍ରକଳା ପ୍ରଦର୍ଶନୀ ଓ ଚିତ୍ରଶିଳ୍ପୀ ସମ୍ମାନ ପ୍ରଦାନ ମହା ଆଡ଼ମ୍ବରରେ ଉଦଯାପିତ ହୋଇଯାଇଛି। ଏହି ଉଦଯାପନୀ ଉତ୍ସବରେ ଓଡିଶାର ରାଉରକେଲା ସାତ ନମ୍ବର ସେକ୍ଟରର କମ୍ୟୁନିଟି ସେଣ୍ଟର ଠାରେ ପରିଚାଳିତ ଜସପାଲ ସ୍ମୃତି ଚିତ୍ରାଳୟର ଚିତ୍ରଶିଳ୍ପୀ ରମେଶ ଚନ୍ଦ୍ର ପାତ୍ର ଓ ପ୍ରତାପ କୁମାର କୁମାର ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଛି। ଉଭୟ ଶିଳ୍ପୀ ଓଡିଶା ବ୍ୟତୀତ ଝାଡଖଣ୍ଡ, ବିହାର, ପଶ୍ଚିମବଙ୍ଗର ବିଭିନ୍ନ ଚିତ୍ରକଳା ଶିବିର ଓ ପ୍ରଦର୍ଶନୀରେ ନିୟମିତ ଅଂଶ ଗ୍ରହଣ କରି ପ୍ରଶଂସିତ ହୋଇଛନ୍ତି। ପ୍ରତାପ କୁମାର ପଟ୍ଟନାୟକ ଓଡିଶା ଲଳିତକଳା ଏକାଡେମୀ ଓ କେନ୍ଦ୍ର ଲଳିତ କଳା ଏକାଡେମୀରେ ଅଂଶ ଗ୍ରହଣ କରି ମଧ ସମ୍ମାନିତ ହୋଇଛନ୍ତି। ଶ୍ରୀ ରମେଶ ଚନ୍ଦ୍ର ପାତ୍ର ଏକାଧାରାରେ ଚିତ୍ରଶିଳ୍ପୀ, କବି, ଲେଖକ, ଅନୁବାଦକ, ସାନ୍ତାଳୀ ଲେଖକ ଓ ସାନ୍ତାଳୀ ଭାଷା ସାହିତ୍ୟ ଗବେଷକ। ଶ୍ରୀ ପାତ୍ର ମଧ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଛନ୍ତି। ସୁନ୍ଦରବନ ଆର୍ଟ ଏକାଡେମୀ ଦ୍ୱାରା ପରେଶ୍ୱରାନନ୍ଦ ମହାରାଜଙ୍କୁ ତନୁଶ୍ରୀ ବେରା, ଜୟଦେବ ଦାସଙ୍କୁ ମୌମିତା ଜାନା, ବିମାନ ନାଗଙ୍କୁ ସୋହନି ମଣ୍ଡଳ, ରମେଶ ଚନ୍ଦ୍ର ପାତ୍ରଙ୍କୁ ପଲ୍ଲବୀ ମଣ୍ଡଳ, ପ୍ରତାପ କୁମାର ପଟ୍ଟନାୟକଙ୍କୁ ପ୍ରଣତି ଦାସ, ପଣ୍ଟା ନାଗଙ୍କୁ, ସୁନନ୍ଦା ଖଟୁଆ, ବିଜୟ ରକ୍ଷୀତଙ୍କୁ କରବୀ ଜାନା, ବିବେକାନନ୍ଦ ପଣ୍ଡାଙ୍କୁ ଗାୟତ୍ରୀ ଗାଏନ, ପ୍ରସୂନ ମାଇତିଙ୍କୁ ଅହନା ପଡୁୟା ଓ ବିକାଶ ଗିରିଙ୍କୁ ପ୍ରୀତି ଦେବନାଥ ସମ୍ବର୍ଦ୍ଧନା ଦେଇଥିଲେ।
ବିଭିନ୍ନ ମାନ୍ୟ ଗଣ୍ୟ ବ୍ୟକ୍ତି ସହ ଅନେକ କଳା ପ୍ରେମୀ ଉପସ୍ଥିତ ଥିଲେ। ଅନୁଷ୍ଠାନର ଅଧକ୍ଷ ଦେବରାଜ ବେରା ଓ ପଲ୍ଲବୀ ମଣ୍ଡଳ ପରିଚାଳନା କରିଥିଲେ ଓ ତନୁଶ୍ରୀ ବେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବିବି ଗାଙ୍ଗୁଲି ଷ୍ଟ୍ରିଟରେ ଅଗ୍ନିକାଣ୍ଡ

## ଧୂଆଁରେ ବୁଡ଼ିଲା ଅଞ୍ଚଳ



**କୋଲକାତା, ୧୪।୧(ସଂଚାର ବ୍ୟୁରୋ):** ବିବି ଗାଙ୍ଗୁଲି ଷ୍ଟ୍ରିଟରେ ନିଆଁ ଲାଗିବାର ଘଟଣାରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଘଟଣାଟି ବୁଧବାର ସକାଳେ ଘଟିଛି। ଏକ ପ୍ଲାଇଉଡ୍ ଦୋକାନରେ ନିଆଁ ଲାଗିଥିବାର ଜଣାପଡ଼ିଛି। ନିଆଁ ଶୀଘ୍ର ବ୍ୟାପିଯାଇଥିଲା। ଘଟଣାସ୍ଥଳରେ ୧୦ଟି ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରାଯାଇଥିଲା। ଏହି ଘଟଣାରେ ଏପର୍ଯ୍ୟନ୍ତ କୌଣସି ହତାହତର ଖବର ନାହିଁ। ଉତ୍ତର ଦିଗରୁ ପ୍ରବଳ ପବନ ବହିବା ଯୋଗୁଁ ନିଆଁ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଥିଲା। ଏହି ଅଞ୍ଚଳଟି ଜନବହୁଳ। ଫଳରେ ନିଆଁ ବ୍ୟାପିବାର ଆଶଙ୍କା ବୃଦ୍ଧି ପାଇଥିଲା। ସେହି ଅଞ୍ଚଳରେ ଅନେକ ଫର୍ଣ୍ଣିଚର ଦୋକାନ ଅଛି। ଏହା ବ୍ୟତୀତ ଦୋକାନ ଭିତରେ ଥିବା ଜିନିଷଗୁଡ଼ିକ ଚିନ୍ତା ବଢାଇ ଦେଇଥିଲା। ସୂଚନା ଅନୁଯାୟୀ, ଦୋକାନରେ ଅନେକ ଫର୍ଣ୍ଣିଚର ଏବଂ ପ୍ରଚୁର ପରିମାଣରେ ଜ୍ୱଳନଶୀଳ ସାମଗ୍ରୀ ରହିଥିଲା। ଏହି କାରଣରୁ ନିଆଁ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଥିଲା। ଅଞ୍ଚଳରେ ବିଦ୍ୟୁତ୍ ତାର ବିସ୍ତାର ଚିନ୍ତାର କାରଣ ହେଉଛି। ଯଦିଓ ଜନବସତି ଅଞ୍ଚଳରେ ବିଦ୍ୟୁତ୍ ତାରଗୁଡ଼ିକରେ ନିଆଁ ଲାଗିଯାଏ, ତେବେ ଏହା ଏକ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିପାରେ ବୋଲି ଆଶଙ୍କା। କେବଳ ନିକଟବର୍ତ୍ତୀ ଦୋକାନଗୁଡ଼ିକରେ ନୁହେଁ, ବରଂ ଏହି ଅଞ୍ଚଳରେ ରହୁଥିବା ଲୋକଙ୍କ ଘରକୁ ମଧ ନିଆଁ ବ୍ୟାପିବାର ଆଶଙ୍କା ରହିଥିଲା।

## ପୁଲିସ ସଂଘ ନିର୍ବାଚନ ବିଜୟ ଉତ୍ସବରେ ଫୁଟିଲା ବାଣ, କନଷ୍ଟେବଳ ଗୁରୁତର

**ରାୟଗଡ଼ା,୧୪।୧(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା ପୁଲିସ କନଷ୍ଟେବଳ ଓ ହାବିଲଦାର ସଂଘ ନିର୍ବାଚନ ବିଜୟ ଉତ୍ସବରେ ଘଟିଛି ଅଘଟଣ। ବାଣ ଫୁଟି ଜଣେ କନଷ୍ଟେବଳ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତ କନଷ୍ଟେବଳ ଜଣଙ୍କ ହେଲେ କୃଷ୍ଣଚନ୍ଦ୍ର ବାଗ (ବନି)। ତାଙ୍କ ଅବସ୍ଥା ଗୁରୁତର ହେବାରୁ ବିଶାଖାପାଟଣାକୁ ସ୍ଥାନାନ୍ତର କରାଯାଇଛି । ଫଳରେ ବିଜୟ ଶୋଭାଯାତ୍ରା ଦୁଃଖର ଶୋଭାଯାତ୍ରାରେ ପରିଣତ ହୋଇଛି।
ପ୍ରକାଶ ଯେ ଦୁଇ ଦିନ ତଳେ ପୁଲିସ ହାବିଲଦାର ଓ କନଷ୍ଟେବଳ ସଂଘର ନିର୍ବାଚନ ହୋଇଥିଲା। ଏଥିରେ ବିଜୟୀ ହୋଇଥିବା ପ୍ରାର୍ଥୀମାନେ ଆଜି ସନ୍ଧ୍ୟାରେ ମଝିଘରିଆଣୀ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରିଥିଲେ। ଏହି ଶୋଭାଯାତ୍ରା ଯିବା ସମୟରେ ଏଫସିଆଇ ରାସ୍ତାରେ ବାଣ ଫୁଟାଇବା ବେଳେ ଅସାବଧାନତା ଯୋଗୁଁ ହାତରେ ବାଣ ଫୁଟି ଉତରେନ୍ଦ୍ର ଆହତ ହୋଇଥିଲେ।
ଉତରେନ୍ଦ୍ରଙ୍କୁ ସାଥୀ କନଷ୍ଟେବଳମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିଲା। ହେଲେ ଉତରେନ୍ଦ୍ରଙ୍କ ବାମ ହାତରେ ଗୁରୁତର ଆଘାତ ହୋଇଥିବାରୁ ତାଙ୍କୁ ବିଶାଖାପାଟଣାକୁ ସ୍ଥାନାନ୍ତର କରାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜନତାଙ୍କ...

ପାଇଁ ମଧ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ଦିନରୁ ସେ ଅଭିଯୋଗ ଶୁଣାଣିକୁ ପ୍ରାଥମିକତା ଦେଇଆସିଛନ୍ତି। ଅନ୍ୟ ସରକାରୀ କାର୍ଯ୍ୟକ୍ରମ ନଥିଲେ ସେ ପ୍ରାୟ ପ୍ରତି ସୋମବାର ଅଭିଯୋଗ ଶୁଣାଣି କରୁଛନ୍ତି। ନିଜ ଅଭିଯୋଗ ପ୍ରକୋଷ୍ଠରେ ଅନ୍ୟ ମନ୍ତ୍ରୀ ଓ ଅଧିକାରୀଙ୍କ ସହ ବସି ଲୋକଙ୍କଠାରୁ ଅଭିଯୋଗ ଗ୍ରହଣ କରୁଛନ୍ତି। ଭିନ୍ନକ୍ଷମ ଓ ମହିଳାଙ୍କଠାରୁ ଆବେଦନପତ୍ର ଗ୍ରହଣ କରିବାକୁ ସେ କାର୍ଯ୍ୟାଳୟ ବାହାରକୁ ବି ଆସୁଛନ୍ତି। ଗତ ୧୯ ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସୁଥିବା ୯୫ ପ୍ରତିଶତରୁ ଅଧିକ ଲୋକଙ୍କ ସମସ୍ୟାର ସମାଧାନ ହୋଇପାରିଛି। ଜିଲ୍ଲା ସ୍ତରରେ ମଧ ସବୁ ଅଧିକାରୀଙ୍କୁ ଲୋକଙ୍କ ଅଭିଯୋଗ ଶୁଣାଣି କରି ନିର୍ଦ୍ଧାରିତ ସମୟରେ ସମାଧାନ ପାଇଁ ଲୋକଙ୍କ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଉଛନ୍ତି।

ତେବେ ମୁଖ୍ୟମନ୍ତ୍ରୀ ଯେ କେବଳ ଭୁବନେଶ୍ୱରରେ ଅଭିଯୋଗ ଶୁଣାଣି କରୁଛନ୍ତି ତା' ନୁହେଁ, ସେ ଯେଉଁ ଜିଲ୍ଲା ଗସ୍ତରେ ଯାଉଛନ୍ତି ସେଠାରେ ବି ଲୋକଙ୍କ ସମସ୍ୟା ଶୁଣିବାରେ ସାମାନ୍ୟ ହେଳା କରୁନାହାଁନ୍ତି। ଏହା ପୂର୍ବରୁ ମଧ ସେ ଏକାଧିକ ଥର କେନ୍ଦୁଝରର ଯାଇଥିବା ସମୟରେ ନିଜ ଜିଲ୍ଲା ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। କେନ୍ଦୁଝରର ବଣଜଙ୍ଗଲ ଘେରା ଅଞ୍ଚଳର ଲୋକମାନେ ଭୁବନେଶ୍ୱର ଯାଇ ଅଭିଯୋଗ ଦାଖଲ କରିବା ସବୁ ସମୟରେ ସମ୍ଭବ ହେଉ ନ ଥିବାରୁ ନିଜ ଜିଲ୍ଲାରେ ସେ ଏକ ଅଭିଯୋଗ ପ୍ରକୋଷ୍ଠ ଖୋଲିବାକୁ ବି ନିର୍ଦ୍ଦେଶ ଦେଇଛନ୍ତି।

### ଅନ୍‌ଲାଇନ...

ବଦଳି ପ୍ରକ୍ରିୟା ନେଇ ବିସ୍ତୃତ ଗାଇଡଲାଇନ ସହ ଆବେଦନ ପ୍ରକ୍ରିୟା ଜାରି କରାଯିବ। ଜିଲ୍ଲା ସ୍ତରର ଅଧିକାରୀଙ୍କ ପାଇଁ ମଧ ସିଏମଜିଆଇ ଅଧିକାରୀ ଦାୟିତ୍ୱରେ ରହିବେ। ସବୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଡିନ୍, ଅଧକ୍ଷ ଓ ଜିଲ୍ଲା ସ୍ୱାସ୍ଥ୍ୟ ମୁଖ୍ୟଙ୍କୁ ଏ ସମ୍ପର୍କରେ ଆଜି ବିଭାଗ ପକ୍ଷରୁ ଅବଗତ କରାଯାଇଛି।

### କୌଣସି...

ଦୂତାବାସ ମଧ ସଙ୍କଟରେ ଥିବା ଭାରତୀୟମାନଙ୍କୁ ତୁରନ୍ତ ସହାୟତା ପ୍ରଦାନ କରିବା ପାଇଁ ଅନେକ ଜରୁରୀକାଳୀନ ହେଲ୍ପଲାଇନ୍ ନମ୍ବର ଜାରି କରିଛି। ଭାରତୀୟ ଦୂତାବାସ ଇରାନରେ ଥିବା ସମସ୍ତ ଭାରତୀୟ ନାଗରିକଙ୍କୁ ଦୂତାବାସରେ ପଞ୍ଜୀକରଣ କରିବାକୁ ଅନୁରୋଧ କରିଛି ଯେଉଁମାନେ ଏପର୍ଯ୍ୟନ୍ତ ପଞ୍ଜୀକରଣ କରିନାହାଁନ୍ତି।

### ପୁଣି...

ବ୍ୟବସ୍ଥା ବି ଆବଶ୍ୟକ ବୋଲି ମନ୍ତ୍ରୀ କହିଛନ୍ତି।

ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ କରିବାକୁ ଏବେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଚିଠି ହୋଇଛି। ପଞ୍ଚାୟତ ସ୍ତରରୁ ନେଇ ଲୋକସେବା ଭବନ ପର୍ଯ୍ୟନ୍ତ ଏଣିକି ସବୁ କାମ ଓଡ଼ିଆ ଭାଷାରେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ପାଳନ କରିବାକୁ ସରକାରୀ ସ୍ତରରେ କଡ଼ା ଚେତାବନୀ ଦିଆଯାଇଥିବା ମନ୍ତ୍ରୀ କହିଛନ୍ତି। ଭାଷା ପ୍ରତିଷ୍ଠାନ ପକ୍ଷରୁ ପ୍ରଶାସନିକ ଅଧିକାରୀ ଓ ଯେଉଁମାନେ ନଥିକୁ ଉପସ୍ଥାପନ କରନ୍ତି, ସେମାନଙ୍କୁ ପାଖରୁ ଓଡ଼ିଆ କିପରି ଆରମ୍ଭ ହେବ, ସେନେଇ ପ୍ରଚେଷ୍ଟା ଚାଲିଛି। ତାଙ୍କୁ ୭ଟି କର୍ମଶାଳା କରିସାରିଲୁଣି। ତାଙ୍କୁ ପ୍ରଶାସନିକ ଶବ୍ଦକୋଷ ଶିକ୍ଷା ଦିଆଯାଉଛି। କଷ୍ଟ ଶବ୍ଦକୁ ସରଳରେ ଉପସ୍ଥାପନ କରିବାକୁ ମଧ କୁହାଯାଉଛି।

ଓଡ଼ିଆ ଭାଷା ପ୍ରୟୋଗ ବେଳେ ଭୁଲ ହେବ। କିନ୍ତୁ ଏହାସତ୍ତ୍ୱେ ବି ଚେଷ୍ଟା ଜାରି ରହିବ। ଆନ୍ତରିକତା ଆସିବା ପାଇଁ ଯାହା କରାଯିବା କଥା, ତାହା କରାଯାଉଛି। ଇତିମଧ୍ୟରେ ଯଥେଷ୍ଟ ସୁଧାର ଆସିସାରିଛି। ଏବେ ବିଧାନସଭାରେ ଯାହା ପ୍ରକାଶ ପାଉଛି, ସେ କ୍ଷେତ୍ରରେ ଶତ ପ୍ରତିଶତ ଓଡ଼ିଆ ଭାଷାର ବ୍ୟବହାର କରାଯାଉଛି। ଖୋଦ ମନ୍ତ୍ରୀଙ୍କ ୩ଟି ବିଭାଗରେ ଓଡ଼ିଆରେ ଲେଖା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି। ସବୁକଥାକୁ ସକାରାତ୍ମକ ଭାବେ ନିଆଯାଉଛି ବୋଲି ସେ କହିଛନ୍ତି।

### ସମୃଦ୍ଧି...

ମଧ୍ୟରେ ଏକତାକୁ ଆହୁରି ସୁଦୃଢ଼ କରିଛି।

ମନ୍ତ୍ରୀ ଆଇଆଇଟି ମାଡ୍ରାସ ପରିବାର ସହ ସମୟ ବିତାଇବା ନେଇ ଖୁସି ବ୍ୟକ୍ତ କରିବା ସହ ସମସ୍ତଙ୍କର ଉତ୍ତମ ସ୍ୱାସ୍ଥ୍ୟ, ଶାନ୍ତି, ସମୃଦ୍ଧି ଏବଂ ସୁଖମୟ ଜୀବନ କାମନା କରିଛନ୍ତି। ଏହି ସ୍ୱତନ୍ତ୍ର ଉତ୍ସବରେ ଉଚ୍ଚ ଶିକ୍ଷା ବିଭାଗର ସଚିବ ବିନୀତ ଯୋଶୀ, ଆଇଆଇଟି ମାଡ୍ରାସର ନିର୍ଦ୍ଦେଶକ ପ୍ରଫେସର ଭି. କାମାକୋଟି, ବିଭିନ୍ନ ବିଭାଗର ଅଧାପକ, ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଏହାପରେ ଶ୍ରୀ ପ୍ରଧାନ କାଶୀ ତାମିଲ ସଙ୍ଗମମ୍ ୪.୦ର ସ୍ୱେଚ୍ଛାସେବୀମାନଙ୍କ ସହ ଆଲୋଚନା କରିବା ସହ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଗସ୍ତ କାଳରେ ଆଇଆଇଟି ମାଡ୍ରାସ ପକ୍ଷରୁ ମନ୍ତ୍ରୀଙ୍କୁ ମଧ ଭବ୍ୟ ସ୍ୱାଗତ କରାଯାଇଥିଲା।

### ଉତ୍ସାହିତ...

ମିଶ୍ରଙ୍କ ଭଳି ନେତା ୨୦୦୯ରେ ପରାଜୟର ମୁହଁ ଦେଖିଲେ।

ଆଗକୁ ସୀମା ପୁନଃ ନିର୍ଦ୍ଧାରଣର ଆଧାର ଜନସଂଖ୍ୟା ଓ ଜାତିଭିତ୍ତିକ ହୋଇପାରେ ବୋଲି କୁହାଯାଉଛି। ସେହିଦୃଷ୍ଟିରୁ ଦେଖିଲେ ଏବେ ରାଜ୍ୟର ପାଟଣାଗଡ ବିଧାନସଭା କ୍ଷେତ୍ରର ଭୋଟର ସଂଖ୍ୟା ହେଉଛି ସର୍ବାଧିକ ୩ ଲକ୍ଷ ୯ ହଜାର ୧୧୪। ଦ୍ୱିତୀୟରେ ଉତ୍ତର ଭୁବନେଶ୍ୱର ଭୋଟର ସଂଖ୍ୟା ୨ଲକ୍ଷ ୯୨ ହଜାର ୧୩୪ ଏବଂ କଣ୍ଟାବାଞ୍ଜିରେ ୨ଲକ୍ଷ ୮୩ ହଜାର ୩୩୯। ରାଜ୍ୟର ୩୨ଟି ବିଧାନସଭା କ୍ଷେତ୍ରରେ ଭୋଟର ସଂଖ୍ୟା ଅଢେଇ ଲକ୍ଷରୁ ଅଧିକ। ତେଣୁ ଜନସଂଖ୍ୟା ଆଧାରରେ ଅଢେଇ ଲକ୍ଷରୁ ଅଧିକ ଭୋଟର ଥିବା ବିଧାନସଭା କ୍ଷେତ୍ର ଭାଙ୍ଗିବା ସ୍ୱାଭାବିକ।

ସେହିଭଳି କେନ୍ଦ୍ର ସରକାର ଏଥର ମହିଳା ସଂରକ୍ଷଣ ଲାଗୁ କଲେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ ହେବ। ଯଦି ଓଡିଶା ବିଧାନସଭାର ଆସନ ସଂଖ୍ୟା ୨୦୦ ହେବ ତେବେ ମହିଳାଙ୍କ ପାଇଁ ୬୬ଟି ଆସନ ସଂରକ୍ଷିତ କରାଯିବ। ତେଣୁ ପ୍ରତ୍ୟକ୍ଷ ନିର୍ବାଚନରେ ମହିଳାଙ୍କ ପ୍ରତିନିଧିତ୍ୱ ବଢ଼ିବ ସତ, ସେତିକି ସଂଖ୍ୟାରେ ପୁରୁଷ ରାଜନେତା ସୁଯୋଗ ହରାଇବେ। ବର୍ତ୍ତମାନ ୩୩ଟି ଆସନ ଅନୁସୂଚିତ ଜନଜାତି ଓ ୨୪ଟି ଆସନ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ।

### ନିର୍ବାଚନର...

ଅମଳରେ କିଛି କାମ ହୋଇ ନ ଥିବା କହିବାରେ ଲାଗିଛନ୍ତି। ପୂର୍ବରୁ ବରିଷ୍ଠ ନେତ୍ରୀ ଶ୍ରୀମୟୀ ମିଶ୍ର ଓ ପୂର୍ବତନ ମନ୍ତ୍ରୀ ପ୍ରଫୁଲ ମଲ୍ଲିକ ଅନୁରୂପ ଅଭିଯୋଗ କରି ଦଳରୁ ନିଲମ୍ବିତ ହୋଇଛନ୍ତି।

ସେହିଭଳି ଆସନ୍ତା ଏପ୍ରିଲ୍‌ରେ ହେବାକୁ ଥିବା ରାଜ୍ୟସଭା ନିର୍ବାଚନ ପାଇଁ ବିଜେଡି ତା'ର ପ୍ରସ୍ତୁତି ଆରମ୍ଭ କରିଦେଇଛି। ପୂର୍ବରୁ ଦଳର ଦୁଇ ଦୁଇ ଜଣ ରାଜ୍ୟସଭା ସାଂସଦ ଦଳ ଛାଡ଼ି ବିଜେପି ପଳାଇବା ପରେ ବିଜେଡିକୁ ଚିନ୍ତା ଘାରିଛି। ଏହି ଫର୍ମୁଲାରେ କାଳେ କୌଣସି ବିଧାୟକ କ୍ରସ ଭୋଟିଂ କରିଦେବେ, ସେଥିପାଇଁ ଏବେଠାରୁ ଦଳପତି ଭେଟଘାଟ୍ ପର୍ବ ଆରମ୍ଭ କରିଛନ୍ତି। ନିର୍ବାଚନ ହାରିବା ପରେ ପରାଜୟର ସମୀକ୍ଷା ପାଇଁ ଦଳୀୟ ନେତାମାନେ ବାରମ୍ବାର କହିବା ପରେ ମଧ ଏଥିପାଇଁ ଆଗ୍ରହ ପ୍ରକାଶ କରୁନଥିବା ସଭାପତିଙ୍କର ହଠାତ୍ ଏଭଳି ମନୋଭାବ ଅନେକ ନେତାଙ୍କୁ ଆଶ୍ଚର୍ଯ୍ୟଚକିତ କରିଥିବା ବେଳେ କିଛି ମାମଲତକାର ନିଜର ସୁରକ୍ଷା ଓ ରାଜ୍ୟସଭା ଯିବାର ବାଟ ସଫା ଲାଗି ଏଭଳି ରଣନୀତି ଆପଣେଇଥିବା କୁହାଯାଉଛି। ଗୋଟିଏ ପଟେ ନବୀନଙ୍କ ଭେଟ୍‌ଘାଟ୍ ଚାଲିଥିବା ବେଳେ ଅନ୍ୟପଟେ କିଛି ଅସନ୍ତୁଷ୍ଟ ବଣଭୋଜି ନାଁରେ ଗୁପ୍ତ ବୈଠକ କରିବାରେ ଲାଗିଛନ୍ତି। ତେବେ ଆଗାମୀ ଦିନରେ କେଉଁ ବିଧାୟକ ଆସି ନବୀନଙ୍କୁ ସାକ୍ଷାତ କରି କ'ଣସବୁ ଆଲୋଚନା କରୁଛନ୍ତି ଓ କେଉଁଠାରେ ବିଭିନ୍ନ ଆଳ ଦେଖାଇ ଖସି କରି ରହୁଛନ୍ତି, ତା' ଉପରେ ଏବେ ଦଳୀୟ କର୍ମୀମାନେ ସତର୍କ ଦୃଷ୍ଟି ରଖିଛନ୍ତି।

### ଶିମିଳିପାଳରେ...

ପ୍ରଜନନ କେନ୍ଦ୍ରକୁ ମିଶାଇ ପ୍ରାୟ ୨୦ଟି ସ୍ଥାନରେ କୁମ୍ଭୀର ଗଣନା କରାଯାଇଥିଲା। ଉକ୍ତ ଗଣନାରେ ଉତ୍ତର ଓ ଦକ୍ଷିଣ ଶିମିଳିପାଳର ଗୋଟିଏ ରେଞ୍ଜକୁ ମିଶାଇ ସମୁଦାୟ ୧୬ଟି ରେଞ୍ଜରେ ଗଣନା ହୋଇଥିଲା। ପ୍ରତି ରେଞ୍ଜରେ କୁମ୍ଭୀର ଗଣନା ପାଇଁ ରେଞ୍ଜର, ଫରେଷ୍ଟର ଓ କର୍ମଚାରୀଙ୍କୁ ନେଇ ୩୦ଟି ଟିମରେ ୧୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ନିୟୋଜିତ ହୋଇଥିଲେ। ଶିମିଳିପାଳ ଓ ଆଖପାଖ ଅଞ୍ଚଳରେ ଅଧିକ ଗୋମୁହାଁ ବା ମଗର ପ୍ରଜାତିର କୁମ୍ଭୀର ଦେଖାଯାଇଥାନ୍ତି ବୋଲି ଗଣନା ସମୟରେ ଜଣାପଡ଼ିଛି।

ରିପୋର୍ଟ ଅନୁଯାୟୀ, ଗତ ୨୦୨୧ ଗଣନାରେ ୮୧ଟି, ୨୦୨୨ ଗଣନାରେ ୮୩ଟି, ୨୦୨୩ ଗଣନାରେ ୮୬ଟି କୁମ୍ଭୀର ଶିମିଳିପାଳ ଅଭୟାରଣ୍ୟରେ ଥିବା ବେଳେ ୨୦୨୪ ଗଣନାରେ ୪ଟି କୁମ୍ଭୀର ସଂଖ୍ୟା ହ୍ରାସ ପାଇ ମୋଟ ୮୨ଟି ରହିଥିଲା। ସେହିପରି ଗତବର୍ଷ ଗଣନାରେ ଏହି ସଂଖ୍ୟା ତୁଳନାରେ ଗୋଟିଏ କୁମ୍ଭୀର ହ୍ରାସ ପାଇଥିଲା। ତେବେ ଚଳିତ ବର୍ଷ ସଂଖାରେ ୩ଟି ବୃଦ୍ଧି ଘଟିଛି। ସେଥି ମଧ୍ୟରୁ ଶିମିଳିପାଳ ଦକ୍ଷିଣ ବନଖଣ୍ଡରେ ୭୮ଟି କୁମ୍ଭୀର ରହିଥିବା ବେଳେ ଉତ୍ତର ବନଖଣ୍ଡରେ ଗୋଟିଏ, ରାମତୀର୍ଥରେ ୫ଟି କୁମ୍ଭୀର ରହିଛନ୍ତି। ସେହିପରି ପଶ୍ଚିମ ଦେଓ ନଦୀରେ ସର୍ବାଧିକ ୬୦ଟି କୁମ୍ଭୀର ରହିଛନ୍ତି। ଗତ ବର୍ଷ ତୁଳନାରେ କୁମ୍ଭୀର ସଂଖ୍ୟା ବୃଦ୍ଧିଥିବା ସଫଳ ସଂରକ୍ଷଣ ଓ ପୁନଃପ୍ରଚଳନ କାର୍ଯ୍ୟକ୍ରମର ସଫଳତାକୁ ଦର୍ଶାଉଛି। ରାମତୀର୍ଥ କୁମ୍ଭୀର ପ୍ରଜନନ କେନ୍ଦ୍ରରୁ ପ୍ରତିବର୍ଷ ଶାବକମାନଙ୍କୁ ବିଭିନ୍ନ ଜଳ ଉତ୍ସରେ ଛଡ଼ାଯିବା ଫଳରେ ଏହି ବୃଦ୍ଧି ସମ୍ଭବପର ହୋଇପାରିଛି।



## ରିଲିଜ୍ ହେଲା ଓଡ଼ିଆ ଚଳଚ୍ଚିତ୍ର 'ଦି ମିଲେଟ୍ ଡାଏରୀ'ର ଟିଜର

**ଭୁବନେଶ୍ୱର, ୧୪।୧ (ସଂଚାର ବ୍ୟୁରୋ):** ଇନଫାଇସନ୍ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ବହୁ ପ୍ରତିକ୍ଷିତ ଫିଲ୍ମର ଟିଜର ମୁକ୍ତିଲାଭ କରିଛି, ଯାହା ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ସୃଷ୍ଟି କରିଛି। ଟିଜର ରିଲିଜ୍ ଅବସରରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଓଡ଼ିଆ ସିନେ ପ୍ରଯୋଜକ ଅଜିତ ମିଶ୍ର, ସଂସ୍କୃତି ବିଭାଗ ଡେପୁଟି ଡାଇରେକ୍ଟର ସ୍ମିତା ମହାନ୍ତି, ବ୍ଲୁଜମ୍ ସ୍କୁଲର ଅଧକ୍ଷା ନଦିଆ ମୁଗବେଲପୁର, ବ୍ରଜରାଜ ମୁଭିଜ୍‌ର ଡାଇରେକ୍ଟର ନିତୁ ନାୟକ, ଫିଲ୍ମର ପ୍ରଯୋଜକ ଜେଆର୍‌ଏମ୍, ନିର୍ଦ୍ଦେଶକ ରାଜେନ୍ଦ୍ର ମହାନ୍ତ, ଚିତ୍ରନାଟ୍ୟ ଓ ସଂଳାପ ଦିଲ୍ଲୀପ ବିଷୋୟୀ, ଉତ୍ତମ କୁମାର, ମାର୍କେଟିଂ ଓ ପିଆର ପ୍ରଣୟ ଜେଠୀ, ଅଭିନେତା ସିଦ୍ଧାନ୍ତ ମହାପାତ୍ର, କୁନା ତ୍ରିପାଠୀ, ଶକ୍ତି ବରାଳ, ଅଭିନେତା ଅଭିଷେକ, ଅଭିନେତ୍ରୀ ଶିବାନୀ ସଙ୍ଗୀତା ଉପସ୍ଥିତ ଥିଲେ। 'ଦି ମିଲେଟ୍ ଡାଏରୀ' କେବଳ ଏକ ସିନେମା ନୁହେଁ, ବରଂ ଏଥିରୁ କଳିଙ୍ଗର ଆତ୍ମସମ୍ମାନ ଓ ମାଣ୍ଡିଆର ଗୌରବଗାଥା ସ୍ପଷ୍ଟ ବାରି ହେଉଛି। ଓଡ଼ିଆ ସିନେପ୍ରେମୀଙ୍କ ପାଇଁ ଏହା ଏକ ବଡ଼ ଖବର ଯେ ଚଳଚ୍ଚିତ୍ରଟି ଆସନ୍ତା ରଜ ଉପଲକ୍ଷେ ଜୁନ ୧୨ରେ ପରଦାକୁ ଆସୁଛି, ଯାହାର ଟିଜର ସୋସିଆଲ ମିଡିଆରେ ଏବେ ଚର୍ଚ୍ଚାର ଶୀର୍ଷରେ ରହିଛି। ଏହି ଚଳଚ୍ଚିତ୍ରରେ ଓଲିଉଡର ଅନେକ ଜଣାଶୁଣା ଓ ଦକ୍ଷ କଳାକାରମାନେ ଅଭିନୟ କରିଛନ୍ତି। ସେମାନେ ହେଲେ ସିଦ୍ଧାନ୍ତ ମହାପାତ୍ର, ଅଭିଷେକ ପଣ୍ଡା, ଶିବାନୀ ସଙ୍ଗୀତା, ରାଜ ରାଜେଶ ଓ ଶ୍ରୀତମ ଦାସ। ଅନ୍ୟାନ୍ୟ ପ୍ରମୁଖ କଳାକାରମାନଙ୍କ ମଧ୍ୟରେ କୁନା ତ୍ରିପାଠୀ, ଶକ୍ତି ବରାଳ, ସୁଶାନ୍ତ ଦାଶମହାପାତ୍ର, ରେଭାଂଶ ମହାନ୍ତି, ସନ୍ତୁ ନିଜେ, କାଞ୍ଚନ, ରାଜଶ୍ରୀ, ଦୀପକ, ଦେବିକା ଓ ଶ୍ରେୟା ରହିଛନ୍ତି।

ସେହିପରି ପରଦା ପଛର ସାରଥୀ ଏହି ଭିନ୍ନଧର୍ମୀ ସିନେମାକୁ ସଜାଇଛନ୍ତି ଓଡ଼ିଶାର ଦକ୍ଷ କଳାକାର ଓ ବୈଷୟିକ ଟିମ୍ । ପ୍ରଯୋଜନା ଓ କାହାଣୀ ଜେ.ଆର୍.ଏମ୍, ନିର୍ଦ୍ଦେଶନାରେ ରାଜେନ୍ଦ୍ର ମହାନ୍ତ । ଚିତ୍ରନାଟ୍ୟ ଓ ସଂଳାପ ଦିଲ୍ଲୀପ ବିଶୋଇ ଓ ଉତ୍ତମ କୁମାର। ସଙ୍ଗୀତ ନିର୍ଦ୍ଦେଶନା ପ୍ରେମ ଆନନ୍ଦ, ସିନେମାଟୋଗ୍ରାଫି ବିଶ୍ୱଜିତ କୁଲ୍ଡି ଓଙ୍କଶ୍ୱର ବାରିକ। ଆହୁରି ସମ୍ପାଦନା ଦାୟିତ୍ୱରେ ରାଜେଶ ଦାଶ, ପୋଷ୍ଟ ପ୍ରଡକ୍ସନ ହେଡ ବିଶ୍ୱଜିତ୍ ପାଇଟଲ। କଣ୍ଠଦାନ କରିଛନ୍ତି କୁଲଦୀପ ପଟ୍ଟନାୟକ, ବିଶ୍ୱଜିତ, ଦିପ୍ତୀରେଖା ପାଢ଼ୀ, ଶଶାଙ୍କ ଶେଖର, ଆଶୁତୋଷ ଏବଂ ଦେବ ଜେ। ଚଳିତ ବର୍ଷ ରଜରେ ଏହି ଚଳଚ୍ଚିତ୍ରଟି ବଡ଼ ପରଦାରେ ମୁକ୍ତିଲାଭ କରିବ। ତେବେ ନିଜ ମାଟିର ଇତିହାସ ଏବଂ ଏକ ହୃଦୟସ୍ପର୍ଶୀ କାହାଣୀ ରଜରେ ଓଡ଼ିଆ ଦର୍ଶକ ଦେଖିବାକୁ ପାଇବେ ବୋଲି ପ୍ରଯୋଜନା ସଂସ୍ଥା ତରଫରୁ କୁହାଯାଇଛି।

## ୭ମେଣ୍ଢା ମୃତ୍ୟୁ ନେଇ ଅଞ୍ଚଳରେ ଆତଙ୍କ



**ତେଲାଙ୍ଗ,୧୪।୧(ସଂଚାର ବ୍ୟୁରୋ):** ତେଲାଙ୍ଗ ବ୍ଲକ ଚାଇଁପୁର ପଞ୍ଚାୟତ ଅର୍ନ୍ତଗତ ପଥରଡିହ ଗ୍ରାମରେ ଗୋବିନ୍ଦ ବେହେରା ଙ୍କ ଗୁହାଳ ଘରେ ୭ଟି ମେଣ୍ଢାଙ୍କ ସନ୍ଦେହ ଜନକ ମୃତ୍ୟୁ ହୋଇଛି। ସବୁଦିନ ପରି ଗୋବିନ୍ଦ ଗୁହାଳ ଘରେ ମେଣ୍ଢାଙ୍କୁ ରଖିଥିବା ବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ମେଣ୍ଢା ମାନଙ୍କୁ ଅଜଣା ଜନ୍ତୁ କି କେହି ଦୁର୍ବୃତ୍ତ ଆକ୍ରମଣ କରି ମାରି ଦେଇଥିବା ସନ୍ଦେହ ସୃଷ୍ଟି ହୋଇଛି। ସବୁ ମେଣ୍ଢାଙ୍କ ଅନ୍ତନ୍ତ୍ରୁଳି କୁ ଆକ୍ରମଣ ପରେ ସେମାନଙ୍କର ମୃତ୍ୟୁ ଘଟିଛି। ଏକଲାଗାର ମେଣ୍ଢାଙ୍କ ମୃତ୍ୟୁ ପରେ ବିଡ଼ାରେ ମେଣ୍ଢା ପାଳକ ଗୋବିନ୍ଦ ଅନ୍ୟପଟେ ତେଲାଙ୍ଗ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରିତୀତୋଷ ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ପ୍ରାଣୀଧନ ନିରୀକ୍ଷକ ବିଜୟ କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଂଚି ପ୍ରାଥମିକ ତଦନ୍ତ କରି ଚାଷୀଙ୍କ ସହିତ ଆଲୋଚନା କରିଛନ୍ତି। ଚାଇଁପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ପରିଡ଼ା ମେଣ୍ଢା ପାଳକ ଚାଷୀ ଗୋବିନ୍ଦଙ୍କୁ ସରକାରଙ୍କ ପକ୍ଷରୁ ସରକାରୀ ସାହାଯ୍ୟ ଯୋଗାଇଦେବାକୁ ଦାବୀ କରିଛନ୍ତି। ମେଣ୍ଢା କୁ ଅଜଣା ଜନ୍ତୁଙ୍କ ଆକ୍ରମଣ ନା କେହି ଦୁର୍ବୃତ୍ତ ଏପରି କରିଛନ୍ତି ତାକୁ ନେଇ ଅଞ୍ଚଳରେ କୋଉଁଆ ଭୟ ସୃଷ୍ଟି ହୋଇଛି।

# ବ୍ୟାରେଜ ଆଳରେ ବୈତରଣୀ ବାଲି ଲୁଟ୍!

### ମେହୁଲ ଜିଓ ପ୍ରୋଜେକ୍ଟକୁ ନେଇ ସର୍ଙ୍ଗିନୀ ଅଭିଯୋଗ



**ଯାଜପୁର,୧୪।୧(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାରେ ବ୍ୟାରେଜ ନିର୍ମାଣ ନାଁରେ ବୈତରଣୀ ନଦୀର ଛାତି ଚିରି ବେଆଇନ ଭାବେ ବାଲି ଉତ୍ତୋଳନ ଓ ଲୁଟ ହେଉଥିବା ଗୁରୁତର ଅଭିଯୋଗ ଏବେ ସାରା ଜିଲ୍ଲାରେ ତୀବ୍ର ଚର୍ଚ୍ଚା ସୃଷ୍ଟି କରିଛି।ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅଧୀନ ତରପଦା ପଞ୍ଚାୟତର କୁଟୁରିଆ ଅଞ୍ଚଳରେ ପ୍ରସ୍ତାବିତ ବ୍ୟାରେଜ ନିର୍ମାଣ ଆଳରେ ବୈତରଣୀ ନଦୀରୁ ନିୟମ ବିରୋଧୀ ଭାବେ ବାଲି ଉଠାଯାଉ ଜିଲ୍ଲା ତଥା ରାଜ୍ୟ ବାହାରକୁ ଚାଲାଣ ଅଭିଯୋଗ ଆସିଛି। ଏହି ବେଆଇନ କାର୍ଯ୍ୟରେ ମେହୁଲ ଜିଓ ପ୍ରୋଜେକ୍ଟ ଲିମିଟେଡ଼ ନାମକ ଠିକା ସଂସ୍ଥା ସଂପୃକ୍ତ ଥିବା ଦାବି କରିଛନ୍ତି ସ୍ଥାନୀୟ ଗ୍ରାମବାସୀ।"ଟଙ୍କା ଦେଇ ନେତାଙ୍କୁ ସନ୍ତୁଷ୍ଟ" ଅଭିଯୋଗ ଏଠି ଥମୁନି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଯାଜପୁରର ଜଣେ ତଥାକଥିତ ବରିଷ୍ଠ ବିଜେପି ନେତାଙ୍କୁ "ପୁଜା ପୁଜା ଟଙ୍କା" ଦେଇ ବେଆଇନ ବାଲି ଚୋରିକୁ ସୁରକ୍ଷା ଯୋଗାଉଛନ୍ତି। ନେତାଙ୍କ ଆଶୀର୍ବାଦରେ ଠିକା ସଂସ୍ଥା ସାଧାରଣ ଲୋକଙ୍କୁ "ନାଲି ଆଖି" ଦେଖାଇ ମନମାନି ଚଳାଉଥିବା ମଧ୍ୟ ଅଭିଯୋଗ ହେଉଛି। ପୋଲିସ ଓ ଖଣି ବିଭାଗ କାହା ସାହସରେ ବୈତରଣୀ ନଦୀକୁ ଏଭଳି ଭାବେ ଲୁଟ କରିବାରେ ସହଯୋଗ କରୁଛନ୍ତି କି ଏ ସେଇ ନେତା, ଯିଏ "ମାଟି ମା'କୁ" କିଛି ଟଙ୍କା ପାଇଁ ବିକ୍ରି କରିଦେବାକୁ ପଛଘୁଞ୍ଚା ଦେଉନାହାନ୍ତି?

### 'ବରିଷ୍ଠ ନେତା–ପୁଲିସ–ଖଣି ବିଭାଗ' ମ୍ୟାନେଜ ଥିବା ଦାବି

ପ୍ରଦୂଷଣରେ ହନ୍ତସନ୍ତ ହେଉଛନ୍ତିକୁଟୁରିଆ, ବନପୁର, ଗୋପକୁଳ, ଜୟନ୍ତରା ସମେତ ଆଖପାଖ ଗ୍ରାମର ଲୋକେ ବ୍ୟାଚିଂ ପ୍ଲାଣ୍ଟର ଧୂଳି, ଶବ୍ଦ ଓ ଅତ୍ୟଧିକ ପ୍ରଦୂଷଣରେ ହଇରାଣ ହେଉଥିବା କହିଛନ୍ତି। ସ୍ୱାମୀ ବିବେକାନନ୍ଦ ହାଇସ୍କୁଲ ନିକଟରେ ଥିବା ଏହି ବ୍ୟାଚିଂ ପ୍ଲାଣ୍ଟ ଛାତ୍ରଛାତ୍ରୀଙ୍କ ପାଠପଢ଼ାକୁ ମଧ୍ୟ ଗୁରୁତର ଭାବେ ପ୍ରଭାବିତ କରୁଥିବା ଦାବି ହେଉଛି। ଏଭଳି ବେଆଇନ କାର୍ଯ୍ୟକଳାପ ରାଜ୍ୟ ସରକାରଙ୍କୁ ବଦନାମ କରୁଥିବା ବେଳେ, ସାଧାରଣ ଲୋକଙ୍କ ମଧ୍ୟରେ ଭୟ ଓ କ୍ଷୋଭ ବଢ଼ିଚାଲିଛି।ସାଧାରଣରେ ଦାବି ହେଉଛି—ଘଟଣାର ନିରପେକ୍ଷ ତଦନ୍ତ, ଦୁର୍ନୀତିଗ୍ରସ୍ତ ନେତା, ସମ୍ପୃକ୍ତ ଠିକା ସଂସ୍ଥା ଓ ଜଡ଼ିତ ଅଧିକାରୀଙ୍କ ବିରୁଧରେତୁରନ୍ତ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଜନସାଧାରଣ ଦାବି ହେଉଛି ନଚେତ ଆଗାମୀ ଦିନରେ ଏହା ଆନ୍ଦୋଳନତ୍ମକ ରୂପ ରେଖ ନେବ।

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱିତୀୟ ପର୍ଯ୍ୟାୟ ବସ ସେବାକୁ ଘରୋଇ ବସ ମାଲିକ ସଙ୍ଘର ବିରୋଧ



**ପାରାଦ୍ୱୀପ,୧୪।୧(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀଙ୍କ ଦ୍ୱିତୀୟ ପର୍ଯ୍ୟାୟ ମୋ ବସ ସେବା ଆରମ୍ଭକୁ ଜଗତସିଂହପୁର ଘରୋଇ ବସ ମାଲିକ ସଂଘର ତୀବ୍ର ବିରୋଧ। ବ୍ଲକ ହେଡ କ୍ୱାଟରରୁ ଜିଲ୍ଲା ସଦର ମହକୁମାକୁ ଚାଲୁଥିବା ମୋ ବସ ସେବାକୁ ବିରୋଧ କରି ଆଜିଠାରୁ ଜଗତସିଂହପୁର ଘରୋଇ ବସ ମାଲିକ ସଂଘ ଜିଲ୍ଲା ଭିତରେ ସେମାନଙ୍କର ବସ ଚଳାଚଳ ବନ୍ଦ କରିଛନ୍ତି। ନାଉଗାଁ, ବାଲିକୁଦା, ଏରସମା, ଜଗତସିଂହପୁର ଓ ପାରାଦୀପକୁ ବସ ଚାଲୁ ନଥିବାରୁ ଯାତ୍ରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଜିଲ୍ଲା ପ୍ରଶାସନ ସହ ଆଲୋଚନା ବିଫଳ ହୋଇଛି। ଘରୋଇ ବସ ମାଲିକ ମାନେ ସେମାନଙ୍କର ଜିଦରେ ଅଟଳ ରହିଛନ୍ତି।

## 'ରାଜ୍ୟର ବୌଦ୍ଧ ଐତିହ୍ୟ ବିକାଶକୁ ଗୁରୁତ୍ୱ ଦିଆଯାଉଛି'



**ଯାଜପୁର, ୧୪।୧(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ, ପର୍ଯ୍ୟଟନ ବିଭାଗ ଓ ଯାଜପୁର ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଦ୍ୱିତୀୟ ଗୁରୁ ପଦ୍ମସମ୍ଭବଙ୍କ ପ୍ରାର୍ଥନା ସମାରୋହ ତଥା ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ଉତ୍ସାହର ସହ ପାଳନ କରାଯାଉଛି। ଆଜି ସମ୍ମିଳନୀର ଚତୁର୍ଥ ଦିନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବଡ଼ଚଣା ବିଧାୟକ ଅମର କୁମାର ନାୟକ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଜିଲ୍ଲାପାଳ ଅମ୍ବର କୁମାର କର, ଜିରାଙ୍ଗର ବୌଦ୍ଧ ଗୁରୁ ଜିଗମେ ରିଙ୍ଗପୋଚେ, ଲାଇଟ ଅଫ୍ ବୁଦ୍ଧ ଫାଉଣ୍ଡେସନର ମୁଖ୍ୟ ୱାଙ୍ଗମୋ ଦିକ୍ସେ ଯୋଗ ଦେଇଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ମାଧ୍ୟମରେ ବୌଦ୍ଧ ପର୍ଯ୍ୟଟନର ବିକାଶ ହେବା ସହ ଶାନ୍ତି ଓ କରୁଣାର ବାର୍ତ୍ତା ସାରା ବିଶ୍ୱରେ ପହଞ୍ଚିପାରିବ। ଏଇ ଓଡ଼ିଶା ମାଟି ସର୍ବଦା ଆଧ୍ୟାତ୍ମିକତାର ପଥରେ ଅଗ୍ରସର ହୋଇଆସିଛି। ଓଡ଼ିଶା ସରକାର ଏ ଦିଗରେ ଅନେକ ପ୍ରୟାସ କରୁଛନ୍ତି। ରତ୍ନଗିରି, ଲଳିତଗିରି, ଉଦୟଗିରି, ଜିରାଙ୍ଗ, ଧଉଳି ଭଳି ବୌଦ୍ଧ କୀର୍ତ୍ତିରାଜିର ସାମଗ୍ରିକ ବିକାଶ, ଐତିହ୍ୟ ସଂରକ୍ଷଣ ଓ ଇତିହାସ ସମ୍ବନ୍ଧୀୟ ଆଧୁନିକ ଗବେଷଣା ପାଇଁ ରାଜ୍ୟ ସରକାର ଏକ ବ୍ୟାପକ ଯୋଜନା ପ୍ରସ୍ତୁତ କରୁଛନ୍ତି। ସେହିଭଳି ଶ୍ରୀ ସୂରଜ କହିଛନ୍ତି ଯେ ଗୁରୁ ପଦ୍ମସମ୍ଭବ ପ୍ରାର୍ଥନା ସମାରୋହ ଆୟୋଜନ ଦ୍ୱାରା ବୌଦ୍ଧଧର୍ମର ଶିକ୍ଷା ଓ ଓଡ଼ିଶାରେ ରହିଥିବା ବୌଦ୍ଧ କୀର୍ତ୍ତିରାଜିର ବହୁଳ ପ୍ରଚାର ଓ ପ୍ରସାର ହୋଇପାରୁଛି। ଦେଶ ବିଦେଶର ବୌଦ୍ଧ ଧର୍ମାବଲମ୍ବୀ ଗୁରୁ ପଦ୍ମସମ୍ଭବ ପ୍ରାର୍ଥନା ସଭା ଓ ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀରେ ଯୋଗଦେଉଛନ୍ତି। ଆସନ୍ତା ୧୬ରେ ଉଦ୍‌ଯାପିତ ହେବାକୁ ଥିବା ଏହି ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀରେ ଦେଶ ବିଦେଶରୁ ପ୍ରାୟ ୧୭୦୦ ବୌଦ୍ଧ ଧର୍ମାବଲମ୍ବୀ, ଗୁରୁ, ପର୍ଯ୍ୟଟକ ଯୋଗଦେଇଛନ୍ତି।

## ଢ଼ିଙ୍କିଆ ଚାରିଦେଶରେ କଳା ଦିବସ ପାଳିତ

**ପାରାଦ୍ୱୀପ,୧୪।୧(ସଂଚାର ବ୍ୟୁରୋ):** ସଂସ୍କୃତିପୂର୍ଣ୍ଣ ପୂରାତନ କୁଜଙ୍ଗ ରାଜ୍ୟର ଐତିହ୍ୟ ବହନ କରୁଥିବା ଢ଼ିଙ୍କିଆ ଚାରିଦେଶ ଅଞ୍ଚଳରେ ୨୦୨୨ମସିହା ଜାନୁୟାରୀ ୧୪ ତାରିଖ ପବିତ୍ର ମକର ସଂକ୍ରାନ୍ତି ଦିନ ଜେ ଏସ୍ ଡ ବ୍ଲୁ କମ୍ପାନୀର ସ୍ୱାର୍ଥ ପାଇଁ ପୋଲିସ ବାହିନୀ ଦ୍ୱାରା ସାଧାରଣ ଜନତାଙ୍କ ପ୍ରତି ଦୁର୍ବ୍ୟହାରର ସହ ଅମାନୁଷିକ ଲାଠି ମାଡ଼ କରାଯାଇଥିଲା, ଏପରିକି ଆବାଳ ବୃଦ୍ଧବନିତା ମଧ ବର୍ବୋରଚିତ ପୋଲିସ ଆକ୍ରୋଶରୁ ବାଦ ପଡ଼ିନଥିଲେ।ଯାହାକି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଶୋଭା ପାଏ ନାହିଁ ବୋଲି ସାଧାରଣରେ ଆଲୋଚ୍ୟ ପ୍ରସଙ୍ଗ ହୋଇଥିଲା।ଉକ୍ତ ଦିବସଟିକୁ କଳା ଦିବସ ଭାବେ ପ୍ରତି ବର୍ଷ ପରି ଚଳିତ ବର୍ଷ ପୋସ୍କ ଜିନ୍ଦଲ ପ୍ରତିରୋଧ ସଂଗ୍ରାମ ସମିତି ଓ ନାରାୟଣ ବୀରବର ସାମନ୍ତ ଚାରିଟେବୁଲ ଟ୍ରଷ୍ଟର ମିଳିତ ସହଯୋଗରେ ଢ଼ିଙ୍କିଆସ୍ଥ ମା ଫୁଲଖାଇ ଗ୍ରାମ ଦେବତୀଙ୍କ ପ୍ରାଙ୍ଗଣରେ ପାଳିତ ହୋଇ ଯାଇଛି।ଏହି ଚତୁର୍ଥ ବାର୍ଷିକ କଳା ଦିବସରେ ନାରାୟଣ ବୀରବର ସାମନ୍ତ ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷ ସମାଜସେବୀ ସୁଶାନ୍ତ ଶେଖର ସ୍ୱାଇଁ, ପ୍ରଦୀପ ଶତପଥି, କାଶୀନାଥ ମହାପାତ୍ର, ନାରୀନେତ୍ରୀ ଶାନ୍ତି ଦାସ, ସଂଗ୍ରାମୀ ସଂଗ୍ରାମ ପ୍ରଧାନ, ଅଜୟ ଦାସ, ଦିଲୀପ ଦାସ, ଗୌତମ ଦାସ, ସଂଘମିତ୍ରା ମଲିକ, ଗଗନ ମଲ୍ଲିକ, ପ୍ରଭାତ ନାୟକ, ସଂଗ୍ରାମ ଦାସ, ଲିଟନ ଦାସ, ସୁବାସ ଦାସ, ତନୁ ଦାସ, ଶୈଳ ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରି ଆଞ୍ଚଳିକ ପରିବେଶ ସୁରକ୍ଷା ପାଇଁ ଜେଏସଡବ୍ଲୁ ଭଳି ଏକ ମାରାତ୍ମକ କମ୍ପାନୀକୁ ଅଞ୍ଚଳ ଛାଡ଼ିବାକୁ ସରକାରଙ୍କ ଠାରେ ଦାବି କରିଛନ୍ତି।

## ଚୋରି ଘଟଣାରେ ୨ ଗିରଫ ; ସାମଗ୍ରୀ ଜବତ



**ବୋରିଗୁମ୍ମା,୧୪।୧(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ପୋଲିସକୁ ମିଳିଛି ଏକ ସଫଳତା। ଏକ ଚୋରି ଘଟଣାର ତଦନ୍ତ କରି ପୁଲିସ ୨ ଜଣ ଅଭିଯୁକ୍ତକୁ ଗିରଫ୍ କରିବା ସହ ସେମାନଙ୍କ ଠାରୁ ଏକ ସାମସଙ୍ଗ ଗ୍ୟାଲେକ୍ସି ଟେବ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କୋରାପୁଟ ଜିଲ୍ଲା ବି. ସିଂହପୁର ଅଞ୍ଚଳର ସୁମିତ ନାଏକ(୨୦), ନବରଙ୍ଗପୁର ଜିଲ୍ଲା କଡିଙ୍ଗା ଅଞ୍ଚଳ ବାଲୁଗୁଡା ଗ୍ରାମର ସୁବାଷ ଭତ୍ରା (୨୦)। ଏନେଇ ବୋରିଗୁମ୍ମା ଥାନାରେ ଭାରପ୍ରାପ୍ତ ଥାନା ଅଧିକାରୀ ଦ୍ରୋଣାଚାର୍ଯ୍ୟ ବାଘ ଏହି ସୂଚନା ଦେଇଛନ୍ତି। ଥାନା ଅଧିକାରୀଙ୍କ ସୂଚନା ପ୍ରକାରେ ଗତ ଅକ୍ଟବର ମାସ ୯ ତାରିଖ ଦିନ ବୋରିଗୁମ୍ମା ମିଲ ସାହିରେ ରହୁଥିବା ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଘରେ କେହି ନଥିବାର ସୁଯୋଗ ନେଇ ୨ ଅଭିଯୁକ୍ତ ଘରେ ପଶି କଳାକନା ବୁଲାଇଥିଲେ।ପ୍ରଦ୍ୟୁମ୍ନ ବୋରିଗୁମ୍ମା ଥାନାରେ ଚୋରି ନେଇ ଏତଲାଦେବା ପରେ ପୁଲିସ କେସ ନଂ ୨୨୩/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଦୀର୍ଘ ୩ ମାସ ପରେ ପୁଲିସ ସିସିଟିଭି ଫୁଟେଜ୍‌କୁ ଆଧାର କରି ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବାରେ ସକ୍ଷମ ହୋଇଥିଲା।

## କାର ସହ ମାଟି ବାଲି ବୋଝେଇ ୨ ହାଇୱା ଜବତ, ୬ ଗିରଫ

**ବାଲିଅନ୍ତା,୧୪।୧(ସଂଚାର ବ୍ୟୁରୋ):** ବାଲିଅନ୍ତା ଥାନା ପୁଲିସ ଆଜି ସରକାରୀ ଜମିରୁ ଚୋରା ମାଟି ଓ ବାଲି ଚାଲାଣ ମାମଲାରେ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଗୋବିନ୍ଦପୁର ଥାନା ଗୋପାଳ ନଗର ଗ୍ରାମର ବିଜୟ ଭୋଇ (୩୫) କଟକ ଜିଲ୍ଲା ବଡମ୍ବା ଥାନା ପଦ୍ମନାଭ ପୁର ଗ୍ରାମର ଶ୍ରୀଦ୍ଧର ନାୟକ (୪୦) କ୍ଷ, ସନ୍ତୋଷ ବେହେରା (୨୨), ସୁଶିର ପାତ୍ର (୩୯), ନଡ଼ିଆ ଗୁରିଡିର ସମ୍ବିତ କୁମାର ଦାସ ଓ ସୁନ୍ଦର ଗ୍ରାମର ସୁଶୀଲ କୁମାର ଦାସ (୨୫)। କୋର୍ଟରେ ସମସ୍ତଙ୍କ ଜମିନି ସରକାରୀ ଜାମିରୁ ଖାରଜ ହୋଇଯିବାରୁ ଝାରପଡା ହାଜତକୁ ପଠାଇ ଦିଆଯାଇଛି। ପୁଲିସ ଲଘୁ ଖଣିଜ ଦ୍ରବ୍ୟ ଚାଲାଣରେ ବ୍ୟବହୃତ କାର ଓ ୨ଟି ହାଇୱା ଜବତ କରିଛି। ବେଆଇନ ଖନନ ଏବଂ ମାଟି ଏବଂ ଉପର ମାଟି ପରିବହନ କରୁଥିବାରୁ ଛଅ ଜଣ ଅଭିଯୁକ୍ତଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଆଜି ତା ୧୪.୦୧.୨୦୨୬ ରେ, ଜୟଦେବ ଗ୍ରାମ ଅଞ୍ଚଳର ଫିରଫିରା-ଦେଉଳି ନିକଟରେ ରାତ୍ରି ପାଟ୍ରୋଲିଂ ସମୟରେ, ପୋଲିସ ଦଳ ମାଟି ଏବଂ ବାଲି ବୋଝେଇ ଦୁଇଟି ହାଇୱା ଗାଡ଼ି ଏବଂ ଗୋଟିଏ ହୁଣ୍ଡାଇ ଆଲକାଜାର କାରକୁ ଅଟକାଇଥିଲା।

● ଲୋକଙ୍କ ଭରସା ତୁଟାଉଛି ଅସ୍ତରଙ୍ଗ ପୁଲିସ

## ଦୁଇ ଦିନରେ ପୃଥକ ସ୍ଥାନରୁ ଲୁଟ

**କାକଟପୁର /ଅସ୍ତରଙ୍ଗ,୧୪।୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଞ୍ଚଳରେ ଚୋର ଙ୍କ ପାଦୁର୍ଭାବ ବୃଦ୍ଧି ପାଇଛି। ଗାଁ ରୁ ବଜାର ସବୁଠି କଳାକନା ବୁଲାଉଛନ୍ତି ଚୋର। ଘରେ କିମ୍ବା ଦୋକାନ ରେ କେହି ନଥିଲେ ମିଳୁଛି ତାକୁ ମଉକା। କବାଟ, ଗ୍ରିଲ୍ ତାଡି ଲୁଟି ନେଉଛନ୍ତି ଟଙ୍କା, ଅଳଙ୍କାର। ଏଭଳି ଚୋରି ସମ୍ପର୍କିତ ମାମଲା ଅସ୍ତରଙ୍ଗ ଥାନାକୁ ଆସୁଛି। ପୁଲିସ କେବଳ ମାମଲା ରୁଜୁ କରୁଛି। ବଡ଼ ଚୋରି ହୋଇଥିଲେ କୁକୁର ଧରି ବୁଲି ଆସୁଛି। ସେଇଠୁ ତଦନ୍ତ ସରୁଛି। ଗୋଟିଏ ବି ଚୋରିର ଫର୍ଦାଫାସ କରିପାରୁନି ଅସ୍ତରଙ୍ଗ ପୋଲିସ। ଏଭଳି ଚୋରି କୁ ଅଣଦେଖା କରି ଆସୁଛି ଅସ୍ତରଙ୍ଗ ପୋଲିସ। ଗତ ୯ମାସ ଭିତରେ ଅସ୍ତରଙ୍ଗ ଥାନା ଅଞ୍ଚଳରେ ୧୦ରୁ ଊର୍ଦ୍ଧ୍ୱ ଚୋରି ହୋଇଛି। ମନ୍ଦିର ଠାରୁ ଆରମ୍ଭ କରି ଦୋକାନ ରୁ ଚୋରି ହେଉଛି। ସେ ସବୁର ଟେର ପାଉନି ପୁଲିସ। ଯେଉଁଥି ପାଇଁ ଚୋରି ମାମଲା ଏବେ ଡକାୟତ ରୂପ ନେଇଛି।

## ପିଟବାରିରେ ସରକାରୀ ଜମି ଦଖଲ ଉଚ୍ଛେଦ ପ୍ରତିବାଦରେ ଆଦିବାସୀ ମେଳି



**ଫୁଲବାଣୀ, ୧୪।୧ (ସଂଚାର ବ୍ୟୁରୋ):** ଫୁଲବାଣୀ ତହସିଲ ଅଧୀନରେ ଥିବା ପିଟବାରୀ ଗ୍ରାମରେ କିଛି ଆଦିବାସୀଙ୍କ ର ବାସ ଗୃହ ଉଛେଦ ପାଇଁ ସରକାରଙ୍କ ତରଫରୁ ନୋଟିସ ଦିଆଯାଉଥିଲ। ଗତକାଲି ୧୩ ତାରିଖରେ ଉଛେଦ ପାଇଁ ଧାର୍ଯ୍ୟ ହୋଇଥିଲା। ଉଛେଦ ଖବର ପାଇ ଗ୍ରାମର ଆଦିବାସୀ ଲୋକ ପ୍ରତିବାଦ କରିବା ପାଇଁ ସମେବେତ ହୋଇଥିଲେ। କିନ୍ତୁ ଆଦିବାସୀ ମେଳିକୁ ଦୃଷ୍ଟିରେ ରଖି ଉଛେଦ କରିବାକୁ ତହସିଲ କର୍ମଚାରୀ ଗଲେ ନାହିଁ।ଗତ ୧୨ ତାରିଖରେ କୁଇ ସମାଜ ସମନ୍ୱୟ ସମିତିର ସମ୍ପାଦକ ଓ ବିଶିଷ୍ଟ ଆଦିବାସୀ ନେତା ଶ୍ରୀ ଲମ୍ବୋଧର କହଁର ଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଏକରାଲି କରି ତହସିଲ ଓ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ସହରରେ ଚାପା ଉତ୍ତେଜନା ରହିଛି।କାରଣ ତହସିଲଦାର ୧୦୦୦ ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଉଚ୍ଛେଦ ନୋଟିସ ଦେଇଛନ୍ତି। ଆଗାମୀ ଦିନରେ ବିଭିନ୍ନ ସଂଗଠନ ଓ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ବିକ୍ଷଭୋ ପଦର୍ଶନ ପାଇଁ ଆଲୋଚନା ଚାଲିଛି।

# ବାଲିଅନ୍ତା କେନାଲ ସବ୍ ଡିଭିଜନର ମନମାନୀ



ପ୍ରକଳ୍ପ ସ୍ଥଳରେ ଲାଗୁନି ସୂଚନା ଫଳକ

**ବାଲିଅନ୍ତା, ୧୪।୧(ସଂଚାର ବ୍ୟୁରୋ):** ପ୍ରାଚୀ ଡିଭିଜନ ଅଧୀନ ବାଲିଅନ୍ତା କେନାଲ ସବ ଡିଭିଜନ ଅଞ୍ଚଳରେ ଜଳ ସମ୍ପଦ ବିକାଶ ପ୍ରକଳ୍ପ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ନେତା, ବିଧାୟକ ଓ ପଦସ୍ଥ ଅଧିକାରୀ ଭିତ୍ତି ପ୍ରସ୍ତର ସ୍ଥାପନ କରି ପ୍ରକଳ୍ପ କାର୍ଯ୍ୟର ଶୁଭାରମ୍ଭ କରୁଛନ୍ତି। ହେଲେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟରେ ସ୍ୱଚ୍ଛତା ନେଇ ଜନ ସାଧାରଣଙ୍କ ସୂଚନା ଲାଗି ଠିକା ସଂସ୍ଥା ବ୍ୟୟ ଅଟକଳ ତଥା ନିର୍ମାଣ କାର୍ଯ୍ୟ ସଂପର୍କିତ ସୂଚନା ଫଳକ ମାରୁ ନାହାଁ। ଯାହାଫଳରେ ପରେ ଲକ୍ଷ ଲକ୍ଷ ଟଙ୍କା ଦର୍ଶାଇ ସରକାରୀ ଅନୁଦାନ ବାଟମାରଣା କରାଯାଉଥିବା ଅଭିଯୋଗ ହେଉଛି। ଭିଙ୍ଗାରପୁର କୃଷି କାର୍ଯ୍ୟାଳୟ ନିକଟରେ ଗୋପ ବ୍ରାଞ୍ଚ କେନାଲର ଡାହାଣ ପାର୍ଶ୍ୱ ବନ୍ଧ ଉନ୍ନତୀକରଣ ନେଇ ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପ୍ରାୟ ୩ କିମି ରାସ୍ତା ମେଣ୍ଟାଲ ମୋରମ ପକାଇ ପକ୍କା ନେଇ ୧୨ ଲକ୍ଷ ଅନୁଦାନ ମଞ୍ଜୁରୀ କରଯାଇଛି। ସ୍ଥାନୀୟ ବିଧାୟକ ନବ କିଶୋର ମଲ୍ଲିକ ମୁଖ୍ୟ ଅତିଥି, ପ୍ରଦୀପ୍ତ ଜେନାମଣି, ସମିତି ସଭ୍ୟ ଗଗନ ବିହାରୀ ସାହୁ, ସରପଞ୍ଚ ହୃଷିକେଶ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଭୀମସେନ ବେହେରା, ବେଣୁପୁର ପୂର୍ବତନ ସରପଞ୍ଚ ତପନ ପରିଡ଼ା, ପାଣି ପଞ୍ଚାୟତ ସଭାପତି ଅରୁଣ କୁମାର ଜେନା ପ୍ରମୁଖ ଯୋଗ ଦେଇ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥଲେ। ହେଲେ ଫଳକରେ ବିଧାୟକ ବ୍ଲକ ଅଧକ୍ଷା ଏବଂ ଉପାଧକ୍ଷାଙ୍କ ନାମ ଥିବା ବେଳେ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ନାମ ରଖାନଯିବା ନେଇ ବିଜେପି କର୍ମୀଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଇଛି। ଏହାକୁ ନେଇ ପୂର୍ବତନ ଜିଲ୍ଲା ପରିଷଦ ଚୌଧୁରୀ ଦ୍ୱାରିକା ନାଥ ଦାଶ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭିତ୍ତି ଫଳକ ସ୍ଥାନରେ ବାଲିଅନ୍ତା ଜଳ ସେଚନ କାର୍ଯ୍ୟାଳୟ ପ୍ରକଳ୍ପ ସଂପର୍କିତ କୌଣସି ସୂଚନା ଫଳକ ଲଗାଉ ନାହିଁ।

## ସେବା, ସଂସ୍କୃତି ଓ ସଂକଳ୍ପର ଅନ୍ୟ ନାମ ମକରମେଳା



**ନୀଳଗିରି,୧୪।୧(ସଂଚାର ବ୍ୟୁରୋ):** ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ନୀଳଗିରି ଉପଖଣ୍ଡ ଆଜି ବିଭିନ୍ନମୁନି ପଡ଼ିଆ ଓ ଦେବାଳୟ ଚଳ ଚଞ୍ଚଳ ହୋଇଉଠିଛି।ବିଶେଷ କରି ଦେବଗିରି ପାହାଡ ଢୋଲ ପୁର ଗାଁ ନିକଟରେଥିବାନାଟମନ୍ଦିର, ସଜନାଗଡ଼ଚଣ୍ଡୀମନ୍ଦିର, ମଂହିଷାପଟା ରେ ବାବା ବୈଦ୍ୟନାଥ, ଛତ୍ରପୁର ଭଙ୍ଗାବନ୍ଧ, ଅଘିରାପଦାରେ ପାଣ୍ଡବଘେରା ମକର ମେଳା, ନିଜଗଡ଼ ଗାଁ ରେ ଥିବା ମା ପଶ୍ଚିମା ଠାକୁରାଣୀ, ବରିସାହି ସ୍ଥିତ ମା ପଶ୍ଚିମା ଠାକୁରାଣି, ବାଣପୁର ରାବାଣୀ, ନରସିଂହପୁର ଫଟା ମହାଦେବ, ଅମ୍ବିକା ପୁର, ବାଡ଼ିଆ, ପିଠା ହଡା, ମିତ୍ରପୁର, ବେଗୁନିଆ, ମଧୁକରଖୁଣ୍ଟା କପିଳ ମୁନି, ଅଙ୍କୁର. ଖୁଣ୍ଟା, ଧରମପୂର ମା କୁଆଳି ପୀଠ, ଆଜିର ଏହି ପାରମ୍ପରିକ ମେଳା ମହୋତ୍ସବ ଆମ ଭିତରେ ଭାଇଚାରା ବୃଦ୍ଧି କରେ।

## ଦୁର୍ଘଟଣା ଆଶଙ୍କା ବଢ଼ାଉଛି ଲଗାମହୀନ ଟ୍ରକ ପାର୍କିଂ



**ଛତ୍ରପୁର,୧୪।୧(ସଂଚାର ବ୍ୟୁରୋ):** ସଡ଼କ ଦୁର୍ଘଟଣା ଓ ମୃତ୍ୟୁ ସଂଖ୍ୟା କମାଇବା ପାଇଁ, ଓଡ଼ିଶା ସରକାର ପ୍ରତିବର୍ଷ 'ଶୂନ୍ୟ ମୃତ୍ୟୁ ସପ୍ତାହ' ପାଳନ କରୁଛି। ଏହାର କ୍ରମରେ, ପୋଲିସ ଓ ଆଞ୍ଚଳିକ ପରିବହନ ବିଭାଗଙ୍କ ନେତୃତ୍ୱରେ ବିଭିନ୍ନ ସଚେତନତା ବୈଠକ ଓ ଏନ୍ଫୋର୍ସମେଣ୍ଟ ଯୋଜନା ପ୍ରସ୍ତୁତ କରାଯାଉଛି। ବୈଠକରେ ବେଆଇନ ପାର୍କିଂ, ନିଶାସକ୍ତ ଅବସ୍ଥାରେ ଚାଳନ, ଦ୍ରୁତ ଗତି ଓ ବେପରୁଆ ଡ୍ରାଇଭିଙ୍ଗ ପାଇଁ କଠୋର ନିୟମ ଲାଗୁ କରିବାକୁ ନିଷ୍ପତ୍ତି ନିଆଯାଇଥିଲା, ତଥାପି ବ୍ୟବହାରିକ ଭାବରେ ସେଗୁଡିକ ଠିକ୍ ଭାବରେ କାର୍ଯ୍ୟକାରୀ ହେଉନଥିବାର ଅଭିଯୋଗ ଉଠିଛି। ଫଳରେ, ରାସ୍ତା କଡ଼ରେ ବେଆଇନ ପାର୍କିଂ ଭାରୀ ଭାବରେ ବୃଦ୍ଧି ପାଇଛି। ଗଞ୍ଜାମ ଥାନା ଅଞ୍ଚଳର ୧୬ ନମ୍ବର ଜାତୀୟ ରାଜପଥ, ଝାଡୁକୁଦା ଠାରୁ ଜୟଶ୍ରୀ ଛକ ପର୍ଯ୍ୟନ୍ତ ରାସ୍ତାରେ ବେଆଇନ ପାର୍କିଂ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ରୂପେ ଦେଖାଯାଉଛି। କୌଣସି ପ୍ରତିବନ୍ଧ କିମ୍ବା ଠୋସ କାର୍ଯ୍ୟାନୁଷ୍ଠାନ ନଥିବାରୁ, ଭାରୀ ଯାନ ଦୀର୍ଘ ସମୟ ପାଇଁ ପାର୍କିଂ ହେଉଥିବାରୁ ରାସ୍ତା ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ପରିଣତ ହୋଇଛି। ରାସ୍ତାରେ ଦୈନନ୍ଦିନ ସହସ୍ର ଟ୍ରକ ଅଟକି ଥିବାରୁ, ସ୍ଥାନୀୟ ପରିବେଶ ଧୂଳିମୟ ହେଉଛି। ଏହାର ପରିଣାମରେ ସାଧାରଣ ଯାତ୍ରୀମାନେ ଶ୍ୱାସକଷ୍ଟରେ ପଡୁଛନ୍ତି ଓ ଧୂଳି ଓ ଅବରୋଧ ଯୋଗୁଁ ଦୁର୍ଘଟଣା ସଂଖ୍ୟା ବଢୁଛି। ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବାରୁ ସ୍ଥାନୀୟ ଲୋକ ହଇରାଣ ହେଉଛନ୍ତି। ସ୍ଥାନୀୟ ବାସୀ, ପଥଚାରୀ ଓ ବାଇକ ଆରୋହୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେଇ, ଝାଡୁକୁଦା ଛକରୁ ଜୟଶ୍ରୀ ଛକ ପର୍ଯ୍ୟନ୍ତ ବେଆଇନ ପାର୍କିଂ ହଟାଇବା ଓ ନିୟମ ଉଲ୍ଲଂଘନ କାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରୁ ଦାବି ଉଠିଛି।

## ୫୨ ଗ୍ରାମ ବ୍ରାଉନସୁଗର ଜବତ, ଜଣେ ଗିରଫ




**ଖୋର୍ଦ୍ଧା,୧୪।୧(ସଂଚାର ବ୍ୟୁରୋ):** ବୋଲାଗଡ଼ ପୋଲିସ ବେଆଇନ ନିଶା କାରବାର ବିରୋଧରେ କାର୍ଯ୍ୟାନୁଷ୍ଠାନ ସମୟରେ ₹୫.୨୦ ଲକ୍ଷ ମୂଲ୍ୟର ୫୨ ଗ୍ରାମ ବ୍ରାଉନସୁଗାର ଜବତ କରିଛି ଏବଂ ବ୍ରାଉନସୁଗାର ବିକ୍ରି କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ଖୋର୍ଧା ଏସ୍ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଶ୍ୱସ୍ତ ସୂଚନା ପାଇ ଏସ୍ଡିପିଓ, ଖୋର୍ଦ୍ଧା, ନିହାର ରଞ୍ଜନ ପ୍ରଧାନ ଏବଂ ଆଇଆଇସି, ବୋଲାଗଡ଼, ପିଏସ୍, ସୁକାନ୍ତ ଦଳାଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏସଆଇ, ହାଡୁବନ୍ଧୁ ଦାସଙ୍କ ନେତୃତ୍ୱରେ ଏକ ଦଳ ଗଠନ କରି ବୋଲାଗଡ଼ ପିଏସ୍ ସୀମା ଅନ୍ତର୍ଗତ ବାଙ୍କୋଇ ପୋଲିସ ଆଉଟ ପୋଷ୍ଟ ନିକଟରେ ଚଢାଉ କରିଥିଲେ। ଅଭିଯୁକ୍ତମାନେ ହେଲେ ଲିପୁ ଜେନା ଅ ଗୁଡୁ (୨୩) ବୋଲାଗଡ଼, ଖୋର୍ଦ୍ଧାର ମାଣିକପୁର ଗ୍ରାମର ଲିପୁ ଜେନା ଭାବରେ ଚିହ୍ନଟ ହୋଇଛନ୍ତି। ଅଭିଯୁକ୍ତମାନେ ଏକ ମୋଟରସାଇକେଲରେ ବସି ବ୍ରାଉନସୁଗାର ବିକ୍ରୟ କରୁଥିଲେ, ଯେତେବେଳେ ପୋଲିସ ସ୍କ୍ୱାଡ୍ ସେଠାରେ ପହଞ୍ଚି ସେମାନଙ୍କୁ ଧରିଥିଲେ। ଜିଲ୍ଲା ପୋଲିସ କାର୍ଯ୍ୟାଳୟ (ଡିପିଓ) ଖୋର୍ଦ୍ଧାରେ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍ପି ଶ୍ରୀନିବାସ ମହାନ୍ତି କହିଛନ୍ତି ଯେ ଏହି ଅଭିଯାନ ଜିଲ୍ଲାରେ ନିଶା କାରବାର ବିରୋଧରେ ଏକ ତୀବ୍ର ଅଭିଯାନର ଏକ ଅଂଶ। ନିଶାଦ୍ରବ୍ୟର ଉତ୍ସ ଚିହ୍ନଟ କରିବା ଏବଂ ବେଆଇନ ନିଶା ନେଟୱାର୍କ ଯୋଗାଣରେ ସମ୍ଭାବ୍ୟ ଲିଙ୍କ ଚିହ୍ନଟ କରିବା ପାଇଁ ଅଧିକ ତଦନ୍ତ ଚାଲିଛି।

## ଜିଲ୍ଲା ଗସ୍ତରେ ଓଡ଼ିଶା ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ



**ଫୁଲବାଣୀ,୧୪।୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଗସ୍ତ ରେ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ। ମୁଖ୍ୟ ଶାସନ ସଚିବ ହେବା ପରେ ପ୍ରଥମ ଥର ପାଇଁ କନ୍ଧମାଳ ଗସ୍ତ ରେ ଆସିଥିବା ବେଳେ ଜିଲ୍ଲାର ଦାରିଙ୍ଗବାଡି, ନୂଆଗାଁ, ଓ ଫିରିଙ୍ଗିଆ ବ୍ଲକ ର ବିଭିନ୍ନ ଉର୍ନ୍ନୟନ ମୂଳକ କାର୍ଯ୍ୟ ପରିଦର୍ଶନ କରିଥିବା ବେଳେ ଫିରିଙ୍ଗିଆ ବ୍ଲକ ର ହଳଦୀ ପ୍ରକ୍ରିୟା କରଣ କେନ୍ଦ୍ର କସମ ବନ୍ଧଗଡ଼ ପରିଦର୍ଶନ କରିବା ପରେ ମଣି ପଦର ର ମହିଳା ମାନଙ୍କ ଦ୍ୱାରା ଚାଷ ହୋଇଥିବା ମାଣ୍ଡିଆ ଚାଷ, ରତଙ୍ଗ ଟ୍ୟାଙ୍କ, ପରିଦର୍ଶନ କରିବା ପରେ ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ପଞ୍ଚାୟତ ର ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବା ସହ ପ୍ରଥମେ ଛାତ୍ରୀ ମାନଙ୍କୁ ପାଠ ପଢ଼ାଇବା ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଦ୍ୟାଳୟ ହଷ୍ଟେଲ ରେ ଛାତ୍ରୀ ମାନଙ୍କ ସହ ମଧ୍ୟାହ୍ନ ଭୋଜନ କରିବା ସହ ବିଦ୍ୟାଳୟ ର ଭିତିଭୂମି, ପରିବେଶ ଦେଖି ଖୁସି ବ୍ୟକ୍ତ କରିଥିଲେ। ବିଦ୍ୟାଳୟ ର ଛାତ୍ରୀ ମାନଙ୍କ ସହ ଆଲୋଚନା କରିବା ପରେ ତୁରନ୍ତ ସବୁ ସମସ୍ୟା ର ସମାଧାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ।

# ବିପଦ ବେଳେ ସଙ୍କଟ ମୋଚକ, ଏମାନେ ବି ଦେବଦୂତ

### ଅସହାୟକୁ ସହାୟତା ହାତ ବଢ଼ାଇଲା 'ସବୁଜ ଶାଖା'




**କାକଟପୁର/ଅସ୍ତରଙ୍ଗ, ୧୪।୧ (ସଂଚାର ବ୍ୟୁରୋ):** କୁହାଯାଏ ସଠିକ ସମୟରେ ଗରିବର ଡାକ ଶୁଣନ୍ତି ଭଗବାନ। ଅସହାୟ ମଣିଷକୁ ସାହାଯ୍ୟ କରିବାକୁ ବିଭିନ୍ନ ରୂପରେ ପଠାନ୍ତି। ଆଉ ସଙ୍କଟ ସମୟରେ ଏହି ଦରିଦ୍ର ଦମ୍ପତ୍ତିଙ୍କ ପାଖକୁ ଦେବଦୂତ ସାଜି ପହଞ୍ଚିଛନ୍ତି ସମାଜସେବା କୁ ବ୍ରତ କରିଥିବା ସ୍ୱେଚ୍ଛାସେବୀ ସଂଗଠନ ଅସ୍ତରଙ୍ଗ ଅଞ୍ଚଳ ର ଅଗ୍ରଣୀ ଅନୁଷ୍ଠାନ 'ସବୁଜ ଶାଖା'। ଯେ କି ଆଉ ଜଣେ ଦ୍ୱିତୀୟ ଭଗବାନ। ହଁ, ଜୀବନ ସହ ସଂଘର୍ଷ କରୁଥିବା ସତ୍ୟ ପ୍ରକାଶ ଚିକିତ୍ସା ପାଇଁ ସହାୟତାରେ ହାତ ବଢ଼ାଇଛି ସବୁଜ ଶାଖା। କିଛି ଦିନ ହେବ କୀଡୀନି ଜନିତ ରୋଗରେ ଆକ୍ରାନ୍ତ ଥିବା ବେଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସତ୍ୟ ପ୍ରକାଶ କୁ ସହାୟତା କରିଛନ୍ତି। ୧୫ବର୍ଷୀୟ ମାଟ୍ରିକ ଛାତ୍ର ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଧିନ ରାମଚନ୍ଦ୍ରପୁର ଗ୍ରାମର ପଞ୍ଚାନନ ସ୍ୱାଇଁ ଙ୍କ ପୁଅ ସତ୍ୟପ୍ରକାଶ ସ୍ୱାଇଁ।ବିଭିନ୍ନ ବିଭାଗ ରେ ପ୍ରତିଭା ଅର୍ଜନ କରିଥିବା ବେଳେ ଆଉ କିଛି ଦିନ ପରେ ମାଟ୍ରିକ ପରୀକ୍ଷା ଦେଇଥାନ୍ତେ। ହଠାତ ୧୫ଦିନ ହେବ ସ୍ୱାସ୍ଥ୍ୟ ଖରାପ ଥିବାରୁ ତାକୁ ମେଡିକାଲ ଭର୍ତ୍ତି କରାଯାଇଥିଲା। ଡକ୍ଟର ସୂଚନା ଦେଇଥିଲେ ସତ୍ୟ ପ୍ରକାଶ ଙ୍କ ଦୁଇଟା କୀଡୀନି ଖରାପ।ମାତ୍ର ଅର୍ଥ ଅଭାବରୁ ଚିକିତ୍ସା ବାଧକ ହେଉଛନ୍ତି ବାପାମାଆ।ଆଉ ଏହି ଖବର'ସଂଚାର' ପ୍ରକାଶିତ ପରେ ସତ୍ୟ ଙ୍କ ଚିକିତ୍ସା ପାଇଁ ସାହାଯ୍ୟର ହାତ ବଢ଼ାଉଛନ୍ତି ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସବୁଜ ଶାଖା'। ପରିବାର କୁ ଏକ ମାସର ରାସନ ସହ ୫୦ହଜାର ରୁ ଊର୍ଦ୍ଧ୍ୱ ଟଙ୍କା ସହାୟତା କରିଥିଲେ।

### କନ୍ଧମାଳରେ ଭିତ୍ତିଭୂମି ଓ ପର୍ଯ୍ୟଟନ ପ୍ରକଳ୍ପର ସମୀକ୍ଷା

# ତୃଣମୂଳରେ ସମସ୍ୟାର ଅନୁଧ୍ୟାନ କଲେ ମୁଖ୍ୟ ସଚିବ

- ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ଭିତ୍ତିଭୂମିର ଉନ୍ନତିକରଣକୁ ଗୁରୁତ୍ୱ
- ସିଭିଲ ସର୍ଭିସ ପ୍ରସ୍ତୁତି କରୁଥିବା ଶିକ୍ଷାର୍ଥୀଙ୍କ ସହ ଆଲୋଚନା



**ଫୁଲବାଣୀ,୧୪ା୧(ସଂଚାର ବ୍ୟୁରୋ):** ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଦୁଇଦିନିଆ କନ୍ଧମାଳ ଜିଲ୍ଲା ଗସ୍ତ କରି ବିଭିନ୍ନ ଦର୍ଶନୀୟ ସ୍ଥାନ, କାର୍ଯ୍ୟକାରୀ ହେଉଥିବା ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ଦେବା ସହ, ଜୀବିକାନିର୍ବାହ କାର୍ଯ୍ୟକ୍ରମ, ଶିକ୍ଷା ଓ ପାନୀୟଜଳ ଯୋଗାଣ ସମ୍ପର୍କିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି।

ଏହି ଅବସରରେ ମୁଖ୍ୟ ଶାସନ ସଚିବ ସିଭିଲ ସର୍ଭିସ ପାଇଁ କୋଚିଂ ନେଉଥିବା ଜିଲ୍ଲାର ଆଶାୟୀ ଆଦିବାସୀ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରି ସେମାନଙ୍କୁ ନିଷ୍ଠାର ସହ ପ୍ରସ୍ତୁତି କରିବାକୁ ଉତ୍ସାହିତ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଶା ଖଣି ନିଗମ ସହାୟତାରେ ଏହି ପ୍ରଶିକ୍ଷଣ ଦିଆଯାଉଛି। ସେ ମଧ ଇ-ଲାଇବ୍ରେରୀ ଓ ପରେ ମେଡିକାଲ କଲେଜ୍ ପରିଦର୍ଶନ କରି ସ୍ୱାସ୍ଥ୍ୟସେବା ଓ ଡାକ୍ତରୀ ଶିକ୍ଷା ବ୍ୟବସ୍ଥାରେ କିପରି ଅଧିକ ଉନ୍ନତି ହୋଇପାରିବ, ସେ ସଂପର୍କରେ ପରାମର୍ଶ ଦେଇଥିଲେ।

ମୁଖ୍ୟ ଶାସନ ସଚିବ ଆଜି ଦ୍ୱିତୀୟ ଦିବସରେ ଦାରିଙ୍ଗିବାଡ଼ିସ୍ଥିତ ଇକୋ ରିଟ୍ରିଟ ପରିଦର୍ଶନ କରିଥିଲେ। ପରେ ସେ ଦାରିଙ୍ଗବାଡ଼ି କଫି ଗାର୍ଡେନ ଯାଇ ସେଠାରେ ବେଥିନିଆ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ କ୍ୟାଫେର କାର୍ଯ୍ୟକଳାପକୁ ପ୍ରଶଂସା କରିଥିଲେ। ମୁଖ୍ୟ ଶାସନ ସଚିବ ମଧ "ସଞ୍ଜାସାରୁ ଟ୍ରଷ୍ଟ"ଦ୍ୱାରା ପରିଚାଳିତ ଓ ରକ୍ଷଣାବେକ୍ଷଣ କରାଯାଉଥିବା "ହିଲ୍ଲ୍ୟୁ" ପାର୍କ ପରିଦର୍ଶନ କରିଥିଲେ। ସ୍ଥାନୀୟ ଗୋଷ୍ଠୀ ସମୁଦାୟଙ୍କ ସହଯୋଗରେ ଗଢ଼ିଉଠିଥିବା ଏହି ପାର୍କ ପର୍ଯ୍ୟଟନ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ସିର୍ତ୍ତିଗୁଡ଼ାରେ ଓପିଟିସିଏଲ ପ୍ରକଳ୍ପ ପରିଦର୍ଶନ କରି କାର୍ଯ୍ୟକାରୀ ସଂସ୍ଥାକୁ ଆସନ୍ତା ଜୁନ୍ ସୁଦ୍ଧା ଅନ୍ତତଃ ଦୁଇ ଫେଜ୍ ବିଶିଷ୍ଟ ବିଦ୍ୟୁତ୍ ପରିବହନ ବ୍ୟବସ୍ଥା କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ମୁଖ୍ୟ ସଚିବ ଦାରିଙ୍ଗବାଡି ହିଲ୍ ଭ୍ୟୁ ଦର୍ଶନ କରି ନୂଆଗାଁ ଓ ଫିରିଙ୍ଗିଆ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରିଥିଲେ। ଫିରିଙ୍ଗିଆ ବ୍ଲକର କସମ ବନ୍ଧଗଡ଼ ଅଞ୍ଚଳରେ ଥିବା ହଳଦୀ ପ୍ରକ୍ରିୟାକରଣ କେନ୍ଦ୍ର ପରିଦର୍ଶନ କରିବା ସହ ମଣିପଦର ଅଞ୍ଚଳର ମହିଳାମାନଙ୍କ ଦ୍ୱାରା ଚାଷ ହୋଇଥିବା ମାଣ୍ଡିଆ ଚାଷ ଓ ରତଙ୍ଗ ଟ୍ୟାଙ୍କ ପରିଦର୍ଶନ କରିଥିଲେ। ମଣିପଦର ଗ୍ରାମରେ ସମନ୍ୱିତ କୃଷିପ୍ରଣାଳୀ ଅନ୍ତର୍ଗତ ଉଦ୍ୟାନ କୃଷି ବିଭାଗ, ଓଡ଼ିଶା ଜୀବିକା ମିଶନ ଏବଂ ଆଇଟିଡିଏ ସମନ୍ୱୟରେ ଷ୍ଟ୍ରବେରି, ଗେଣ୍ଡୁଫୁଲ ଓ ମଟର ଚାଷ ପାଇଁ ସହଯୋଗ ଦିଆଯାଉଛି। ଏହି ଅବସରରେ ସେ ଫିରିଙ୍ଗିଆ ପଞ୍ଚାୟତର ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀମାନଙ୍କୁ ପାଠ ପଢ଼ାଇବା ସହ ସେମାନଙ୍କ ସମସ୍ୟା ନେଇ ଆଲୋଚନା କରିଥିଲେ। ବିଦ୍ୟାଳୟ ହଷ୍ଟେଲରେ ଛାତ୍ରୀମାନଙ୍କ ସହ ମଧ୍ୟାହ୍ନ ଭୋଜନ କରିବା ସହ ବିଦ୍ୟାଳୟର ଭିତ୍ତିଭୂମି ଓ ପରିବେଶ ଦେଖି ସେ ସନ୍ତୋଷ ବ୍ୟକ୍ତ କରିଥିଲେ। ଛାତ୍ରୀମାନଙ୍କ ସହ ଆଲୋଚନା ପରେ ରହୁଥିବା ବିଭିନ୍ନ ସମସ୍ୟାର ଶୀଘ୍ର ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

ଏହା ପରେ ମୁଖ୍ୟ ଶାସନ ସଚିବ ବୌଦ୍ଧ ଜିଲ୍ଲାର ହରଭଙ୍ଗା ଅଞ୍ଚଳ ଗସ୍ତ କରି ମହାନଦୀ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପରିଦର୍ଶନ କରି ଫୁଲବାଣୀକୁ ଫେରିଥିଲେ। ଫୁଲବାଣୀରେ କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ଗୃହରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ନେଇ ଆଲୋଚନା କରିଥିଲେ। ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହେଉଥିବା ସରକାରୀ ଯୋଜନା ଓ କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରିବା, ପାନୀୟ ଜଳ ସହିତ ଅନ୍ୟ ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟକାରିତାରେ ଜିଲ୍ଲା ସ୍ତରରୁ ବାସ୍ତବ ସମସ୍ୟା ଜାଣି ଆବଶ୍ୟକ ସ୍ଥଳେ ରାଜ୍ୟସ୍ତରୀୟ ସମନ୍ୱୟରେ ରହୁଥିବା ସମସ୍ୟାର ସମାଧାନ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି କହିଛନ୍ତି।

## ମକରରେ ଉପାସ ରହିଲେ ଲିଙ୍ଗରାଜ

- ସେବାୟତଙ୍କ ଅସହଯୋଗ ନେଇ ରାଗିଲେ ବିଧାୟକ



**ଭୁବନେଶ୍ୱର,୧୪ା୧(ସଂଚାର ବ୍ୟୁରୋ):** ମଙ୍ଗଳବାର ସନ୍ଧ୍ୟା ଧୂପଠାରୁ ଆଜି ମକର ସଂକ୍ରାନ୍ତି ପରି ଏକ ଗୁରୁତ୍ୱପୂର୍ଣ୍ଣ ଦିନରେ ମହାପ୍ରଭୁ ଶ୍ରୀଲିଙ୍ଗରାଜ ଉପାସ ରହିଛନ୍ତି। କାରଣ ସେବାୟତମାନେ ସହଯୋଗ ନ କରିବାରୁ ମନ୍ଦିରରେ ନୀତିକାନ୍ତି ବନ୍ଦ ରହିଥିଲା। ଗତକାଲି ରାତିରେ ମହାପ୍ରଭୁଙ୍କ ନୀତି ସମ୍ପନ୍ନ ହୋଇନଥିବା ବେଳେ ସକାଳେ ମଧ କୌଣସି ନୀତି ଅନୁଷ୍ଠିତ ହୋଇନାହିଁ। ଏଭଳି ସ୍ଥିତି ପାଇଁ ମକର ପୂର୍ବ ସନ୍ଧ୍ୟାର ନବାଙ୍କ ବେଢ଼ାରେ କ୍ଷୀର ଆଉଟା ସେବା ଅଧିକାର ବିବାଦ ହିଁ ମୁଖ୍ୟ କାରଣ। ସେପଟେ ସେବାୟତମାନେ ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ପ୍ରଶାସକଙ୍କୁ ଦାୟୀ କରିଛନ୍ତି। ତେବେ ମହାପ୍ରଭୁ ଲିଙ୍ଗରାଜ ନୀତି ବିଭ୍ରାଟ ଓ ଉପବାସକୁ ନେଇ ସେବାୟତଙ୍କ ଉପରେ କ୍ଷୋଭ ପ୍ରକାଶ କରିଛନ୍ତି ଏକାମ୍ର ବିଧାୟକ ବାବୁ ସିଂ।

ସେ କହିଛନ୍ତି ଯେ ନୀତିକାନ୍ତି ବନ୍ଦ କରିଥିବା ସେବାୟତଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ। କୌଣସି ସେବାୟତ କଦାପି ଠାକୁରଙ୍କଠାରୁ ବଡ଼ ନୁହଁନ୍ତି। ପ୍ରଭୁ ଲିଙ୍ଗରାଜଙ୍କୁ ନେଇ ଆମ ସମସ୍ତଙ୍କର ପରିଚୟ। ସେବାୟତ ସେବା କରିବାକୁ ଅଛନ୍ତି, ନିଷ୍ପତ୍ତି ନେବାକୁ ନୁହେଁ। ନୀତିକାନ୍ତି ବନ୍ଦ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବିଷୟ। ସେବାୟତମାନଙ୍କୁ ଅନୁରୋଧ ସେମାନେ ଶ୍ରଦ୍ଧାଳୁଙ୍କ ଭାବାବେଗକୁ ଆଘାତ ଦିଅନ୍ତୁ ନାହିଁ। ଆମ ଭିତରେ ଶହେ କଳି ଥାଇପାରେ, କିନ୍ତୁ ପୂଜା ପରେ ଆଲୋଚନା ହେବା ଭଲ। ସରକାର ଯଦି ଶୁଣିନାହାନ୍ତି, ପୂଜା ପରେ ଆଲୋଚନା ହୋଇପାରିବ। ଯେଉଁମାନେ ନୀତିକାନ୍ତି ବନ୍ଦ କରିଛନ୍ତି, ସେମାନଙ୍କର ସେବା କରିବାର ଯୋଗ୍ୟତା ନାହିଁ ବୋଲି କହିଛନ୍ତି ଶ୍ରୀ ସିଂ। ସେ ଆହୁରି କହିଛନ୍ତି ଯେ ମହାପ୍ରଭୁ ଲିଙ୍ଗରାଜଙ୍କ ଆଇନ ଆସିବା ପର୍ଯ୍ୟନ୍ତ ପ୍ରଭୁଙ୍କ ନୀତିକାନ୍ତିରେ କେହି ଅବହେଳା କରନ୍ତୁନି। ଆଗାମୀ ୨ରୁ ୪ ମାସ ମଧ୍ୟରେ ଆଇନ କାର୍ଯ୍ୟକାରୀ ହେବ। ଏଥିପାଇଁ ସରକାରଙ୍କ ପକ୍ଷରୁ ସବୁ ପ୍ରକାର ପ୍ରସ୍ତୁତି ସରିଛି। ବର୍ତ୍ତମାନ ଏହାକୁ ଅନୁମୋଦନ ପାଇଁ କେନ୍ଦ୍ରକୁ ପଠାଯିବ। କେନ୍ଦ୍ର ସ୍ୱୀକୃତି ଦେବା ପରେ ରାଷ୍ଟ୍ରପତିଙ୍କଠାରୁ ଅନୁମୋଦନ ମିଳିବା ପରେ ଲିଙ୍ଗରାଜ ମନ୍ଦିରରେ ନୂଆ ଆଇନ ଲାଗୁ ହେବ। କିନ୍ତୁ ସେ ପର୍ଯ୍ୟନ୍ତ ଏମିତି ବିବାଦ କରି ନୀତିକାନ୍ତି ବନ୍ଦ ନ କରିବା ପାଇଁ ବିଧାୟକ ସେବାୟତମାନଙ୍କୁ ନିବେଦନ କରିଛନ୍ତି।

## ଗଞ୍ଜେଇ ଭର୍ତ୍ତି କାର୍ ଧକ୍କାରେ ୨ ଗୁରୁତର

- ଖସି ପଳାଇବାକୁ ଉଦ୍ୟମରୁ ଅଘଟଣ



**ଆଠମଲ୍ଲିକ,୧୪ା୧(ସଂଚାର ବ୍ୟୁରୋ):** ଅନୁଗୁଳ ଜିଲ୍ଲା କିଆକଟା ଥାନା ଅନ୍ତର୍ଗତ ଶଙ୍ଖାମାଳ ନିକଟରେ ଆଜି ସକାଳେ ଏକ ସଡ଼କ ଦୁର୍ଘଟଣାରେ ୨ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତ ହୋଇଥିବା ଦୁଇ ଜଣ ହେଲେ କିଆକଟା ଥାନା ଅନ୍ତର୍ଗତ ଶଙ୍ଖାମାଳ ଗ୍ରାମର ପପୁନ ସାହୁ ଓ ଅନ୍ତର୍ଯ୍ୟାମୀ ନାୟକ। ଆହତଦ୍ୱୟଙ୍କୁ ପ୍ରଥମେ ଚିକିତ୍ସା ନିମନ୍ତେ ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ସେଠାରେ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ,ଏକ ସ୍ୱିଫ୍ଟ କାରରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ସନ୍ଦେହ କରି ବୌଦ୍ଧ ପୁଲିସ ଉକ୍ତ କାରକୁ ପିଛା କରିଥିଲା। ଉକ୍ତ କାର୍‌ଟି ଆଠମଲ୍ଲିକ ଉପଖଣ୍ଡର କିଆକଟା ଥାନାଞ୍ଚଳକୁ ପଶିଆସିଥିବା ବେଳେ ପୁଲିସ ପିଛା କରିବାରୁ ଖସି ପଳାଇଯିବା ଚକ୍କରରେ ଚାଳକ ଜଣଙ୍କ ଦୁର୍ଘଟଣା ଘଟାଇଥିଲେ। ତେବେ ଦୁର୍ଘଟଣା ପ୍ରତିବାଦରେ ସ୍ଥାନୀୟ ଅଞ୍ଚଳର ଲୋକେ ଉତ୍ତ୍ୟକ୍ତ ହୋଇ ପାଖାପାଖି ୪ ଘଣ୍ଟା ଧରି ଶଙ୍ଖାମାଳଠାରେ ରାସ୍ତାରୋକ କରିଥିଲେ। କିଆକଟା ପୁଲିସ କାରରେ ଥିବା ଜଣେ ଗଞ୍ଜେଇ ବେପାରୀକୁ ଗିରଫ କରିଥିବା ବେଳେ ତାକୁ ବୌଦ୍ଧ ପୁଲିସକୁ କିଆକଟା ଥାନାରେ ରଖି ଜେରା କରୁଛି।

## ୨୭କୁ ଘୁଞ୍ଚିଲା ଗୋପାଳପୁର ମହୋତ୍ସବ

**ବ୍ରହ୍ମପୁର,୧୪ା୧(ସଂଚାର ବ୍ୟୁରୋ):** ଘୁଞ୍ଚିଲା ଗୋପାଳପୁର ବେଳାଭୂମି ମହୋତ୍ସବର ତାରିଖ। ପୂର୍ବରୁ ଏହା ଆସନ୍ତା ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବା ନେଇ ସୂଚନା ଦିଆଯାଇଥିଲା। କିନ୍ତୁ ଏବେ ଏହା ଆସନ୍ତା ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କୁହାଯାଇଛି। ଗୋପାଳପୁର ବେଳାଭୂମି ମହୋତ୍ସବକୁ ନେଇ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀଙ୍କ ବାସଭବନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨୭ ତାରିଖରେ ରାଜ୍ୟପାଳଙ୍କ ଦ୍ୱାରା ଗୋପାଳପୁର ବେଳାଭୂମି ମହୋତ୍ସବର ଶୁଭାରମ୍ଭ ହେବା ନେଇ କାର୍ଯ୍ୟକ୍ରମ ସ୍ଥିର ହୋଇଥିବା କହିଛନ୍ତି ମନ୍ତ୍ରୀ ଶ୍ରୀ ଜେନା। ସେହିପରି ୩୦ ତାରିଖରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ।

## ଡକାୟତି ଯୋଜନା ପଣ୍ଡ: ୩ ଗିରଫ



**ବଣାଇ,୧୪ା୧(ସଂଚାର ବ୍ୟୁରୋ):** ବଡ଼ ଧରଣର ଏକ ଡକାୟତ ଗ୍ୟାଙ୍ଗକୁ ଗିରଫ କରିଛି ସୁନ୍ଦରଗଡ଼ ଜିଲ୍ଲା ଟିକାୟତପାଲି ଥାନା ପୁଲିସ୍। ଡକାୟତି ପାଇଁ ଉଦ୍ୟମ କରୁଥିବା ସମୟରେ ସେଠାରେ ପୁଲିସ୍ ପହଞ୍ଚି ୩ ଜଣ ଆନ୍ତଃରାଜ୍ୟ ଡକାୟତଙ୍କୁ ଗିରଫ କରିଛି। ତେବେ ପୁଲିସ୍‌କୁ ଚକ୍‌ମା ଦେଇ ସେଠାରୁ ଆଉ ୬ରୁ ୭ ଜଣ ଡକାୟତ ଫେରାର୍ ହୋଇଯିବାରେ ସକ୍ଷମ ହୋଇଛନ୍ତି। ସୁନ୍ଦରଗଡ଼ ଜିଲ୍ଲା ଟିକାୟତପାଲି ଥାନା ଚନ୍ଦ୍ରପୁର ଗାଁରୁ ସେମାନଙ୍କୁ ଗିରଫ କରାଯାଇଛି। ଏକ ଖୋଲା ପଡ଼ିଆରେ ପ୍ରାୟ ୧୦ ଜଣ ଡକାୟତ ଏକାଠି ହୋଇ କୌଣସି ସ୍ଥାନରେ ଡକାୟତି ପାଇଁ ଯୋଜନା କରୁଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ପୁଲିସ୍ ଅତର୍କିତ ଭାବେ ଚଢ଼ାଉ କରିଥିଲା। ଫଳତଃ ସେମାନଙ୍କ ଡକାୟତି ଯୋଜନା ପଣ୍ଡ ହୋଇଯାଇଚି। ତେବେ ଟିକାୟତପାଲୀ ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ସେଠାରୁ କେତେକ ଡକାୟତ ଖସି ପଳାଇଥିଲେ। ଗିରଫ ହୋଇଥିବା ୩ ଜଣଡକାୟତଙ୍କ ମଧ୍ୟରୁ ଦୁଇ ଜଣ ଝାଡ଼ଖଣ୍ଡରେ ହୋଇଥିବା ବେଳେ ଅନ୍ୟ ଜଣେ ସୁନ୍ଦରଗଡ଼ର ବୋଲି ଜଣାପଡ଼ିଛି। ଏଥିସହ ପୁଲିସ୍ ସେମାନଙ୍କଠାରୁ ମାରଣାସ୍ତ୍ର ଓ ନଗଦ ଟଙ୍କା ଜବତ କରିଛି। ଗିରଫ ହୋଇଥିବା ଡକାୟତଙ୍କ ନାମରେ ବିଭିନ୍ନ ଥାନାରେ ୧୫ରୁ ଅଧିକ ମାମଲା ରହିଥିବା ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି।



## ଜଳସମ୍ପଦ ବିଭାଗ ପ୍ରମୁଖ ସଚିବଙ୍କ କାର୍ଯ୍ୟ ସମୀକ୍ଷା

**ଭୁବନେଶ୍ୱର,୧୪ା୧(ସଂଚାର ବ୍ୟୁରୋ):** ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କ ଅଧ୍ୟକ୍ଷତାରେ ଆଜି ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ବିଭାଗୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ୧୫ଟି ମାର୍ଗଦର୍ଶିକା ଅନୁଯାୟୀ ବିଭାଗୀୟ କାର୍ଯ୍ୟର ପ୍ରଗତି ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିସହ ଭିଜନ ୨୦୩୬ ଓ ୨୦୪୭ ଅଧୀନରେ ନିର୍ଦ୍ଧାରିତ ୧୨ ଓ ୨୪ ମାସର ଲକ୍ଷ୍ୟ ପ୍ରାପ୍ତି ପାଇଁ ରୋଡ୍‌ମ୍ୟାପ ଉପରେ ସମୀକ୍ଷା କରାଯାଇଛି।

ବୈଠକରେ ନିୟମିତ ବଜେଟ ଫଳାଫଳ ସମୀକ୍ଷା, ଶିଳ୍ପ ଉନ୍ନୟନ ପାଇଁ ସରକାରଙ୍କ ଦ୍ୱାରା ସ୍ୱାକ୍ଷରିତ ଏମ୍‌ଓୟୁଗୁଡ଼ିକର କାର୍ଯ୍ୟାନ୍ୱୟନ, ମିଶନ କର୍ମଯୋଗୀ ଆଧାରିତ ପ୍ରଶିକ୍ଷଣ କ୍ୟାଲେଣ୍ଡର, ନିୟମିତ ସମୀକ୍ଷା ପ୍ରଣାଳୀ ଭଳି ବିଷୟ ଉପରେ ଆଲୋଚନା ହୋଇଛି। ସମୀକ୍ଷା ସମୟରେ ରାଜ୍ୟରେ ଜଳସେଚନ ବୃଦ୍ଧି ପାଇଁ ପାଣିର ଉପଯୋଗ ସୁନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ବୈଠକରେ ସମସ୍ତ ସରକାରୀ ପତ୍ରାଳାପ ଓ ସୂଚନା ଓଡ଼ିଆ ଭାଷାରେ ଜାରି, ବିଭାଗୀୟ ୱେବସାଇଟ ଅଦ୍ୟତନ, ଅଭିଯୋଗ ସମାଧାନ ପ୍ରଣାଳୀ ସୁଦୃଢ଼ କରିବା ଉପରେ ମଧ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ସାଗର ମହାନ୍ତିଙ୍କ ସମେତ ବିଭିନ୍ନ କାର୍ଯ୍ୟ ଦାୟିତ୍ୱରେ ଥିବା ଜଳ ସମ୍ପଦ ବିଭାଗର ବିଶିଷ୍ଟ ଅଧିକାରୀ ଓ ଅନ୍ୟ ସର୍ବୋଚ୍ଚ ଯନ୍ତ୍ରୀ ଓ ମୁଖ୍ୟ ଯନ୍ତ୍ରୀ ଉପସ୍ଥିତ ଥିଲେ।

## ଆମ ବସ୍ ସେବା ସମ୍ପର୍କିତ ଉଚ୍ଚସ୍ତରୀୟ କମିଟି ବୈଠକ



**ଭୁବନେଶ୍ୱର,୧୪ା୧(ସଂଚାର ବ୍ୟୁରୋ):** ଆମ ବସ୍ ସେବା ସମ୍ପର୍କିତ ଗଠିତ ଉଚ୍ଚସ୍ତରୀୟ କମିଟି କ୍ରୁଟ୍ କାର୍ଯ୍ୟାଳୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଭାରୀ ଯାନ ଚଳାଚଳ ଦ୍ୱାରା ସଡ଼କ ବ୍ୟବହାରକାରୀଙ୍କ ସୁରକ୍ଷା, ଯାତ୍ରୀ ଅନୁକୂଳ ଆମ ବସ୍ ସେବା ଓ ଚାଳକମାନଙ୍କ ସାମଗ୍ରିକ ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଏଥିରେ ପରିବହନ କମିଶନର ଅମିତାଭ ଠାକୁର, କ୍ରୁଟ୍ ଏମଡି ସଞ୍ଜୟ ବିଶ୍ୱାଳ, କମିଶନରେଟ୍ ପୁଲିସ୍ ଡିସିପି, ଟ୍ରାଫିକ ଡିସିପି ଓ କ୍ରୁଟ୍ ଜିଏମ୍ ଉପସ୍ଥିତ ଥିଲେ। ଚଳିତ ମାସର ପ୍ରଥମ ଦୁଇ ସପ୍ତାହରେ ଆମ ବସ୍‌ଗୁଡ଼ିକର ସ୍ପିଡ୍ ଲିମିଟ୍‌ର ଅନୁଧ୍ୟାନ କରାଯାଇଥିବା ସମ୍ପର୍କରେ ଆଲୋଚନା ହୋଇଥିଲା। କୌଣସି ଆମ ବସ୍ ଏହି ନିୟମ ଭଙ୍ଗ କରିଥିବାର ନଜରକୁ ଆସିନାହିଁ। ବସ ଷ୍ଟପମାନଙ୍କରେ ଆମ ବସ ରହଣି ଉପରେ ମଧ ଆଲୋଚନା ହୋଇଛି। ଡ୍ରାଇଭିଂ ଟ୍ରେନିଙ୍ଗ ସ୍କୁଲ (ଆଇଡିଟିଆର୍)କୁ ମଧ ଇ-ବସ୍ ପ୍ରଦାନ କରାଯିବ। ଦୈନିକ ୧୮୦ କିମି ପର୍ଯ୍ୟନ୍ତ ଟ୍ରେନିଂ ସ୍କୁଲ ପରିସର ମଧ୍ୟରେ ଚାଳକମାନେ ଡ୍ରାଇଭିଂ ଟ୍ରେନିଂ ନେଇପାରିବେ। ଏନେଇ ଆବଶ୍ୟକୀୟ ଥିବା ମଲ୍ଟି ଚାର୍ଜିଂ ଇନ୍‌ଫ୍ରା ଛତିଆ, ବ୍ରହ୍ମପୁର ଓ ବଣାଇ ସୁନ୍ଦରଗଡ଼ର ବିଭିନ୍ନ ସ୍ଥାନରେ ନିର୍ମାଣ କରାଯିବାର ଯୋଜନା ରହିଛି। ଏହାଦ୍ୱାରା ସରକାରୀ ଯାନ ସହ ବେସରକାରୀ ଯାନଗୁଡ଼ିକର ଚାର୍ଜିଂ ସୁବିଧା ରହିବ। ଚାରିଚକିଆ ଇଭି ଯାନଗୁଡ଼ିକୁ ମଧ ଚାର୍ଜିଂର ସୁବିଧା ମଧ ଉପଲବ୍ଧ ହୋଇପାରିବ।

ଆସନ୍ତା ୨୬ରୁ ଲାଗୁହେବ କ୍ୟାପଟେନ ଓ ଗାଇଡମାନଙ୍କ ନିମନ୍ତେ ପ୍ରୋତ୍ସାହନ ରାଶି। ଚାଳକଙ୍କ ସୁରକ୍ଷିତ ଗାଡ଼ି ଚାଳନା ଓ ବିଭିନ୍ନ ଦିଗରୁ ସେମାନଙ୍କ କାର୍ଯ୍ୟକୁ ମୂଲ୍ୟାଙ୍କନ କରି ତିନି ମାସରେ ଥରେ ପ୍ରଦାନ କରାଯିବ ଏହି ରାଶି। ଆସନ୍ତା ମାସରୁ ଆରମ୍ଭ ହେବ ଆମ ବସ୍ ରୁଟରେ ଜନସାଧାରଣଙ୍କ ସହଭାଗିତା, ସାମାଜିକ ଗଣମାଧ୍ୟମରୁ ସାଧାରଣ ଯାତ୍ରୀଙ୍କଠୁ ମଗାହେବ ରୁଟ୍ ପରିବର୍ତ୍ତନ ଉପରେ ମତାମତ। ସେପରି ସୁବାହକ ଟ୍ରେନିଂର ସମୟ ସୀମା ୩ ଦିନରୁ ୫ ଦିନକୁ ବୃଦ୍ଧି କରାଯାଇଛି। ଏହାଦ୍ୱାରା ଚାଳକମାନେ ଅଧିକ ସମୟ ଓ ଅଧିକ ଦୂରତା ପର୍ଯ୍ୟନ୍ତ ଭାରୀ ମୋଟର ଯାନ ଚାଳନା ବାବଦରେ ଟ୍ରେନିଂ ନେଇପାରିବେ। ସେଥିରେ ସାଇକୋମାଟ୍ରିକ ପରୀକ୍ଷା, ଇନ୍ ବିଟର୍ସ, ଲେନ ଡ୍ରାଇଭିଂ, ଚାଳକମାନଙ୍କର ନିଜସ୍ୱ ମୂଲ୍ୟାଙ୍କନ ଉପରେ ଅଧିକ ଧ୍ୟାନ ଦିଆଯିବ।

## ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି ସମ୍ପନ୍ନ

### ସ୍ୱାଭାବିକ ହେଲା ଶ୍ରୀଜିଉଙ୍କ ଦର୍ଶନ

**ପୁରୀ,୧୪ା୧(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିରରେ ଆଜି ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି ସମ୍ପନ୍ନ ହୋଇଛି। ବଡ଼ ମହାସ୍ନାନ ପରେ ସ୍ୱାଭାବିକ ହୋଇଛି ଶ୍ରୀଜିଉଙ୍କ ଦର୍ଶନ। ତେବେ ମହାସ୍ନାନ ନୀତି ସମ୍ପନ୍ନ ସକାଶେ ଦେଢ଼ ଘଣ୍ଟା ଧରି ବନ୍ଦ ରହିଥିଲା ସର୍ବସାଧାରଣଙ୍କ ଦର୍ଶନ। ଭିତର କାଠ ନିକଟରେ ରକ୍ତଛିଟା ପଡ଼ିଥିବାରୁ ଠାକୁରଙ୍କ ବଡ଼ ମହାସ୍ନାନ ସମ୍ପନ୍ନ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ବୁଧବାର ମକର ସଂକ୍ରାନ୍ତି ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ତେବେ ଏହି ସମୟରେ ଭିତର କାଠ ନିକଟରେ ରକ୍ତଛିଟା ପଡ଼ିଥିବା ଦେଖିବାକୁ ମିଳିଥିଲା। ଫଳରେ ମହାପ୍ରଭୁଙ୍କ ସମସ୍ତ ନୀତି ମାରା ହୋଇଥିଲା। ସେବାୟତମାନେ ତୁରନ୍ତ ନୀତି ବନ୍ଦ କରିବା ସହ ପରମ୍ପରା ଅନୁଯାୟୀ ଶ୍ରୀଜିଉଙ୍କ ବଡ଼ ମହାସ୍ନାନ କରାଇଥିଲେ। ବଡ଼ ମହାସ୍ନାନ ନୀତି ପ୍ରାୟ ଦେଢ଼ ଘଣ୍ଟା ଧରି ଚାଲିବାରୁ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ପରେ ମହାପ୍ରଭୁଙ୍କ ମହାସ୍ନାନ ସରିବା ପରେ ସ୍ୱାଭାବିକ ହୋଇଥିଲା ଦର୍ଶନ। ପରେ ଗୋପାଳ ବଲ୍ଲଭ ନୀତି ଆଗକୁ ବଢ଼ିଛି।

## ଶରତ ରାଉତଙ୍କ ଅଧ୍ୟକ୍ଷତାରେ ପିସିସିର ମନରେଗା ବଞ୍ଚାଅ ସଂଗ୍ରାମ ସମିତି ଗଠିତ

**ଭୁବନେଶ୍ୱର,୧୪ା୨(ସଂଚାର ବ୍ୟୁରୋ):** କେନ୍ଦ୍ର ସରକାର ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ମନରେଗାର ନାମ ଏବଂ ନିୟମ ପରିବର୍ତ୍ତନ କରି କୋଟି କୋଟି ଶ୍ରମିକଙ୍କ ଅଧିକାର ଉଚ୍ଛେଦ ତଥା ଜାତିର ପିତା ମହାତ୍ମାଙ୍କୁ ଅପମାନିତ କରୁଥିବା ଭିବି ଜି-ରାମ-ଜି ଯୋଜନା ଆଇନ ପ୍ରଣୟନ ବିରୁଦ୍ଧରେ ଏଆଇସିସିର ପରାମର୍ଶାନୁଯାୟୀ ଓଡିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ମନରେଗା ବଞ୍ଚାଅ ସଂଗ୍ରାମ ସମିତି ଗଠନ କରିଛି। ପ୍ରଦେଶ କଂଗ୍ରେସର ମନରେଗା ସଂଗ୍ରାମ ସମିତିରେ ପୂର୍ବତନ ମନ୍ତ୍ରୀ ଶରତ ରାଉତ ଅଧ୍ୟକ୍ଷ ରହିଥିବା ବେଳେ ପୂର୍ବତନ ସାଂସଦ ଅମରନାଥ ପ୍ରଧାନ, ନଗେନ୍ଦ୍ର ପ୍ରଧାନ, ଯୋଶବନ୍ତ ଲାଗୁରୀ, ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ରାଜ୍ୟ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର, ରାଜ୍ୟ କିଷାନ ସେଲ ଅଧ୍ୟକ୍ଷ ଅଭୟ ସାହୁ, ଆରପିଜିଏସ ଅଧ୍ୟକ୍ଷ ସୁଦର୍ଶନ ଦାସ, କୈଳାଶ ମିଶ୍ର, ହଳଧର ସେଠୀ, ସତ୍ୟାନନ୍ଦ ନାୟକ, ଆଡ଼ଭୋକେଟ ଅମୃତ ଦାସ ଏବଂ ପିସିସି ୱାରରୁମର ସମସ୍ତ ସଦସ୍ୟ ସଂଗ୍ରାମ ସମିତିର ସଦସ୍ୟ ଭାବେ ନିଯୁକ୍ତ ହୋଇଥିବା ପିସିସି ପ୍ରଶାସକ ସମୀର ରାଉତରାୟ କହିଛନ୍ତି। ସୂଚନାଯୋଗ୍ୟ ଯେ କେନ୍ଦ୍ର ସରକାର ମହାତ୍ମା ଗାନ୍ଧିଙ୍କ ନାମ ହଟାଇ ଭିନ୍ନ ନାମରେ ଯୋଜନା ଆରମ୍ଭ କରିଥିବା ବେଳେ ଏହାକୁ ନିୟମିତ ଭାବେ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଆସୁଛି। ଏଥିସହ ଆଗାମୀ ଦିନରେ ମଧ ଏହି ଯୋଜନା ସହ ମହାତ୍ମା ଗାନ୍ଧିଙ୍କ ନାମକୁ ଯୋଡ଼ିବା ସକାଶେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ମାଞ୍ଜା ସୁତାରେ ଯୁବକ ଆହତ

**ଭୁବନେଶ୍ୱର,୧୪ା୧(ସଂଚାର ବ୍ୟୁରୋ):** ସରକାର ମାଞ୍ଜା ସୁତା ବିକ୍ରି ଉପରେ କଟକଣା ଲଗାଇଥିଲେ ମଧ ଏହା ସଫଳ ହେଉନାହିଁ। ଏହି କ୍ରମରେ ଆଜି ରାଜଧାନୀର ଜଣେ ଯୁବକ ଆହତ ହୋଇଛନ୍ତି। ତାଙ୍କ ବେକରେ ମାଞ୍ଜା ସୁତା ଲାଗିଯିବା ଫଳରେ ସେ ଗୁରୁତର ହୋଇଛନ୍ତି। ତେବେ ଏହି ଘଟଣା ପରେ ଆକ୍ସନ ମୋଡ୍‌କୁ ଆସିଛି ସ୍ଥାନୀୟ ପୁଲିସ। ଏକ ନମ୍ବର ମାର୍କେଟରେ କମିଶନରେଟ୍ ପୁଲିସ୍ ପକ୍ଷରୁ ଚଢ଼ାଉ କରାଯାଇଛି। ଜୋନ ୧ ଏସିପିଙ୍କ ନେତୃତ୍ୱରେ ଏଭଳି ଚାଇନା ସୁତା ବା ମାଞ୍ଜା ସୁତା ବିକ୍ରି ନେଇ ଯାଞ୍ଚ ହୋଇଛି। ବୁଲି ବୁଲି ମାର୍କେଟର ଅନେକ ଗୁଡ଼ି ଦୋକାନ ଓ ଗୋଦାମ ଯାଞ୍ଚ କରିଛି ପୁଲିସ୍। ଯେହେତୁ ମାଞ୍ଜା ସୁତା ବିକ୍ରି ଉପରେ କଟକଣା ରହିଛି, ଜୀବନ ବିପଦରେ ପଡୁଛି, ତେଣୁ ଏସବୁ ବିକ୍ରି ଉପରେ ରୋକ ଲଗାଇବାକୁ ଏଭଳି ଯାଞ୍ଚ ଚାଲିଛି। ତେବେ ଚଢ଼ାଉ ସମୟରେ ସେଭଳି କିଛି ସୁତା ସାମ୍ନା ଆସିନଥିବା କହିଛନ୍ତି ଜୋନାଲ ଏସିପି।

- ଫିରିଙ୍ଗିଆ ପୁଲିସକୁ ସଫଳତା

## ୨ଦାମୀ କାର୍ ସହ ଗଞ୍ଜେଇ ଜବତ, ୪ ଗିରଫ



**ଫିରିଙ୍ଗିଆ,୧୪ା୧(ସଂଚାର ବ୍ୟୁରୋ):** ଫିରିଙ୍ଗିଆ ପୁଲିସକୁ ଆଜି ଏକ ବଡ଼ ଧରଣର ସଫଳତା ମିଳିଛି। ପୁଲିସ୍ ଦୁଇଟି ଦାମୀ କାର ସହ ୭୫ କିଲୋ ଓଜନର ଗଞ୍ଜେଇ ଜବତ କରିଛି। ଏଥିସହ ଏହି ମାମଲା ସହ ଜଡ଼ିତ ୪ ଜଣଙ୍କୁ ମଧ ଗିରଫ କରାଯାଇଛି। ଗଞ୍ଜେଇ କାରବାରର ହବ୍ ପାଲଟିଥିବା କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ଥାନା ଅଞ୍ଚଳରେ ଏହି ବେପାର ବେଧଡ଼କ ଚାଲିଛି। ଗତ ମାସେ ଧରି ଫିରିଙ୍ଗିଆ ପୁଲିସ କୋଟି କୋଟି ଟଙ୍କାର ଗଞ୍ଜେଇ ଗଛକୁ 'ଅପରେସନ ନୀଳ ଜହର ଅଭିଯାନ'ରେ ନଷ୍ଟ କରିସାରିଛି। କିନ୍ତୁ ଉକ୍ତ ଥାନାଞ୍ଚଳର କେତେକ ଗଞ୍ଜେଇ ମାଫିଆ ପୁଲିସର କଡ଼ା ସୁରକ୍ଷା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ୍ ଦେଇ କ୍ୱିଣ୍ଟାଲ କ୍ୱିଣ୍ଟାଲ ଓଜନର ଗଞ୍ଜେଇ ବାହାର ଜିଲ୍ଲାକୁ ଚାଲାଣ କରୁଛନ୍ତି। ତେବେ ଦୀର୍ଘଦିନ ପରେ ଆଜି ଫିରିଙ୍ଗିଆ ପୁଲିସ ଗଞ୍ଜେଇ ଚାଲାଣ କରୁଥିବା ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି। ଦୁଇଟି କାରରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ପୁଲିସ ଏକ ବିଶେଷ ସୂତ୍ରରୁ ଖବର ପାଇ ଫିରିଙ୍ଗିଆ ଥାନାର ଏସଆଇ ଅଜୟ କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ ଫୁଲବାଣୀ ବାଲିଗୁଡା ମୁଖ୍ୟ ରାସ୍ତାର ଫିରିଙ୍ଗିଆ କାଳିଆ ସାହି ପେଟ୍ରୋଲ ପମ୍ପ ନିକଟରେ ଛକି ରହିଥିଲା। ଦ୍ରୁତ ଗତିରେ ଆସୁଥିବା ୨ଟି କାରରୁ ପୁଲିସ୍ ଅଟକାଇଥିଲା। ଏହାପରେ ଗାଡ଼ି ଦୁଇଟିକୁ ଯାଞ୍ଚ କରି ସେଥିରୁ ପୁଳାପୁଳା ଗଞ୍ଜେଇ ଜବତ କରିଥିଲା ଉକ୍ତ ଟିମ୍। ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରାଯାଇଥିବା ବେଳେ ୪ ଜଣ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେପଟେ ଅଭିଯୁକ୍ତମାନଙ୍କ ମଧ୍ୟରେ ୩ ଜଣ ଫିରିଙ୍ଗିଆ ଥାନା ବନ୍ଧଗଡ଼ ପଞ୍ଚାୟତ ବକାପାଲି ଗାଁର ପିଙ୍କୁ ଦିଗାଳ, ଟିଣ୍ଟୁ ଦିଗାଳ ଓ ସାନନ୍ଦ ଦିଗାଳ ବୋଲି ଜଣାପଡ଼ିଛି। ଏହାଛଡ଼ା ଅନ୍ୟ ଜଣେ ଅଭିଯୁକ୍ତ ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା ଅଧୀନରେ ଥିବା ବାଲିପଦର ଗାଁର ଆଶିଷ ଦିଗାଳ।

# ଅଖଣ୍ଡ ଶିକାର ରୋକିବାକୁ ବନ ବିଭାଗର ୧୦ ଟିମ୍ ସଜାଗ

### ସହଯୋଗ କରିବ ଏଆଇ କ୍ୟାମେରା



**ନୀଳଗିରି,୧୪ା୧(ସଂଚାର ବ୍ୟୁରୋ):** ମକର ସଂକ୍ରାନ୍ତି ପାଇଁ ଶିକାରୀଙ୍କ ଟାର୍ଗେଟ୍‌ରେ କୁଲଡିହା ଅଭୟାରଣ୍ୟ। ଅଖଣ୍ଡ ଶିକାର ରୋକିବା ପାଇଁ ବନ ବିଭାଗର ୧୦ରୁ ଅଧିକ ଟିମ୍ ରାତିଦିନ ଏକ କରିଥିବା ବେଳେ କୁଲଡିହା ଅଭୟାରଣ୍ୟ ସୀମାନ୍ତରେ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି।

ମିଳିଥିବା ସୂଚନାନୁସାରେ, ନୀଳଗିରି ଉପଖଣ୍ଡସ୍ଥ ୨୭୨.୭୫ ବର୍ଗ କିମି ପ୍ରାକୃତିକ ସୌନ୍ଦର୍ଯ୍ୟଭରା କୁଲଡିହା ଅଭୟାରଣ୍ୟରେ ବିଭିନ୍ନ ପ୍ରକାର ଜୀବଜନ୍ତୁ ଓ ଦେଶୀ ବିଦେଶୀ ପକ୍ଷୀ ରହିଛନ୍ତି। ତେବେ ମକର ସଂକ୍ରାନ୍ତି ଅବସରରେ ଅଭୟାରଣ୍ୟ ସୀମାନ୍ତ ଗାଁରେ ଥିବା ଶିକାରୀମାନେ ଅଖଣ୍ଡ ଶିକାର କରିବାକୁ ଧନୁତୀର, ଅସ୍ତ୍ରଶସ୍ତ୍ର ଧରି ଅବାଧ ପ୍ରବେଶ କରିଥାନ୍ତି। ହରିଣ, ସମ୍ବର, ଝିଙ୍କ, ଠେକୁଆ, ବାର୍ହା ଓ ଅନ୍ୟ ଜୀବଜନ୍ତୁଙ୍କୁ ଗୋଡ଼ାଇ ଗୋଡ଼ାଇ ଶିକାର କରିଥାନ୍ତି। ଏହାପରେ ମୃତ ମାଂସକୁ ଆଣି ରୋଷେଇ କରି ଏକତ୍ରିତ ହୋଇ ଗାଁରେ ଭୋଜି କରି ଖାଇଥାନ୍ତି। ଆଉ କେହି ମାଂସ ଭାଗ କରି ନେଇ ଯାଇଥାନ୍ତି। ଏଠାରେ ବିଶ୍ୱାସ ରହିଛି ଯେ ଏହି ମାଂସ ଖାଇଲେ କୌଣସି ରୋଗବ୍ୟାଧି ହେବ ନାହିଁ। କେସିପୁର, ପୀଠହଟା, ତେଲିପାଳ, ଗରଡିହି, ସଜନାଗଡ଼, ବାଉଁଶବଣିଆ, ଶ୍ୟାମସୁନ୍ଦରପୁର, କାଣ୍ଡଗରଡିହି ଆଦି ପଞ୍ଚାୟତ ସମେତ ଔପଦା ଓ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଅଞ୍ଚଳରେ ମାଙ୍କଡ଼ପଡା, ଶିକାରୀ ରହୁଥିବା ଗାଁରେ ଶିକାରୀମାନେ ଅଖଣ୍ଡ ଶିକାର କରିବା ପାଇଁ ମକର ପୂର୍ବରୁ ସଜବାଜ ହେଉଥିବା ବେଳେ ଏହାର ମୁକାବିଲା ପାଇଁ ବନ ବିଭାଗ ବ୍ୟାପକ ପ୍ରସ୍ତୁତି ମଧ କରିଆସିଛି। ଏବେ ଏଆଇ କ୍ୟାମେରା ଅଭୟାରଣ୍ୟରେ ଲାଗିଥିବାରୁ ଶିକାରୀମାନଙ୍କ ଗତିବିଧି ମଧ ସହଜରେ ଜାଣି ହେଉଛି।

ଗତବର୍ଷ କୁଲଡିହା ବନ ବିଭାଗ ରେକର୍ଡ ସଂଖ୍ୟକ ୧୦୦ରୁ ଅଧିକ ଶିକାରୀଙ୍କୁ ଗିରଫ କରିବା ସହ ୩୩ଟି ବନ୍ଧୁକ ଜବତ କରିଥିଲା। ଡିଏଫଓ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏସିଏଫ, ରେଞ୍ଜର, ଫରେଷ୍ଟର, ଫରେଷ୍ଟ ଗାର୍ଡ, ସବୁଜ ବାହିନୀ ଜଙ୍ଗଲରେ ଚାଲି ଚାଲି ପାଟ୍ରୋଲିଂ କରି ବନ୍ୟଜନ୍ତୁ ଓ ଶିକାରୀଙ୍କ ଗତିବିଧି ଉପରେ ଲକ୍ଷ୍ୟ ରଖିଥିଲେ। ଶିକାରୀମାନେ ଏବେ ଏଆଇ କ୍ୟାମେରା ଓ କଡ଼ା ପାଟ୍ରୋଲିଂ ପାଇଁ ଭୟଭୀତ ହୋଇଥିବା ଜଣାପଡ଼ିଛି। ମକର ପାଇଁ ଅଖଣ୍ଡ ଶିକାର ପାଇଁ ପୂର୍ବରୁ ଗାଁରେ ବନ ବିଭାଗ ସଚେତନ କାର୍ଯ୍ୟକ୍ରମ କରିଥିବା ବେଳେ ଗତ ସୋମବାରଠାରୁ ଡିଏଫଓ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ କୁଲଡିହା ଅଭୟାରଣ୍ୟ ସୀମାନ୍ତରେ ୧୦ରୁ ଅଧିକ ଟିମ୍ ଏସିଏଫ ତଥା କୁଲଡିହା ରେଞ୍ଜର ଦାୟିତ୍ୱରେ ଥିବା ସୁବ୍ରତ ବେହେରାଙ୍କ ତତ୍ତ୍ୱାବଧାନରେ କଡ଼ା ପାଟ୍ରୋଲିଂ କରିଛନ୍ତି। ବରମପୁର ପୁଲିସ ମଧ ସହଯୋଗ କରିଥିବା ଜଣାପଡ଼ିଛି। ତେବେ ଅଖଣ୍ଡ ଶିକାରଠାରୁ ଦୂରେଇ ରହି ପ୍ରକୃତିପ୍ରେମୀ ହେବାକୁ ଡିଏଫଓ ଶ୍ରୀ ମଲ୍ଲିକ ଅଞ୍ଚଳବାସୀଙ୍କୁ ନିବେଦନ କରିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ







ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୩,୬୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୧,୬୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୩,୬୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୩୧,୬୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୪୩,୬୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ, ୧,୩୧,୬୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୪୩,୭୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୩୧,୮୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୪,୮୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୨,୮୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୩,୬୨୦ ଓ ୧,୩୧,୬୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୭୫,୦୦୦ ଟଙ୍କା ହୋଇଛି।




ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

# କମିଲା ରୁଷ ତେଲ ଆମଦାନୀ

ନୂଆଦିଲ୍ଲୀ, ୧୪।୧: ଆମେରିକା କଠୋର ହେବା ପରେ ରୁଷରୁ ତୈଳ ଆମଦାନୀକୁ ଭାରତ ହ୍ରାସ କରିଛି। ଗତ ଡିସେମ୍ବର ମାସରେ କମ ତେଲ ଆମଦାନୀ କରାଯାଇଛି। ରୁଷଠାରୁ ତେଲ ମଗାଉଥିବା ପ୍ରମୁଖ ଦେଶଗୁଡ଼ିକ ମଧ୍ୟରେ ଭାରତ ତୃତୀୟ ସ୍ଥାନକୁ ଖସିଆସିଛି। ସେଣ୍ଟର ଫର ରିସର୍ଚ୍ଚ ଅନ ଏନର୍ଜି ଆଣ୍ଡ କ୍ଲିନ୍ ଏୟାର

## ତୃତୀୟ ସ୍ଥାନକୁ ଖସିଲା ଭାରତ

(ସିଆର୍‌ଇଏ) ତଥ୍ୟ ଅନୁଯାୟୀ ଗତ ଡିସେମ୍ବରରେ ରୁଷରୁ ଭାରତ ୨୩୦ କୋଟି ଡଲାର ୟୁରୋର ଅଶୋଧୀତ ତୈଳ ଆମଦାନୀ କରିଛି ଯାହା ନଭେମ୍ବରର ୩୩୦ କୋଟି ଡଲାର ଆମଦାନୀ ତୁଳନାରେ କମ୍। ତୁର୍କୀ ଭାରତକୁ ଦ୍ୱିତୀୟ ସ୍ଥାନରୁ ହଟାଇ ଦେଇଥିବା ବେଳେ ଚୀନ ଏକ ନମ୍ବର ସ୍ଥାନରେ ରହିଛି। ରୁଷର ୪୮ ପ୍ରତିଶତ ତେଲ ଚୀନ କିଣୁଛି।ଗତ ଡିସେମ୍ବରରେ ରୁଷରୁ କରାଯାଇଥିବା ଆମଦାନୀରେ ଅଶୋଧିତ ତୈଳର ଭାଗ ୭୮




ପ୍ରତିଶତ ରହିଛି। ଭାରତ ସେଠାରୁ ୪୨୪ ନିୟୁତ ୟୁରୋର କୋଇଲା ଆମଦାନୀ କରିଛି। ମାସିକ ଆଧାରରେ ରୁଷରୁ ତୈଳ ଆମଦାନୀ ୨୯ ପ୍ରତିଶତ ହ୍ରାସ ପାଇଛି। ଗତ ମାସରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ରୁଷରୁ ତେଲ ଆମଦାନୀ କମ୍ କରିଥିଲା। ରୁଷର ଦୁଇ ପ୍ରମୁଖ ତୈଳ କମ୍ପାନି ରୋଜନେଫ୍ଟ ଓ ଲୁକଅଏଲ୍ ଉପରେ କଟକଣା ଲଗାଯିବା ପରେ ପ୍ରଥମ ଥର ପାଇଁ ଗତ ଡିସେମ୍ବରରେ ଅଶୋଧିତ ତୈଳ ଆମଦାନୀ ଏତେ କମ୍ ରହିଛି। କେବଳ ଘରୋଇ ସଂସ୍ଥା ନୁହେଁ, ରାଷ୍ଟ୍ରାୟତ୍ତ ତୈଳ କମ୍ପାନିଗୁଡ଼ିକ ମଧ ରୁଷ୍ ତେଲ କିଣିବା ୧୫ ପ୍ରତିଶତ କମ୍ କରିଛନ୍ତି। ଭାରତୀୟ କମ୍ପାନିଗୁଡ଼ିକ ମଧ୍ୟରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଏଚ୍‌ପିସିଏଲ୍, ଏଚ୍‌ବିସିଏଲ୍-ମିତ୍ତଲ ଏନର୍ଜି ଓ ମାଙ୍ଗାଲୋର ରିଫାଇନାରି ରୁଷ୍‌ରୁ ତେଲ କିଣା ବନ୍ଦ କରିଚନ୍ତି କିମ୍ବା କମ୍ କରିଛନ୍ତି। ଭାରତୀୟ ତୈଳ ନିଗମ କିନ୍ତୁ ତେଲ କିଣା ଜାରି ରଖିଛି।

ଗତ ନଭେମ୍ବରରେ ଭାରତର ଅଶୋଧିତ ତୈଳ ଆମଦାନୀରେ ରୁଷର ଭାଗ ୩୫ ପ୍ରତିଶତ ଥିଲା। ଡିସେମ୍ବରରେ ତାହା ୨୫ ପ୍ରତିଶତକୁ ଖସିଯାଇଛି। ୨୦୨୨ରେ ୟୁକ୍ରେନ ସହ ଯୁଦ୍ଧ ଆରମ୍ଭ ହେବା ପରେ ରୁଷ ତେଲ ରିହାତିରେ ମିଳିଥିଲା। ସେହି ତେଲକୁ ଭାରତ ସର୍ବାଧିକ ପରିମାଣରେ କିଣୁଥିଲା। ମାତ୍ର ଧୀରେ ଧୀରେ ଆମେରିକା ଓ ଅନ୍ୟ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ରୁଷ ଉପରେ କଟକଣା ଲଗାଇବା ପରେ ତେଲ କିଣା କମ୍ ହେବାରେ ଲାଗିଛି। ରୁଷରୁ ତେଲ କିଣୁଥିବାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଜରିମାନା ଆକାରରେ ୨୫ ପ୍ରତିଶତ ଶୁଳ୍କ ଲଗାଇଛନ୍ତି।



## ୮ ମାସରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଲା ହୋଲ୍‌ସେଲ୍ ମୁଦ୍ରାସ୍ଫୀତି

ନୂଆଦିଲ୍ଲୀ, ୧୪।୧: ଗତ ୮ ମାସରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଲା ହୋଲ୍‌ସେଲ୍ ମୁଦ୍ରାସ୍ଫୀତି। ଡିସେମ୍ବର ମାସରେ ହୋଲସେଲ ଦର ସୂଚକାଙ୍କ ୦.୮୩%କୁ ବୃଦ୍ଧି ପାଇଛି। ଏହା ପୂର୍ବରୁ ଗତ ଦୁଇ ମାସ ହେବ ହୋଲ୍‌ସେଲ୍ ମୁଦ୍ରାସ୍ଫୀତି ମାଇନସରେ ଚାଲୁଥିଲା। ବର୍ତ୍ତମାନ ଏହା ୮ ମାସର ରେକର୍ଡ ଭାଙ୍ଗିଛି। ଖାଲି ହୋଲ୍‌ସେଲ୍ ମୁଦ୍ରାସ୍ଫୀତି ନୁହେଁ ଖୁଚୁରା ମୁଦ୍ରା ସ୍ଫୀତିରେ ମଧ୍ୟ ରେକର୍ଡ ବୃଦ୍ଧି ହୋଇଛି। ଦେଶରେ ମହଙ୍ଗା ସ୍ଥିତି ଉତ୍କଟ ହେଲାଣି। ଯେଉଁ ସମୟରେ ଦରଦାମ କମିବା କଥା ସେହି ସମୟରେ ଓଲଟି ବଢ଼ି ଚାଲିଛି। ହୋଲସେଲ ମୁଦ୍ରାସ୍ଫୀତି ଗତ ୮ ମାସରେ ରେକର୍ଡ ଭାଙ୍ଗିଛି। ୧୪ ଜାନୁଆରୀରେ ବାଣିଜ୍ୟ ମନ୍ତ୍ରଣାଳୟ ଜାରି କରିଥିବା ରିପୋର୍ଟ ଅନୁସାରେ, ଡିସେମ୍ବର ମାସରେ ହୋଲସେଲ ପ୍ରାଇସ୍ ଇଣ୍ଡେକ୍ସ ୦.୮୩%କୁ ବୃଦ୍ଧି ପାଇଛି। ଏହା ପୂର୍ବରୁ ଗତ ଦୁଇ ମାସ ହୋଲସେଲ ଦର ମାଇନସରେ ଚାଲୁଥିଲା। ହେଲେ ଡିସେମ୍ବରରେ ବଡ଼ ବୃଦ୍ଧି ହୋଇଛି।

### ଖାଉଟିଙ୍କୁ କନ୍ଦାଉଛି ଦରଦାମ ବୃଦ୍ଧି

୨୦୨୫ ନଭେମ୍ବର ମାସରେ ହୋଲସେଲ୍ ଦର ମାଇନସ ୦.୩୨% ଥିଲା। ସେହିପରି ଅକ୍ଟୋବରରେ ଥିଲା ମାଇନସ ୧.୨୧% । ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀରେ ମହଙ୍ଗା ହେବାରୁ ଏଭଳି ସ୍ଥିତିରେ ଉପୁଜିଛି।

ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବା ପ୍ରାଇମେରି ଆର୍ଟିକଲ୍ସର ମୁଦ୍ରାସ୍ଫୀତି ମାଇନସ୍ ୨.୯୩% ରୁ ବଢ଼ି ୦.୨୧% ହୋଇଛି। ଖାଦ୍ୟ ସାମଗ୍ରୀ (ଫୁଡ୍ ଇଣ୍ଡେକ୍ସ) ପାଇଁ ମୁଦ୍ରାସ୍ଫୀତି ମାଇନସ୍ ୨.୬୦% ରୁ ୦% କୁ ବୃଦ୍ଧି ପାଇଛି। ସେହିପରି ଇନ୍ଧନ ଏବଂ ଶକ୍ତି ପାଇଁ ପାଇକାରୀ ମୁଦ୍ରାସ୍ଫୀତି ମାଇନସ୍ ୨.୨୭% ରୁ ହ୍ରାସ ପାଇ ମାଇନସର ୨.୩୧% କୁ ହ୍ରାସ ପାଇଛି। ମେନୁଫେକ୍ଚରିଂ ପ୍ରଡକ୍ଟର ହୋଲସେଲ ପ୍ରାଇସ୍ ୧,୩୩%ରୁ ବଢ଼ି ୧.୮୨% କୁ ବୃଦ୍ଧି ପାଇଛି।

ସେହିପରି ଡିସେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ମଧ୍ୟ ୩ ମାସରେ ସର୍ବୋଚ୍ଚ ସ୍ତର ପହଞ୍ଚିଛି। ଗତବର୍ଷ ନେଭେମ୍ବର ମାସ ତୁଳନାରେ ଏହା ୧.୩୩% ବୃଦ୍ଧି ପାଇଛି। ଡାଲି, ପନିପରିବା, ମାଂସ, ମାଛ, ଅଣ୍ଡା ଏବଂ ବିଦ୍ୟୁତ୍ର ମୂଲ୍ୟ ବୃଦ୍ଧି ବଢ଼ିବା ଯୋଗୁ ଖୁଚୁର ମୁଦ୍ରାସ୍ଫୀତି ବଢ଼ିଛି।

## ଇଣ୍ଡିଗୋର ବଡ଼ ଅଫର
# ମାତ୍ର ଟଙ୍କାକରେ କରିପାରିବେ ଯାତ୍ରା

ନୂଆଦିଲ୍ଲୀ, ୧୪।୧: ନୂଆ ବର୍ଷରେ ଇଣ୍ଡିଗୋ ଏୟାରଲାଇନ୍ସ "ସେଲ୍ ଇନଟୁ ୨୦୨୬" ନାମକ ସେଲ୍ ଆରମ୍ଭ କରିଛି। ଯାହା ନୂତନ ବର୍ଷ ଆରମ୍ଭରେ ଯାତ୍ରୀଙ୍କୁ ଆଶ୍ୱସ୍ତି ଦେଇଛି। ଜାନୁଆରୀ ୧୩ ରୁ ଜାନୁଆରୀ ୧୬ ପର୍ଯ୍ୟନ୍ତ ଟିକେଟ୍ ବୁକିଂ ଅଫରର ସୁବିଧା ରହିବ। ଯାତ୍ରୀମାନେ ଜାନୁଆରୀ ୨୦ରେ ଏପ୍ରିଲ ୩୦ ମଧ୍ୟରେ ଏହି ସେଲ୍ ଅଧୀନରେ ଯାତ୍ରା କରିପାରିବେ। ଏହି ଅଫର୍ ଘରୋଇ ଏବଂ ଅନ୍ତର୍ଜାତୀୟ ଉଭୟ ଚୟନିତ ବିମାନ ପାଇଁ ଲାଗୁ ହେବ। ଯାହା ଯାତ୍ରୀମାନଙ୍କ ପାଇଁ ଖୁବ୍ ସୁବିଧାଜନକ ରହିବ।

ଏହି ଇଣ୍ଡିଗୋ ସେଲରେ ଟିକେଟର ମୂଲ୍ୟ ଆକର୍ଷଣୀୟ କରାଯାଇଛି। ଘରୋଇ ବିମାନ ପାଇଁ ଏକପାଖିଆ ଟିକେଟ୍ ୧୪୯୯ରୁ ଆରମ୍ଭ ହୋଇଥିଲାବେଳେ ଆନ୍ତର୍ଜାତୀୟ ରୁଟର ଭଡା ୪,୪୯୯ରୁ ଆରମ୍ଭ ହେଉଛି। ପ୍ରିମିୟମ୍ ଇଣ୍ଡିଗୋ ଷ୍ଟ୍ରେଚ୍ ଟିକେଟ୍ କିଛି ଘରୋଇ ରୁଟରେ ୯,୯୯୯ରୁ ଆରମ୍ଭ ହେଉଛି।




ଏଥିସହ ଦୁଇ ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ଘରୋଇ ବିମାନରେ ମାତ୍ର ୧ ଟଙ୍କା ମୂଲ୍ୟ ଉପଲବ୍ଧ ରହିଛି। ଯଦି ଇଣ୍ଡିଗୋ ପ୍ଲାଟଫର୍ମ ମାଧ୍ୟମରେ ସିଧାସଳଖ ବୁକିଂ କରାଯାଏ ତେବେ ଏହି ସେଲର ସୁବିଧା ଉପଲବ୍ଧ ହେବ। କେବଳ ଏତିକି ନୁହେଁ ଏହି ସେଲରେ ଇଣ୍ଡିଗୋ କମ୍ପାନି ଯାତ୍ରୀଙ୍କ ପାଇଁ ଅତିରିକ୍ତ ସେବା ଉପରେ ରିହାତି ପ୍ରଦାନ କରିଛି। ଯାତ୍ରୀମାନେ କିଛି ନିର୍ଦ୍ଦିଷ୍ଟ '6E ଆଡ-ଅନ୍' ସେବାରେ ୭୦% ପର୍ଯ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସଞ୍ଚୟ କରିପାରିବେ। ସେହିପରି ପ୍ରି-ପେଡ୍ ଅତିରିକ୍ତ ବ୍ୟାଗେଜ ଉପରେ ୫୦% ରିହାତି ଦେବା ସହିତ ଷ୍ଟେଡର୍ଡ ସିଟ୍ ସିଲେକ୍ସନ୍ ଉପରେ ୧୫% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଇଛି। ଅତ୍ୟଧିକ ଲେଗ୍ରୁମ୍ ଚାହୁଁଥିବା ଯାତ୍ରୀଙ୍କ ପାଇଁ ୫୦୦ଟଙ୍କାରୁ ଆରମ୍ଭ କରି ଘରୋଇ ରୁଟରେ ଏମରଜେନ୍ସି ଏକ୍ସଏଲ ସିଟ୍ ଉପଲବ୍ଧ। ଯାହା ଲମ୍ବା ଯାତ୍ରାକୁ ଆରାମଦାୟକ କରିଥାଏ। ଏହି ଅଫର ଅତି କମରେ ୭ ଦିନ ପୂର୍ବରୁ ବୁକିଂ କରିବା ଜରୁରୀ ଏବଂ ସମସ୍ତ ବୁକିଂ ଚ୍ୟାନେଲରେ ପ୍ରଯୁଜ୍ୟ। ଯଦି ଟିକେଟ୍ ବୁକିଂ କଥା କୁହାଯାଏ ତେବେ ଯାତ୍ରୀମାନେ ଇଣ୍ଡିଗୋର ୱେବସାଇଟ୍, ମୋବାଇଲ୍ ଆପ୍, ୬ଇସକାଇ ଏଆଇ ଆସିଷ୍ଟାଣ୍ଟ, ହ୍ୱାଟ୍ସଆପ ଏବଂ ଟ୍ରାଭେଲ ପାର୍ଟନର ପ୍ଲାଟଫର୍ମ ମାଧ୍ୟମରେ ଟିକେଟ୍ ବୁକିଂ କରିପାରିବେ। ବଜେଟ୍ ବିମାନ ଯାତ୍ରା ପାଇଁ ଯୋଜନା କରୁଥିବା ଲୋକଙ୍କୁ ଏହି ସେଲ୍ ଖୁବ୍ ଲାଭଦାୟକ ବୋଲି ସାବ୍ୟସ୍ତ ହୋଇପାରେ।

# ନୂଆ ଏଲିଭେଟେ ଏଡିଭି ଏଡିଶନର ବଜାର ପ୍ରବେଶ




## ୨୦୩୦ ସୁଦ୍ଧା ୧୦ ନୂଆ ମଡେଲ ଆଣିବ ହୋଣ୍ଡା

ଭୁବନେଶ୍ୱର,୧୪।୧: ପ୍ରମୁଖ ପ୍ରିମିୟମ କାର୍ ନିର୍ମାତା ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ (ଏସ୍‌ସିଆଇଏଲ୍) ଭାରତ ବଜାର ପାଇଁ ମହତ୍ୱାକାଂକ୍ଷୀ ଯୋଜନା ଘୋଷଣା କରିଛି। କମ୍ପାନି ୨୦୩୦ ସୁଦ୍ଧା ୧୦ ନୂଆ ମଡେଲ ସହ ବଜାର ଉପସ୍ଥିତିକୁ ଦୃଢ଼ କରିବ। ଏହା ମଧ୍ୟରେ ୭ଟି ଏସ୍ୟୁଭି ଏବଂ ଗୋଟିଏ ଇଭି ସାମିଲ ରହିବ। ଭାରତ ବଜାର ଲାଗି କମ୍ପାନି ଏହାର ପ୍ରଥମ ଇଭି ହୋଣ୍ଡା ୦ ଆଲ୍‌ଫା ୨୦୨୬-୨୭ ଆର୍ଥିକ ବର୍ଷ ଦ୍ୱିତୀୟ ଭାଗରେ ଲଞ୍ଚ କରିବ ବୋଲି ହୋଣ୍ଡା କାର୍ସର ମାର୍କେଟିଂ ଓ ସେଲ୍ସ ବିଭାଗ ଉପାଧ୍ୟକ୍ଷ କୁନାଲ ବେହେଲ୍ ସୂଚନା ଦେଇଛନ୍ତି। ସ୍ଥାନୀୟ ଏକ ତାରକା ହୋଟେଲରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ହୋଣ୍ଡା ଏଲିଭେଟ ଏଡିଭି ସ୍ୱତନ୍ତ୍ର ଏଡିସନକୁ ଶ୍ରୀ ବେହେଲ ବଜାର ପ୍ରବେଶ କରାଇଛନ୍ତି। ଓଡ଼ିଶା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ବଜାର। ନୂଆ ଯାନଟି ଗ୍ରାହକଙ୍କ ସହ ଦୃଢ଼ ଭାବେ ପ୍ରତିନିଧିତ୍ୱ କରିବ ବୋଲି ଶ୍ରୀ ବେହେଲ ଉଲ୍ଲେଖ କରିଛନ୍ତି। ନୂଆ ଯାନରେ ଉଭୟ ବାହ୍ୟ ଏବଂ ଅଭ୍ୟନ୍ତର ଇଣ୍ଟେରିୟରରେ ପରିବର୍ତ୍ତନ କରାଯାଇଛି। ଏଲିଭେଟ ଏଡିସନ ଏକ ୧.୫ ଲିଟର ଆଇ-ଭିଟିଇସି ପେଟ୍ରୋଲ ଇଞ୍ଜିନ ଦ୍ୱାରା ପରିଚାଳିତ। ଯାହା ପ୍ୟାଡେଲସିଫ୍ଟ ସହ ଉଭୟ ୬ ସ୍ପିଡ୍ମାନୁଆଲ ଓ ୭ ସ୍ପିଡ୍ ସିଭିଟିଅଟୋମେଟିକ ଟ୍ରାନ୍ସମିଶନ ସହ ଉପଲବ୍ଧ ହେଉଛି। ଏହି ଏସ୍ୟୁଭିରେ ଗ୍ରାହକ ବୃହତ କାର୍ଗୋ ସ୍ପେଶ, ହାଇଗ୍ରାଉଣ୍ଡ୍ କ୍ଲିୟରାନ୍ସ, ଆରାମଦାୟକ, ପ୍ରଶସ୍ତ, ବୋଲ୍ଡ ସ୍ପୋର୍ଟି ଇଣ୍ଟେରିୟର, ଆଡଭାନ୍ସଡ ଡ୍ରାଇଭର ଆସିଷ୍ଟ ସିଷ୍ଟମ (ଏଡିଏଏସ୍) ହୋଣ୍ଡା ସେନ୍ସିଂ ସହ ସୁସଜ୍ଜିତ। ସେହିଭଳି ଏଥିରେ କୋଲାଇଜନ ମିଟିଗେସନ ବ୍ରେକିଂ, ଲେନ୍‌କିପ ଆସିଷ୍ଟ, ରୋଡ୍ ଡିପାରଚର୍ ମିଟିଗେସନ, ଆଡାପ୍ଟିଭ କ୍ରୁଜ କଣ୍ଟ୍ରୋଲ, ଲିଡ୍‌କାର୍ ଡିପାରେଚର ନୋଟିଫିକେସନ ସାମିଲ ରହିଛି। ଏଡିଭି ଏଡିସନ ଷ୍ଟାଣ୍ଡାର୍ଡ ଭାବେ ଏକ ୩ ବର୍ଷର ଅନ୍‌ଲିମିଟେଡ କିମି ୱାରେଣ୍ଟିଂ ସହ ଆସିଛି। ଗ୍ରାହକମାନେ ୭ ବର୍ଷର ବର୍ଦ୍ଧିତ ୱାରେଣ୍ଟି, ୧୦ ବର୍ଷ ଯାଏ ଯେକୌଣସି ସମୟରେ ୱାରେଣ୍ଟି ଏବଂ କ୍ରୟ ତାରିଖରୁ ରୋଡ ସାଇଡ୍ ଆସିଷ୍ଟାନ୍ସ ମିଳିବ। ଯାନଟିର ଏକ୍ସସୋରୁମ ଭୁବନେଶ୍ୱର ବଜାର ଦର ୧୫.୩୮ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇ ୧୬.୭୮ ଲକ୍ଷ ଟଙ୍କା ରହିଥିବା ଶ୍ରୀ ବେହେଲ ଉଲ୍ଲେଖ କରିଛନ୍ତି।

● ଜିଲ୍ଲା ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ -୨୦୨୬ ଉଦଯାପନୀ

## ଜଳ ସଂରକ୍ଷଣ ବ୍ୟବସ୍ଥାକୁ ଗୁରୁତ୍ୱ ଦେଲେ ପାଣି ସମସ୍ୟା ଦୂରିଭୁତହେବ: ବାଚସ୍ପତି



**ନୟାଗଡ଼,୧୪।୧ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲାର ଜିଲ୍ଲା ପରିଷଦ ସୃଜନ ସମ୍ମିଳନୀ କକ୍ଷରେ ମାନ୍ୟବର ବାଚସ୍ପତି ସୁରମା ପାଢ଼ୀଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ, ମଧୁମିତା ରଥ, ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଅଧିକ୍ଷଣ ଯନ୍ତ୍ରୀ, ଜଳ ସେଚନ ବିଭାଗ ବୈକୁଣ୍ଠନାଥ ଦଳାଇ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଏହାପରେ ସମୂହ ଜାତୀୟ ସଙ୍ଗୀତ ବନ୍ଦେ ଉତ୍କଳଜନନୀ ଗାନ କରାଯାଇଥିଲା। ଅଧିକ୍ଷଣ ଯନ୍ତ୍ରୀ, ଜଳସେଚନ ବିଭାଗ ସ୍ୱାଗତ ଭାଷଣ ରଖିଥିଲେ। ଏହାପରେ ମାନ୍ୟବର ବାଚସ୍ପତି ଅଭିଭାଷଣ ରଖିଥିଲେ। ସେ କହିଥିଲେ ଯେ ଜଳ ସଂରକ୍ଷଣ କରାଯିବା ସହ ଛୋଟ ଛୋଟ କେନାଲ ମାନଙ୍କୁ ମରାମତି କରାଯାଇ ପାରିଲେ ପାଣି ସମସ୍ୟା ଦୁରିଭୁତ ହୋଇ ପାରିବ। କୃଷି କ୍ଷେତ୍ରରେ ଜଳସେଚନ ର ପରିବର୍ତ୍ତନ ଆଣିବା ପାଇଁ ଆହୁରି ସରକାର ଉପ-ଯୋଜନା ଯୋଡ଼ିଛନ୍ତି ସେଚାଞ୍ଚଳ ର ଉନ୍ନୟନ ଆଧୁନିକିକରଣ ମାଧମରେ। କମ୍ ପାଣିରେ ଅଧିକ ଅଞ୍ଚଳରେ ଜଳ ସେଚନ କରାଯିବା ପାଇଁ ବହୁ ପଦକ୍ଷେପ ନିଆଯାଉଛି। ସେହିପରି ଯୋଜନାର ସଫଳ ରୂପାୟନ ପାଇଁ ଅନ୍ୟ ଅତିଥି ମାନେ ଅଭିଭାଷଣ ରଖିଥିଲେ।ଏଥିରେ ବହୁ ବିଭିଗୀୟ ଅଧିକାରୀ, କୃଷକମାନେ, ଛାତ୍ରଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ପାଣି ପଞ୍ଚାୟତ ପକ୍ଷ ସଂକ୍ରାନ୍ତିୟ ପ୍ରତିଯୋଗିତା ରେ କୃତୀ ଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଚେତନତା ସ୍ୱରୂପ ଛୋଟ ଛୋଟ ନାଟକ, ସଙ୍ଗୀତ ପରିବେଷଣ କରାଯାଇଥିଲା।

## ମାଲାମାଲ୍ ପଡ଼ିଶା ବେପାରୀ | ଓଡ଼ିଆ ଅଦା ଚାଷୀଙ୍କ ଆଖି ଓଦା

**କୋରାପୁଟ,୧୪।୧ (ସଂଚାର ବ୍ୟୁରୋ):** ଧାନ ବିକ୍ରି ପାଇଁ ଚାଷୀ ହନ୍ତସନ୍ତ ହେଉଛନ୍ତି । ମକା ଅମଳ କରି ବିକ୍ରି ପାଇଁ ଅପେକ୍ଷା କରିଛନ୍ତି । କିନ୍ତୁ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଅଦା ବିକ୍ରି ପାଇଁ ଚାଷୀଙ୍କୁ ହିନସ୍ତା ହେବାକୁ ପଡୁଛି । କୋରାପୁଟ ଜିଲ୍ଲାର ପ୍ରାୟ ସବୁ ବ୍ଲକରେ ଫଳେ ପ୍ରଚୁର ଅଦା । ଜାନୁଆରୀ ଶେଷ ଓ ମେ ମାସରେ ଅଦା ଉତ୍ପାଦନ ହୁଏ । ପ୍ରତିବର୍ଷ ଅମଳ ପରେ ଡଉଲଡାଉଲ ଅଦାକୁ ଦେଖି ଚାଷୀ ମନ ଖୁସିରେ ଭରିଯାଉଥିଲେ ବି, ଚିନ୍ତା ବଢ଼ାଇ ଦେଉଛି ଅଭାବୀ ବିକ୍ରି। ଶୀତଳ ଭଣ୍ଡାର ନଥିବାରୁ ଶାଗମାଛ ଦରରେ ଏହାକୁ କିଣି ନେଉଛନ୍ତି ଆନ୍ଧ୍ର ପ୍ରଦେଶ, ଛତିଶଗଡ ଓ ତେଲେଙ୍ଗାନାର ବ୍ୟବସାୟୀ । ଖୋଲା ବଜାରରେ ଅଦା କିଲୋ ୫୦ ଟଙ୍କା ଥିବା ବେଳେ, ବେପାରୀଙ୍କୁ ମାତ୍ର ୨୫ ରୁ ୩୦ ଟଙ୍କା ଦରରେ ବିକ୍ରି କରିବାକୁ ବାଧ ହେଉଛନ୍ତି ଚାଷୀ । ଅମଳ ଋତୁରେ ବେଙ୍ଗାଲୁରୁରୁ ଅତି ଶସ୍ତାରେ ବଜାରକୁ ଆସିଥାଏ ଅଦା । ଯାହା ଫଳରେ କୋରାପୁଟ ଅଦାର ଗୁଣାତ୍ମକ ମାନ ଭଲ ଥିଲେ ବି, ଚାଷୀ ଅଳ୍ପ ଦରରେ ବିକିବାକୁ ବାଧ ହୁଏ । କୋରାପୁଟରେ ଅଦା ଉତ୍ପାଦନ ତୁଳନାରେ ସଂରକ୍ଷଣ, ପ୍ରକ୍ରିୟାକରଣ କିମ୍ବା ବଜାର ସୁବିଧା ନଥିବାରୁ ଏଭଳି ସ୍ଥିତି ଉପୁଜୁଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଏନେଇ ପ୍ରତିକ୍ରିୟା ରଖିଛନ୍ତି ଉଦ୍ୟାନ କୃଷି ଅଧିକାରୀ। ଉଦ୍ୟାନ କୃଷି ବିଭାଗର ତଥ୍ୟ ଅନୁସାରେ, କୋରାପୁଟ ଜିଲ୍ଲାରେ ଚଳିତ ବର୍ଷ ୪୨ଶହ ୨୩ ହେକ୍ଟର ଜମିରେ ଅଦା ଚାଷ ହେଉଛି । ୫୮ହଜାର ୧୧୯ ମେଟ୍ରିକ ଟନ୍ ଅଦା ଉତ୍ପାଦନ ଆଶା ରଖିଛନ୍ତି ସରକାର ।



### ରାସ୍ତା ନିର୍ମାଣକୁ ନେଇ ଛୁରାମାଡ଼ ଘଟଣା

## ଅଭିଯୁକ୍ତଙ୍କ ଗିରଫ ଦାବିରେ ଗ୍ରାମବାସୀଙ୍କ ଦାବିପତ୍ର



**ନାଉଗାଁ,୧୪।୧ (ସଂଚାର ବ୍ୟୁରୋ):** ରାସ୍ତା ନିର୍ମାଣକୁ ନେଇ ଛୁରାମାଡ ଘଟଣାରେ ବୁଧବାର କୋରୁଅ ଗ୍ରାମବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ଗାରୋଇ ଫାଣ୍ଡି ଅଧିକାରୀଙ୍କ ମାଧମରେ ନାଉଗାଁ ଥାନାଧିକାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି। ଉକ୍ତ ଦାବିପତ୍ରକୁ ଗ୍ରାମର ନଗେନ୍ଦ୍ର ନାଥ ନାୟକ, କାମଦେବ ଦଳାଇ, ବିଜୟ ବେହେରା, ଅରଣ୍ୟ ନାୟକଙ୍କ ସମେତ ଶତାଧିକ ଗ୍ରାମବାସୀ ଫାଣ୍ଡିରେ ପହଞ୍ଚି ପ୍ରଦାନ କରିଛନ୍ତି। ଦାବି ମୁତାବକ ଉକ୍ତ ଗ୍ରାମର ଲିଟୁ ସ୍ୱାଇଁ, ରାଜା ପଲେଇ ଓ ଆହୁରି ଅନେକ ଅସାମାଜିକ ବ୍ୟକ୍ତି ଏକ ସଙ୍ଗଠନ କରି ଆତଙ୍କ ସୃଷ୍ଟି କରୁଛନ୍ତି। ଗତକାଲି ଛୁରାମାଡ ଘଟଣା ସମ୍ପର୍କରେ ଗ୍ରାମବାସୀ ପଚାରିବାରୁ ରାଜା ସମେତ ତା'ର ବୋଉ ଓ ଭଣଜା ଅଶ୍ଳିଳ ଭାଷାରେ ଗାଳିଗୁଲଜ କରୁଛନ୍ତି। ସେମାନଙ୍କୁ ଗ୍ରାମରୁ ବିଦା ନ କଲେ ଆମ୍ଭେ ଗ୍ରାମବାସୀ ଶାନ୍ତିରେ ରହି ପାରିବୁ ନାହିଁ। ତେଣୁ ଗ୍ରାମବାସୀମାନେ ବସି ଏହି ଘଟଣା ଉପରେ ଆପଣଙ୍କୁ ଜଣାଇଲୁ। ଯଦି ଉକ୍ତ ଘଟଣାକୁ ପୋଲିସ ଗୁରୁତର ସହ ନ ବୁଝେ ତେବେ ଆଗାମୀ ଦିନରେ କିଛି ଅଘଟଣ ଘଟିଲେ ପ୍ରଶାସନ ଦାୟୀ ରହିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏସଂକ୍ରାନ୍ତରେ ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ପ୍ରଧାନଙ୍କୁ ପଚାରିବାରେ ଅଭିଯୋଗ ମୁତାବକ ମାମଲା ରୁଜୁ କରାଯିବା ସହ ଲିଟୁ ସ୍ୱାଇଁଙ୍କୁ ଗିରଫ କରାଯାଇ କୋର୍ଟ ପଠାଯାଇଛି। ଯଥାଶୀଘ୍ର ଅନ୍ୟମାନଙ୍କୁ ଧରା ଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ପ୍ରକାଶଯୋଗ୍ୟ ଯେ ନାଉଗାଁ ଥାନା ଅନ୍ତର୍ଗତ କୋରୁଅ ଗ୍ରାମ ଦେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ରାସ୍ତା ନିର୍ମାଣ କରାଯାଉଛି। ଏହି ରାସ୍ତା ନିର୍ମାଣକୁ କେନ୍ଦ୍ର କରି ମଙ୍ଗଳବାର ଛୁରୀରେ ଆକ୍ରମଣ ହୋଇଥିଲା। ଏନେଇ ଥାନାରେ ୨ଟି ପୃଥକ୍ ଅଭିଯୋଗ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ଉତ୍ସବ



**ବାରିପଦା,୧୪।୧ (ସଂଚାର ବ୍ୟୁରୋ):** ଓଡିଶା ସରକାର ଙ୍କ ଜଳ ସମ୍ପଦ ବିଭାଗ ତରଫରୁ ସାରା ରାଜ୍ୟରେ ଚଳିତ ଜାନୁଆରୀ ମାସ ୬ ତାରିଖ ଠାରୁ ଜାନୁଆରୀ ୨୦ତାରିଖ ପର୍ଯ୍ୟନ୍ତ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ସ୍ଥାନୀୟ ତକତପୁର ସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଏନେକ୍ସର ହଲ ସମ୍ମିଳନୀ କକ୍ଷ ଠାରେ ପାଣି ପଞ୍ଚାୟତ ପକ୍ଷ ପାଳନ ଉପଲକ୍ଷେ ମୟୁରଭଞ୍ଜ ଜଳସେଚନ ବିଭାଗ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଉତ୍ସବ ସମାରୋହ ଅନୁଷ୍ଠିତ ହୋଇଯାଇଛି।ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲୋକସଭା ସାଂସଦ ନବ ଚରଣ ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ଶାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସଂଘମିତ୍ରା ପଟ୍ଟନାୟକ, ସୁବର୍ଣ୍ଣରେଖା ଅବବାହିକା ର ମୁଖ୍ୟଯନ୍ତ୍ରୀ ଇଂ ଚିତ୍ତରଞ୍ଜନ ଭୂୟାଁ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଇଂ ସୁବ୍ରତ କୁମାର ଦାସ ଏବଂ ପ୍ରଣବ କୁମାର କୁଣ୍ଡୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭ ରେ ମୁଖ୍ୟ ଅତିଥି ଅନ୍ୟାନ୍ୟ ଅତିଥିଙ୍କ ସହ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିଲେ।

## ରାଷ୍ଟ୍ରମୁକ୍ତ ଓ ରାଜ୍ୟମୁକ୍ତ ବିଦ୍ୟାଳୟରେ ସଚେତନତା ମେଗା କ୍ୟାମ୍ପ ଅନୁଷ୍ଠିତ



**ବାଲିଆପାଳ,୧୪।୧ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରମୁକ୍ତ ବିଦ୍ୟାଳୟ ଏବଂ ରାଜ୍ୟମୁକ୍ତ ବିଦ୍ୟାଳୟରେ ଏଡ଼ିସନ ଏବଂ ସଚେତନତା ସୃଷ୍ଟି ପାଇଁ ଏକ ମେଗା କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲିଆପାଳ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନାଙ୍କ ସଭାପତିତ୍ୱ କରିଥିଲେ। ଏହି ସଭାରେ ବାଲିଆପାଳ ବ୍ଲକ ବିଡିଓ ରାଧାରଞ୍ଜନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନମିତା ପ୍ରଭା ସାମଲ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିବେକାନନ୍ଦ ଜେନା ଏବଂ ପ୍ରଧାନଶିକ୍ଷକ ସଞ୍ଜୟ କୁମାର ଜେନା ଉପସ୍ଥିତ ରହି ବ୍ଲକ କରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀମାନଙ୍କୁ ମୁକ୍ତ ବିଦ୍ୟାଳୟର ସୁବିଧାସୁଯୋଗ ପ୍ରବେଶ ପ୍ରକିୟା ଓ ପରୀକ୍ଷା ପ୍ରଣାଳୀ ଆଦି ବିଷୟରେ ଅବଗତ କରାଇଥିଲେ। ପ୍ରଧାନଶିକ୍ଷକ ଶ୍ରୀ ଜେନା (ଏନ୍‌ଆଇଓସି) ର ଏଡ଼ିସନ ପ୍ରକିୟା ଏବଂ ସହକାରୀ ଶିକ୍ଷକ ରାଜେଶ କୁମାର ଭୂୟାଁ (ଏନ୍‌ଆଇଓସି) ର ସରକାରୀ ସୁବିଧା ସୁଯୋଗ ବିଷୟରେ ସମସ୍ତ ଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ୧୪ ରୁ ୧୮ ବୟସ ମଧରେ ୪୫ ଜଣ ଛାତ୍ର ଛାତ୍ରୀ(ସିଆଇଓସି)ରେ ନାମଲେଖାଇ ଥିଲେ।ତା ସହିତ ୧୮ ବର୍ଷରୁ ଉର୍ଦ୍ଧ୍ୱ ୯ ଜଣ ଛାତ୍ର ଛାତ୍ରୀ (ସିଆଇଓସି) ରେ ନାମ ଲେଖାଇଥିଲେ। ପରିଶେଷରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ମାନସୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପିଏମଶ୍ରୀ ବିଦ୍ୟାଳୟରେ ବିଜ୍ଞାନ ଓ ଗଣିତ କ୍ଲବ୍




**ବାଲିଆପାଳ,୧୪।୧ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ତାପୁଣ୍ଡିଆ ସ୍ଥିତ ପିଏମଶ୍ରୀ କୁଞ୍ଜବିହାରୀ କୃପାସିନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗଣିତ ଓ ବିଜ୍ଞାନ କ୍ଲବ୍ ଅନୁଷ୍ଠିତ ହୋଇଯାଇଛି। ଏହି କ୍ଲବରେ ବିଦ୍ୟାଳୟରୁ ବିଜ୍ଞାନରେ ୧୫ ଟି ଏବଂ ଗଣିତରେ ୧୫ ଟି ସରକଲ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା। ପ୍ରତ୍ୟେକ ସରକଲରେ ୩୦ ଜଣ ଛାତ୍ର ଛାତ୍ରୀ ରହିଥିଲା ବେଳେ ସର୍ବମୋଟ ୯୦୦ ପିଲା ଏଥିରେ ଅଂଶଗ୍ରହଣ କରିଥିଲେ। ପର୍ଯ୍ୟବେକ୍ଷକ ଭାବେ ସିଆରସିସି ପାର୍ଥ ସାରଥି ବେହେରା, ତପନ କୁମାର ରାଉଳ, ସହକାରୀ ଶିକ୍ଷକ ସୁବାଶ ଚନ୍ଦ୍ର ଭଞ୍ଜ, ସୁଶାନ୍ତ ଗିରି, ପ୍ରଭାସ କୁମାର ଦେ, ପ୍ରଧାନ ଶିକ୍ଷକ ବିଜୟ କୁମାର ବାରିକ, ପବନ କୁମାର ଦେ ଯୋଗଦେଇ ଥିଲେ। ଶ୍ରେଷ୍ଠ ପ୍ରକଳ୍ପ ତଥା ପ୍ରତି ସରକଲରୁ ତିନି ଜଣ ପ୍ରତିଯୋଗୀକୁ ପୁରସ୍କୃତ କରାଯାଇଥିଲା। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କମଳିନୀ ପ୍ରଧାନଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉଦଘାଟକ ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ନାରାୟଣ ବାଗ ଯୋଗଦେଇ ଏହି ଗଣିତ ଓ ବିଜ୍ଞାନ କ୍ଲବକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅଧାପକ ନିରଞ୍ଜନ ବେହେରା, ମୁଖ୍ୟ ବକ୍ତା ନିଖିରା ଉଚ୍ଚ ବିଦ୍ୟାଳୟର ତ୍ରିଲୋଚ ନାୟକ, ସମ୍ମାନିତ ଅତିଥି ଭାବେ ଆଲୁମିନି ସଭାପତି ଶିବପ୍ରସାଦ ଅଣ୍ଡିଆ, ସଦସ୍ୟ ଜୟନାରାୟଣ ମହାପାତ୍ର, ଏସ୍ ଏମ୍ ସି ସଦସ୍ୟ ଚିତ୍ତରଞ୍ଜନ ପଣ୍ଡା ଯୋଗଦେଇ ଏହି ଗଣିତ ଓ ବିଜ୍ଞାନ କ୍ଲବ୍ ଅନୁଷ୍ଠିତ ହେବା ଦ୍ୱାରା କୁନି କୁନି ପ୍ରତିଭା ମାନଙ୍କର ବିଜ୍ଞାନ ଓ ଗଣିତର ସୃଜନାତ୍ମକ ସୃଷ୍ଟି, ବିଶ୍ଳେଷାଣାତ୍ମକ ଚିନ୍ତନ, ସମସ୍ୟା ସମାଧାନ, ଦଳଗତ ବୈଜ୍ଞାନିକ ଗବେଷଣାତ୍ମକ ଓ ଆତ୍ମବିଶ୍ୱାସକୁ ବୃଦ୍ଧି କରିପାରିବ ବୋଲି କହିଥିଲେ। ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଅତିଥି ପରିଚୟ ପ୍ରଦାନ କରାଯାଇଥିଲା ବେଳେ ପ୍ରାକ୍ତନ ଶିକ୍ଷାବିତ ଭଗିରଥ ଗିରି ମଞ୍ଚ ସଞ୍ଚାଳନ କରିଥିଲେ। ସହକାରୀ ଶିକ୍ଷକ ପରମାନନ୍ଦ ଦେ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ପ୍ରତାପ ଶାସନ ବାଳକ ଉଚ୍ଚ ବିଦ୍ୟାଳୟ ୧୯୮୮ ବ୍ୟାଚର ମାଟ୍ରିକ ଛାତ୍ରଙ୍କ ବନ୍ଧୁମିଳନ



**ବାଲିଅନ୍ତା,୧୪।୧(ସଂଚାର ବ୍ୟୁରୋ):** ଆଜି ବାଳକାଟି ପ୍ରତାପ ଶାସନ ବାଳକ ଉଚ୍ଚ ବିଦ୍ୟାଳୟ ୧୯୮ ୮ ବ୍ୟାଚ ପ୍ରାକ୍ତନ ମାଟ୍ରିକ ଛାତ୍ରଙ୍କର ପ୍ରତିବର୍ଷ ଭଳି ଏବର୍ଷ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଭାର୍ଗବୀ ନଦୀପଠା ଝାଉଁବଣ ମା ହାଣ୍ଡି ଶାଳରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାପ୍ତନ ଛାତ୍ରମାନେ ୩୭ ବର୍ଷ ତଳର ବିଦ୍ୟାଳୟ ଜୀବନର ସ୍ମୃତିଚାରଣ କରିଥିଲେ। ମୃତ ସହପାଠୀଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇ ଥିଲା। ଶିକ୍ଷକମାନଙ୍କ ଶିକ୍ଷାଦାନ ଠାରୁ ଆରମ୍ଭ କରି ସେତେବେଳେ ଘଟିଯାଇଥିବା ବିଭିନ୍ନ ଘଟଣାବଳୀକୁ ମନେ ପକାଇଥିଲେ। ପରସ୍ପର ମଧରେ କର୍ମମୟ ଜୀବନର ଆବେଗ ଓ ସୁଖ ଦୁଃଖ ବାଣ୍ଟିଥିଲେ ସମଜସେବୀ ରାମମୋହନ ତ୍ରିପାଠୀ ସମସ୍ତ କାର୍ଯ୍ୟ ପରିଚଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ, ଅନ୍ୟ ସହପାଠୀଙ୍କ ମଧ୍ୟରେ, ସତ୍ୟ ନାରାୟଣ ସାହୁ, ଗଦାଧର ସାହୁ, ପ୍ରସନ କୁମାର ସାହୁ, ସୁରେନ୍ଦ୍ର କୁମାର ନନ୍ଦୀ, ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

**ବାଲିଆପାଳ,୧୪।୧ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ନୂଆଗାଁ ସ୍ଥିତ ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିରର ୨୧ତମ ବାର୍ଷିକ ଉତ୍ସବ ବିଦ୍ୟାଳୟର ସ୍ଥାୟୀ ସଭାପତି ପ୍ରମଥ କୁମାର ଜେନାଙ୍କ ଅଧକ୍ଷତାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାଶ, ମୁଖ୍ୟ ବକ୍ତା ଅଧାପକ କେଦାର ମହାନ୍ତି, ସମ୍ମାନିତ ଅତିଥି ଭାବେ ଅଧକ୍ଷ ସୁଧାଂଶୁ ପଣ୍ଡା, ବିଦ୍ୟାଳୟର ସମ୍ପାଦକ ରଞ୍ଜନ କୁମାର ବେହେରା, ଉପସଭାପତି ବିଜୟ କୁମାର ପାଢ଼ୀ, ପାଲା ଗାୟକ ମହେଶ୍ୱର ଘଡାଇ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳରେ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ମଧରୁ, ସୁଧା ସିନ୍ଧୁ ସାହୁ, ନାରାୟଣ ପାଣିଗ୍ରାହୀ, କାଶିନାଥ ବେହେରା, କୀର୍ତ୍ତନ ସାହୁ, ନଳିନୀ କାନ୍ତ ପାଢି, ନିଳାମ୍ବର ପାଢିଙ୍କ ସମେତ ଅନ୍ୟ ତିରିଶ ଜଣଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ୨୬ ଯୁବ ଛଉ ନୃତ୍ୟ କଳାକାରଙ୍କ ଦିଲ୍ଲୀ ଯାତ୍ରା



**ବାରିପଦା,୧୪।୧ (ସଂଚାର ବ୍ୟୁରୋ):** ଦିଲ୍ଲରେ ଆସନ୍ତା ଜାନୁଆରୀ ୨୬ ରେ ସାଧାରଣତନ୍ତ୍ର ଦିବସ ପେରେଡ ଉତ୍ସବରେ ଭାରତ ସରକାରଙ୍କ ସଂସ୍କୃତି ବିଭାଗର ନିର୍ଦ୍ଦେଶକ୍ରମେ ମୟୂରଭଂଜ ଜିଲ୍ଲାର ନୃତ୍ୟ କଳାକାରଙ୍କୁ ଯୋଗଦେବା ସହ ନୃତ୍ୟ ପ୍ରଦର୍ଶନୀ ପାଇଁ ଆମନ୍ତ୍ରିତ କରାଯାଇଛି।ଏହି ପରିପ୍ରେକ୍ଷୀରେ ବାମନଘାଟୀ ଅଞ୍ଚଳର ବିଶିଷ୍ଟ ଛଉ ନୃତ୍ୟ ପ୍ରତିଷ୍ଠାନର ବରିଷ୍ଠ ସଦସ୍ୟ ରାଜକାପୁର ମହାନ୍ତ ଓ ତାଙ୍କ ସହଯୋଗୀଙ୍କ ପ୍ରଚେଷ୍ଟାରେ ୨୬ ଜଣ ଯୁବକଳାକାର ତଥା ୧୮ ଜଣ ଯୁବ ଏବଂ ୮ ଜଣ ଯୁବା କଳାକାରଙ୍କୁ ଚୟନ କରାଯାଇଥିଲା। ସମସ୍ତ କଳାକାର ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି। ଯୁବ କଳାକାର ହେଲେ ସନ୍ତୋଷ ମହାନ୍ତ, ଶିବ ଚରଣ ମହାନ୍ତ, ବାବୁଲି ମହାନ୍ତ ଦିବାର ନାଏକ, ରାମ ନାଏକ, ରଣବୀର ନାଏକ, ଅଜୟ ପରିହେଳା, ଯୁବରାଜ କିସ୍କୁ, ବାଜୁରାମ ଟୁଡୁ, ତୁଷାର ମହାକୁଡ଼ବିକାଶ ମୁଣ୍ଡା, ସୁନିଲ ମୁଣ୍ଡା, , ଜୟବ୍ରତ ମହାନ୍ତ, କ୍ରିଷ୍ଣା ସର୍ଦାର, ଚନ୍ଦନ ମହାନ୍ତ, ବିକ୍ରମ ମାଝି, ତାଙ୍କ ମାରାଣ୍ଡି, ଏବଂ ଯୁବତୀ କଳାକାର ମାନେ ହେଲେ ଶୁଭ ସ୍ମିତା ମହାନ୍ତ, ସୁନିତା ମହାନ୍ତ, ଜୟି ମହାନ୍ତ, ଲକ୍ଷ୍ମୀ ପ୍ରୀୟା ମାରାଣ୍ଡୀ, ପ୍ରୀତି ବେହେରା, ସୁନ୍ଦରୀ ବିରୁଆ, ସୋନାଲି ନାଏକ ଏବଂ ସୁରୁକୁନି ମୁଣ୍ଡା। ଏତେ ବଡ଼ ସୁଯୋଗ ମିଳିଥିବାରୁ କଳାକାର ମାନେ ଭାବ ବିହ୍ୱଳ ହୋଇ ମୟୂରଭଂଜ ର ଟେକ ରଖିବା ପାଇଁ ସେମାନେ ଶତ ପ୍ରଚେଷ୍ଟା କରିବେ ବୋଲି କହିଛନ୍ତି।

## ଅଦାଲତ ଓ ତହସିଲ କାର୍ଯ୍ୟାଳୟରେ ୪ ସରକାରୀ ଓକିଲ ନିଯୁକ୍ତି

**କଣାସ,୧୪।୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ବ୍ଲକର କଣାସ ଠାରେ ପ୍ରତିଷ୍ଠିତ ଜେ.ଏମ୍.ଅଫ.ସି ଅଦାଲତ୍ ଏବଂ କଣାସ ତହସିଲ କାର୍ଯ୍ୟାଳୟରେ ୪ଜଣ ଆଇନ୍‌ଜିବୀଙ୍କୁ ସରକାରୀ ଓକିଲ ଭାବେ ନିଯୁକ୍ତି ଦିଆଯାଇଥିବା ଜଣାପଡ଼ିଛି। ଜେ.ଏମ୍. ଅଫ.ସି ଅଦାଲତରେ ଆଇନଜିବୀ ଅଶୋକ କୁମାର ପାଣିଗ୍ରାହୀଙ୍କୁ ଏ.ଜେ.ପି ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଆଇନଜିବୀ ଶିବଶଙ୍କର ଦାସଙ୍କୁ ଏ.ପି.ପି ଭାବେ ନିଯୁକ୍ତି ଦିଆଯାଇଥିବା ଜଣାପଡ଼ିଛି। ସେହିପରି କଣାସ ତହସିଲ କାର୍ଯ୍ୟାଳୟରେ ଆଇନଜିବୀ ମନୋଜ କୁମାର ମଙ୍ଗରାଜଙ୍କୁ ଏ.ପି.ପି ଭାବେ ରାଜ୍ୟସରକାର ଦେଇଥିବା ବେଳେ ମିହିର ବେହେରାଙ୍କୁ ଏ.ପି.ପି ଭାବେ ନିଯୁକ୍ତି ଦିଆଯାଇଥିବା ଜଣାପଡ଼ିଛି।

## ରାତି ଅଧରେ ଲୁଟ୍ ହେଉଛି ଖଣିଜ ସଂମ୍ପଦ



**କଣାସ,୧୪।୧ (ସଂଚାର ବ୍ୟୁରୋ):** ରାଜ୍ୟସରକାର ଖଣିଜ ସମ୍ପଦ ଲୁଟି ହେଉଥିବାରୁ ରୋକିବା ପାଇଁ କଡାପଦେକ୍ଷପ ନେଉଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକର ଗଡ଼ସାନପୁଟ ଗ୍ରାମପଞ୍ଚାୟତରେ ଥିବା ପଥର ଖଣି ଗୁଡିକ ଦୀର୍ଘ ଦିନ ହେଲା ନିଲାମ ହୋଇ ନ ଥିବାରୁ ଖଣିମାଫିଆମାନେ ରାତି ହେଲେ ପଥର ଖଣିରୁ ମେସିନ୍ ସାହାର୍ଯ୍ୟରେ ପଥର ଖାଟି ରାତାରାତି ଟ୍ରକ ଓ ଟ୍ରାକ୍ଟରେ ଭୋର ସୁଧା ନେଇ ଯାଉଥିବା ଆଖପାଖ ଗ୍ରାମବାସୀମାନେ ପୁରୀ ଜିଲ୍ଲାପାଳ, ଖଣି ବିଭାଗ ଅଧିକାରୀ ଓ ତହସିଲଦାରଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ ଅଧିକାରୀମାନେ ବିହୀତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରୁନଥିବାରୁ ଗ୍ରାମବାସୀମାନଙ୍କ ମଧରେ ତିବ୍ର ଅସନ୍ତୋଷ ଦେଖାଦେଇଛି। ଯାହା ଦ୍ୱାରା କି ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଛନ୍ତି। ସମସ୍ତ ସରକାରୀ ଅଧିକାରୀ ମାନେ ପଥର ଚୋରାଚାଲଣ ହେଉଥିବା ଜାଣି ଅଜଣା ଭଳି ରହୁଥିବାରୁ ଗ୍ରାମବାସୀମାନଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

### ଉପଖଣ୍ଡସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ

## ମୋଟ ୯୦ଟି ଅଭିଯୋଗର ହେଲା ଶୁଣାଣୀ



**ବାରିପଦା,୧୪।୧ (ସଂଚାର ବ୍ୟୁରୋ):** ବାମନଘାଟୀ ଉପଖଣ୍ଡ ସଦର ମହକୁମା ରାଇରଙ୍ଗପୁର ଠାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ରେ ଏକ ଯୁଗ୍ମ ଜନ ଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ବାମନଘାଟି ଉପ ଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଯଦୁନାଥ ଜେନା ଓ ଉପଖଣ୍ଡ ଆରକ୍ଷୀ ଅଧିକାରୀ ବୀରେନ୍ଦ୍ର କୁମାର ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭ ରେ ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଅଧିକାରୀ ମାନଙ୍କୁ ସ୍ୱାଗତ କରିବା ସହ ଜନସାଧାରଣ ଙ୍କ ଠାରୁ ଆସୁଥିବା ଆପତ୍ତି ଅଭିଯୋଗ ଗୁଡ଼ିକର ସମାଧାନ ତ୍ୱରିତ ପ୍ରକ୍ରିୟା ରେ ସମ୍ପନ୍ନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଶିବିର ରେ ଜନସାଧାରଣ ଙ୍କ ଠାରୁ ମୋଟ ୯୦ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିବା ବେଳେ ୭୩ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଏବଂ ୧୭ଟି ଗ୍ରାମବାସୀ ଙ୍କ ବିଭିନ୍ନ ସମସ୍ୟା ଭିତ୍ତିକ ସାମୁହିକ ଅଭିଯୋଗ ଥିଲା। ଏଥି ମଧରୁ ୨ଗୋଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଅନ୍ୟାନ୍ୟ ଆପତ୍ତି ଅଭିଯୋଗ ଗୁଡ଼ିକର ବିଷୟ ପ୍ରସଙ୍ଗ ଉପରେ ସବିଶେଷ ତଦନ୍ତ କରି ଅନୁଧାନ ପୂର୍ବକ ବିହିତ କାର୍ଯ୍ୟାନୁଷ୍ଠାନ ନେବା ସହ ତ୍ୱରିତ ପ୍ରକ୍ରିୟା ରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ମା'ଭଗବତୀଙ୍କ ପୀଠରେ ମକରମେଳା

**ସାଲେପୁର,୧୪।୧ (ସଂଚାର ବ୍ୟୁରୋ):** ପବିତ୍ର ମକର ସଂକ୍ରାନ୍ତି ଅବସରରେ ମା'ଭଗବତୀଙ୍କ ପୀଠରେ ମକର ମେଳା ମହା ଆଡମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ଆଜି ଭୋରରୁ ଶହ ଶହ ଶ୍ରଦ୍ଧାଳୁ ଗୁପ୍ତଗଙ୍ଗା ଚିତ୍ରୋତ୍ପଳାରେ ବୁଡ଼ ପକାଇ ମା'ଙ୍କୁ ଦର୍ଶନ କରି କୃପାଲାଭ କରିଥିଲେ। ସାଲେପୁର ବ୍ଲକ ବଟେଶ୍ୱର ଗ୍ରାମ ଚିତ୍ରୋତ୍ପଳା ନଦୀ କୂଳରେ ଅବସ୍ଥିତ ମା'ଭଗବତୀଙ୍କ ପୀଠରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମକର ସଂକ୍ରାନ୍ତି ଅବସରରେ ମକର ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଜି ଭୋର ୪ଟାରୁ ମା'ଙ୍କର ବଡ଼ସ୍ନାନ କରାଯାଇ ସ୍ୱତନ୍ତ୍ର ବେଶରେ ସୁସଜ୍ଜିତ କରାଯାଇଥିଲା। ରୀତିନୀତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା ମଧ କରାଯାଇଥିଲା। ମାଳିକା କଥା ଅନୁଯାୟୀ ଆଜିର ମକର ସଂକ୍ରାନ୍ତି ଦିନରେ ଯେଉଁ ଶ୍ରଦ୍ଧାଳୁ ଗୁପ୍ତଗଙ୍ଗା ଚିତ୍ରୋତ୍ପଳାରେ ବୁଡ଼ ପକାଇ ମା'ଙ୍କ ଦର୍ଶନ କରିବେ ତାହାର ସାତଜନ୍ମର ପାପ କ୍ଷୟ ହେବ ବୋଲି ବର୍ଣ୍ଣନା ଅଛି। ତେଣୁ ଆଜିର ଦିନରେ ଶହ ଶହ ଶ୍ରଦ୍ଧାଳୁ ଗୁପ୍ତଗଙ୍ଗା ଚିତ୍ରୋତ୍ପଳାରେ ବୁଡ଼ ପକାଇ ମା'ଙ୍କ ଦର୍ଶନ କରି କୃପା ଲାଭ କରିଥିଲେ।

## ମକର ସଂକ୍ରାନ୍ତି ଉପଲକ୍ଷେ ଗାଁଠୁ ସହର ଓ ଦେବାଦେବୀ ପୀଠ ଉତ୍ସବମୁଖର

**ଧାମନଗର,୧୪।୧ (ସଂଚାର ବ୍ୟୁରୋ):** ଧାମନଗର ଅଞ୍ଚଳରେ ମକର ସଂକ୍ରାନ୍ତି ଉପଲକ୍ଷେ ଗାଁ ଠୁ ସହର ଓ ବିଭିନ୍ନ ଦେବା ଦେବୀ ପୀଠ ଉତ୍ସବ ମୁଖର ହୋଇ ଉଠିଛି। ସଂକ୍ରାନ୍ତି ସୂର୍ଯ୍ୟଙ୍କର ସଂକ୍ରମଣ ବା ଗୋଟିଏ ରାଶିରୁ ଅନ୍ୟ ରାଶିକୁ ଚଳନ କରିବାର ଦିନ। ଏହି ପରିପ୍ରେକ୍ଷୀରେ ସ୍ନାନ,ଦାନ ଓ କର୍ମର ପର୍ବ ପବିତ୍ର ମକର ସଂକ୍ରାନ୍ତି। ଏହି ଦିନ ସୌର ମଣ୍ଡଳର ଅଧିଷ୍ଠାତା ସୂର୍ଯ୍ୟଦେବ ଧନୁ ରାଶିରୁ ମକର ରାଶିକୁ କ୍ରମଶଃ ଉତ୍ତରାୟଣ ଗମନ କରନ୍ତି। ଏହି ଠାରୁ ଦିନ କ୍ରମେ ବୃଦ୍ଧି ହେବାସହ ସୂର୍ଯ୍ୟଦେବଙ୍କ ତେଜ ଆସ୍ତେ ଆସ୍ତେ ପ୍ରଖର ହେବା ଅନୁଭୂତି ହୁଏ। ମକର ସଂକ୍ରାନ୍ତି ଏକ ସର୍ବ ଭାରତୀୟ ପର୍ବ ଅଟେ। ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ନାମରେ ପାଳନ ହେଉଥିବା ଏହି ପର୍ବ ଦକ୍ଷିଣ ଭାରତରେ ପୋଙ୍ଗଲ ନାମରେ ଖ୍ୟାତ। ଓଡ଼ିଶାରେ ଏହା ଚାଷୀ ନୂଆବର୍ଷ ଅବା ମକର ସଂକ୍ରାନ୍ତି ଭାବେ ପାଳନ କରାଯାଏ। ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ଅଧିନ ଇଛାଦା ଠାରେ ମକର ସଂକ୍ରାନ୍ତି ଉପଲକ୍ଷେ ଚନ୍ଦନ ବାବାଙ୍କ ମଠରେ ବହୁ ଦୂରଦୂରାନ୍ତରୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଏନ ଏ ସି ଅଧିନ ଜୟନଗର ହନୁମାନ ଛକରେ ବୁଡା ହନୁମାନ ପୂଜାର୍ଚ୍ଚନା ସହ ପ୍ରସାଦ ସେବନ ବଣ୍ଟନ କରାଯାଇଥିଲା।

## ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ ରାଜ୍ୟ କାୟାକଳ୍ପ ଟିମ୍‌ର ଟିମ୍



**ବୋରିଗୁମ୍ମା,୧୪।୧ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ତିନି ଜଣିଆ ରାଜ୍ୟ କାୟାକଳ୍ପ ଟିମ୍ ପରିଦର୍ଶନ କରିଛନ୍ତି। ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱଚ୍ଛ ପରିଚ୍ଛନ୍ନ ଠାରୁ ଆରମ୍ଭ କରି ନିରାମୟ ଔଷଧ ବିତରଣ କେନ୍ଦ୍ର, ନିଦାନ ବିଭାଗ, ଅନ୍ତଃ ବିଭାଗ, ବହିଁ ବିଭାଗ, ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର, ଔଷଧ ଭଣ୍ଡାର ସହ କାର୍ଯ୍ୟାଳୟର ସମସ୍ତ ନଥିପତ୍ର ପରଖିଥିଲେ। ଏହି ରାଜ୍ୟସ୍ତରୀୟ ତିନି ଜଣିଆ ଟିମ୍‌ରେ ରାଜ୍ୟ ଆଇଡିଏସପି ସେଲ ମୁଖ୍ୟ ଡ଼. ସୁରଜିତ ଗରବାଡୁ, ବର୍ଜ୍ୟବସ୍ତୁ ପରିଚାଳନା କନ୍‌ସଲଟାଣ୍ଟ ସୌମ୍ୟକାନ୍ତ ପାତ୍ର, ୟୁନିସେଫ କନସଲଟାଣ୍ଟ ଡ଼. ଅନିଲ କୁମାର ପଟନାୟକ ଉପସ୍ଥିତ ଥିଲେ। ପୂର୍ବରୁ ବହୁବାର ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପରେ ରାଜ୍ୟ ଏବଂ ଜିଲ୍ଲାସ୍ତରରେ ସମ୍ମାନିତ ହୋଇ ସାରିଛି। ଚଳିତ ବର୍ଷ ମଧ କାୟାକଳ୍ପ ପୁରସ୍କାର ପାଇବା ଆଶା ରଖୁଛନ୍ତି ବୋଲି କହିଛନ୍ତି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା.ଶ୍ରୀକାନ୍ତ ଶତପଥି। ଏହି ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ତ୍ରୀ ଓ ପ୍ରସୂତି ବିଭାଗ ଡା. ପ୍ରବୀଣ କୁମାର ଦାସ, ବିପିଏମ ସସ୍ମିତା ତ୍ରିପାଠୀ, ଶିବ ପ୍ରସାଦ ନାୟକ, ଗୋଲକ ବିହାରୀ ଚୌଧୁରୀ, ପୂର୍ଣ୍ଣ ଚନ୍ଦ୍ର ଭୋଇଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଏହି ଟିମକୁ ପୂର୍ଣ୍ଣ ସହଯୋଗ କରିଥିଲେ।

## ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା



**ବାଲିଆପାଳ,୧୪।୧ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ରତାଇ ସ୍ଥିତ ପୁରୁଷୋତ୍ତମ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁକଦେବ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବାଲିଆପାଳ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା, ମୁଖ୍ୟ ବକ୍ତା ଭାବେ ଅଧାପକ କେଦାର ନାଥ ମହାନ୍ତି, ବରେଣ୍ୟ ଅତିଥି ବିଦ୍ୟାଳୟର ଆଲୁମିନି କମିଟିର ସଭାପତି ସୁଧାଂଶୁ ପଣ୍ଡା, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ସୁପ୍ରଭା ପାଢୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ନମିତା ପ୍ରଭା ସାମଲ, ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନା, ପୂର୍ଣ୍ଣ ଚନ୍ଦ୍ର ମଣ୍ଡଳ ସିଆରସିସି, ହୃଦାନନ୍ଦ ପ୍ରଧାନ ପରିଚାଳନା କମିଟିର ସଭାପତି ପ୍ରମୁଖ ଯୋଗଦେଇ ଥିଲେ। ଶିକ୍ଷକ ସରୋଜ କୁମାର ପରିଡ଼ା ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ଶିକ୍ଷୟିତ୍ରୀ ମାନଙ୍କୁ ଦ୍ୱାରା ଅତିଥି ପରିଚୟ ପ୍ରଦାନ କରାଯାଇଥିଲା। ଶିକ୍ଷକ ଦିଲ୍ଲୀପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଶର୍ମିଷ୍ଠା ନାୟକ, ଶ୍ୱେତପଦ୍ମା ଦାସ, ସୁରଭୀ ରାଉତ, ହେମଲତା ପଣ୍ଡା, ଶିକ୍ଷକ ତ୍ରିଲୋଚ ଖଣ୍ଡା, ପଙ୍କଜ ମୁର୍ମୁ, ଚିତ୍ତରଞ୍ଜନ ପାତ୍ର, ଅଜୟ କୁମାର କାମିଲା ତାରେଶ ଜେନା, ଘନଶ୍ୟାମ ମାଝୀ, ରଞ୍ଜିତା ଦାସ ପ୍ରମୁଖ ସହଯୋଗ କରିଥିଲେ।






# ଖାଇବା ପରେ ପେଟରେ ଭାରୀ ଅନୁଭବ କରନ୍ତି କି?

ଚର୍ବି ଯକୃତ ରୋଗ ପ୍ରାୟତଃ ହାଲୁକା ଏବଂ ଅଣଦେଖା କରାଯାଉଥିବା ପେଟ ଲକ୍ଷଣ ସହିତ ଦେଖାଯାଏ। କେତେକ ସମୟରେ ରକ୍ତ ପରୀକ୍ଷା କିମ୍ବା ସ୍କାନ କୌଣସି ଅସ୍ୱାଭାବିକତା ପ୍ରକାଶ କରିବା ପୂର୍ବରୁ ମଧ୍ୟ ଶରୀର ଲକ୍ଷଣ ଦେଖାଇବା ଆରମ୍ଭ କରେ। ୱାର୍ଲ୍ଡ ଜର୍ଣ୍ଣାଲ ଅଫ୍ ହେପାଟୋଲୋଜିରେ ପ୍ରକାଶିତ ଗବେଷଣା ଅନୁଯାୟୀ, ପେଟ ଫୁଲିବା, ଅସ୍ୱସ୍ତି ଏବଂ ଉପର ପେଟରେ ଭାରୀ ହେବା ଭଳି ଲକ୍ଷଣ ସୂଚାଇପାରେ ଯେ ଯକୃତ ପୂର୍ବରୁ ଚାପରେ ଅଛି ଏବଂ ଏହାର ମେଟାବୋଲିଜିମ୍ ପ୍ରଭାବିତ ହେଉଛି। ଡାକ୍ତରୀ ଭାଷାରେ, ଫ୍ୟାଟି ଲିଭରକୁ ପୂର୍ବରୁ ନନ୍-ଆଲକୋହଲିକ୍ ଫ୍ୟାଟି ଲିଭର ରୋଗ କୁହାଯାଉଥିଲା। କିନ୍ତୁ ଏହାକୁ ବର୍ତ୍ତମାନ ମେଟାବୋଲିକ୍ ଡିସଫଙ୍କସନ୍-ସମ୍ବନ୍ଧିତ ଷ୍ଟେଟୋଟିକ୍ ଲିଭର ରୋଗ କୁହାଯାଉଛି। ଏହି ରୋଗ ବହୁତ ସାଧାରଣ କିନ୍ତୁ ପ୍ରାୟତଃ ଏହା ନିର୍ଣ୍ଣୟ କରାଯାଇ ନଥାଏ। ପ୍ରାରମ୍ଭରେ ଏହାର ଲକ୍ଷଣଗୁଡ଼ିକ ହାଲୁକା ଏବଂ ପ୍ରାୟତଃ ପେଟ କିମ୍ବା ପାଚନ ସହିତ ଜଡ଼ିତ ତେଣୁ ଲୋକମାନେ ଏହାକୁ ସାଧାରଣ ଗ୍ୟାସ୍ କିମ୍ବା ବଦହଜମୀ ବୋଲି ଖାରଜ କରନ୍ତି।

ଗବେଷଣାରୁ ଜଣାପଡ଼ିଛି ଯେ ଫ୍ୟାଟି ଲିଭରର ପ୍ରଥମ ଲକ୍ଷଣ ପ୍ରାୟତଃ ପେଟରେ ଦେଖାଯାଏ। ଅଧ୍ୟୟନରୁ ଜଣାପଡ଼ିଛି ଯେ ସାଧାରଣ ରକ୍ତ ପରୀକ୍ଷା କିମ୍ବା ଅଲ୍ଟ୍ରାସାଉଣ୍ଡ ସତ୍ତ୍ୱେ ଅନେକ ରୋଗୀ ପେଟର ଡାହାଣ ଉପର ଭାଗରେ ଫୁଲିବା, ବାନ୍ତି ଏବଂ ଅସ୍ୱସ୍ତି ଅନୁଭବ କରନ୍ତି। ଏହି ଲକ୍ଷଣଗୁଡ଼ିକ ସୂଚାଇଥାଏ ଯେ ଯକୃତର ପାଚନ ଏବଂ ପୁଷ୍ଟିକର ପ୍ରକ୍ରିୟାକରଣ କାର୍ଯ୍ୟ ପ୍ରଭାବିତ ହେଉଛି। ଯେତେବେଳେ ଯକୃତରେ ଅତ୍ୟଧିକ ଚର୍ବି ଜମା ହୁଏ, ପ୍ରାୟତଃ ମଦ୍ୟପାନ ସହିତ ସମ୍ପର୍କିତ ନୁହେଁ, ସେତେବେଳେ ଫ୍ୟାଟି ଲିଭର ହୁଏ। ଏହି ଚର୍ବି ବୃଦ୍ଧି ପାଇବା ସହିତ, ଯକୃତ ଫୁଲିପାରେ କିମ୍ବା ସାମାନ୍ୟ ଫୁଲା ହୋଇପାରେ, ଯାହା ଉପର ପେଟରେ ଅସ୍ୱସ୍ତି ସୃଷ୍ଟି କରେ।

ଲୋକମାନେ ପ୍ରାୟତଃ ଭାବନ୍ତି ଯେ ଯକୃତ ରୋଗ କେବଳ ଜଣ୍ଡିସ୍ ଭଳି ସ୍ପଷ୍ଟ ଲକ୍ଷଣ ଦେଖାଏ। କିନ୍ତୁ ବାସ୍ତବତା ହେଉଛି ପ୍ରାରମ୍ଭିକ ଲକ୍ଷଣଗୁଡ଼ିକ ପେଟ ଭିତରେ ହିଁ ଲୁଚି ରହିଥାଏ। ସବୁଠାରୁ ସାଧାରଣ ଲକ୍ଷଣ ହେଉଛି ଉପର ଡାହାଣ ପେଟରେ ଏକ ହାଲୁକା କିନ୍ତୁ ସ୍ଥାୟୀ ଯନ୍ତ୍ରଣା କିମ୍ବା ଚାପ। ଅନେକ ଲୋକ ଅନୁଭବ କରନ୍ତି ଯେପରି ପେଟ ଭିତରେ କିଛି ଭାରୀ ଚାପି ହେଉଛି। ଫ୍ୟାଟି ଲିଭର ଥିବା ଲୋକଙ୍କ ମଧ୍ୟରେ ଫୁଲିବା ଏବଂ ଶୀଘ୍ର ପୂର୍ଣ୍ଣ ଅନୁଭବ କରିବା ମଧ୍ୟ ସାଧାରଣ। ହାଲୁକା ଖାଦ୍ୟ ପରେ ମଧ୍ୟ ପେଟ ପୂର୍ଣ୍ଣ ଅନୁଭବ ହୋଇପାରେ, ଗ୍ୟାସ୍ ହୋଇପାରେ ଏବଂ କେତେକ ସମୟରେ ପେଟ ସାମାନ୍ୟ ଫୁଲିଥିବା ଦେଖାଯାଇପାରେ। କାରଣ ଯକୃତ ପାଚନ ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ, ଏବଂ ଯେତେବେଳେ ଏହା ଠିକ୍ ଭାବରେ କାର୍ଯ୍ୟ କରେ ନାହିଁ ହଜମ ଧୀର ହୋଇଯାଏ।

ବାନ୍ତି ଏବଂ ବଦହଜମୀ ମଧ୍ୟ ଫ୍ୟାଟି ଲିଭରର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ। ଅନେକ ଲୋକ ଭାଜା କିମ୍ବା ଭାରୀ ଖାଦ୍ୟ ଖାଇବା ପରେ ଦ୍ୱନ୍ଦ୍ୱ, ବାନ୍ତି କିମ୍ବା ପେଟରେ ଜଳାପୋଡ଼ା ଅନୁଭବ କରନ୍ତି। ଏହି ଲକ୍ଷଣଗୁଡ଼ିକ ପ୍ରାୟତଃ ଆସିଥାଏ ଏବଂ ଖରାପ ଖାଦ୍ୟ, ଅତ୍ୟଧିକ ଖାଦ୍ୟ କିମ୍ବା ଶାରୀରିକ କାର୍ଯ୍ୟକଳାପର ଅଭାବ ଦ୍ୱାରା ଏହା ଆହୁରି ବଢ଼ିପାରେ। ବିଶେଷଜ୍ଞମାନେ କୁହନ୍ତି ଯେ ଯଦି ପେଟ ସମ୍ବନ୍ଧୀୟ ଏହି ପ୍ରାରମ୍ଭିକ ଲକ୍ଷଣଗୁଡ଼ିକୁ ଶୀଘ୍ର ଚିହ୍ନଟ କରାଯାଏ, ତେବେ ଫ୍ୟାଟି ଲିଭରକୁ ଫାଇବ୍ରୋସିସ୍ କିମ୍ବା ସିରୋସିସ୍ ଭଳି ଗୁରୁତର ପର୍ଯ୍ୟାୟକୁ ଯିବାରୁ ରୋକାଯାଇପାରିବ। ଏକ ସୁସ୍ଥ ଖାଦ୍ୟ, ନିୟମିତ ବ୍ୟାୟାମ, ପ୍ରକ୍ରିୟାକୃତ ଖାଦ୍ୟ ପରିହାର ଏବଂ ସମୟୋଚିତ ଡାକ୍ତରୀ ପରାମର୍ଶ ଦୀର୍ଘକାଳୀନ ପାଇଁ ଲିଭର ସ୍ୱାସ୍ଥ୍ୟ ବଜାୟ ରଖିବାରେ ସାହାଯ୍ୟ କରିପାରିବ।

# ସାଧାରଣ ପେଟ ସମସ୍ୟା ହୋଇପାରେ କର୍କଟର ଲକ୍ଷଣ

ଅଜୀର୍ଣ୍ଣ, ପେଟଫମ୍ପା, କୋଷ୍ଠକାଠିନ୍ୟ, ତରଳ ଝାଡ଼ା, ଉଦରୀୟ ଅଶ୍ୱସ୍ତି ଏବଂ ମାତ୍ରାଧିକ ଗ୍ୟାସ୍ ଭଳି ଉଦର ସମସ୍ୟାକୁ ସାଧାରଣତଃ ଉପେକ୍ଷା କରାଯାଇଥାଏ। ଫଳତଃ, ପେଟରେ କର୍କଟରୋଗ ହୋଇ ଶେଷ ପର୍ଯ୍ୟାୟରେ ପହଞ୍ଚିଲା ବେଳକୁ ଧରାପଡ଼େ। ତେଣୁ, ପ୍ରାରମ୍ଭରୁ ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି। ଆନ୍ତ୍ରିକ କର୍କଟ ରୋଗର ମୂଳ କାରଣ ହେଉଛି ଦୀର୍ଘକାଳୀନ ଅନ୍ତ୍ର ସଂକ୍ରମଣ। ଏଥିଯୋଗୁଁ ଅନ୍ତ୍ରନଳୀ ଭିତର ପାର୍ଶ୍ୱ ଥରକୁ ଥର କ୍ଷତାକ୍ତ ହେବା ସହିତ ମରାମତି ହେଉଥାଏ। ଏହାଦ୍ୱାରା ସେଠାରେ ଥିବା ଜୀବକୋଷ ସବୁ ଚାପଗ୍ରସ୍ତ ହୋଇଥାଆନ୍ତି। ପରିଶେଷରେ ଗୁଣସୂତ୍ରଗତ ରୂପାନ୍ତରଣ ଘଟି କର୍କଟରୋଗ ସୃଷ୍ଟି କରାନ୍ତି।

ପ୍ରକୃତରେ ସବୁ ଖାଦ୍ୟ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟକର ନୁହେଁ। ଶରୀର ପ୍ରତି ଖାଦ୍ୟ ଭଲ କି ମନ୍ଦ ତାହା ନିର୍ଭର କରେ ଅନ୍ତ୍ରରେ ଥିବା କୋଟି କୋଟି ଅଣୁଜୀବଙ୍କ ଉପରେ। ସେମାନେ ହିଁ ହଜମକ୍ରିୟା, ରୋଗପ୍ରତିରୋଧକ ଶକ୍ତି ଓ ସଂକ୍ରମଣ ବା ପ୍ରଦାହକୁ ନିୟନ୍ତ୍ରଣ କରନ୍ତି। ଆଭାକାଡୋ ଫଳକୁ ସମସ୍ତେ ସୁପର୍‌ଫୁଡ୍ କହନ୍ତି, କିନ୍ତୁ ଆଭାକାଡୋ ଜୀର୍ଣ୍ଣ କରିବା ଲାଗି ଯଦି କାହା ଅନ୍ତ୍ରରେ ଉପଯୁକ୍ତ ଅଣୁଜୀବ ନ ଥିଲେ ତାହା ଆନ୍ତ୍ରିକ ପ୍ରଦାହ ସୃଷ୍ଟି କରିବ।

ତେଣୁ, ଅନ୍ତ୍ରନଳୀରେ ଅଣୁଜୀବଙ୍କ ଉପସ୍ଥିତିଗତ ତାରତମ୍ୟ ରହିଲେ ଖାଦ୍ୟ ଠିକ୍ ରୂପେ ବିଘଟିତ ହୁଏ ନାହିଁ। ଫଳସ୍ୱରୂପ ଅନ୍ତ୍ରରେ ସଂକ୍ରମଣ ଘଟି ଛିଦ୍ର ହୋଇଯାଏ। ସେ ଛିଦ୍ର ମଧ୍ୟ ଦେଇ ପ୍ରଦାହକାରୀ ମଲିକ୍ୟୁଲ୍ ଓ ବିଷାକ୍ତ ପଦାର୍ଥ ବାହାରି ରକ୍ତସ୍ରୋତରେ ମିଶି ପ୍ରଦାହ ସୃଷ୍ଟି କରେ। କାଳକ୍ରମେ ଅନ୍ତ୍ର ପ୍ରଦାହ ପୁରାତନ ହୋଇ କଲୋରେକ୍ଟାଲ୍ କ୍ୟାନ୍‌ସର୍, ଗ୍ୟାଷ୍ଟ୍ରିକ୍ କ୍ୟାନ୍‌ସର୍, ପାନ୍‌କ୍ରିଏଟିକ୍ କ୍ୟାନ୍‌ସର୍ ଭଳି ରୋଗ ହୁଏ।

ତେଣୁ, ଦୀର୍ଘ କାଳ ଅଜୀର୍ଣ୍ଣ, ଅମ୍ଳ ହାକୁଟି ଲାଗିରହିଲେ, ଖାଇବା ପରେ ପେଟ ଫାମ୍ପିଲେ, ଅସମୟରେ ଝାଡ଼ା ଲାଗିଲେ, ମଳରେ ରକ୍ତ ପଡ଼ିଲେ, ଅକାରଣରେ ଓଜନ ହ୍ରାସ ହେଲେ, କ୍ଲାନ୍ତ ଲାଗିଲେ ଅଥବା ରକ୍ତହୀନତା ଭଳି ଉପସର୍ଗର ନିଦାନ ନକରି ଉପେକ୍ଷା କଲେ ହୁଏତ କର୍କଟ ରୋଗ ହୋଇ ଅନେକ ବିଳମ୍ବରେ ଚିହ୍ନଟ ହେବ। ତେଣୁ, ହେଳା ନ କରି ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଉପରୋକ୍ତ ଉପସର୍ଗଗୁଡ଼ିକର କାରଣ ଚିହ୍ନଟ କରିବା ଆବଶ୍ୟକ।



# ତ୍ୱଚା ଶୁଷ୍କ ଲାଗୁଥିଲେ

## ଶୀତଦିନରେ ଚର୍ମ ଶୁଷ୍କ ହେବା ଏକ ସାଧାରଣ କଥା। ସତର୍କତା ଦ୍ୱାରା ଏହି ସମସ୍ୟା ଦୂର କରି ହେବ।

- ତ୍ୱଚାକୁ ଦୈନନ୍ଦିନ ତେଲ କିମ୍ବା ମସ୍‌ଚରାଇଜର୍‌ରେ ମାଲିସ୍ କରନ୍ତୁ। ପେଟ୍ରୋଲିଅମ୍ କିମ୍ବା କ୍ରିମ୍-ଆଧାରିତ ମସ୍‌ଚରାଇଜର୍ ବଜାରରେ ମିଳୁଥିବା ଲୋସନ୍ ଅପେକ୍ଷା ଭଲ। ଗାଧୋଇ ସାରିବା ପରେ ହିଁ ତୈଳ କିମ୍ବା ମସ୍‌ଚରାଇଜର୍ ଲଗାଇବା ଦ୍ୱାରା ଚର୍ମ ନରମ ହୋଇଥାଏ।
- ଶୀତ ଦିନେ ତ୍ୱଚାକୁ କେବଳ ପାଣିରେ ଧୋଇପାରିବେ। ବାରମ୍ବାର ସାବୁନ୍, ବଡିୱାସ୍, ଫେସ୍‌ୱାସ୍ ଆଦି ପ୍ରୟୋଗ କରିବା ଦ୍ୱାରା ତ୍ୱଚା ଅଧିକ ଶୁଷ୍କ ହୋଇଥାଏ।
- ଶୀତ ଦିନେ ଅଧିକାଂଶ ଲୋକ ଗରମ ପାଣିରେ ଗାଧୋଇଥାନ୍ତି। ମାତ୍ର କୁଣ୍ଡିଆ ସମସ୍ୟା ଥିଲେ ଗରମ ପାଣିରେ ଗାଧୋଇବା ଅନୁଚିତ।
- ପିଲାଦିନରୁ ଆମକୁ କୁହାଯାଇଛି ଯେ ପ୍ରଚୁର ପାଣି ପିଇବା ଦ୍ୱାରା ଅନେକ ରୋଗକୁ ନିୟନ୍ତ୍ରଣ କରାଯାଇପାରେ। ବିଶେଷ କରି ଶୀତ ଦିନେ ଏହି କଥାଟିର ଗୁରୁତ୍ୱ ଅଧିକ। ଶୀତ ଦିନେ ପେଟ ଗରମ ହୋଇ ବିଭିନ୍ନ ରୋଗ ହେଉଥିବାରୁ, ଏହି ଦିନେ ପାଣି ଅଧିକ ପିଇବା ଦ୍ୱାରା ନିଜକୁ ସୁସ୍ଥ ରଖିପାରିବା।
- ପ୍ରବଳ ଥଣ୍ଡା କାରଣରୁ ଅଧିକାଂଶ ଲୋକଙ୍କ ଓଠ ଫାଟି ରକ୍ତ ବାହାରିବା ପରି ପରିସ୍ଥିତି ଉପୁଜେ। ତାହାକୁ ରୋକିବା ପାଇଁ ଓଠରେ ଗୁଆ ଘିଅ, ନଡ଼ିଆ ତେଲ କିମ୍ବା ପେଟ୍ରୋଲିଅମ୍ ଜେଲି ପ୍ରୟୋଗ କରନ୍ତୁ।



# ମସ୍ତିଷ୍କ ଟ୍ୟୁମର କ'ଣ?

ମସ୍ତିଷ୍କ ଟ୍ୟୁମର ହେଉଛି ଆପଣଙ୍କ ମସ୍ତିଷ୍କରେ କିମ୍ବା ଏହାର ଚାରିପାଖରେ କୋଷଗୁଡ଼ିକର ଏକ ଅସ୍ୱାଭାବିକ ବୃଦ୍ଧି। ମସ୍ତିଷ୍କ ଟ୍ୟୁମରରେ କ୍ୟାନ୍‌ସର ହୋଇପାରେ କିମ୍ବା ନ ହୋଇପାରେ। ୧୨୦ରୁ ଅଧିକ ପ୍ରକାରର ମସ୍ତିଷ୍କ ଟ୍ୟୁମର ଦେଖାଯାଏ। କିନ୍ତୁ ସାଧାରଣତଃ ୩ ପ୍ରକାର ଟ୍ୟୁମର ଅଧିକ ହୋଇଥାଏ- ଗ୍ଲାୟୋମା, ମେନିନ୍‌ଜୋମା ଓ ମେଟାଷ୍ଟେସିସ୍। ମସ୍ତିଷ୍କ ଟ୍ୟୁମର ସହ କର୍କଟ ରୋଗ ହେଉ କି ନ ହେଉ ଏହା ଗମ୍ଭୀର ସମସ୍ୟା ସୃଷ୍ଟି କରିପାରେ। କାରଣ ଖପୁରି କଠିନ ଏବଂ ଟ୍ୟୁମରକୁ ବିସ୍ତାର କରିବା ପାଇଁ ସ୍ଥାନ ପ୍ରଦାନ କରେ ନାହିଁ। ଯଦି ଟ୍ୟୁମର ଆପଣଙ୍କ ମସ୍ତିଷ୍କର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ନିୟନ୍ତ୍ରଣ କରୁଥିବା ଅଂଶ ନିକଟରେ ହୁଏ ତେବେ ଏହା ଗୁରୁତର ଲକ୍ଷଣ ସୃଷ୍ଟି କରିପାରେ, ଯେପରିକି ମୂକ ପାଲଟିବା, ଦୃଷ୍ଟି ଶକ୍ତି ହରାଇବା, ଫିଟ୍‌ସ ହେବା, ଚାଲିବାରେ କଷ୍ଟ ହେବ, ଭାଷା ବୁଝିବାରେ କିମ୍ବା ବ୍ୟବହାର କରିବାରେ ଅସୁବିଧା। ସାଧାରଣତଃ ୪୦ ବର୍ଷ ବୟସ ଅତିକ୍ରମ କଲା ପରେ ଏପରି ସମସ୍ୟା ଦେଖାଯାଇଥାଏ। ପିଲାମାନଙ୍କଠାରେ ମସ୍ତିଷ୍କ ଟ୍ୟୁମରର ଲକ୍ଷଣ ଭିନ୍ନ।

ଆଜି ପର୍ଯ୍ୟନ୍ତ ବିଜ୍ଞାନ ଏହାର କାରଣ ବାହାର କରିପାରିନାହିଁ। ଜୀବନଶୈଳୀ ପରିବର୍ତ୍ତନ, ଖରାପ ଅଭ୍ୟାସ, ପରିବେଶ, ମାତ୍ରାଧିକ ମଦ୍ୟପାନ ଓ ଧୂମପାନ ବ୍ରେନ୍ ଟ୍ୟୁମର ହେବାର ଆଶଙ୍କା ଥାଏ। ଏହି ଟ୍ୟୁମର ଜାଣିବା ପାଇଁ ସିଟି ସ୍କାନ୍ କରାଯାଇଥାଏ। ସେଥିରୁ ଜଣାପଡ଼ିଯାଏ କି ଏହା କେଉଁପ୍ରକାର ଟ୍ୟୁମର। ପୁଣି ବିଭିନ୍ନ ପ୍ରକାର ଏମ୍‌ଆର୍‌ଆଇ ପରୀକ୍ଷା ରହିଛି ଯଥା: ପ୍ଲେନ୍ ଏମ୍‌ଆର୍‌ଆଇ, କଣ୍ଟ୍ରାଷ୍ଟ୍ ଏମ୍‌ଆର୍‌ଆଇ, ଏମ୍‌ଆର୍‌ଏସ୍ ଓ ଏମ୍‌ଆର୍‌ଏ। ଏହାପରେ ବାୟୋପ୍ସି କରାଯାଏ। ୯୯ ପ୍ରତିଶତ ମସ୍ତିଷ୍କ ଟ୍ୟୁମର ବଂଶଗତ ନୁହେଁ। ୧ ପ୍ରତିଶତ କ୍ଷେତ୍ରରେ ବଂଶଗତ ହୋଇପାରେ। କୌଣସି ବ୍ରେନ୍ ଟ୍ୟୁମର୍ ହୋଇଥିଲେ ଏହା ପାଇଁ ଅସ୍ତ୍ରୋପଚାର, ରେଡିଏସନ୍ ଓ ମେଡିସିନ୍ ଚିକିତ୍ସା କରାଯାଇଥାଏ।



# ଆପଣଙ୍କ ଖାଇବାରେ ସାମିଲ କରନ୍ତୁ ଫୁଲକୋବି



ଆମେ ବିଭିନ୍ନ ପ୍ରକାର ପନିପରିବା ଖାଇଥାଉ। ଫୁଲକୋବି ଶୀତ ଦିନିଆ ପରିବା। ଯାହା ବେଶ ଶସ୍ତାରେ ମିଳିଯାଏ। ଏହା ଖାଇବା ଦ୍ୱାରା ଆମକୁ ଅନେକ ଲାଭ ପ୍ରଦାନ କରିଥାଏ। ଫୁଲ କୋବିରେ ପ୍ରୋଟିନ, ଭିଟାମିନ ଏବଂ ମିନେରାଲ୍ସ ଭରପୁର ରହିଥାଏ। ଫୁଲକୋବିର ଗୁଣବତ୍ତା ଗରମ ହୋଇଥାଏ ତେଣୁ ଏହାର ଚାହିଦା ଶୀତଦିନେ ଖୁବ୍ ଭଲ ଥାଏ।

ଶୀତ ଦିନେ ଅଧିକାଂଶ ଲୋକ ଫୁଲକୋବି ଖାଇବାକୁ ପସନ୍ଦ କରନ୍ତି। ଫୁଲକୋବି ଯେତିକି ସ୍ୱାଦିଷ୍ଟ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସେତିକି ହିତକର। ତେଣୁ ଶୀତଦିନେ ଫୁଲକୋବି ଖାଇବା ନିହାତି ଦରକାର। ଯାହା ଖାଇବା ଦ୍ୱାରା ଆମ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ଘଟିଥାଏ। ତେବେ ଆସନ୍ତୁ ଫୁଲକୋବିର ଉପକାରିତା ବିଷୟରେ ଜାଣିବା। ଫୁଲକୋବି ଖାଇବା ଦ୍ୱାରା କୋଷ୍ଠ କାଠିନ୍ୟ ଭଳି ସମସ୍ୟା ଦୂର ହୋଇଥାଏ। ଏଥିରେ ଫାଇବର ପର୍ଯ୍ୟାପ୍ତ ମାତ୍ରାରେ ମିଳିଥାଏ। ଏହା ଶରୀରରେ ବ୍ୟାକ୍ଟେରିଆ ବୃଦ୍ଧି କରିବା ସହ ଇନ୍‌ଫ୍ଲାମେଶନକୁ କମ୍ କରିଥାଏ। ଏହା ମଧ୍ୟ ହଜମ ପ୍ରକ୍ରିୟାକୁ ମଜଭୁତ କରିଥାଏ। ଏଥିରେ କୋଲିନ ମାତ୍ରା ଅଧିକ ଥିବାରୁ ଏହା ନର୍ଭସ ସିଷ୍ଟମକୁ ଷ୍ଟ୍ରଙ୍ଗ କରିଥାଏ।

ବିଶେଷ କରି ଶୀତଦିନେ ହାଡ଼ ଜନିତ ସମସ୍ୟା ଅଧିକ ଦେଖିବାକୁ ମିଳିଥାଏ। ତେଣୁ ଫୁଲକୋବିରେ ଭିଟାମିନ୍ K ରହିଥାଏ, ଯାହା ହାଡ଼କୁ ମଜବୁତ କରେ। ସେଥିପାଇଁ ନିୟମିତ ଫୁଲକୋବି ଖାଇବାକୁ ପରାମର୍ଶ ଦିଆଯାଇଥାଏ। ଯାହା ଗଣ୍ଠି ଯନ୍ତ୍ରଣାରୁ ସହଜରେ ମୁକ୍ତି ଦେବ। ଡାଇବେଟିସ୍ ରୋଗୀଙ୍କ ପାଇଁ କିଛି ଖାଦ୍ୟ ବାରଣ କରାଯାଇଥାଏ। କିନ୍ତୁ ଡାଇବେଟିସରେ ପୀଡିତ ଥିବା ଲୋକମାନେ ଫୁଲକୋବି ଖାଇପାରିବେ। ଏହା ତ୍ୱଚା ପାଇଁ ମଧ୍ୟ ଖୁବ୍ ଲାଭଦାୟକ ହୋଇଥାଏ। ଯାହା ତ୍ୱଚାରେ ଥିବା ଦାଗ ଆଦି ସମସ୍ୟା ଦୂର କରିଥାଏ। ଯଦି ଓଜନ କମାଇବାକୁ ଚାହୁଁଛନ୍ତି ତେବେ ଆପଣମାନେଆପଣଙ୍କ ଖାଇବା ଲିଷ୍ଟରେ ଫୁଲକୋବି ଆଡ୍ କରିପାରିବେ। ଯାହା ଓଜନ କମାଇବା ପାଇଁ ପ୍ରଭାବଶାଳୀ ହୋଇଥାଏ। ଏଥିସହିତ ଫୁଲକୋବିରେ ଫାଇବର ପ୍ରଚୁର ମାତ୍ରାରେ ଭରି ରହିଥିବାରୁ ଏହା ଶରୀରରେ ବ୍ୟାକ୍ଟେରିଆ ଓ ପାଚନ ଶକ୍ତି ବୃଦ୍ଧି କରିଥାଏ। ଏଥିରେ କ୍ୟାଲୋରୀ କମ୍ ଓ ଭିଟାମିନ ଭରପୁର ମାତ୍ରାରେ ରହିଥାଏ। ଯାହା ଆମ ଶରୀର ପାଇଁ ଖୁବ୍ ଜରୁରୀ। ଏହା ଆମକୁ କିଡନୀ ରୋଗ, ମଧୁମେହ ଏବଂ ବ୍ଲଡପ୍ରେସର ଭଳି ସମସ୍ୟାରୁ ରକ୍ଷା କରିଥାଏ। ଏତିକି ନୁହେଁ ବରଂ ଏହା ଖାଇବା ଦ୍ୱାରା ହାର୍ଟର ସ୍ୱାସ୍ଥ୍ୟ ବଜାୟ ରଖିବାରେ ସହାୟକ କରେ। ଏଥିରେ ଥିବା ଗ୍ଲୁକୋରାଫାନିନ୍ ହାର୍ଟ ସମ୍ବନ୍ଧୀୟ ସମସ୍ୟାକୁ ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ହାର୍ଟକୁ ସୁସ୍ଥ ରଖିବା ପାଇଁ ଫୁଲକୋବି ଖାଇପାରିବେ। ଫୁଲକୋବିରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି-ଇନ୍ଫ୍ଲ ।ମେଟରୀ ଗୁଣ ରହିଛି। ଯାହା କୋଲେଷ୍ଟ୍ରଲ୍ ସ୍ତରକୁ ବଜାୟ ରଖେ। ଏଥିରେ ଥିବା ଓମେଗା-୩ ଫ୍ୟାଟି ଏସିଡ୍ ଏବଂ ଫାଇବର ଖରାପ କୋଲେଷ୍ଟ୍ରଲ୍‌କୁ ହ୍ରାସ କରିବାରେ ସାହାଯ୍ୟ କରେ।

### ବିଦ୍ୟାଳୟସ୍ତରୀୟ ପିଏମ୍ ଶ୍ରୀ ଉତ୍ସବରେ ଯୋଗଦେଲେ ଗଣ ଶିକ୍ଷା ମନ୍ତ୍ରୀ

# ଅବିରତ ପ୍ରୟାସ ରହିଲେ ସଫଳତା ସୁନିଶ୍ଚିତ



**ବାଲିପାଟଣା,୧୪।୧(ସଂଚାର ବ୍ୟୁରୋ):** ପ୍ରଧାନ ମନ୍ତ୍ରୀ ବିଦ୍ୟାଳୟ ଉଦୟ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ପି ଏମ ଶ୍ରୀ ବନମାଳୀପୁର ସରକାରୀ ଉଚ୍ଚ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ର ଉଦଯାପନୀ ଦିବସ ରେ ଆଜି ଅପରାହ୍ନ ରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ର ଆୟୋଜନ ହୋଇଥିଲା।ପ୍ରଧାନ ଶିକ୍ଷକ ଅର୍ଣବ କୁମାର ବେହୁରା ଙ୍କ ଅଧକ୍ଷତାରେ ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ର ମାନ୍ୟବର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ରାଜ୍ୟରେ ଶିକ୍ଷାର ବିକାଶ ପାଇଁ ସରକାର କରୁଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ।ମନ୍ତ୍ରୀ ବହୁ ମହାପୁରୁଷ ଙ୍କୁ ଉକ୍ତି କୁ ଉଦ୍ଧାର କରି ସଫଳତା ଲାଭ କରିବାକୁ ହେଲେ ଅବିରତ ପ୍ରୟାସ ଜାରି ରଖିବାକୁ ହେବ ବୋଲି କହିଥିଲେ। ପିଏମ୍ ପୋଷଣ ଓ ମଧୋ ସିଂହ ହାତଖର୍ଚ୍ଚ ଯୋଜନା ଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ ମାନେ ବହୁ ଭାବରେ ଉପକୃତ ହେଉଛନ୍ତି।ଶିକ୍ଷା ଯୋଗୁଁ ସେ ନିଜେ ଜୀବନରେ ସଫଳତା ପାଇଥିବା ବର୍ଣ୍ଣନା କରି ଥିଲେ।ମୁଖ୍ୟ ବକ୍ତା ଜିଲ୍ଲା ଶିକ୍ଷା ଅଧିକାରୀ ସୋନମିକା ରାୟ କହିଥିଲେ ଯେ ଛାତ୍ର ଛାତ୍ରୀ ମାନେ ଶୃଙ୍ଖଳିତ ହୋଇ ଏକାଗ୍ର ଭାବରେ ନିଜର ଦକ୍ଷତା ବୃଦ୍ଧି ପାଇଁ ପ୍ରୟାସ କରିବା ଆବଶ୍ୟକ।ସ୍ବତନ୍ତ୍ର ଅତିଥି ପୂର୍ବତନ ମନ୍ତ୍ରୀ ଡ୍ ଅରବିନ୍ଦ ଢ଼ାଲି, ସମାଜସେବୀ ସାରଦା ପ୍ରସାଦ ଶତପଥୀ କହିଥିଲେ ଯେ ସମାଜ କୁ ସଜାଡ଼ିବା ପାଇଁ ପିଲାମାନେ ଏବେଠାରୁ ପ୍ରସ୍ତୁତ ହୋଇ କାର୍ଯ୍ୟ କରନ୍ତୁ।ସମ୍ମାନିତ ଅତିଥି ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ୍ ପ୍ରଭାତ କୁମାର ରଥ, ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା ଓ ପରିଚାଳନା ପରିଷଦ ସଭାପତି ଚନ୍ଦ୍ରଶେଖର ବେହେରା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। କୃତି ଛାତ୍ର ଛାତ୍ରୀ ଓ ସାମ୍ବାଦିକ ମାନଙ୍କୁ ମନ୍ତ୍ରୀ ସମ୍ମାନିତ କରିଥିଲେ।କାର୍ଯ୍ୟକ୍ରମ କୁ ବରିଷ୍ଠ ଶିକ୍ଷକ କପିଳେଶ୍ୱର ସ୍ୱାଇଁ ଓ ଶିଶିର କୁମାର ପାଢ଼ୀ ପରିଚାଳନା କରିଥିଲେ।

# ଆଦିବାସୀଙ୍କ ପରମ୍ପରା ପୋଡ଼ମରା ପର୍ବ ପାଳିତ

### ଢ଼ାପ ଓ ସଳପ ନିଶାନରେ ଦୁଲୁକି ଉଠୁଥିଲା ଗାଁ



**ଲାଞ୍ଜିଗଡ଼,୧୪।୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଲଞ୍ଜିଗଡ଼ ବ୍ଲକ ବେଡ଼ାଗାଁ ପଞ୍ଚାୟତ ଅନ୍ତର୍ଗତ ଟାମୁକରୁଞ୍ଜା ଗ୍ରାମରେ ମହା ଆଡମ୍ବର ସହ ପାଳିତ ହୋଇଯାଇଛି ଆଦିବାସୀଙ୍କ ପରମ୍ପରା ପର୍ବ ପୋଡ଼ମରା ପର୍ବ।ସୂଚନା ପ୍ରକାଶଯେ' ପ୍ରତ୍ୟୋକ ତିନି ରୁ ପାଞ୍ଚ ବର୍ଷରେ ଥରେ ଏଭଳି ପର୍ବ ପାଳନ କରିଥାଆନ୍ତି।ଏହି ନିୟମକୁ ଆଦିବାସୀ ମାନେ କାଳ କାଳ ଧରି ଏବେଯାଏଁ ପାଳନ କରି ଆସୁଥିବାବେଳେ ଆଦିବାସୀଙ୍କ ବିଶ୍ୱାସ ରହିଛି ଯେ' ଗ୍ରାମର ଧରଣୀ ମାଁ ମାଟିକୁ ସନ୍ତୁଷ୍ଟ କରିବା ନିମନ୍ତେ ଏହି ପୂଜାକୁ ତାଙ୍କର ମୁଖ୍ୟ ପର୍ବ ରୂପେ ପାଳନ କରାଯାଇଥାଏ ବୋଲି କୁହାଯାଏ। ଉକ୍ତ ପୋଡ଼ମରା ପର୍ବରେ ଅନେକ ଦେବାଦେବୀଙ୍କୁ ଏବଂ ଧରଣୀ ପେନୁ ଦେବତାଙ୍କୁ ପୂଜା ପାଠ କରିଥାଆନ୍ତି ଏବଂ ଏପରିକି ତାଙ୍କର ପରମ୍ପରା ଅନୁଯାୟୀ ଧରଣୀ ପେନୁକୁ ପୂଜାପାଠ କରି ପୋଡ଼ ବଳି ଦେବା ପୂର୍ବରୁ ଧରଣୀ ଗୁଡ଼ିରେ ଦୀର୍ଘ ସାତ ଦିନ ବ୍ୟାପି ସଳପ ନିଶାନ ଓ ଢାପ ବାଜା ବଜାଇ ନାଚି ଡେଗୀ ଉତ୍ସବ ମୁଖର କରି ଥାଆନ୍ତି ଗାଁଲୋକେ। ଏହାପରେ ଶେଷ ଦିନରେ ରାତି ତମାମ ପୂଜା ପାଠ କରାଯିବା ପରେ ଭୋର ସକାଳୁ ପୋଡ଼ ବଳି ଦିଆଯାଇଥାଏ।ଏପରି କରିବା ଦ୍ୱାରା ଗ୍ରାମର ସିଦ୍ଧି ହେବା ସହ ଜୀବନ ସୁରକ୍ଷା ଓ ଅନେକ କାର୍ଯ୍ୟ ସଫଳ ହୋଇଥାଏ ଏବଂ ଧରଣୀପେନୁ (ଦେବତା)ଆମର ଜୀବନ ଉତ୍ସର୍ଗ କରିଥାଏ ଓ ସେହି ପରମ୍ପରାକୁ ବଞ୍ଚେଇ ରଖିବା ପାଇଁ ଧରଣୀ ମାତାକୁ ଆଦିବାସୀ ବା କନ୍ଧ ସମ୍ପ୍ରଦାୟ ଲୋକଙ୍କର ସର୍ବଶ୍ରେଷ୍ଠ ଦେବତା ରୂପେ ପାଳନ କରାଯାଇଥାଏ।ଉକ୍ତ କାର୍ଯ୍ୟକ୍ରମରେ ପରମ୍ପରା ଅନୁଯାୟୀ ଗ୍ରାମର ସମସ୍ତ ନୁଆଁ ଜ୍ୱାଇଁ ମାନଙ୍କୁ ଖଟରେ ବସାଇ ଧରଣୀ ଚାରିଆଡୁ ବୁଲାଯାଇଥିଲା। ଏଥିରେ ଯାନୀ ଲଥର ମାଝୀ, ଡୋଲା ମାଝୀ, ମଣି ମାଝୀ, ରାଣା ମାଝୀ, ପୁଙ୍ଗାରା ମାଝୀ ପୂଜାର୍ଚ୍ଚନା କାର୍ଯ୍ୟ ତୁଲାଇଥିବାବେଳେ ଏଥିରେ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ସାନ ମାଝୀ, ସମାଜ ସେବୀ କିଶୋର ଚନ୍ଦ୍ର ହରପାଲ, ରମେଶ ମାଝୀ, ଗୋକୁଳ ବେହେରା, ୱାର୍ଡ଼ ସଭ୍ୟ ଫୁଲସର ହରିଜନ ପ୍ରମୁଖ ଉପସ୍ଥିତ ରହିଥିଲେ।ଏଥିରେ ଟାମକୁରୁଞ୍ଜା ଗ୍ରାମର ସମସ୍ତ ଯୁବକ ଯୁବତୀ ପ୍ରମୁଖ ବିଶେଷ ସହଯୋଗ କରିଥିଲେ।

## ରାଇକିଆରେ ବିଜେପିର ମିଶ୍ରଣ ପର୍ବ



**କନ୍ଧମାଳ,୧୪।୧(ସଂଚାର ବ୍ୟୁରୋ):** ଜିଲ୍ଲା ରାଇକିଆ ବ୍ଲକ୍ ରେ ବିଜେପି ର ମିଶ୍ରଣ ପର୍ବ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଏହି ମିଶ୍ରଣ ପର୍ବ ରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଜିଲ୍ଲା ସଭାପତି ପଣ୍ଡିତ ବିଶି ମାଝୀ, ରାଇକିଆ ସାଂସଦ ପ୍ରତିନିଧି ସନ୍ତୋଷ ଲେଙ୍କା, ଉପସ୍ଥିତ ଥିଲେ। ଏହି ମିଶ୍ରଣ ପର୍ବ ରେ ରାଇକିଆ ବ୍ଲକ ଅଧକ୍ଷା ରିନା ପ୍ରଧାନ, ରାଇକିଆ ଗ୍ରାମ ପଞ୍ଚାୟତର ସରପଞ୍ଚ ଗିତାଞ୍ଜଳି ନାୟକ, ସୁଗ୍ରବାଡ଼ି ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ଜାକୁବ୍ ସାହୁ, ପ୍ରମୋଦ ପାଢ଼ୀ, ଟୁକୁନା ପାଣିଗ୍ରାହୀ, ବିଜୁଜନତା ଦଳ ର ଜିଲ୍ଲା ଉପସଭାପତି ଲକ୍ଷ୍ମୀ ପାଢ଼ୀ, ରାଇକିଆ ବ୍ଲକ୍ ସଭାପତି ରାଜମହନ ଦିଗାଲ, ସୁଗ୍ରବାଡ଼ି ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ସତ୍ୟନାଥ ପ୍ରଧାନ ଏବଂ ବେଡେଗୋଡ଼ିଆ ଗ୍ରାମ ପଞ୍ଚାୟତର ଯୁବ ନେତା ବିଟୁ ଦିଗାଲ ଏହି ମାନଙ୍କ ସହ ପୂର୍ବ ତନ ସରପଞ୍ଚ ପୂର୍ବ ତନ ସମିତି ସଭ୍ୟ ତଥା ସହ ବରିଷ୍ଠ ନେତା ତଥା ଜନସାଧାରଣ ମୁଖ୍ୟମନ୍ତ୍ରୀ ମହନ ଚରଣ ମାଝି ଙ୍କ ନେତୃତ୍ବ ଭଲପାଇ ଭାରତୀୟ ଜନତା ପାର୍ଟିରେ ସାମିଲ୍ ହେଇଥିବା ଦେଖିବାକୁ ମିଳିଛି। ଶେଷରେ ମିଶ୍ରଣ କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିବା ସମସ୍ତ ଙ୍କୁ ରାଇକିଆ ମଣ୍ଡଳ ଉପସଭାପତି ସନ୍ତୋଷ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ଉତ୍ସବରେ ଛାତ୍ରଙ୍କ କୃତିତ୍ୱ



**ବାଲିକୁଦା,୧୪।୧(ସଂଚାର ବ୍ୟୁରୋ):** ଜିଲ୍ଲା ଜଳ ସମ୍ପଦ ବିଭାଗ ଆନୁକୂଲ୍ୟରେ ପାରାଦୀପ ଠାରେ ପାଣି ପଞ୍ଚାୟତ ପକ୍ଷ ପାଳନ ୨୦୨୫-୨୬ ଅବସରରେ ବାଲିକୁଦା ବ୍ଲକର ଦଧିବାମନ ଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟ (ଗରାମ) ଅଷ୍ଟମ ଶ୍ରେଣୀ ର ଛାତ୍ର ସାଇ ସୁମନ ରାଉତ ଜିଲ୍ଲା ସ୍ତରରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର ହାସଲ କରି ପୁରସ୍କୃତ ହୋଇଛନ୍ତି। ଏହା ସହିତ ଅଷ୍ଟମ ଶ୍ରେଣୀର ଛାତ୍ର ସୌରଭ ନାୟକ ଜଣା ଅଜଣା ପ୍ରତିଯୋଗିତାରେ ବ୍ଲକ ସ୍ତରରେ ତୃତୀୟ ସ୍ଥାନ ଅଧିକାର ହାସଲ କରି ମଧ ପୁରସ୍କୃତ ହୋଇ ଛନ୍ତି। ଛାତ୍ରଛାତ୍ରୀମାନଙ୍କ ଏହି ସଫଳତାରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପ୍ରଳୟ ରଞ୍ଜନ ଭୂୟାଁ ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଛାତ୍ର ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।

**କୁହୁଡି ଚାଦରରେ ଓଠରେ ଲାଗେ ଉଷୁମ ଚା 'ର ଛୁଆଁ**

# ଶୀତର ଶାନ୍ତି ସହ ହାଲିଆ ଦେହର ବୁଷ୍ଟର ଡୋଜ



**କାକଟପୁର /ଅସ୍ତରଙ୍ଗ,୧୪।୧ (ସଂଚାର ବ୍ୟୁରୋ):** ଶୀତ ଯେତିକି ବଢୁଛି ଚା 'କେଟିଲ ପାଖରେ ସେତିକି ଭିଡ଼ ଜମୁଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳ ଯେଉଁଠି ଦିନରୁ ରାତି ଚା 'କେଟିଲ ଥଣ୍ଡା ହୁଏନି। ହାଡ଼ ଭୁଣ୍ଡେଇ ଦେଉଥିବା ଥଣ୍ଡାରେ ଚା 'କୁ ଚକ ଡକ କରି ପିଇ ଯାଉଛି ଲୋକେ। ଶୀତର ସ୍ପେଶ ପିନ୍ଧିଥିବା ଗାଁ, କୁହୁଡ଼ିର କମ୍ବଳ ଢାଙ୍କି ହୋଇଥିବା ଗାଁ ବି ଶୀତର ଶାନ୍ତି ଭିତରେ ଶାନ୍ତି ଖୋଜିବାକୁ ଚା 'ସକାଳେ। ସୂର୍ଯ୍ୟର କଅଁଳିଆ କିରଣ ଦେଖାଯାଉ କି ନଯାଉ କମ୍ବଳ ଭିତରୁ ବାହାରି ଆସି ଚା 'ଦୋକାନ ରେ ଭିଡ଼ ଜମାନ୍ତି ଅସ୍ତରଙ୍ଗ ବ୍ଲକ ଅଞ୍ଚଳବାସୀ। ଭେରାଇଟି ଚା 'ପିଇ ଶୀତକୁ ନିଜ ନିଜ ଷ୍ଟାଇଲ ରେ ଉପଭୋଗ କରନ୍ତି ଅସ୍ତରଙ୍ଗ ବାସୀ। ଅସ୍ତରଙ୍ଗ ବ୍ଲକ ଅଞ୍ଚଳବାସୀ ସକାଳ ହେଉ କି ସଞ୍ଜ ଓଠ ଯେବେ ଉଷୁମ ଚା ଖୋଜେ ଫୁଟନ୍ତା ଚା 'କେଟିଲ ପାଖରେ ଚା 'ପ୍ରେମୀ ଙ୍କ ଭିଡ଼। ଚା 'ଓଠର ଶୋଷ ନାଁ ହୃଦୟର ଅବଶୋଷ। କପେ ଚା 'ରେ ପୂର୍ତ୍ତି ହୋଇଯାଏ ମନ, ଅବସାଦ ଧୂଆଁ ହୋଇଯାଏ ଘନ ଘନ। କର୍ମ କ୍ଲାନ୍ତ ଜୀବନରେ କପେ ଚା 'ଆଣେ ତାଜା ପଣ। ସକାଳୁ ନିଦରୁ ଉଠି ହେଉ ବା ସନ୍ଧ୍ୟା ଗଡ଼ିବା କ୍ଷଣି ଚା 'ଟିକେ ପାଟିରେ ବାଜିଲେ ପ୍ରସନ୍ନତାର ଆହାଃ.. ପଦେ ବାହାରି ପଡେ। ଚା 'କପର ଆଖି ଠାରରେ ପୁଣି ଅଟକିଯାଏ ଜୀବନ ବ୍ରେକ ମାରେ ବହୁ ବ୍ୟସ୍ତତା। ଡଟକା ଡସଲାରେ କ୍ଷୀର ଓ ଚିନିର ଚୋରା ପୀରତି ଖେଳା ଯେବେ ଚେମକ ଫୁଟେ, କାଚ ଗ୍ଲାସ ହେଉ କି କାଗଜ ଗ୍ଲାସ ରେ ଢାଳି ହୋଇଯାଏ ସେବେ ପ୍ରତି କପରେ ଲେଖା ହୁଏ ନିଜକୁ ସିଜେଇ ଅନ୍ୟକୁ ସୁଖ ଦେବାର କବିତା। ନିଜକୁ ପୋଡି ଅନ୍ୟକୁ ପ୍ରୀତି ବାଣ୍ଟିବାର ଗପ। ବନ୍ଧୁ ଙ୍କ ମେଳରେ ଚା 'ଖଟି ମନକୁ ହାଲୁକା କରିଦିଏ।

## ମକର ସଂକ୍ରାନ୍ତିରେ ବିରାଟ ହିନ୍ଦୁ ସମ୍ମିଳନୀ



**ତାଳଚେର,୧୪।୧(ସଂଚାର ବ୍ୟୁରୋ):** ପବିତ୍ର ମକର ସଂକ୍ରାନ୍ତି ରେ ତାଳଚେର ନଗରପାଳିକାର ଚିତ୍ରକୁଟ ମନ୍ଦିର ପରିସରରେ ବିରାଟ ହିନ୍ଦୁ ସମ୍ମିଳନୀ ହୋଇଯାଇଛି। ଏହି ହିନ୍ଦୁ ସମ୍ମିଳନୀରେ ଅନେକ ଆଧାତ୍ମିକ ସଂଗଠନ ଓ ମଠ ମନ୍ଦିର ର ସାଧୁ ସନ୍ଥ ଉପସ୍ଥିତ ରହି ଥିଲେ। ସେଥିମଧରୁ,(ଗାୟତ୍ରୀ ପରିବାର)ରୁ ସ୍ୱାଧୀ ଗାୟତ୍ରୀ ପଣ୍ଡା ଓ ଶ୍ରୀ ସରୋଜ ଶତପଥୀ, (ଆର୍ଯ୍ୟ ସମାଜ) ର ଶ୍ରୀ ହରେଶ ଚନ୍ଦ୍ର ସାହୁ,(ସ୍ତର ସଙ୍ଗ ବିହାର)ରୁ ଶ୍ରୀ ପିତାମ୍ବର ବେହେରା,(ଦିବ୍ୟ ଜୀବନ ସଂଘରୁ)ଶ୍ରୀ ଦୁଃଶାସନ ସାହୁ,(ନିତ୍ୟାନନ୍ଦ ଆଶ୍ରମ) ରୁ ବାବା ଆନନ୍ଦ ଗୋପାଳ ଦାସ ଉପସ୍ଥିତ ଥିଲେ। ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଅନୁଗୋଳ ଜିଲ୍ଲା ର ଜିଲ୍ଲା କାର୍ଯ୍ୟବାହ ଶ୍ରୀ ଅନୀଲ କୁମାର ମହାନ୍ତି ହିନ୍ଦୁତ୍ୱ ଓ ଆଜିର ଆହ୍ୱାନ ବିଷୟରେ ଆଲୋଚନା କରିଥିଲେ। ହିନ୍ଦୁ ସମ୍ମିଳନୀ ର ସଂଯୋଜକ ଶ୍ରୀ ରଞ୍ଜିତ ମହାପାତ୍ର ମଞ୍ଚାସୀନ କାର୍ଯ୍ୟକର୍ତ୍ତାଙ୍କର ପରିଚୟ କରାଇଥିଲେ। କାର୍ଯ୍ୟକ୍ରମର ସହସଂଯୋଜକ ଶ୍ରୀ ପର୍ଶୁରାମ ବାରିକ୍ ପୂର୍ଣ୍ଣ ସମୟ ରହି ସମ୍ମିଳନୀ ର ବ୍ୟବସ୍ଥା ଦେଖି ଥିଲେ।

## ମକର ସଂକ୍ରାନ୍ତିରେ ରକ୍ତଦାନ ଶିବିର

**ଭେଡେନ,୧୪।୧(ସଂଚାର ବ୍ୟୁରୋ):** ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ଭେଡେନ ବ୍ଲକ ପୁଡାପାଲି ଗ୍ରାମରେ ମାଁ ମାହେଶ୍ୱରୀ ସେନା ଓ ପୁଡାପାଲି ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସର୍ବ ପ୍ରଥମେ ଶ୍ରୀ ନୃସିଂହ ମହାପ୍ରଭୁ ଓ ମାଁ ମାହେଶ୍ୱରୀଙ୍କର ପୂଜାର୍ଚ୍ଚନା କରାଯାଇଥିଲା। ଏହି ଶିବିରକୁ ଲୁହାଖଣ୍ଡି ଗ୍ରାମପଞ୍ଚାୟତର ସରପଞ୍ଚ ଶ୍ରୀମତୀ ମୀରା ମହାକୁର ଓ ସମାଜସେବୀ ଶ୍ରୀଯୁକ୍ତ ଅଶୋକ ପ୍ରଧାନ ଫିତାକାଟି ଶୁଭାରମ୍ଭ କରିଥିଲେ। ଜଣେ ମହିଳା ଓ ୩୦ ଜଣ ପୁରୁଷଙ୍କ ସମେତ ସର୍ବମୋଟ ୩୧ ୟୁନିଟ ରକ୍ତ ବୁର୍ଲା ରକ୍ତ ଭଣ୍ଡାରର କାଉନସେଲର ଦେବାଶିଷ ମିଶ୍ର, ଟେକନିସିଏନ ଓ କର୍ମଚାରୀମାନଙ୍କର ଦ୍ୱାରା ସଂଗୃହିତ ହୋଇଥିଲା। ଏହି ଶିବିରରେ ମାଁ ମାହେଶ୍ୱରୀ ସେନାର ସମସ୍ତ ସଦସ୍ୟ ଓ ପୁଡାପାଲି ଗ୍ରାମବାସୀ ଉପସ୍ଥିତ ରହି ରକ୍ତଦାତା ମାନଂକୁ ଉତ୍ସାହିତ କରିବା ସହ ସାହାଯ୍ୟ ସହଯୋଗ କରିଥିଲେ।



**କଟନୀ ଛଟ୍‌ନୀକୁ ବିରୋଧ**

## ଜିଲ୍ଲାପାଳ କାର୍ଯ୍ୟାଳୟ ଘେରିଲା ନବନିର୍ମାଣ କୃଷକ ସଂଗଠନ



**ନୟାଗଡ଼,୧୪।୧(ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲାରେ ଧାନର ଅଭାବୀ ବିକ୍ରି ଦେଖାଦେଇଥିବା ବେଳେ କଟନୀ ଛଟନୀ ଓ ଚାଷୀଙ୍କୁ କ୍ୱିଣ୍ଟାଲ ପିଛା କମ୍ ଟାର୍ଗେଟ ଦିଆଯାଉଥିବା ବେଳେ ଏହା ପ୍ରତିବାଦରେ ଆଜି ସ୍ଥାନୀୟ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି ନବନିର୍ମାଣ କୃଷକ ସଂଗଠନ। ଚାଷୀମାନେ ହାତୀଆଶାଳ ମଠରୁ ଏକ ବାଇକ ଶୋଭାଯାତ୍ରା ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକୀପତ୍ର ଦେବା ସହ ମଣ୍ଡି ପୂଜା ହେବାର ୧୫ ଦିନ ପରେ ବି ଧାନ ନ ଉଠିବା ଲଜ୍ଜାଜନକ ବିଷୟ ବୋଲି ସେମାନେ କହିଥିଲେ। ଧାନ ଉଠାଇବା ପ୍ରକ୍ରିୟା ଆରମ୍ଭ କରିଥିବା ମିଲରମାନେ କ୍ୱିଣ୍ଟାଲ ପିଛା ସାଢ଼େ ୭ କେଜି ଧାନ କାଟୁଛନ୍ତି ବୋଲି ଚାଷୀମାନେ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଅବସରରେ ଉପଜିଲ୍ଲାପାଳ ଆନ୍ଦୋଳନ କରିଥିବା ଚାଷୀମାନଙ୍କ ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ କହିଥିଲେ। ଉକ୍ତ ସ୍ମାରକପତ୍ରରେ ଯେଉଁସବୁ ମିଲର୍ ଧାନ କିଣିବା ସମୟରେ ଦର ନେଇ ଜିଦ୍ କରନ୍ତି, ତା'ହେଲେ ସେମାନଙ୍କୁ ଧାନ କିଣିବା ପ୍ରକ୍ରିୟାରୁ ବାଦ୍ ଦେବା ସହ ବ୍ଲାକ୍‌ଲିଷ୍ଟ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରାଯିବ ବୋଲି ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଥିଲେ। ଜିଲ୍ଲା ସଂଯୋଜକ ପ୍ରସନ୍ନ ପ୍ରଧାନଙ୍କ ଆବାହ୍ୱତରେ ଆଜିର ସାଙ୍ଗଠନିକ ବୈଠକ ଓ ବିକ୍ଷୋଭ ଅନୁଷ୍ଠିତ ହୋଇଥିବା ବେଳେ ବରିଷ୍ଠ ନେତା ମହେଶ୍ୱର ଜେନା ପ୍ରତି ମଣ୍ଡିରୁ ଚାଷୀଙ୍କୁ ଡାକି ଏହି ମିଲର ଶୋଷଣ ବିରୁଦ୍ଧରେ ଲଢ଼େଇ ଜାରି ରହିବ ବୋଲି କହିଥିଲେ।

## ପାରାଦୀପ କଲେଜ ପାଖରେ ଦୁର୍ଘଟଣା, ଜଣେ ମୃତ୍ୟୁ, ଜଣେ ଗୁରୁତର

**ପାରାଦୀପ,୧୪।୧(ସଂଚାର ବ୍ୟୁରୋ):** ଆଜି ପାରାଦୀପ କଲେଜ ସାମ୍ନା ହମ୍ପସ ପାଖରେ ବିଳମ୍ବିତ ରାତ୍ରିରେ ଦୁର୍ଘଟଣା ଘଟି ଜଣେ ଲୁନା ଚାଳକଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ଜଣଙ୍କ ହେଲେ ସଣ୍ଢକୁଦ ବସ୍ତିର ଅଜୟ କରଣ। ପ୍ରାୟ ରାତ୍ରି ୧୦ ଟା ସମୟରେ ଓଡ-୦୨-ଈଗ ୦୯୩୩ ଏମଜୀ କାରଟି ସମୁଦ୍ର କୂଳ ଆଡୁ ଅତ୍ୟଧିକ ସ୍ପିଡରେ ଆସି କଲେଜ ପାଖରେ ଥିବା ହମ୍ପସ ପାଖରେ ଭାରସାମ୍ୟ ହରାଇ ସାମ୍ନାରୁ ଆସୁଥିବା ଓଡ-୨୧-ଏ-୦୯୧୨ ଲୁନାକୁ ଧକ୍କା ଦେଇ ନିଜେ ଓଲଟି ପଡ଼ିଥିଲା। ଫଳରେ ଘଟଣା ସ୍ଥଳରେ ଲୁନା ଚାଳକଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। କାର ଚାଳକ ଗୁରୁତର ଭାବେ ଆହତ ହୋଇଥିବା ବେଳେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି।

# କୋକସରାକୁ ବିଧାନସଭା ନିର୍ବାଚନ ମଣ୍ଡଳୀ ଘୋଷଣା କରାକୁ ଦାବି

**କଳାହାଣ୍ଡି,୧୪।୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଲୋକସଭା ନିର୍ବାଚନ ମଣ୍ଡଳୀର ସର୍ବପୁରାତନ ବିଧାନସଭାକ୍ଷେତ୍ର ଥିଲା କୋକସରା।ତେବେ ୨୦୦୯ ମସିହାରେ ଏହାକୁ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀରେ ବିଲୀନ କରି ଦିଆଗଲା। ବର୍ତ୍ତମାନ ରାଜ୍ୟରେ ବିଧାନସଭା ଓ ଲୋକସଭା ଆସନର ସୀମା ପୁନଃ ନିର୍ଦ୍ଧାରଣ ପରେ ବିଧାନସଭା ଆସନ ସଂଖ୍ୟା ପ୍ରାୟ ୨୦୦ କୁ ବୃଦ୍ଧି ପାଇବା ନେଇ ଖବର ପ୍ରକାଶ ପାଇବା ପରେ କୋକସରା ବିଧାନସଭା ନିର୍ବାଚନମଣ୍ଡଳୀ ଗଠନ ନେଇ ଆଶା ଉଜ୍ଜୀବିତ ହୋଇଛି। ପ୍ରକାଶ ଯେ, ୧୯୫୬ ମସିହାରେ କୋକସରା ବିଧାନସଭା ନିର୍ବାଚନମଣ୍ଡଳୀ ଗଠନ ହୋଇଥିଲା ଏଥିରେ କୋକସରା ବ୍ଲକ ସମେତ ଧର୍ମଗଡ଼ ବ୍ଲକ୍‌ର ଦଣ୍ଡପାଟ ଅଞ୍ଚଳ ଓ ଜୁନାଗଡ଼ ବ୍ଲକର ଚାରବାହାଲ ଅଞ୍ଚଳ, ଥୁଆମୂଳ ରାମପୁରର କିଛି ଅଞ୍ଚଳ ଏବଂ ଜୟପାଟଣା ବ୍ଲକ୍ ରହିଥିଲା। ଏହି ନିର୍ବାଚନ ମଣ୍ଡଳୀରେ ୧୨ ଥରେ ନିର୍ବାଚନ ଓ ୧୯୭୧ ମସିହାରେ ଥରେ ଉପନିର୍ବାଚନ ହୋଇଥିଲା। ୨୦୦୯ ମସିହାରେ ସୀମା ପୁନଃଗଠନ ହେତୁ ହଠାତ୍ ଉଚ୍ଛେଦ୍ କରି ଏହାକୁ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀରେ କରି ଦିଆଗଲା। ନିର୍ବାଚନମଣ୍ଡଳୀର ପ୍ରଥମ ବିଧାୟକ ଭାବେ କିଶୋର ଚନ୍ଦ୍ର ସିଂହଦେଓ ଓ ଶେଷ ବିଧାୟକ ଭାବେ ପୁଷ୍ପେନ୍ଦ୍ର ସିଂହଦେଓ ନିର୍ବାଚିତ ହୋଇଥିଲେ।

## ୫ କେଜି ଗଂଜେଇ ଜବତ, ଜଣେ ଗିରଫ



**ଯାଜପୁର ରୋଡ଼,୧୪।୧(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ସୁକିନ୍ଦା ଅବକାରୀ ବିଭାଗ ଓ ଡୋଲୀପୁର ଅବକାରୀ ଦଳର ମିଳିତ ସହଯୋଗରେ କଳିଙ୍ଗନଗର ଥାନା ଅନ୍ତର୍ଗତ ବାଘୁଆପାଳ ରେଲୱେ ଓଭର ବ୍ରିଜ ନିକଟରୁ ପାଂଚ କେଜି ଗଂଜେଇ ଜବତ କରାଯିବା ସହ ଅଭିଯୁକ୍ତ ଦାନଗଦି ଶାଳିଜଙ୍ଗା ଅଞ୍ଚଳ ବଙ୍ଗାଳି ମହନ୍ତଙ୍କ ପୁଅ ଯୋଗେନ୍ଦ୍ର ମହନ୍ତଙ୍କୁ ଗିରଫ କରାଯାଇଛି। କେଶ ନଂ୨୦୧/୨୫/୨୬ ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଡୋଲିପୁର ଅବକାରୀ ବିଭାଗର ଭାରପ୍ରାପ୍ତ ଅଧିକାରୀ ଶ୍ରୀ ରାମେଶ୍ୱର ମହାନ୍ତି ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ ରେଞ୍ଜ ଅଫିସର ସସ୍ମିତା ହୋତା, ଦେବକାନ୍ତ ଆଚାର୍ଯ୍ୟ, ରଶ୍ମିରେଖା ଜେନା, ଶିଶିର ପ୍ରଧାନ, ଚଗଲା ମଲିକ ପ୍ରମୁଖ ସାମିଲ ହୋଇଥିଲେ। ତେବେ ଡୋଲିପୁର ଅବକାରୀ ବିଭାଗର ଭାରପ୍ରାପ୍ତ ଅଧିକାରୀ ଶ୍ରୀ ମହାନ୍ତିଙ୍କର ଏଭଳି ଗୋଟେ ପରେ ଗୋଟେ ସଫଳତା ଅର୍ଜନକୁ ନେଇ ଅଚଳରେ ସାଧାରଣରେ ବିଭିନ୍ନ ସ୍ଥାନରେ ପ୍ରଶଂସା ଚାଲିଥିବା କଥା ଶୁଣିବାକୁ ମିଳୁଛି।

## ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

**ନୟାଗଡ଼,୧୪।୧(ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରସ୍ତୁତି ବୈଠକରେ ଆରକ୍ଷୀ ଅଧିକ୍ଷକ ଏସ୍ ସୁଶ୍ରୀ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ରୋଜିନା ଦାଶ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପୁଷ୍ପା ନିଳିମା ଲାକ୍ରା, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ। ପ୍ରତିବର୍ଷ ଭଳି ଚଳିତ ବର୍ଷ ପିଟିଏସ୍ ପଡ଼ିଆରେ ପତାକା ଉତ୍ତୋଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହା ସହିତ ରୋଟାରୀ କ୍ଲବ ଦ୍ୱାରା ରକ୍ତଦାନ ଶିବିର ଆୟୋଜନ, ସ୍ୱାଧିନତା ସଂଗ୍ରାମୀଙ୍କୁ ସମ୍ବର୍ଦ୍ଧନା, ଡାକ୍ତରଖାନା ଓ ଜେଲରେ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯିବାକୁ ନିଷ୍ପତ୍ତି ହୋଇଛି। ପ୍ୟାରେଡ୍ ପାଇଁ ଆଗୁଆ ପ୍ରଶିକ୍ଷଣକୁ ଗୁରୁତ୍ୱ ଦିଆଯାଇଛି। ନୟାଗଡ଼ ରିଜର୍ଭ ଇନ୍ସପେକ୍ଟରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି। ଚଳିତ ବର୍ଷ ବିଭିନ୍ନ ବିଭାଗରୁ ପ୍ରଜ୍ଞାପନ ମେଢ଼ା ପ୍ୟାରେଡ୍‌ରେ ସାମିଲ କରିବାକୁ ଜିଲ୍ଲାପାଳ ଗୁରୁତ୍ୱ ଦେଇଛନ୍ତି। ପ୍ରଜ୍ଞାପନ ମେଢ଼ ସହିତ ପୁଲିସ ବିଭାଗର ବ୍ୟାଣ୍ଡ ପାର୍ଟିଂ ସାମିଲ ହୋଇ ସହର ପରିକ୍ରମା କରିବାକୁ ନିଷ୍ପତ୍ତି ନିଆଯାଇଛି। ସାଧାରଣତନ୍ତ୍ର ଦିବସକୁ ଆକର୍ଷଣୀୟ କରିବାକୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଛି। ଏହା ସହିତ ପୁଲିସ ବିଭାଗରେ ଭଲ କାର୍ଯ୍ୟ କରିଥିବା ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଦିଆଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ମେଡାଲ ଓ ସମ୍ବର୍ଦ୍ଧନା ସାମଗ୍ରୀ ରୋଟାରୀ କ୍ଲବ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ରୋଟାରୀଆନ୍ ଶ୍ରୀକାନ୍ତ ଖଟେଇ ପ୍ରସ୍ତାବ ଦେଇଛନ୍ତି। ସାଧାରଣତନ୍ତ୍ର ଦିବସ ଅବସରରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ଏହି ବୈଠକରେ ବୁଦ୍ଧିଜୀବୀ, ସାମ୍ବାଦିକ ଏବଂ ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ରହିଥିଲେ।

## ଓରିଏଣ୍ଟ୍ କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ଭୀମରାଜପୁର ଚମ୍ପିୟାନ୍



**ସାଲେପୁର,୧୪।୧(ସଂଚାର ବ୍ୟୁରୋ):** ସାଲେପୁର ବ୍ଲକ ଅନ୍ତର୍ଗତ ଭୀମଦାସପୁର ପଟୁଆ ହାଟ ପଡ଼ିଆରେ ଓରିଏଣ୍ଟ୍ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଫାଇନାଲ ମ୍ୟାଚ୍ ଫ୍ରେଣ୍ଡ୍‌ସ କ୍ରିକେଟ୍ କ୍ଲବ୍ କଟକ ଓ ୟୁନାଇଟେଡ୍ ବିରୂପା କ୍ଲବ୍ ଭୀମରାଜପୁର ମଧ୍ୟରେ ୨୦ଓଭର ବିଶିଷ୍ଟ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ୟୁନାଇଟେଡ୍ ଟସ୍ ଜିତିବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ଓଭରରେ ୯ଟି ୱିକେଟ୍ ବିନିମୟରେ ୨୧୬ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଫ୍ରେଣ୍ଡ୍‌ସ କ୍ରିକେଟ୍ କ୍ଲବ୍ ୧୬ଓଭର ୫ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୪୨ରନ୍ ସଂଗ୍ରହ କରିଥିଲା। ବିଜେତା ୟୁନାଇଟେଡ୍ କ୍ଲବ୍ ଭୀମରାଜପୁର ଟିମ୍‌କୁ ୧୦ହଜାର ଅର୍ଥରାଶି ସହ ଟ୍ରଫି ଏବଂ ରନର୍ସଅପ୍ ଫ୍ରେଣ୍ଡ୍‌ସ କ୍ରିକେଟ୍ କ୍ଲବ୍ କଟକକୁ ନଗଦ ୮ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା।

## ସ୍ତ୍ରୀକୁ କାଚ ବୋତଲରେ ଭୁଷି ହତ୍ୟା ଉଦ୍ୟମ

**ନାଉଗାଁ,୧୪।୧(ସଂଚାର ବ୍ୟୁରୋ):** ନାଉଗାଁ ଥାନା ଅନ୍ତର୍ଗତ ଡାବର ଗ୍ରାମର ଜଣେ ମହିଳାକୁ ତାଙ୍କ ସ୍ୱାମୀ କାଚ ବୋତଲ ଭାଙ୍ଗି ମାରିଦେବାକୁ ଉଦ୍ୟମ କରିଥିବା ମହିଳା ଜଣଙ୍କ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକାରୀ କଲ୍ୟାଣୀ ଫାରକଙ୍କଅଭିଯୋଗ ମୁତାବକ ସେ ୩ବର୍ଷ ତଳେ ଭଲ ପାଇ ଉକ୍ତ ଗରାମରବିନୋଦ ଜେନାଙ୍କୁ ପ୍ରେମ ବିବାହ କରିଥିଲେ। କିଛି ଦିନ ଭଲରେ ରହିବା ପରେ ବିନୋଦ ତାଙ୍କୁ ଶାରୀରିକ ଓ ମାନସିକ ଯନ୍ତ୍ରଣା ଦେଇଥିଲେ। ଗତ ୨୩ ସେପ୍ଟେମ୍ବର ୨୦୨୪ରେ ପଞ୍ଚାୟତବାସୀଙ୍କ ତରଫରୁ ଏକ ବିଚ୍ଛେଦ ପତ୍ର କରାଯାଇଥିଲା। ସେହି ବିଚ୍ଛେଦ ପତ୍ରକୁ ଭିତ୍ତି କରି ମାନ୍ୟବର ମହିଳା ଅଦାଲତ ପରେ ମାମଲା ରୁଜୁ କରାଯାଇଛି। ସେହି ଦିନ ଠାରୁ ମୁଁ ମୋ ବାପଘରେ ରହିଆସୁ ଅଛି। ଆଜି ମୁଁ ବାପଘରେ ଶୋଇଥିବା ସମୟରେ ମୋ ସ୍ୱାମୀ ବିନୋଦ ଅପରାହ୍ଣ ରେ ମୋ ଘରେ ପହଞ୍ଚି ଏକ କାଚ ବୋତଲ ମୋ ପିଠରେ ଭୂଷି ଦେଇଥିଲା। ପରେ ମୋ ପାଟିରେ ଏକ ଗାମୁଛା ଭର୍ତ୍ତି କରିଦେଇଥିଲେ। ମୋ ପିଠିରୁ ପ୍ରବଳ ରକ୍ତସ୍ରାବ ହେବାରୁ ମୋ ସାନ ଭଉଣୀ ମୋତେ ଉଦ୍ଧାର କରିବା ସମୟରେ ତାକୁ ମାରିବା ସହିତ ମୋ ପରିବାରକୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲା।

## ଦ୍ୱୀପାଞ୍ଚଳରେ ଲକ୍ଷ୍ମୀବସ୍ ସେବା ବାଧାପ୍ରାପ୍ତ

**ସାଲେପୁର,୧୪।୧(ସଂଚାର ବ୍ୟୁରୋ):** ସାଲେପୁର ବ୍ଲକର ଦ୍ୱୀପାଞ୍ଚଳରେ ଥିବା ସୁଦ୍ଧଖଣ୍ଡ ପଞ୍ଚାୟତକୁ ଦ୍ୱୀପାଞ୍ଚଳର ୪ଗୋଟି ପଞ୍ଚାୟତ ଅତିକ୍ରମ କରି ସାଲେପୁରଠାରେ ପହଞ୍ଚୁଥିବା ଲକ୍ଷ୍ମୀ ବସ୍‌କୁ କିଛି ମାସ ଧରି ବନ୍ଦ କରିଦିଆଯାଇଥିବାରୁ ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀଠାରୁ ଆରମ୍ଭ କରି ବୁଢ଼ାବୁଢ଼ୀ ଓ ସ୍ଥାନୀୟ ଜନସାଧାରଣ ସାଲେପୁର ବଜାରରେ ପହଞ୍ଚିପାରୁନାହାଁନ୍ତି। ବିଶେଷ କରି ସାଲେପୁର ବ୍ଲକ, ତହସିଲ, ସାଲେପୁର କଲେଜ, ମେଡ଼ିକାଲ, ବ୍ୟାଙ୍କ୍ ସମେତ ବିଭିନ୍ନ ସ୍କୁଲକୁ ଛାତ୍ରଛାତ୍ରୀମାନେ ଯିବା ଆସିବା କରୁଥିବାବେଳେ ଏହି ସୁବିଧା ଆଉ ମିଳିପାରୁନାହିଁ। ସାଲେପୁର ବ୍ଲକ କାର୍ଯ୍ୟାଳୟ ଠାରୁ ୧୦କି.ମି. ଦୂରରେ ସୁଦ୍ଧଖଣ୍ଡ, ପୁରୁଣାପାରି, ରଟିଲୋ, ତରିତୋ ପଞ୍ଚାୟତ ରହିଥିବାବେଳେ ଏହି ସବୁ ପଞ୍ଚାୟତର ଜନସାଧାରଣ ବିଭିନ୍ନ ସମୟରେ ସାଲେପୁରକୁ ନିଜ କାମ ପାଇଁ ଆସୁଥିବାବେଳେ ଲକ୍ଷ୍ମୀ ବସ୍ ଦ୍ୱାରା ଖୁବ୍ କମ୍ ପଇସାରେ ଆସିପାରୁଥିଲେ।

## ରାମକୃଷ୍ଣ ସେବା ସମିତି ପକ୍ଷରୁ କମ୍ବଳ ଓ ଲୁଗା ବଣ୍ଟନ



**ତାଳଚେର,୧୪।୧(ସଂଚାର ବ୍ୟୁରୋ):** ତାଳଚେର ରାମକୃଷ୍ଣ ସେବା ସମିତି ପକ୍ଷରୁ ଆଜି ମକର ସଂକ୍ରାନ୍ତି ରେ ବିଭିନ୍ନ ସେବା ମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।ରାମକୃଷ୍ଣ ବିଦ୍ୟା ମନ୍ଦିର ରେ ଅନୁଷ୍ଠିତ ୨୦ ତମ ସେବା ସଂକଳ୍ପ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବିଜେପି ଜୋନାଲ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକ ଯୋଗଦେଇ ରାମକୃଷ୍ଣ ସେବା ସମିତି ର ୨୦ ବର୍ଷ ଧରି ଏଭଳି ସେବା ମୂଳକ କାର୍ଯ୍ୟକ୍ରମ କୁ ପ୍ରଶଂସା କରିଥିଲେ।ଅନୁଷ୍ଠାନ ର ସମ୍ପାଦକ ସ୍ୱପ୍ନାରାଣୀ ମିଶ୍ର ଙ୍କ ସଂଯୋଜନା ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧ୍ୟରେ ମୁଖ୍ୟ ବକ୍ତା ତାଳଚେର ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ କାଳନ୍ଦି ସାହୁ, ସ୍କୁଲ ର ସଭାପତି ଆଇନଜୀବୀ କୁଶ ବିହାରୀ ସାମଲ, ସଞ୍ଜୀବ ନାୟକ, ଶଙ୍କର୍ଷଣ ମିଶ୍ର, ଅମିତ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଶତାଧିକ ଗରିବ ଲୋକଙ୍କୁ କମ୍ବଳ ଓ ଲୁଗା ବଣ୍ଟନ କରାଯାଇଥିଲା।